

ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ପୂରଣ ହେବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଐଶ୍ୱର୍ଯ୍ୟା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୨ Vol. 22 No-162 11 SEPTEMBER 2025 THURSDAY, BHUBANESWAR ଗୁରୁବାର, ୧୧ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ପଡ଼ୋଶୀ ଦେଶର ସ୍ଥିତିକୁ ନେଇ ପ୍ରଧାନ ବିଚାରପତିଙ୍କ ଟିପ୍ପଣୀ

# ଆମେ ଆମ ସମ୍ବିଧାନକୁ ନେଇ ଗର୍ବିତ

ନୂଆଦିଲ୍ଲୀ,୧୦।୯: ଆମେ ଆମ ଦେଶର ସମ୍ବିଧାନକୁ ନେଇ ଗର୍ବିତ। ସମସ୍ତେ ଜାଣି ରଖିବା ଉଚିତ, ପଡ଼ୋଶୀ ଦେଶ ନେପାଳ ଓ ବାଂଲାଦେଶରେ କିଭଳି ସ୍ଥିତି ସୃଷ୍ଟି ହୋଇଛି। ବୁଧବାର ସୁପ୍ରିମକୋର୍ଟରେ ଏକ ମାମଲାର ଶୁଣାଣିବେଳେ ଏଭଳି କିଛି କହିଛନ୍ତି ସର୍ବୋଚ୍ଚ ଅଦାଲତ। ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ବିଲ୍ ପାସ୍ କରିବାର ଟାଇମଲାଇନ୍ ଧାର୍ଯ୍ୟ କରାଯିବା ନେଇ ମାମଲାର ଶୁଣାଣି ବେଳେ ଏଭଳି ଟିପ୍ପଣୀ ରଖିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର.ଗବାଇ। ଏହି ମାମଲାରେ ରାଷ୍ଟ୍ରପତିଙ୍କ ପକ୍ଷରୁ ରେଫରେନ୍ସ ଦାଖଲ କରାଯାଇଛି। ଯାହା ଉପରେ ସୁପ୍ରିମକୋର୍ଟରେ ଶୁଣାଣି ଜାରି ରହିଛି। ଏହାକୁ ନେଇ ଦୀର୍ଘଦିନ ଧରି ଲମ୍ବା ବିତର୍କ ମଧ୍ୟ ଚାଲୁ ରହିଛି। ବୁଧବାର ଏହି ମାମଲା ଉପରେ ଶୁଣାଣି ସମୟରେ ଜୋରଦାର ବିତର୍କ



ଦେଖିବାକୁ ମିଳିଥିଲା। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରାଜ୍ୟପାଳଙ୍କ ପକ୍ଷରୁ ବିଲ୍ ରୋକାଯିବାର ସୂଚନା ଦେଇଥିଲେ। ଜବାବରେ ବରିଷ୍ଠ ଆଇନଜୀବୀ କପିଲ ଶିବଲ କହିଥିଲେ ଯେ ୨୦୧୪ ପରେ ଏଭଳି ମାମଲା ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ଏଭଳି ହେଉନଥିଲା। ଏହାର ଜବାବରେ ମେହେଟ୍ଟା କହିଥିଲେ ଯେ ମୁଁ ତ ଆପଣଙ୍କ ସରକାରର ପ୍ରଶଂସା କରୁଛି। ୧୯୭୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ସମସ୍ତ ତଥ୍ୟ ଉପସ୍ଥାପନ କରିଛି। ଏହାର ଜବାବରେ ଶିବଲ ମଧ୍ୟ କହିଥିଲେ ଯେ ଆପଣଙ୍କୁ ପ୍ରଶଂସା କରିବା ହିଁ ଆବଶ୍ୟକ। କାରଣ ୨୦୧୪ ପୂର୍ବରୁ ଏଭଳି ହେଉନଥିଲା। ମେହେଟ୍ଟା ଆହୁରି କହିଥିଲେ ଯେ ମୁଁ ସଠିକ ଭାବରେ ତଥ୍ୟ ଦେଇଛି ଯେ ସମ୍ବିଧାନ କିଭଳି ଭାବେ କାର୍ଯ୍ୟ କରୁଛି। ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ଏଜେଣ୍ଟ ନୁହନ୍ତି। ସେ ଜଣେ ସାମ୍ବିଧାନିକ ପଦାଧିକାରୀ, ଯିଏକି ନିରପେକ୍ଷ ଭାବେ କାମ କରନ୍ତି। ସେ ସମ୍ବିଧାନ ଅନୁସାରେ କାର୍ଯ୍ୟ କରନ୍ତି ଓ ସେହି ଅନୁସାରେ ନିଷ୍ପତ୍ତି ନେଇ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ କିଛି ମତଭେଦ ରହିଥିଲେ ରାଜ୍ୟପାଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ପ୍ରେସିଡେନ୍ସିଆଲ ରେଫରେନ୍ସ ଉପରେ ବୁଧବାର ନବମ ଦିନପାଇଁ ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ବୁଧବାର ରେଫରେନ୍ସ ବିରୋଧରେ ଅଣବିଜେପି ଶାସିତ ରାଜ୍ୟଗୁଡ଼ିକ ପକ୍ଷରୁ ବିତର୍କ ଶେଷ ହୋଇଛି। ସୁପ୍ରିମକୋର୍ଟ ରାଷ୍ଟ୍ରପତି ଓ ରାଜ୍ୟପାଳମାନଙ୍କ ପାଇଁ ଏକ ଟାଇମଲାଇନ୍ ଧାର୍ଯ୍ୟ କରିଥିଲେ। ଯାହାପରେ ରାଷ୍ଟ୍ରପତି ପ୍ରେସିଡେନ୍ସିଆଲ ରେଫରେନ୍ସ ପଠାଇ ଏହି ମାମଲା ସହିତ ଜଡ଼ିତ ୧୪ଟି ସାମ୍ବିଧାନିକ ପ୍ରଶ୍ନ ଉପରେ ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଥିଲେ।

## ବାଣିଜ୍ୟ ନେଇ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବେ ଟ୍ରମ୍ପ

# ମୋଦୀ କହିଲେ, ମୁଁ ଅପେକ୍ଷା କରିଛି

ନୂଆଦିଲ୍ଲୀ,୧୦।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହ ବ୍ୟବସାୟ ସଂପର୍କରେ ଏକ ବଡ଼ ସୂଚନା ଦେଇଛନ୍ତି। ଏ ନେଇ ଆସନ୍ତା ସପ୍ତାହରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥାହେବେ ବୋଲି କହିଛନ୍ତି। ତେବେ ଟ୍ରମ୍ପଙ୍କ ବୟାନ ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି ଯେ ମୁଁ ଟ୍ରମ୍ପଙ୍କ କଥାବାର୍ତ୍ତାକୁ ଅପେକ୍ଷା କରିଛି। ଭାରତ ଏବଂ ଆମେରିକା ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ରହିଛି ଏବଂ ଆମେ ଉଭୟ ସ୍ୱାଭାବିକ ଅଂଶୀଦାର। ମୁଁ ନିଶ୍ଚିତ ଯେ ଆମର ବାଣିଜ୍ୟ ସଂପର୍କିତ ଆଲୋଚନା ଭାରତ-ଆମେରିକା ସହଭାଗୀର ଅପାର ସମ୍ଭାବନାକୁ ମୁକ୍ତ କରିବାର ପଥ ପ୍ରଶସ୍ତ କରିବ। ଆମର ଦଳଗୁଡ଼ିକ ଏହି ଆଲୋଚନାଗୁଡ଼ିକୁ ଯଥାଶୀଘ୍ର ସମାପ୍ତ କରିବାକୁ କାମ କରୁଛନ୍ତି। ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥା ହେବାପାଇଁ ଅପେକ୍ଷା କରିଛି। ଆମେ ଉଭୟ ଦେଶର ଲୋକଙ୍କ ପାଇଁ ଏକ ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତ ସୁନିଶ୍ଚିତ କରିବା ନିମନ୍ତେ ଏକାଠି କାମ କରିବୁ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ସେ ବିଶ୍ୱାସ କରନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନାର ସଫଳ ନିଷ୍କର୍ଷରେ ପହଞ୍ଚିବାରେ କୌଣସି ଅସୁବିଧା ହେବନାହିଁ। ସେ ଖୁବ୍‌ଶୀଘ୍ର ତାଙ୍କର ଭଲବନ୍ଧୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହେବେ। ଏହାକୁ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କରେ ଉନ୍ନତିର ଏକ ସଂକେତ ଭାବେ ଦେଖାଯାଉଛି। ଟ୍ରମ୍ପ ଆହୁରି କହିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ଥିବା ବାଧାଗୁଡ଼ିକୁ ଦୂର କରିବା ପାଇଁ ଆଲୋଚନା ଚାଲିଛି। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଟାରିଫ ଲାଗୁ କରିବା ପରେ ଉଭୟ ରାଷ୍ଟ୍ରମଧ୍ୟରେ ସଂପର୍କରେ ତିକ୍ତତା ଆସିଥିଲା। ଏପରିକି ଚୀନରେ ଅନୁଷ୍ଠିତ ସାଂଘାଇ ଶିଖର ସମ୍ମିଳନୀରେ ମୋଦୀ, ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏକାଠି ହେବାପରେ ଟ୍ରମ୍ପଙ୍କ ଟେନ୍‌ସନ୍ ବଢି ଯାଇଥିଲା। ଏହି ଟାରିଫକୁ ନେଇ ମଧ୍ୟ ଟ୍ରମ୍ପ ଆମେରିକା ଭିତରେ ବିରୋଧର ସମ୍ମୁଖୀନ ହୋଇଥିଲେ।



## ସଂକ୍ଷେପରେ...

### ଚପଲ ପିନ୍ଧି ଶ୍ରୀମନ୍ଦିରରେ ପ୍ରବେଶ ଉଦ୍ୟମ

ପୁରୀ,୧୦।୯(ଭାସ୍କର ନ୍ୟୁଜ): ବୁଧବାର ସକାଳେ ଜଣେ ଯୁବକ ଚପଲ ପିନ୍ଧି ଶ୍ରୀମନ୍ଦିର ଭିତରେ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। ତାଙ୍କୁ ଜେଟିପି ଅଟକାଇଥିଲେ। ଯୁବକ ଜଣକ ଜେଟିପିଙ୍କ ସହ ଯୁକ୍ତିତର୍କ କରିବା ସହିତ ଠେଲାପେଲା ମଧ୍ୟ କରିଥିଲେ। ରାଧାବଲ୍ଲଭ ମଠ ସମ୍ମୁଖ ଗେଟ୍ ଦେଇ ସିଧାସଳଖ ଯୁବକଜଣକ ମନ୍ଦିରକୁ ଯାଉଥିଲେ। ସିଂହଦ୍ୱାର ସମ୍ମୁଖରେ ତାଙ୍କୁ ଜେଟିପି ଅଟକାଇବା ପରେ ଥାନାକୁ ହସ୍ତାନ୍ତର କରିଛି।

### ୨୯ଟିକିଆ ହାତୀପଲର ଆତଙ୍କ

କେନ୍ଦୁଝର,୧୦।୯(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ସଲରାପେଣ୍ଟ ଜଙ୍ଗଲରେ ଏକ ୨୯ଟିକିଆ ହାତୀପଲ ଗାଁ ଭିତରକୁ ଆସି ଆତଙ୍କ ସୃଷ୍ଟି କରିଛନ୍ତି। ଏହି ହାତୀପଲ ରତନପୁରରୁ ଗାଁ ଭିତରକୁ ପଶିବାବେଳେ ଖପରାଖାଇଠାରେ ଦୁଇଟି ଘର ଭାଙ୍ଗିବା ସହ ନୂଆଗାଁ ପଞ୍ଚାୟତରେ ବ୍ୟାପକ ଧାନଫସଲ ନଷ୍ଟ କରିଛନ୍ତି। ଏହି ହାତୀପଲରେ ୧୨ଟି ଦନ୍ତା, ୧୧ଟି ମାଈହାତୀ ଓ ୬ଟି ଛୁଆହାତୀ ରହିଛନ୍ତି। ସଦର ରେଞ୍ଜ ବନବିଭାଗ କର୍ମଚାରୀ ସେମାନଙ୍କୁ ଘଉଡାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।


### ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

କେନ୍ଦୁଝର,୧୦।୯(ଭାସ୍କର ନ୍ୟୁଜ): ୨୦୨୩ ମସିହାରେ କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ ପରେ ବେଙ୍ଗାଲୁରୁ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୋକ୍ସୋ କୋର୍ଟ ଅଭିଯୁକ୍ତ ଶୁଭେନ୍ଦୁ ପ୍ରଧାନକୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେନ୍‌ସେକ୍ସ: ୮୧,୪୨୫.୧୫
ସର୍ବାଧିକ: ୩୩.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

### ୧୦।୯।୨୦୨୫ ର ମତାମତ

ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସ୍ ଭୋଟିଂ ଗ୍ରହଣୀୟ କି ?




### ଆଜିର ପ୍ରସଙ୍ଗ

ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ଆତ୍ମହତ୍ୟା ରୋକିବାରେ ସହାୟକ ହେବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ସୁଇସାଇଡ୍ ନୁହେଁ ସମାଧାନର ବାଟ

ଭୁବନେଶ୍ୱର,୧୦।୯(ଭାସ୍କର ନ୍ୟୁଜ): ଆତ୍ମହତ୍ୟା ନିରୋଧ ଦିବସରେ, ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା ବୋଲି କହି ଲୋକଙ୍କୁ ସଚେତନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା। ଆତ୍ମହତ୍ୟା ନିବାରଣ ପାଇଁ ଆମ ସରକାର ରାଜ୍ୟବ୍ୟାପୀ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ଆତ୍ମହତ୍ୟା ନିବାରଣ ଦିବସରେ ଆସନ୍ତୁ ସଂକଳ୍ପ ନେବା - ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା, ଆତ୍ମହତ୍ୟାର ନିବାରଣ ପାଇଁ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ଆମେ ସମସ୍ତେ କାମ କରିବା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅବସରରେ ମୁଁ ସମସ୍ତଙ୍କୁ, ବିଶେଷ ଭାବେ ଯୁବ ସମାଜକୁ ନିବେଦନ କରିବି ଯେ 'ବିଶ୍ୱ ନିୟନ୍ତାଙ୍କ ପ୍ରଦତ୍ତ



ଜୀବନ ହେଉଛି ଅମୂଲ୍ୟ'। ଜୀବନରେ ଏମିତି କିଛି ସମସ୍ୟା ନାହିଁ, ଯାହାର କୌଣସି ସମାଧାନ ନାହିଁ। ଆପଣ ସମ୍ମୁଖୀନ ହେଉଥିବା ସମସ୍ତ ଛୋଟ ବଡ଼ ସମସ୍ୟାର ସମାଧାନ କରିବା ପାଇଁ ସରକାର ସବୁବେଳେ ଆପଣଙ୍କ ସହିତ ଛିଡ଼ା ହୋଇଛନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ କେହି ବ୍ଲାକମେଲ କିମ୍ବା ହାରାସମେଣ୍ଟ କରୁଛନ୍ତି ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ' କେବଳ ଅନ୍ୟ ଦିବସ ପାଳନ କରିବା ପରି ଔପଚାରିକତାରେ ସୀମାବଦ୍ଧ ହେଇ ନ ରହୁ। ଆତ୍ମହତ୍ୟା ସମାଧାନ ନୁହେଁ। ଏହା ପରିବାରକୁ ସବୁଦିନ ପାଇଁ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ଦେଇଥାଏ। ଆସନ୍ତୁ, ଆଜିର ଦିନରେ ଆଉଥରେ ସଂକଳ୍ପ ନେବା ଯେ ଜୀବନକୁ ହର୍ଷ ଓ ଉଲ୍ଲାସର ସହ ଉପଭୋଗ କରିବା ଏବଂ ସବୁ ସମସ୍ୟାକୁ ପରିବାର ତଥା ସରକାରଙ୍କ ସହଯୋଗରେ ସମାଧାନ କରି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସୂଚନାଯୋଗ୍ୟ ଯେ ଆଜିର ସମାଜରେ ଯୁବପିଢିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ପ୍ରବଳ ଭାବେ ବୃଦ୍ଧି ପାଇଛି, ଯାହାକୁ ନେଇ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଉଛି। ଏନେଇ ସଚେତନତା କରାଗଲେ ମଧ୍ୟ ତା'ର ପ୍ରଭାବ ଯୁବପିଢି ଉପରେ ପଡୁନାହିଁ। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୀବନ ଜିନ୍ଦାବାଦ୍ ନାମକ ଏକ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି। ବିଶେଷକରି ଯୁବପିଢି କିପରି ଆତ୍ମହତ୍ୟା ନ କରି ଜୀବନ ଜୀଇଁବାର ବାଟ ପାଇପାରିବେ ସେ ନେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ।

## ସେନା ଦାୟିତ୍ୱ ନେବା ପରେ ନେପାଳରେ ସୁଧୁରୁଛି ସ୍ଥିତି

# ଦୁଇଦିନ ପାଇଁ କର୍ଫ୍ୟୁ ଜାରି

- ଅଜଣା ଯାଗାକୁ ଚାଲିଗଲେ ପ୍ରଧାନମନ୍ତ୍ରୀ
- ଖୋଲିଲା ତ୍ରିଭୂବନ ଅନ୍ତର୍ଜାତୀୟ ବିମାନବନ୍ଦର
- ଜଷ୍ଟିସ ସୁଶିଳା କାର୍କି ନେଇପାରନ୍ତି ଦାୟିତ୍ୱ
- ଜେଲ୍‌ରୁ ଫେରାଦ କଏଦୀ ଭାରତରେ ପଶୁଛନ୍ତି

କାଠମାଣ୍ଡୁ/ନୂଆଦିଲ୍ଲୀ,୧୦।୯: ନେପାଳ ସରକାର ୨୬ଟି ସୋସିଆଲ ମିଡିଆ ପ୍ଲାଟଫର୍ମକୁ ବ୍ୟାନ୍ ଘୋଷଣା କରିବା ପରେ ସେଠାରେ ଦେଖା ଦେଇଥିବା ହିଂସାକାଣ୍ଡରେ ସୁଧାର ଆସୁଛି। ବୁଧବାର କୌଣସି ହିଂସାକାଣ୍ଡ ହୋଇନଥିବା ସୂଚନା ମିଳିଛି। ସେନା ନେପାଳ ଦାୟିତ୍ୱ ନେବାପରେ ଦୁଇଦିନ ପାଇଁ କର୍ଫ୍ୟୁ ଜାରି କରାଯାଇଛି। ବିକ୍ଷୋଭକାରୀମାନେ କୌଣସି ବିକ୍ଷୋଭ ପ୍ରଦର୍ଶନ କରୁନାହାନ୍ତି। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ଏକ ଅଜଣା ସ୍ଥାନକୁ ଚାଲି ଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ନେପାଳ ହିଂସା ହେତୁ ମଙ୍ଗଳବାର ବନ୍ଦ ହୋଇଥିବା କାଠମାଣ୍ଡୁର ତ୍ରିଭୂବନ ଅନ୍ତର୍ଜାତୀୟ ବିମାନବନ୍ଦରକୁ ପୁଣି ବୁଧବାରଠାରୁ ଖୋଲାଯାଇଛି। ହିଂସା ରୋକିବା ପାଇଁ ନେପାଳ ସେନା ଦେଶବ୍ୟାପୀ କଟକଣା ଲାଗୁ କରିଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ସୁଶିଳା କାର୍କିଙ୍କୁ ନେପାଳ ଦାୟିତ୍ୱ ଦିଆଯିବା ନେଇ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଅନ୍ୟପକ୍ଷରେ ହିଂସା ମଧ୍ୟରେ ଜେଲରୁ ଫେରାର ହୋଇଥିବା କଏଦୀମାନେ ଏବେ ଭାରତମୁହାଁ ହୋଇଛନ୍ତି। ସେମାନେ ଯେପରି ଭାରତ ଭିତରେ ପ୍ରବେଶ କରିନପାରନ୍ତି, ସେଥିନେଇ ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ସୂଚନାଯୋଗ୍ୟ ଯେ ସୋସିଆଲ ମିଡିଆ ବ୍ୟାନ୍‌କୁ ନେଇ ମଙ୍ଗଳବାର ନେପାଳରେ ସାଂଘାତିକ ହିଂସା ଦେଖାଦେଇଥିଲା। ବିକ୍ଷୋଭକାରୀମାନେ ସଂସଦ ଭବନ ଓ ସୁପ୍ରିମକୋର୍ଟରେ ନିଆଁ ଲଗାଇ ଦେବାସହ ପ୍ରଧାନମନ୍ତ୍ରୀ କେ.ପି.ଓଲିଶର୍ମା ଏବଂ ନେପାଳ କମ୍ୟୁନିଷ୍ଟପାର୍ଟି ମୁଖ୍ୟ ପ୍ରଚଣ୍ଡଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦେଇଥିଲେ। ଏଥିସହ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ନିଆଁ ଲଗାଇ ଜାଳି ଦେଇଥିଲେ। ୯ଜଣ ମନ୍ତ୍ରୀଙ୍କ ଘରେ ପଶି ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ଗତ ସୋମବାର ନେପାଳ ସରକାର ସୋସିଆଲ ମିଡିଆ ଉପରୁ ବ୍ୟାନ୍ ହଟାଇ ଦେଇଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସିନଥିଲା। ବିକ୍ଷୋଭକାରୀଙ୍କ ଭୟରେ ବହୁ ସରକାରୀ ଦଳର ନେତା ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଥିବା ସୂଚନା ମିଳିଛି। ସେନାପକ୍ଷରୁ ଶାନ୍ତି ଫେରାଇ ଆଣିବା ପାଇଁ ବିଭିନ୍ନ ବର୍ଗଙ୍କ ସହଯୋଗ ଲୋଡ଼ାଯାଇଛି।



## ଦିଲ୍ଲୀରୁ ଫେରିଲେ ବିଜେପି ରାଜ୍ୟ ସଭାପତି


# ଠିକ୍ ସମୟରେ ଠିକ୍ ନିଷ୍ପତ୍ତି



ଭୁବନେଶ୍ୱର,୧୦।୯(ଭାସ୍କର ନ୍ୟୁଜ): ଦିଲ୍ଲୀ ଗସ୍ତରେ ଯାଇଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଭୁବନେଶ୍ୱର ଫେରି ଆସିଛନ୍ତି। ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ୍‌ଦାନରୁ ବିରତ ରହିବା ତାଙ୍କ ଦଳୀୟ ନିଷ୍ପତ୍ତି। ଭାରତୀୟ ଜନତାପାର୍ଟି ନିଜ ରାସ୍ତାରେ ଠିକ୍ ରହିଛି। ତେବେ ନିଗମ, ଅଧ୍ୟକ୍ଷ ନିଯୁକ୍ତି ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ନୂଆ ଦିଲ୍ଲୀରେ ଏ ନେଇ କୌଣସି ଆଲୋଚନା ହୋଇନାହିଁ । ଠିକ୍ ସମୟରେ ଏ ନେଇ ଠିକ୍ ନିଷ୍ପତ୍ତି ନିଆଯିବ। ଅନ୍ୟପଟେ ସୋମବାର ଦିଲ୍ଲୀ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଭୁବନେଶ୍ୱର ଫେରି ଆସିଛନ୍ତି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ଉଭୟ ଦିଲ୍ଲୀ ଯିବାପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ବିଭିନ୍ନ ନିଗମର ଅଧ୍ୟକ୍ଷ ପଦରେ ନିଯୁକ୍ତି ଖୁବ୍‌ଶୀଘ୍ର ହେବ ବୋଲି ଚର୍ଚ୍ଚା ମଧ୍ୟ ଜୋର ଧରିଥିଲା। ତେବେ ଏହି ପ୍ରସଙ୍ଗରେ ଶ୍ରୀ ସାମଲ କହିଛନ୍ତି ଯେ ଦିଲ୍ଲୀରେ କୌଣସି ଆଲୋଚନା ହୋଇନାହିଁ। କେବଳ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଦଳୀୟ ସାଂସଦଙ୍କୁ ଭେଟିବା ନିମନ୍ତେ ଆମେ ଦିଲ୍ଲୀ ଯାଇଥିଲୁ। ସୂଚନାଯୋଗ୍ୟ ଯେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବାସଭବନରେ ଓଡ଼ିଶା ବିଜେପି ସାଂସଦମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ସାମିଲ ହୋଇଥିଲେ। ତେବେ ବିଜେପି • ପୃଷ୍ଠା ୫ ଦେଖନ୍ତୁ

## ପ୍ରଧାନମନ୍ତ୍ରୀ ବଦଳ ନେଇ ଉତ୍ତେଜନା

# ଫ୍ରାନ୍ସରେ ବ୍ୟାପକ ହିଂସା, ୨୦୦ ଗିରଫ



ପ୍ୟାରିସ୍,୧୦।୯: ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଦେଶର ପ୍ରତିରକ୍ଷାମନ୍ତ୍ରୀ ସେବାଷ୍ଟିଆନ ଲୋକୋର୍ନୁଙ୍କୁ ନୂତନ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେବାପରେ ଫ୍ରାନ୍ସରେ ନେପାଳ ସ୍ଥିତି ସୃଷ୍ଟି ହୋଇଛି। ସାଧାରଣ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିବା ସହ ବିଭିନ୍ନ ସ୍ଥାନରେ ଜଳାପୋଡ଼ା କରିଛନ୍ତି। ସହରଗୁଡ଼ିକରେ ପୋଡ଼ାଜଳା ଯୋଗୁ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ତେବେ ପ୍ରଧାନମନ୍ତ୍ରୀଙ୍କୁ ବଦଳାଯାଇଥିବାରୁ ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଇବା ପାଇଁ ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇଥିବା କହିଛନ୍ତି। ରାଷ୍ଟ୍ରପତି ଦେଶରେ ଚତୁର୍ଥଥର ପାଇଁ ପ୍ରଧାନମନ୍ତ୍ରୀ ବଦଳାଇଥିବାରୁ ଏ ନେଇ ଫ୍ରାନ୍ସବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ କ୍ରୋଧ ପ୍ରକାଶ କରିଛନ୍ତି। ସେମାନେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ଦେଶବ୍ୟାପୀ ପ୍ରତିବାଦ ସମୟରେ ୨୦୦ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ସରକାରୀଭାବେ ସୂଚନା ମିଳିଛି। ବିକ୍ଷୋଭକାରୀମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ ସେମାନେ ସେମାନଙ୍କ ଆନ୍ଦୋଳନ ସମୟରେ ସବୁକିଛି ସ୍ଥଗିତ ରଖିବେ। କିନ୍ତୁ ସକାଳୁ ଉତ୍ତେଜନା ଆରମ୍ଭ ହୋଇଥିଲା ଏବଂ ପ୍ରତିବାଦ ତୀବ୍ରରୂପ ଧାରଣ କରିଥିଲା। ୮୦ହଜାର ପୋଲିସ ମୁତୟନ କରାଯାଇଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ବିକ୍ଷୋଭକାରୀମାନେ ପୋଲିସ ବ୍ୟାରିକେଡ୍ ମଧ୍ୟ ଭାଙ୍ଗି ଦେଇଥିଲେ। ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ମାକ୍ରୋନ ସେତେବେଳେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଥିଲେ, ଯେତେବେଳେ ପୂର୍ବ ପ୍ରଧାନମନ୍ତ୍ରୀ ସଂସଦରେ ବିଶ୍ୱାସମତ ହରାଇଥିଲେ। ବାସ୍ତବରେ କିନ୍ତୁ ଗତବର୍ଷ କଞ୍ଜରଭେଟିଭ ନେତା ମିସେଲ • ପୃଷ୍ଠା ୫ ଦେଖନ୍ତୁ

## ସୁଭଦ୍ରା ଯୋଜନା ନେଇ ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା

# ବଞ୍ଚିତ ହିତାଧିକାରୀଙ୍କ ପାଇଁ ଡୋର ଟୁ ଡୋର୍ ସର୍ଭେ ହେବ



ଭୁବନେଶ୍ୱର,୧୦।୯(ଭାସ୍କର ନ୍ୟୁଜ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ସୁଭଦ୍ରା ଯୋଜନାର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଶ୍ରୀମତୀ ପରିଡ଼ା ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି ଯେ ତୃତୀୟ ପର୍ଯ୍ୟାୟରୁ ବଞ୍ଚିତ ହୋଇଥିବା ୨ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ଡୋର ଟୁ ଡୋର ସର୍ଭେ କରାଯିବ। ଅଧିକାରୀମାନେ ୧୫ ଦିନ ଭିତରେ ସରଜମିନ ତଦନ୍ତ କରି ରିପୋର୍ଟ ଦାଖଲ କରିବେ। ଏଥିପାଇଁ ଦୁଇଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲାଯିବ। ବାଦ୍ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗ କରି ଆଉଥରେ ସାମିଲ ପାଇଁ ଆବେଦନ କରିପାରିବେ। ଶ୍ରୀମତୀ ପରିଡ଼ା ଆହୁରି କହିଥିଲେ ଯେ ସୁଭଦ୍ରା ଯୋଜନାରୁ ୧୫ହଜାର ୯୮୪ଜଣ ହିତାଧିକାରୀ ମୃତ ହିତାଧିକାରୀ ରହିଛନ୍ତି। ସେମାନେ ବାଦ୍ ପଡ଼ିଛନ୍ତି। ମାତ୍ର ୧୮୦୫ଜଣ ଜୀବିତ ରହିଛନ୍ତି। ସେମାନଙ୍କୁ ମଧ୍ୟ ସାମିଲ କରାଯିବ। • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଜିତ ଅନିର୍ବାଣ



ଦେଢବର୍ଷ ମଧ୍ୟ ହେଇନି ସର୍କାର
ଧିରେ ଧିରେ ହୁଏ ପ୍ରଗତି,
ଛୁଟି ଦିନରେ ବି ମୋହନ ଗୁରୁଜୀ
କାମଧନ୍ଦା କିଛି କରନ୍ତି ।
ଚବିଶି ବର୍ଷର ରାଜୁତି,
ବେଳେ ଯାହା ହେଇ ନଥିଲା ରାଜ୍ୟରେ
ତା'ଠୁଁ ବେଶି ହେବ କହନ୍ତି !



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ରାଇକଳା ପଞ୍ଚାୟତ କରଞ୍ଜିଆପଡା ଗ୍ରାମର ମା' ତାରିଣୀ କ୍ଲବର ୧୯ତମ ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ନାଏକ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ କାମଦେବ ନାଏକ,ରାଇକଳା ବିଜେପି ଶକ୍ତି କେନ୍ଦ୍ର ପ୍ରମୁଖ ଭରତ ଚନ୍ଦ୍ର ମହାନ୍ତଙ୍କ ଅତିଥି ଭାବେ ଯୋଗ ଦେଇ ଖେଳକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ଏହି ଖେଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୮ ଗୋଟି ୯ ଜଣିଆ ଫୁଟବଲ ଟିମ ଅଂଶଗ୍ରହଣ କରି ୪ଟି ଗ୍ରୁପରେ ଖେଳ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିବସରରେ ୮ ଟି ଦଳ ମଧ୍ୟରେ ସାତଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।ସୋମବାର ଦିନରୁ ୧୨ ତାରିଖ ଶୁକ୍ରବାର ଦିନ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଖେଳ ଅନୁଷ୍ଠିତ ହେବ ହେବାକୁ ଥିବା ବେଳେ ଫାଇନାଲ ମ୍ୟାଚ ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବ ବୋଲି ମା ତାରିଣୀ କ୍ଲବ ସଭାପତି ବଳଭଦ୍ର ମହାନ୍ତ ସମ୍ପାଦକ କେଶବ ଚନ୍ଦ୍ର ମହାନ୍ତଙ୍କ ଠାରୁ ସୂଚନା ମିଳିଛି।



# ବଣ୍ଡାଘାଟିରେ ବଣ୍ଡାଙ୍କ ସହ ଆଲୋଚନା କଲେ ରାଜ୍ୟପାଳ

## ଛାତ୍ରୀଙ୍କୁ ପୌଷ୍ଟିକାହାର, ସୀତାକୁଣ୍ଡ ଉନ୍ନତିକୁ ଅନୁମତି



ଖଇରପୁଟ/ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ସୁଦୂର ବଣ୍ଡାଘାଟୀ ଅଞ୍ଚଳରେ ଗସ୍ତ କଲେ ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପାଟି। ଅଞ୍ଚଳରେ ବସୁଥିବା ବଣ୍ଡା ଜନଜାତିଙ୍କୁ ସାକ୍ଷାତ କରି ସେମାନଙ୍କ ଜୀବନ-ଜୀବିକା ଓ ସମସ୍ୟା ସମ୍ପର୍କରେ ସେ ପ୍ରଶାସନକୁ ପ୍ରୟୋଜନୀୟ କାର୍ଯ୍ୟକ୍ରମ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳ ପରେ ବଣ୍ଡାଘାଟୀର ପୌରାଣିକ ସ୍ଥଳୀ ସୀତାକୁଣ୍ଡ ଦର୍ଶନ କଲେ। ସୀତା କୁଣ୍ଡର ଐତିହ୍ୟ ଓ ପୌରାଣିକ ବିଷୟରେ ଖଇରପୁଟ ବିଡ଼ିଓ ଉମାଶଙ୍କର କୋୟା ରାଜ୍ୟପାଳ ଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ସ୍ଥାନଟିର ଧାର୍ମିକ ମାନ୍ୟତା ଓ ପର୍ଯ୍ୟଟନୀୟ ସମ୍ଭାବନାକୁ ଧ୍ୟାନରେ ରାଖି ସେ ଏହାର ସମ୍ପୂର୍ଣ୍ଣ ଉନ୍ନତି ପାଇଁ ଜିଲ୍ଲାପାଳଙ୍କୁ ପ୍ରୟୋଜନୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଲେ।ପରେ ରାଜ୍ୟପାଳ ବଣ୍ଡା ଜନଜାତିଙ୍କ ସହ ଏକ ବିଶେଷ ସଭାରେ ଯୋଗଦେଲେ। ବଣ୍ଡାମାନେ ତାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ ଓ ପାଣି ସମସ୍ୟା ସମ୍ପର୍କରେ ସିଧାସଳଖ ଭାବରେ ରାଜ୍ୟପାଳଙ୍କୁ ଜଣାଇଲେ। ବଣ୍ଡାମାନଙ୍କ ପାରମ୍ପରିକ ଅଳଙ୍କାର, ପୋଷାକ ଓ ସାଂସ୍କୃତିକ ପରମ୍ପରାକୁ ରାଜ୍ୟପାଳ ଆକର୍ଷଣୀୟ ବୋଲି ବର୍ଣ୍ଣନା କରିଥିଲେ। ସଭା ମଝିରେ ବ୍ଲକ୍ ଭେଟିନାରୀ ଅଧିକାରୀ ଙ୍କୁ ଖୋଜିଥିଲେ ସେ ଉପସ୍ଥିତ ନଥିବାରୁ ବିରକ୍ତି ଭାବ ପ୍ରକାଶ କରିଥିଲେ। ସ୍ଥାନୀୟ ବଣ୍ଡା ଉନ୍ନୟନ ସଂସ୍ଥା ର ଅଧିକାରୀଙ୍କୁ ବଣ୍ଡାମାନଙ୍କୁ ପଶୁ ପାଳନ କେମିତି କରାଯାଏ ଏବଂ ପଶୁ ପାଳନ ପାଇଁ କଣ ସବୁ ସହାୟତା ସଂସ୍ଥା ତରଫରୁ ଦିଆଯାଉଛି ବୋଲି ପଚାରିବାରୁ ଖଇରପୁଟ ବଣ୍ଡା ଉନ୍ନୟନ ସଂସ୍ଥା ର ଅଧିକାରୀ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ।ଗସ୍ତ ସମୟରେ ରାଜ୍ୟପାଳ ବଣ୍ଡାଘାଟୀର ଆବାସିକ ଛାତ୍ରୀ ବିଦ୍ୟାଳୟକୁ ପହଞ୍ଚି ଛାତ୍ରୀମାନଙ୍କ ସହ ଆଲୋଚନା କଲେ। ଏଥିରେ ବହୁତ ଛାତ୍ରୀ ରକ୍ତହୀନତା ଓ ଦୃଷ୍ଟି ସମସ୍ୟାରେ ପୀଡିତ ହେଉଥିବା ଜାଣିବା ପରେ ସେ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ। ତେଣୁ ରାଜଭବନ ପକ୍ଷରୁ ପ୍ରତିଦିନ ଛାତ୍ରୀମାନଙ୍କୁ ବିଟ୍, ଗାଜର ସହିତ ଦୁଇ ପ୍ୟାକେଟ ବାଦାମ ଚିକି ଯୋଗାଇବା ପାଇଁ ବିଶେଷ ବ୍ୟବସ୍ଥା କରାଯିବାକୁ ସେ ଘୋଷଣା କରିଥିଲେ। ଏହି ସଭାରେ ଉପସ୍ଥିତ ଥିବା ଜିଲ୍ଲାପାଳ କହିଥିଲେ, "ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱର ସହ ନିଆଯାଇ ଏହାକୁ କାର୍ଯ୍ୟକାରୀ କରାଯିବ। ବଣ୍ଡାଘାଟୀରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାଣି ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ।"ରାଜ୍ୟପାଳଙ୍କୁ ନିଜମାନଙ୍କ ମଧ୍ୟରେ ପାଇ ବଣ୍ଡା ଲୋକମାନେ ବେଶ୍ ଖୁସି ହୋଇଥିଲେ। ଗୋଟିଏ ବୃଦ୍ଧ ବଣ୍ଡା କହିଥିଲେ, "ଆମ ସମସ୍ୟାକୁ ପ୍ରଥମଥର ପାଇଁ ଏଭଳି ଉଚ୍ଚସ୍ତରରୁ ଶୁଣାଗଲା। ଏପଟେ ରାଜ୍ୟପାଳ କହିଛନ୍ତି ବଣ୍ଡାଘାଟି ରେ ପହଞ୍ଚି ବେଶ୍ ଖୁସି ଲାଗିଲା।କୁନି କୁନି ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ସେ ଚିନ୍ତିତ।ଏହାର ବିହିତ ପଦକ୍ଷେପ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।ଏବଂ ଗତକାଲି କୋରାପୁଟ ରେ ମାଲକାନଗିରି ଓ କୋରାପୁଟ ଉଭୟ ଜିଲ୍ଲା ର ବିଷୟ ରେ ଆଲୋଚନା କରିବୁ ଏବଂ ବଣ୍ଡାଘାଟୀର ନେଟଓ୍ୱର୍କ ସୁବିଧା ଉପରେ ମଧ୍ୟ ଆଲୋଚନା କରିବୁ।

# ମା' ବିରଜାଙ୍କ ରଥଯାତ୍ରା ଓ ଦଶହରା ପୂଜା ପାଇଁ ପ୍ରସ୍ତୁତି ବୈଠକ



ଯାଜପୁର (ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯାଜପୁର ସହରରେ ମା' ବିରଜାଙ୍କ ରଥଯାତ୍ରା ଏବଂ ଦଶହରା ପର୍ବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଅଧକ୍ଷତା କରି ଆଗାମୀ ଦଶହରା ପୂଜା ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ଯାଜପୁର ସହରର ସଂକୀର୍ଣ୍ଣ ରାସ୍ତାକୁ ଦୃଷ୍ଟିରେ ରଖି ଜନଗହଳି ପୂର୍ଣ୍ଣ ଛକ, ସୋରୁମ ମାନଙ୍କ ସାମ୍ନାରେ ଟ୍ରାଫିକ ବ୍ୟବସ୍ଥା କଡ଼ା କଡ଼ି ଭାବେ ନିୟନ୍ତ୍ରଣ କରିବା ସହିତ ଅଧିକ ସଂଖ୍ୟକ ପୁଲିସ ମୁତୟନ ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା। ମା' ବିରଜାଙ୍କ ରଥଟଣା ମନ୍ଦିର ଟ୍ରଷ୍ଟ ବୋର୍ଡ ଦ୍ୱାରା ପ୍ରଦତ୍ତ କାର୍ଯ୍ୟସାରଣୀ ମୁତାବକ ସମ୍ପନ୍ନ ହେବ ବୋଲି ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଜଣାଇଥିଲେ ।ବିଗତ ବର୍ଷ ଭଳି ଏ ବର୍ଷ ମଧ୍ୟ ମା ବିରଜା ଙ୍କ ରଥ ଯାତ୍ରା ଓ ଦୁର୍ଗାପୂଜା ଯେପରି ସୁଚାରୁରୂପେ ପାଳନ କରାଯିବ ସମସ୍ତଙ୍କ ସହଯୋଗ ଲୋଡ଼ିବା ସହିତ ଅଧିକ ପୋଲିସ ଫୋର୍ସ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ରଥଟଣା ପୂର୍ବରୁ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତାକୁ ମରାମତି ପାଇଁ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଅନୁରୋଧ କରାଗଲା ।ମନ୍ଦିର ନିକଟରେ ଏକ ପାଣି ଟ୍ୟାଙ୍କରର ବ୍ୟବସ୍ଥା କରିବା ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗକୁ ଦାୟିତ୍ୱ ଦିଆଗଲା ।ଦୁର୍ଗା ପୂଜାର ଅବ୍ୟବହିତ ପୂର୍ବରୁ ସମସ୍ତ ମଣ୍ଡପଗୁଡିକୁ ତନଖି କରି କମିଟିର ଦରଖାସ୍ତକୁ ବିଚାରକୁ ନେଇ ଯଥାଶୀଘ୍ର ମଣ୍ଡପ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଗଲା । ସହରର ଗ୍ରାମ୍ୟ ରାସ୍ତାରେ ଝୁଲି ରହିଥିବା ଏଲ. ଟି. ଲାଇନ ତାର ଗୁଡ଼ିକର ମରାମତି ଓ ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ ଗୁଡ଼ିକର ଅପସାରଣ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଥିଲେ । ପୂଜା ତଥା ଭସାଣି ସମୟରେ ଡି. ଜେ. ବ୍ୟବାହାରକୁ ସଂପୂର୍ଣ୍ଣରୂପେ ବନ୍ଦ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା।ଡ଼ାକବାଜି ଯନ୍ତ୍ର ବଜାଇବା ନିମନ୍ତେ ୭ ଦିନ ଆଗରୁ ଅନୁମତି ନେବାକୁ ଏବଂ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ ଟା ସୁଦ୍ଧା ଶେଷ କରିବାକୁ ନିଷ୍ପତି ନିଆଗଲା ।ଏହି ବୈଠକରେ ଉପସ୍ଥିତ ରହି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ କହିଲେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ୬୫ ଡେସିବେଲ ରୁ ଅଧିକ ସାଉଣ୍ଡ ରେ ବାଦ୍ୟଯନ୍ତ୍ର ନ ବଜେଇବାକୁ ସମସ୍ତ ପୂଜା କମିଟି କୁ ଅନୁରୋଧ କରିଥିଲେ ।ରାତ୍ର ୧୦ ଘଣ୍ଟିକା ପରେ ଜାକବାଜି ଯନ୍ତ୍ରର ବ୍ୟବାହାର କୁ ସଂପୂର୍ଣ ରୂପେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଗଲା ।ଦୁର୍ଗା ପୂଜା ପୂର୍ବରୁ ସହରର ମୁଖ୍ୟ ରାସ୍ତା ମରାମତି କରିବାକୁ ରାସ୍ତା ଓ ଗୃହ ନିର୍ମାଣ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ମକର୍ତ୍ତାଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଦଶହରା ଏବଂ ଭସାଣି ଦିନ ସମସ୍ତ ମଦ ଦୋକାନ ଗୁଡିକ ବନ୍ଦ ରଖିବାକୁ ନିଷ୍ପତି ନିଆଗଲା ।ସମସ୍ତ ପୂଜା ମଣ୍ଡପ ଗୁଡିକୁ ତଦାରଖ କରି କୌଣସି ଅଘଟଣର ତତ୍କାଳ ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଅଗ୍ନିଶମ ବିଭାଗକୁ ଅନୁରୋଧ କରାଗଲା ।ପୂର୍ବ ବର୍ଷ ଭଳି ଦେବୀ ବିସର୍ଜନ ପାଇଁ ବୈତରଣୀ ନଦୀର ନିର୍ଦ୍ଧାରିତ ସ୍ଥାନରେ ଏକ ଅସ୍ଥାୟୀ ପୋଖରୀ ଖୋଳିବା ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଚେୟାରମ୍ୟାନ୍‌ଙ୍କ କୋରୁକୋଣ୍ଡା ଲ୍ୟାମ୍ପସ ପରିଦର୍ଶନ

କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ସ୍ଥିତ ଲ୍ୟାମ୍ପସ କାର୍ଯ୍ୟାଳୟ ଆଜି ଅଚାନକ ପରିଦର୍ଶନ କରିଛନ୍ତି ଲ୍ୟାମ୍ପସ ଚେୟାରମ୍ୟାନ ଈଶ୍ୱର ପାଣିଗ୍ରାହୀ। ଏହି ଅବସରରେ ସେ ପ୍ରଥମେ ଲ୍ୟାମ୍ପସ କାର୍ଯ୍ୟାଳୟକୁ ଯାଇ ସେଠାରେ ଆୟୋଜିତ ଏକ ବୈଠକରେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଅତୁଲ୍ୟ କୁମାର ମାଳିକ କେ.ସି.ସି.ବି. ଜେୟପୁର, ବ୍ୟାଙ୍କ ସଚିବ, ମନୋଜ କୁମାର ସାହୁ ଲୋନ୍ ମ୍ୟାନେଜର, ରମା ରାଉତ ଡାଇରେକ୍ଟର କେ.ସି.ସି.ବି. ଜେୟପୁର, ସଦୁ ଖିଲା ଲ୍ୟାମ୍ପସ ଅଧ୍ୟକ୍ଷ, ପଦ୍ମିନୀ ଖିଲା ଲ୍ୟାମ୍ପସ ଉପାଧ୍ୟକ୍ଷ, ଅଭିମନ୍ୟୁ ହାଲବା ସଭ୍ୟ, କୋରୁକୋଣ୍ଡା ଲ୍ୟାମ୍ପସ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ବୈଠକରେ ଲ୍ୟାମ୍ପସର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଚାଷୀମାନେ ନିଜର ଅଭିଯୋଗ ସିଧାସଳଖ ଚେୟାରମ୍ୟାନଙ୍କୁ ଜଣାଇଥିଲେ। ପରେ ଲ୍ୟାମ୍ପସ କାର୍ଯ୍ୟାଳୟ ନିକଟରେ ଥିବା ଗୋଦାମ ଗୃହ ପରିଦର୍ଶନ କରିଥିଲେ। ଉକ୍ତ ଗୋଦାମ ଗୃହ ନିକଟରେ ୧ କୋଟି ୭୮ ଲକ୍ଷ ଟଙ୍କାର ନିଜସ୍ୱ ଶସ୍ୟ ଗୋଦାମ ଗୃହ ନିର୍ମାଣ କରିବାକୁ ଲ୍ୟାମ୍ପସ ପକ୍ଷରୁ ସ୍ଥିର କରାଯାଇଥିବା ବେଳେ ନିଜସ୍ୱ ଜାଗା ଲ୍ୟାମ୍ପସ କେତେ ରହିଛି ତାହାର ଅନୁଧ୍ୟାନ କରିଥିଲେ ଚେୟାରମ୍ୟାନ । ଏଥିସହ ସାରର କଳା ବଜାରୀ ହେଉଥିବା ନେଇ କିଛି ଚାଷୀ ଅଭିଯୋଗ କରିଥିଲେ। ଯେପରିକି କିଛି ଡିଲର ନିଜ ଦୋକାନରେ ୟୁରିଆ ସାର ୬୦୦ ରୁ ୭୦୦ ଟଙ୍କାରେ ବିକ୍ରି କରୁଥିବା ନେଇ ସେ ଜିଲ୍ଲା କୃଷି ଅଧିକାରୀଙ୍କୁ ଅବଗତ କରାଇ ପଦକ୍ଷେପ ନେବେ ବୋଲି ଆଶ୍ୱାସନ ଦେଇଥିଲେ।



# ଚଣ୍ଡିଖୋଲ କଲେଜ ପୁରାତନ ଛାତ୍ର ସଂଘ ବୈଠକ



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍):ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ସାଧାରଣ ପରିଷଦ ବୈଠକ କଲେଜ ନବ ମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗତ ସୁବର୍ଣ୍ଣ ଜୟନ୍ତୀ ଉଦଘାଟନ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇ ସଫଳତା ନିମନ୍ତେ ବଡଚଣା ବିଧାୟକ ଅମର କୁମାର ନାୟକ ଏବଂ କଲେଜ କର୍ତ୍ତୃପକ୍ଷ ତଥା ଅଧ୍ୟକ୍ଷ ଡ ପ୍ରସନ୍ନ କୁମାର ମହାପାତ୍ରଙ୍କୁ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଆସନ୍ତା ଉଦଯାପନୀ ଉତ୍ସବ ନିମନ୍ତେ ସମସ୍ତ ପୁରାତନ ଛାତ୍ର ଛାତ୍ରୀମାନଙ୍କ ସହ ଯୋଗାଯୋଗ କରାଯାଇ ବିଭିନ୍ନ କମିଟି କରାଯିବା ପାଇଁ ସ୍ଥିର କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ସହିତ ଯୋଡି ହେବାପାଇଁ ସମସ୍ତଙ୍କୁ ସଚେତନ କରାଯିବା ପାଇଁ ସ୍ଥିର କରାଯାଇଛି ।ଉତ୍ସବରେ କଲେଜ ପ୍ରତିଷ୍ଠାତା ସଭ୍ୟ, କଲେଜର ପ୍ରଥମ ଷ୍ଟାଫ୍ କର୍ମଚାରୀ, ସମସ୍ତ ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଯାଇଛି। ସଂଘ ପକ୍ଷରୁ କଲେଜ ସମ୍ପର୍କିତ ଏକ ସ୍ମରଣିକା ପ୍ରକାଶନ ନିମନ୍ତେ ଆସନ୍ତା ତା ୩୦/୦୯/ ୨୦୨୫ ରିଖ ପୂର୍ବରୁ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି । ଉକ୍ତ ବୈଠକରେ ଉପଦେଷ୍ଟା ନିହାର ରଂଜନ ଦାସ ପଟ୍ଟନାୟକ, କ୍ୟାପଟେନ ଦିଲ୍ଲୀପ କୁମାର ନାୟକ, ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା, ପ୍ରଭାକର ଉଦଗାତା, ଅକ୍ଷୟ କୁମାର ମିଶ୍ର, ରଜନିକାନ୍ତ କର, ଅଧ୍ୟାପକ ସଲିଳ ରାଜ ନନ୍ଦନ ମହାନ୍ତି, ବିଜୟ କେତନ ସାମଲ ଓ ନିଶିକାନ୍ତ ଦାସ, ପବିତ୍ର କୁମାର ରାଉତ, ଶ୍ରୀତମ ପୃଷ୍ଟି, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ତା ୨୧/୦୯/ ୨୦୨୫ ରିଖରେ ଅନୁଷ୍ଠିତ ହେବ। ଶେଷରେ ବିକ୍ରମ କିଶୋର ରଣା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଦିଆ ଯାଉଥିବା ଖରାପ ଖାଦ୍ୟ ପ୍ରତିବାଦରେ ବିଶ୍ୱବିଦ୍ୟାଳୟ ଘେରାଉ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ଫକୀରମୋହନ ଛାତ୍ରାବାସରେ ବିନା ଟେଣ୍ଡର ରେ ବେଆଇନ ଭାବେ ଦିଆ ଯାଇଥିବା କ୍ୟାଣ୍ଟିନ ରେ ଖରାପ ଏବଂ ବାସି ଖାଦ୍ୟ ପ୍ରଦାନ କରାଯାଉଥିବା ପ୍ରତିବାଦରେ ଆଜି ବୁଧବାର ଦିନ ଫକୀରମୋହନ ଛାତ୍ରାବାସର ଶତାଧିକ ଛାତ୍ର ବିଶ୍ୱବିଦ୍ୟାଳୟ ଘେରାଉ କରିବା ସହ ସେମାନଙ୍କୁ ଭଲ ଖାଦ୍ୟ ଦିଆଯିବା ପାଇଁ ଦାବି କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନ ରେ ଛାତ୍ର ନେତା ଶାଶ୍ୱତ ତ୍ରିପାଠୀ, ଛାତ୍ର କଂଗ୍ରେସ ନେତା ରହିଲ ଅମନ୍, ଅମନ ବେହେରା, ଅଚ୍ୟୁତାନନ୍ଦ ବେହେରା, ଇତ୍ୟାଂଶୁ, ଅମିୟ ରଥ, ତପନ ସେଠୀ ଅମନ ଗୋସ୍ୱାମୀ ଇତ୍ୟାଦି ମୁଖ୍ୟ ଭୂମିକା ଗ୍ରହଣ କରିଥଲେ। ପୂର୍ବରୁ ବି ବହୁଥର ପିଲାଙ୍କ ଖାଦ୍ୟରେ ଅନିୟମିତତା ଏବଂ ଗାଧୁଆ ଘର ଓ ପାଇଖାନା ସଫା ନ ରହିବା ତଥା ଛାତ୍ରାବାସ ପରିସରରେ ଲାଇଟ୍ ନ ଜଳିବା ନେଇ ପୂର୍ବତନ କୁଳପତି ଡଃ ପ୍ରତାପ ମହାନ୍ତିଙ୍କୁ ଅବଗତ କରାଇବା କଥା କେନ୍ଦୁଝର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ରାଜ୍ ମତ ପ୍ରକାଶ କରିଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟରେ ବାରମ୍ବାର ଘଟୁଥିବା ଏପରି ଅସୁବିଧାକୁ ଶୁଭମ୍ ରାଜ୍ ଦୁଃଖ ପ୍ରକାଶ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି। ଯଦି ଆଗକୁ ଏମିତି ଅସୁବିଧା ପୁଣି ଥରେ ହୁଏ ତାହାଲେ କେନ୍ଦୁଝର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ହଜାର ହଜାର ଛାତ୍ର ଛାତ୍ରୀଙ୍କୁ ନେଇ ରାଜରାସ୍ତା ରୋକ୍ କରିବା ସହ ଆନ୍ଦୋଳନ ଜୋର୍ ଧରିବା କଥା ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗଣମାଧ୍ୟମ ଜରିଆରେ ଜଣାଇଛନ୍ତି।

# ୧୧ନଂ କେନାଲ୍ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା



ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ମୁକୁନ୍ଦପୁର ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲ୍‌ର ୧୧ ନଂ ଶାଖା କେନାଲବନ୍ଧର ଚାନ୍ଦୋଳ ଜଳସମ୍ପଦ କାର୍ଯ୍ୟାଳୟ ଠାରୁ ଲହଣ ଗ୍ରାମ ପୋଲ ଯାଏ ରାସ୍ତା ମରଣଜନ୍ତା ପାଲଟିଛି । ଏହି ରାସ୍ତାଟି ଜଳସମ୍ପଦ ବିଭାଗ ପକ୍ଷରୁ ୨୦୨୪ ମସିହାରେ ପିଚୁ କରାଯାଇଥିଲା । ତେବେ ନିର୍ମାଣ ମାତ୍ର କେଇଦିନ ପରେ ଏହି ରାସ୍ତାର ଦୁଇ ପାର୍ଶ୍ୱ ଫାଟି ଦବିଯାଇଥିଲା । ଏହିରାସ୍ତା ଦେଇ ପ୍ରତିଦିନ ଚାନ୍ଦୋଳ ପଂଚାୟତ, ମୁକୁନ୍ଦପୁର ପଂଚାୟତର ଜନସାଧାରଣ ଯାତାୟତ ପାଇଁ ନିର୍ଭର କରିଥାନ୍ତି । ତେଣୁ ତୁରନ୍ତ ଏହି ରାସ୍ତାଟିକୁ ନିର୍ମାଣ କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତ।

# ତଥ୍ୟ ସଂଗ୍ରହରେ ବ୍ୟସ୍ତ ସିଆରସିସି, ବିଦ୍ୟାଳୟରେ ପଢ଼ାଇବାକୁ ନାହାନ୍ତି ଶିକ୍ଷକ





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ସମସ୍ତଙ୍କ ପାଇଁ ଶିକ୍ଷା, 'ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ'ହେଉଛି ସମଗ୍ର ଶିକ୍ଷା ଅଭିଯାନର ଏକ ସୁନ୍ଦର ସ୍ଲୋଗାନ। ଏହି ଅଭିଯାନକୁ କାର୍ଯ୍ୟକାରୀ କରାଇବା ପାଇଁ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ମାତ୍ର ବାସ୍ତବ ସ୍ଥିତି ଭିନ୍ନ ଦର୍ଶାଉଛି। ଭିତ୍ତିଭୂମି ଅତ୍ୟନ୍ତ ସୁଦୃଢ ଥିବା ସତ୍ୱେ ସ୍କୁଲ ଗୁଡିକରେ ପାଠ ପଢାଇବାକୁ ନାହାନ୍ତି ଆବଶ୍ୟକ ଶିକ୍ଷକ। ଏହା ପରେ ଶିକ୍ଷକମାନଙ୍କୁ ପ୍ରଦାନ କରାଯାଉଥିବା ଅତିରିକ୍ତ କାମ ଚାପ ଶିକ୍ଷାଦାନରେ ବାଧକ ସାଜୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଗୋଟି ପଂଚାୟତ କୁ ନେଇ ଗଠିତ ହୋଇଥିବା ବେଳେ ବ୍ଲକ ଅଂଚଳରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦୯ଟି ଥିବା ବେଳେ ହାଇସ୍କୁଲ ୨୨ଟି ରହିଛି। ଯାହାକି ବିଦ୍ୟାଳୟକୁ ତଦାରଖ କରିବାକୁ ୧୩କ୍ଲଷ୍ଟର ରହିଛି। ପ୍ରତି କ୍ଲଷ୍ଟର ଟି ୮ରୁ ୧୦ଟି ବିଦ୍ୟାଳୟକୁ ନେଇ ଗଠିତ ହୋଇଛି। ଏହି କ୍ଲଷ୍ଟର ରେ ଜଣେ ଲେଖାଏଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି )ଙ୍କୁ ଦାୟିତ୍ୱ ଦିଆଯାଇଛି। ମାତ୍ର ସିଆରସିସି ମାନେ ବିଦ୍ୟାଳୟ ରେ ପାଠପଢା ଭୁଲି ଯାଇ କେବଳ ଶିକ୍ଷା ବିଭାଗର ଦୈନନ୍ଦିନ କାର୍ଯ୍ୟକାରୀ ହେଉଥିବା ତଥ୍ୟ ଆଦାନ ପ୍ରଦାନରେ ବ୍ୟସ୍ତ ରହୁଥିବାରୁ ଶିକ୍ଷାଦାନ ବାଧା ପ୍ରାପ୍ତ ହେଉଛି ।ସରକାରଙ୍କ ବିଭିନ୍ନ ଶିକ୍ଷା ଯୋଜନା ମଧ୍ୟରେ 'ସମଗ୍ର ଶିକ୍ଷା'ପ୍ରକଳ୍ପ ହେଉଛି ଏକ ବୃହତ୍ତର ଶିକ୍ଷା କାର୍ଯ୍ୟକ୍ରମ। ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କର ବିକାଶ, ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷକ ମାନଙ୍କୁ ତାଲିମ, ମଧ୍ୟାହ୍ନ ଭୋଜନ ପରିଚାଳନା, ସ୍ୱଚ୍ଛ ବିଦ୍ୟାଳୟ, ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବା ଆଦି ଅନେକ କାର୍ଯ୍ୟକ୍ରମ ଏହି ପ୍ରକଳ୍ପ ମାଧ୍ୟମରେ କରାଯାଉଛି। ବ୍ଲକସ୍ତରରେ ଗୋଷ୍ଠୀ ସାଧନ ସଂଯୋଜକ ଓ କ୍ଲଷ୍ଟର ସ୍ତରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିଯୁକ୍ତି କରାଯାଇ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି। ଅସ୍ତରଙ୍ଗ ବ୍ଲକରେ ୧୩ଟି କ୍ଲଷ୍ଟର ରହିଛି। ଝାଡ଼ଲିଙ୍ଗ କ୍ଲଷ୍ଟର ଦାୟିତ୍ୱ ଥିବା ପ୍ରସନ୍ନ ନାୟକଙ୍କ ଦେହାନ୍ତ ହୋଇଯାଇଛି । ସିଆରସିସିମାନେ ମାସର ୧୫ଦିନ ବିଦ୍ୟାଳୟରେ ପାଠ ପଢ଼ାଇବା ସହ ଅବଶିଷ୍ଟ ୧୫ଦିନ ସମଗ୍ର ଶିକ୍ଷା ପ୍ରକଳ୍ପ ପାଇଁ କାର୍ଯ୍ୟ କରିବେ। ସ୍କୁଲ ବିଶେଷରେ ଦେଖାଯାଉଛି ଯେ, ଟ୍ରେନିଂ, ମିଟିଂ, ସର୍ଭେ ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ତଥ୍ୟ ସଂଗ୍ରହ, ଅନ୍ୟାନ୍ୟ ତଥ୍ୟ ଆଦାନ ପ୍ରଦାନ ଆଦିରେ ସିଆରସିସିମାନେ ମାସ ଯାକ ସମୟ ବିତାଇ ଦେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅନେକ ବିଦ୍ୟାଳୟ ରେ ଶିକ୍ଷକ ଅଭାବ ଯୋଗୁଁ ବିଶୃଙ୍ଖଳା ସୃଷ୍ଟି ଘଟଣା ଗଣମାଧ୍ୟମ ଶିରୋନାମା ପାଲଟୁଛି। ଏଭଳି ପରିସ୍ଥିତି ରେ ସିଆରସିସି ମାନେ ବିଦ୍ୟାଳୟକୁ ପାଠ ପଢାଇବାକୁ ସମୟ ପାଇ ପାରୁନାହାନ୍ତି। ଜଣେ ସିଆରସିସି ନିଜ ନାମ ଗୋପନ ରଖି କହିଛନ୍ତି, ଆମେ ୧୫ଦିନ ପାଠ ପଢ଼ାଇବା ପାଇଁ ନିର୍ଦ୍ଦେଶ ରହିଛି ସତ, ମାତ୍ର ଆମକୁ ଯେତିକି ଅତିରିକ୍ତ କାମ ଦିଆଯାଉଛି ମାସଟିଏ ଅଣ୍ଟୁ ନାହିଁ। ମଧ୍ୟାହ୍ନ ଭୋଜନ ତଥ୍ୟ ସଂଗ୍ରହ, ମିଟିଂ, ସଭା ସମିତି ଆୟୋଜନ, ସ୍ୱଚ୍ଛ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମାନେ କିପରି ପଞ୍ଜିକରଣ କରିବେ ତାହାର ତଦାରଖ, ଶିଶୁ ବାଟିକା ରେ ନାମ ଲେଖା ଅନୁଧ୍ୟାନ, ଡ୍ରପ ଆଉଟ ପିଲାଙ୍କୁ ମୁଖ୍ୟ ସ୍ରୋତରେ ଫେରାଇ ଆଣିବା ଆଦି ଅନେକ କାମ କରିବାରେ ଆମ ସମୟ ଚାଲି ଯାଉଛି। ପାଠ ପଢାଇବାକୁ ଆମର ଇଚ୍ଛା ଥିଲେ ଚାପରେ ଆମେ ତାହା କରି ପାରିନାହୁଁ ବୋଲି କହିଥିଲେ। ଏହାର ଫାଇଦା ନେଇ ଅନେକ ସିଆରସିସି ତଥ୍ୟ ସଂଗ୍ରହ ଆଳରେ ନିଜର ବ୍ୟକ୍ତିଗତ କାମରେ ବୁଲୁଥିବା ନଜିର ରହିଛି। କେତେକ ସିଆରସିସି ବ୍ଲକ ରେ ସବୁବେଳେ ସମୟ କଟାଉଥିବା ମଧ୍ୟ ନଜିର ରହିଛି। ବିଦ୍ୟାଳୟରେ ୧୫ଦିନ ପାଠ ପଢାଇବାକୁ ନିୟମକୁ କଡାକଡି କରିବାକୁ କୌଣସି ଅଧିକାରୀ ଗୁରୁତ୍ୱ ଦେଉନଥିବାରୁ ଏହାର ଫାଇଦା ଅନେକ ସିଆରସିସି ନେଉଛନ୍ତି। ବୁଦ୍ଧିଜୀବୀ କହିବା ମୁତାବକ ମାସକରେ ଅତି କମ୍ ରେ ୧୫ଦିନ ସିଆରସିସି ମାନେ ଶିକ୍ଷାଦାନରେ ନିୟୋଜିତ ରହିବା କଥା। ମାତ୍ର କାମ ଚାପ ଆଳରେ ଅଧିକାଂଶ ସମୟ ଦେଉନଥିବା ଦେଖିବାକୁ ମିଳୁଛି। ଅନେକ ଭଲ ଶିକ୍ଷକ ଏହି ପଦବୀରେ ଅଛନ୍ତି, ଯେଉଁମାନେ କାର୍ଯ୍ୟାଳୟ କାମ କରିବା ସହ ପାଠ ପଢାଇ ସୁନାମ ରଖିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି କର୍ତ୍ତବ୍ୟ ରେ ଅବହେଳା କରୁଥିବା ସିଆରସିସି କେବେ ନଜର କୁ ଆସିବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଘଟଣା କୁ ଗୁରୁତର ସହ ଦେଇ ଶିକ୍ଷା ବିଭାଗର ଉଚ୍ଚ ସ୍ତରୀୟ ଅଧିକାରୀ ମାନଙ୍କୁ ନଜର ଦେବାକୁ ସାଧାରଣ ରେ ଦାବି ହୋଇଛି।

# ନାରୀ ସଶକ୍ତିକରଣ ଓ ଆତ୍ମସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ନାରୀ ସଶକ୍ତିକରଣ ଓ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଦିନ ମହାବିଦ୍ୟାଳୟ ପରିସର ରେ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷା ଡ଼ଃ.ଶତପଥୀ ଛାତ୍ରୀମାନଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ ଏବଂ ନିଜର ଆତ୍ମସୁରକ୍ଷା ପାଇଁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ 'ସଶକ୍ତ ନାରୀ ଓ ଶକ୍ତିଶାଳୀ ଭବିଷ୍ୟତ' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ 'ଶକ୍ତିଶ୍ରୀ ସଶକ୍ତିକରଣ କକ୍ଷ ' ର ସଂଯୋଜିକା ଡ଼ଃ. ଶୁଭଶ୍ରୀ ନାୟକ ଓ ଶକ୍ତିଶ୍ରୀ ସାଥୀ କୁମାରୀ ଲିପ୍ସା ମହାନ୍ତି ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଂଯୋଜିକା ଡ଼ଃ.ସ୍ମିତା ବିଶ୍ୱାଳଙ୍କ ସମେତ ଅଧ୍ୟାପିକା ତନୁଜା ପାଣି , ଅଧ୍ୟାପକ ଗଣେଶ୍ୱର ପାତ୍ର, ଅଧ୍ୟାପକ ଅକ୍ଷୟ କୁମାର ମିଶ୍ର ଯୋଗ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ।

# ଭୂତକୋଠି ସାଜିଛି ପରଜଙ୍ଗ ଶବ ବ୍ୟବଚ୍ଛେଦ ଗୃହ



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ରହିଥିବା ଶବ ବ୍ୟବଛେଦ ଘର ଭୂତ କୋଠିରେ ପରିଣତ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି ।ଏହି ଡାକ୍ତରଖାନା ଉପରେ ବ୍ଲକ ସାରା ଲୋକ ନିର୍ଭର କରିଥାନ୍ତି । ବିଭିନ୍ନ ଦିନ ମାନଙ୍କରେ ଘଟୁଥିବା ଅଘଟଣରେ ଜୀବନ ହରାଉଥିବା ଶବ ପରଜଙ୍ଗ ମେଡିକାଲରୁ ଯାଇ ବ୍ୟବଛେଦ କରାଯାଇଥାଏ । ପରଜଙ୍ଗ ବିଦ୍ୟୁତ୍ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ଅଳ୍ପ ଦୂରରେ ଯାଇଥିବା ଶାଖା କେନାଲକୁ ଲାଗି ଶବ ବ୍ୟବଛେଦ ଘର ରହିଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଅଭାବରୁ ଭୂତ କୋଠି ସାଜିଛି। ଏପରିକି ବ୍ୟବଚ୍ଛେଦ ଗୃହକୁ ଯିବାପାଇଁ କୌଣସି ରାସ୍ତା ଦେଖାଯାଉନି । ଏ ସମ୍ବନ୍ଧରେ ବାରମ୍ବାର ବିଭିନ୍ନ ଗଣ ମାଧ୍ୟମରେ ଲୋକଙ୍କ ଅସୁବିଧାକୁ ବିଭାଗକୁ ଜଣାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହାର କୌଣସି ପ୍ରତିକାର ହୋଇ ପାରିନାହିଁ। ଘର ଚାରିପାଖ ଅନାବନା ଗଛ ଯୋଗୁଁ ଘରଟି ଏହାରି ମଧ୍ୟରେ ସମ୍ପୂର୍ଣ୍ଣ ଲୁଚି ଯାଇଥିବା ଅବସ୍ଥାରେ ରହିଛି । ତଥାପି ଏପରି ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଶବ ବ୍ୟବଛେଦ କାମ । ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଶବ ବ୍ୟବଚ୍ଛେଦ ଗୃହର ପରିବେଶ ଓ ରକ୍ଷଣବେକ୍ଷଣ ପ୍ରତି ଧ୍ୟାନ ଦେବାକୁ ଅଂଚଳବାସୀଙ୍କ ସମେତ ସର୍ବସାଧାରଣ ଦାବି ରଖିଛନ୍ତି ।

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପରିଚାଳନା କ୍ଷେତ୍ରରେ କର୍ମଚାରୀଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ପଦକ୍ଷେପର ଏକ ଅଂଶ ସ୍ୱରୂପ, ପୂର୍ବତଟ ରେଳପଥ ବୁଧବାର ଏହାର ମୁଖ୍ୟାଳୟ, ରେଳ ସଦନରେ ଏକ ପରିଚାଳନା କ୍ଷେତ୍ରରେ ରେଳ କର୍ମଚାରୀଙ୍କ ଅଂଶଗ୍ରହଣ ବୈଠକ ଆୟୋଜନ କରିଥିଲା। ବୈଠକରେ ସ୍ୱୀକୃତିପ୍ରାପ୍ତ ଟ୍ରେଡ୍ ୟୁନିଅନ୍ ଏବଂ ବିଭିନ୍ନ ସଂଘର ପ୍ରତିନିଧିମାନଙ୍କର ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପିଆରଇଏମ୍ ଫୋରମ୍, ଯାହା ଭାରତୀୟ ରେଳବାଇ ପାଇଁ ଅନନ୍ୟ, ସଂଗଠନର ସୁସଙ୍ଗତ ଏବଂ ଗଠନମୂଳକ ଶିଳ୍ପ ସମ୍ପର୍କକୁ ପ୍ରୋତ୍ସାହିତ କରିବାର ପରମ୍ପରାକୁ ପ୍ରତିଫଳିତ କରେ। ବୈଠକର ଅଧ୍ୟକ୍ଷତା କରି, ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ ରେଳ ପରିଚାଳନାକୁ ସୁଦୃଢ଼ ଏବଂ ଉନ୍ନତ କରିବାରେ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ମହାପ୍ରବନ୍ଧକ ବି. ଏସ୍. କେ. ରାଜକୁମାର ଏବଂ ପୂର୍ବତଟ ରେଳପଥର ପ୍ରମୁଖ ବିଭାଗ ମୁଖ୍ୟମାନେ ମଧ୍ୟ ଯୋଗ ଦେଇଥିଲେ।ଏହି ଅଧିବେଶନର ସଂଯୋଜନା ଉପ ମହାପ୍ରବନ୍ଧକ କେ. କେ. ଖାଡଙ୍ଗା କରିଥିଲେ।



### କଟକ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ୪୪୭ ମଣ୍ଡପରେ ପୂଜା ପାଇବେ ମା'




କଟକ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ କଟକ ଜିଲ୍ଲାରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ ବୁଧବାର ପୂର୍ବାହ୍ନରେ ଶହୀଦ ଭବନଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ କଟକ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଆଇନ ଶୃଙ୍ଖଳା ଓ ଭାଇଚାରା ବଜାୟ ରହିବା ସହିତ ଯେଭଳି କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ପୂଜାପାଳନର ଆନନ୍ଦ ଓ ଜନସାଧାରଣଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ କହିଥିଲେ । ଚଳିତ ବର୍ଷ ଗ୍ରାମାଞ୍ଚଳରେ ମୋଟ ୪୪୭ଟି ପୂଜା ମଣ୍ଡପରେ ମାଆଙ୍କ ଆରାଧନା କରାଯିବାକୁ ସ୍ଥିର ହୋଇଛି । ସେଥିମଧ୍ୟରୁ ସାଲେପୁରରେ ୧୩୭, କଟକ ସଦରରେ ୪୬, ଚୌଦ୍ୱାର କଟକରେ ୮୭, ଆଠଗଡରେ ୧୨୦ ଓ ବାଙ୍କୀରେ ୫୭ଟି ମେଢ ରହିଛି । ଏଥିସହ ସ୍ଥାୟୀ ପୂଜାମଣ୍ଡପଗୁଡିକରେ ମଧ୍ୟ ମାଆଙ୍କର ପୂଜା କରାଯିବ । ସଭାରେ ଆଠଗଡ, ନେମାଳ, ନିଶ୍ଚିନ୍ତକୋଇଲି, ନିଆଳି, କିଶୋରନଗର, କଳାପଥର, କଲରାବାଙ୍କ, ମାହାଙ୍ଗା, ଖୁଣ୍ଟୁଣୀ, ଟାଙ୍ଗୀ, ଭଟିମୁଣ୍ଡା ଆଦି ଅଞ୍ଚଳରୁ ଆସିଥିବା ପୂଜାକମିଟିର କର୍ମକର୍ତ୍ତାମାନେ ସେମାନଙ୍କ ଅଞ୍ଚଳର ପୂଜା ଓ ଭସାଣୀ ନିମନ୍ତେ ସମ୍ମୁଖୀନ ହେଉଥିବା ସମସ୍ୟା ଉପସ୍ଥାପନ କରିଥିଲେ । ପୂଜା ପେଣ୍ଡାଲ ଓ ଭସାଣୀ ଶୋଭାଯାତ୍ରା ନିମନ୍ତେ ଅନୁମତିପତ୍ର ଉପଲବଧ କରାଇନେବା ସହ ରାବଣ ପୋଡି, ମୀନାବଜାର, ଦୋଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତିପତ୍ର ହାସଲ କରିବାକୁ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ନିର୍ଦ୍ଦେଶ ଦେଇଥିଲେ । ଭସାଣୀ ଶୋଭାଯାତ୍ରାରେ ଖଣ୍ଡା, ଲାଠି ଆଦି ବ୍ୟବହାରକୁ ସେ ନିଷେଧ କରିବା ସହ ପୂଜା ନିମେନ୍ତ କୌଣସି ପ୍ରକାରର ଚାନ୍ଦା ଆଦାୟକୁ ବାରଣ କରିଥିଲେ । ରାବଣ ପୋଡି ନିମନ୍ତେ ୫୦ ମିଟର ଲମ୍ବା ଏକ ଖାଲି ସ୍ଥାନ ଉପଲବ୍ଧ ଥିବା ଜରୁରୀ ଦର୍ଶାଇ ସେ ମେଳା ଓ ଦୋଳି ପାଇଁ ଅନୁମତିପତ୍ର ବାଧ୍ୟତାମୂଳକ ବୋଲି କହିଥିଲେ । ଏଥିସହ ଲେଜର ଲାଇଟ ବ୍ୟବହାର ଓ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଲଗାଯିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ । ବିଶେଷଭାବେ ପୂଜା ଓ ଭଷାଣୀ ସମୟରେ ଚୋରାମଦ ରୋକିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବା ନିମନ୍ତେ ଅବକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୂଜା କମିଟି କର୍ମକର୍ତ୍ତା ପୂଜା ପେଣ୍ଡାଲରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯିବା ସହ ଭାରପ୍ରାପ୍ତ ଥାନା ଅଧିକାରୀମାନଙ୍କଠାରୁ ପୂଜା ପେଣ୍ଡାଲଗୁଡିକର ବିବରଣୀ ନେଇ ସେହିସବୁ ସ୍ଥାନରେ ଅଗ୍ନି ନିରାପତା ସଂକ୍ରାନ୍ତରେ ନିଆଯାଇଥିବା ପଦକ୍ଷେପ ଏବଂ ବିଦ୍ୟୁତ୍ ସଂଯୋଗ ସଂପର୍କିତ ନିଆଯାଇଥିବା ପଦକ୍ଷେପଗୁଡିକ ଯାଞ୍ଚ କରିବାକୁ ଜିଲ୍ଲା ଅଗ୍ନିଶମ ଅଧିକାରୀ ଓ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରନ ଦେଓ, ଉପ ଆରକ୍ଷୀ ଅଧିକ୍ଷକ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଥାନାର ଆଇଆଇସି, ତହସିଲଦାର ଓ ଜିଲ୍ଲାର ସମସ୍ତ ଉପଖଣ୍ଡରୁ ଆସିଥିବା ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ ନାରାୟଣ ମୁଦୁଲି ପୋଲିସ୍ ପ୍ରଶାସନର ଏକ ମାର୍ଗଦର୍ଶିକା ଉପସ୍ଥାପନ କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପୂର୍ବକ ସଭା ପରିଚାଳନା କରିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୦ ସୁଦ୍ଧା ସମସ୍ତ ରୋଡ଼ କାମ ସରିବ: ମେୟର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗକୁ ପାର୍ବଣ ଋତୁ ରହିଛି। ୨୦ ତାରିଖ ସୁଦ୍ଧା ସମସ୍ତ ରୋଡ଼ କାମ ସରିବ।ତେଣୁ ରୋଡ଼ ଗୁଡିକ କେମିତି ସଜଡ଼ା ଯିବ, ଲାଇଟ ଅସୁବିଧା ଦୂର ହେବ ସେ ନେଇ ଆଲୋଚନା ହୋଇଛି। ଅତ୍ୟଧିକ ବର୍ଷା ହେତୁ ଏଥର ରୋଡ଼ ବହୁତ ଖରାପ ହୋଇଛି। ଏହା ସହ ଭୁବନେଶ୍ୱର ମହାନଗର ନିଗମ କିଭଳି ଭଲ ରେଭିନିଉ ଜେନେରେସନ କରିପାରିବ ସେ ନେଇ ଆଲୋଚନା ହୋଇଥିବା ମେୟର ସୁଲୋଚନା ଦାସ କହିଛନ୍ତି। ସେ କହିଛନ୍ତି ଯେତେ ସବୁ ସଫେଇ ଗାଡି ରହିଛି, ସେ ସବୁ ଏନଜିଓ ଦ୍ୱାରା ମେଣ୍ଟେନ ହେଉଥିଲା। ଅନେକ ସମୟରେ ଗାଡି ଖରାପ ହେବା, ବ୍ରେକ ଡାଉନ ହେବା ଦେଖାଯାଉଥିଲା। ଏବେ ବି କିନ୍ତୁ ତାହା ହେବ ନାହିଁ। ଏହି କାମ ଗୋଟେ ଏଜେନ୍ସିକୁ ଦିଆଯିବ। ଯାହା ଦ୍ୱାରା ଗାଡି, ତେଲ, ଡ୍ରାଇଭର, ସବୁ ସେ ଏଜେନ୍ସି ବୁଝିବ। ବିଏମସି ପୂର୍ବରୁ ଏ ସବୁ ବୁଝିବା ଦ୍ୱାରା ଅନେକ ଟଙ୍କା ଯାଉଥିଲା। ଏବେ ବାଟମାରଣା ହେବ ନାହିଁ। ଠିକ ଭାବେ ଗାଡି କାମ ହେବ। ଯଦି ଏନଜିଓ ରାଜି ନହେବ ତେବେ ବାହାରେ ଟେଣ୍ଡର ପଡିବ। ବସ୍ତି ଏରିଆରେ ୟୁଜର୍ସ ଫି ଲାଗୁ ହେବ। ଯାହା ଦ୍ୱାରା ସଫେଇ ମେଣ୍ଟେନ ହେବ। ଇଡକୋ ଟ୍ୟାକ୍ସ କଲେକ୍ସନ ବାବଦରେ ମେୟର ପ୍ରତିକ୍ରିୟା ଦେଇ କହିଛନ୍ତି ଇଡକୋ ଏରିଆରେ ଏବେ ବହୁତ ୱାର୍ଡ ରହିଛି। ଅନେକ ସମୟରେ ସେମାନେ ପଇସା ନେଇ ଦିଅନ୍ତି ନାହିଁ। ଯାହା ଫଳରେ ବିଏମସି ହଇରାଣ ହୁଏ। ମନ୍ତ୍ରୀଙ୍କ ସହ ଆଲୋଚନା ପରେ ସେ ଏବେ ନିଷ୍ପତି ହୋଇଛି ସେମାନେ ତାଙ୍କ ଫି ଦେବେ। ତାଙ୍କ ଅଧୀନରେ ଯେଉଁ ରୋଡ଼ ରହିଛି ସେ ସବୁ ମରାମତି କାମ ବିଏମସି କରିବ। ଷ୍ଟ୍ରୀଟ ଲାଇଟ ସମସ୍ୟା ବାବଦରେ ମେୟର କହିଛନ୍ତି ଦୁଇଟି ଏଜେନ୍ସି ଇ ସ୍ମାର୍ଟ ଓ ନିବ କାମ କରୁଥିଲା। ୧୯୨୯ରେ କମ୍ପ୍ଲେନ ଆସେ। ଏମାନେ ସର୍ଭିସ ଠିକ ଭାବେ ଦେଉ ନାହାଁନ୍ତି। ଆଗକୁ ମେମୋରଣ୍ଡାମ୍ ଦିଆଯିବ। ସଠିକ ଭାବେ କାମ ନକଲେ ବିଏମସି ଅଲଗା କଥା ଚିନ୍ତା କରିବ। ୱାର୍ଡ ବଜେଟରେ ୪୦୦୦ ଲାଇଟ ଲାଗିଥିଲା। କର୍ପୋରେଟର ବନ୍ଦିତା ପାଲ ବୈଠକ ବର୍ଜନ କରିବା ପ୍ରସଙ୍ଗରେ ମେୟର କହିଛନ୍ତି ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତି। ପ୍ରତି କର୍ପୋରେଟର ଚାହାନ୍ତି ତାଙ୍କ ୱାର୍ଡରେ କାମ ଭଲ ହେବ ପାଇଁ। ଆମେ ମଧ୍ୟ ଏହା ଚାହୁଁଛୁ। ମୁଁ ମଧ୍ୟ ତାଙ୍କୁ ଅନୁରୋଧ କରିଛି ଆସନ୍ତୁ ମିଶିକି କାମ କରିବା। ଦଳ ମତ ଉପରେ ଆମେ କାମ କରିବା। ଏଥିରେ ରାଜନୀତି କରିବା ଗ୍ରହଣୀୟ ନୁହେଁ ଆଉ ମୁଁ ବିଶ୍ୱାସ ମଧ୍ୟ କରେ ନାହିଁ।

## ଅଯୋଗ୍ୟ ଆବାସ ହିତାଧିକାରୀଙ୍କୁ ଧରିବ ଏଆଇ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଯୋଗ୍ୟ ଆବାସ ହିତାଧିକାରୀଙ୍କୁ ଧରିବ ଏଆଇ । ବ୍ୟବସ୍ଥାକୁ ସରଳିକରଣ କରି ଏଆଇ ଉପଯୋଗ କରି ବ୍ୟବସ୍ଥିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ । ପୁଞ୍ଜିପତି ଘର ନେଇଥିଲେ ହେବ କାର୍ଯ୍ୟାନୁଷ୍ଠାନ । ଆବାସ କିମ୍ବା ଅନ୍ତୋଦ୍ୟାୟ ଯୋଜନାରେ ଘର ନେଇଥିଲେ ହେବ ଆକ୍ସନ । ଘର ପାଇକି ତିଆରି ନକରିବା ନଜିର ବହୁତ କମ ରହିଛି । ଏଥିପାଇଁ ବିଭାଗ ପୁରା ଦୃଷ୍ଟି ରଖିଛି । କାଁ ଭାଁ କେଉଁଠି ଥାଇପାରେ । କିନ୍ତୁ ଘର ଟାଇମରେ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ଏନଏସି ଦାବିରେ ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ପ୍ରସଙ୍ଗ

# ଆଲୋଚନାରେ ସମାଧାନ ହୁଏ, ଆନ୍ଦୋଳନରେ ନୁହେଁ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏନଏସି ଦାବିରେ ବିଭିନ୍ନ ଅଞ୍ଚଳରେ ହେଉଥିବା ଆନ୍ଦୋଳନ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ସେ କହିଛନ୍ତି , ଆଲୋଚନାରେ ସମାଧାନ ହୁଏ, ଆନ୍ଦୋଳନରେ ନୁହେଁ । ଲୋକେ ଆସି ସରକାରଙ୍କ ସହ ଆଲୋଚନା କରନ୍ତୁ । ଏହା ସ୍ୱାଗତଯୋଗ୍ୟ ଯେ ଲୋକ ସହରୀକରଣ ପାଇଁ ଆଗ୍ରହୀ । ସହରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପରି ବ୍ୟବସ୍ଥା ଅଛି । ତେଣୁ ଲୋକେ ସହରକୁ ଆସୁଛନ୍ତି । ହେଲେ ସହରୀକରଣରେ ଓଡ଼ିଶା ପଛରେ ଅଛି । ଜାତୀୟ ସ୍ତର ୩୨-୩୪% ଥିବାବେଳେ ଓଡ଼ିଶା କେବଳ ୧୭% ରେ ସୀମିତ ଅଛି । ଯାହା ଝାଡ଼ଖଣ୍ଡ ଓ ଛତିଶଗଡଠାରୁ କମ । ସରକାର ଏହା ଉପରେ ସମୀକ୍ଷା କରି ସହରୀକରଣ ବଢାଇବାକୁ ଚାହୁଁଛନ୍ତି । ଗତ ୧୪ ମାସରେ ୧୪ ଏନଏସି ଓ ୭ ପୌର ପରିଷଦ ଓ ପୁରୀ ମହାନଗର ନିଗମ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଆଗକୁ ଆହୁରି ହେବ । ଏକା ସାଙ୍ଗେ ସବୁ ହୋଇ ପାରିବ ନାହିଁ । ସବୁ ମାପଦଣ୍ଡ ଦେଖି କରାହେବ । ଯେଉଁମାନେ ଆପତ୍ତି କରିଥିଲେ, ତାକୁ ବିଚାର କରାଯାଇଥିଲା । ପଂଚାୟତିରାଜ ବିଭାଗ ତର୍ଜମା କରି ନଗର ଉନ୍ନୟନ ବିଭାଗକୁ ତଥ୍ୟ ଦେବା ପରେ ଘୋଷଣା ହେଲା । ଯେଉଁଠି ଆବଶ୍ୟକ ଓ ମାପଦଣ୍ଡ ଠିକ ଥିବ, ସେଠି ହେବ ବୋଲି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର କହିଛନ୍ତି ।

# ୨୦୨୪ରେ ହେଲମେଟ ନପିନ୍ଧି ଧରାପଡ଼ିଛନ୍ତି ୮ ଲକ୍ଷ ଚାଳକ

କଟକ(ଭାସ୍କର ନ୍ୟୁଜ୍): ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ତଥାପି ଅନେକ ଗାଡ଼ି ଚାଳକ ସଡ଼କ ସୁରକ୍ଷା ନିୟମ ସଂପର୍କରେ ଅବଗତ ଥିଲେ ମଧ୍ୟ ଏହାକୁ ପାଳନରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଫଳରେ ଅକାଳରେ ଅନେକ ଜୀବନ ଝରିପଡୁଛି। ରାଜ୍ୟ ପରିବହନ ପ୍ରାଧିକରଣ ତଥ୍ୟ ଅନୁଯାୟୀ ୨୦୨୪ ବର୍ଷରେ ରାଜ୍ୟରେ ଦୁଇଚକିଆ ଯାନଜନିତ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି। ଏଥିସହ ହେଲମେଟ ପିନ୍ଧି ନଥିବାରୁ ସେଇ ବର୍ଷକରେ ୧୬୯୬ ଜଣଙ୍କ ମୃତ୍ୟୁ ଘଟିଛି। ସୂଚନାନୁସାରେ, ସଡ଼କ ଦୁର୍ଘଟଣାସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହାକୁ ହ୍ରାସ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ ଦୁଇ ଚକିଆ ଯାନରେ ଚାଳକ, ଆରୋହୀ ଉଭୟ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସଚେତନତା ସହ ଏନଫୋର୍ସମେ କୁ ଗୁରୁତ୍ୱ ଦିଆଯାଇଛି। ତେବେ ଦୁର୍ଭାଗ୍ୟର ବିଷୟ ହେଉଛି, ୨୦୨୪ରେ ହେଲମେଟ ନିୟମ ଉଲ୍ଲଙ୍ଘନ କରିଥିବା ଅର୍ଥାତ ବିନା ହେଲମେଟ ଚାଳକ ୭,୮୯,୦୧୫ ଜଣ ଧରାପଡ଼ିଛନ୍ତି। ସଡ଼କ ସୁରକ୍ଷା ନିୟମ ପାଳନର ସବୁଠୁ ପ୍ରାଥମିକ ସ୍ତର ହେଉଛି ଦୁଇ ଚକିଆରେ ଦୁଇରୁ ଅଧିକ ନ ଯିବା ଏବଂ ଉଭୟ ଚାଳକ ଓ ଆରୋହୀ ହେଲମେଟ ନିଶ୍ଚୟ ପିନ୍ଧିବା। ଏକଥା ପ୍ରାୟ ସମସ୍ତେ ଜାଣିଛନ୍ତି। କିନ୍ତୁ ହେଲମେଟ ପିନ୍ଧିବାରେ ଅବହେଳା କରିବା ମହଙ୍ଗା ସାବ୍ୟସ୍ତ ହେଉଛି।



୨୦୨୪ରେ ରାଜ୍ୟରେ ଦୁଇଚକିଆ ଯାନଜନିତ ୫୪୯୦ ଦୁର୍ଘଟଣା ଘଟିଥିବା ବେଳେ ୩୦୧୭ ଜୀବନହାନି ଘଟିଛି। ତନ୍ମଧ୍ୟରୁ ହେଲମେଟ ପିନ୍ଧି ନ ଥିବାରୁ ୧୬୯୬ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେହିଭଳି ଯଦି ବିଗତ ତିନିବର୍ଷର ତଥ୍ୟରୁ ଜଣାଯାଏ ରାଜ୍ୟରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରୁ କେବଳ ଯଦି ହେଲମେଟ ପିନ୍ଧିଥାନ୍ତେ ତେବେ ୫୧୬୦ ଜଣଙ୍କ ଜୀବନ ରକ୍ଷା ପାଇଯାଇଥାନ୍ତା। ସଡ଼କ ଦୁର୍ଘଟଣାରେ ଜୀବନ ରକ୍ଷା କ୍ଷେତ୍ରରେ ହେଲମେଟର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ପୋଲିସ ପ୍ରଶାସନ ସହଯୋଗରେ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବରେ ଏନଫୋର୍ସମେଣ୍ଟରେ ହେଲମେଟ ଚେକିଂକୁ ଗୁରୁତ୍ୱ ଦେଇଥାଏ। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକ ସମୟରେ ଏନଫୋର୍ସମେ ଅଧିକାରୀଙ୍କ ଦ୍ୱାରା ନିୟମ ଉଲ୍ଲଙ୍ଘନକାରୀଙ୍କୁ ସେମାନଙ୍କ ମାନସିକତା ପରିବର୍ତ୍ତନ କରିବାକୁ କାଉନସେଲିଂ କରାଯାଇଛି। ହେଲମେଟର ମୂଲ୍ୟ ଓ ହେଲମେଟର ବୋଝ ଆମ ଜୀବନ ତୁଳନାରେ କିଛି ବି ନୁହେଁ। ତଥାପି ଅନେକ ଲୋକ ଏହା ଜାଣି ବି ଏହାର ବ୍ୟବହାର କରିବାରେ ଅବହେଳା ଦେଖାଇବା ଦୃଷ୍ଟିକୁ ଆସୁଛି। ତେଣୁ ଆଗକୁ ହେଲମେଟ ବ୍ୟବହାର ଉପରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ଏବଂ ଏନଫୋର୍ସମେ ବୃଦ୍ଧି ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ସଡ଼କ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ଦୁର୍ଘଟଣାର କାରଣ ଗୁଡ଼ିକର ଅନୁଧ୍ୟାନ କରି ସେହି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

### ବିଭାଗର କାର୍ଯ୍ୟକଳାପ ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

# ଯୋଜନାବଦ୍ଧ ସହରାଞ୍ଚଳ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୃହନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ବୁଧବାର ଖାରବେଳ ଭବନରେ ବିଭାଗ କାର୍ଯ୍ୟକଳାପର ଏକ ବ୍ୟାପକ ସମୀକ୍ଷା କରିଥିଲେ। ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ସମୀକ୍ଷା ସମୟରେ ମନ୍ତ୍ରୀ ଅଧିକାରୀମାନଙ୍କୁ ଯୋଜନାବଦ୍ଧ ପଦକ୍ଷେପଗୁଡ଼ିକୁ ତୁରନ୍ତ ଗ୍ରହଣ କରିବାକୁ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାପ୍ତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡିକର ସ୍ପଷ୍ଟ ଫଳାଫଳ ପ୍ରଦାନ କରିବା ପାଇଁ ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ଉତରଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ମହାପାତ୍ର ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ମାନବଶକ୍ତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ନିର୍ଦ୍ଦେଶ ଦେଇଥିଲେ ଯେ ପ୍ରତ୍ୟେକ ପୌରାଂଚଳରେ ଅତି କମରେ ଜଣେ କନିଷ୍ଠ ଇଞ୍ଜିନିୟର/ସହକାରୀ ଇଞ୍ଜିନିୟର ରହିବା ଆବଶ୍ୟକ ଯାହା ଦ୍ୱାରା ପ୍ରକଳ୍ପଗୁଡ଼ିକର ଉପଯୁକ୍ତ ତଦାରଖ ଏବଂ ମୌଳିକ ସହରାଞ୍ଚଳ ସେବାଗୁଡ଼ିକର ସୁଗମ ବିତରଣ ସୁନିଶ୍ଚିତ ହୋଇପାରିବ। ନାଗରିକଙ୍କ କଲ୍ୟାଣ ଆମର ସର୍ବୋଚ୍ଚ ପ୍ରାଥମିକତା। ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସହର ନିର୍ମାଣ କରିବା ସହିତ ଆମକୁ ଅତ୍ୟାବଶ୍ୟକ ସେବାଗୁଡ଼ିକର ନିରନ୍ତର ପ୍ରବେଶ ନିଶ୍ଚିତ କରିବାକୁ ପଡିବ ବୋଲି ସେ ପରାମର୍ଶ ଦେଇଥିଲେ।

**ବିଶେଷଜ୍ଞଙ୍କ ଚେତାବନୀ**

# ଓଡ଼ିଶାର ୫ ଲକ୍ଷ ଛାତ୍ରଛାତ୍ରୀ ବିଦେଶୀ ବିଶ୍ୱବିଦ୍ୟାଳୟରେ ନାମ ଲେଖିବେ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ପ୍ରକାଶିତ ଏକ ନୂତନ ଶ୍ୱେତପତ୍ରରେ ଓଡ଼ିଶାରୁ ଯୁବପିଢ଼ିଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ସତର୍କ କରାଯାଇଛି - ୨୦୩୫ ସୁଦ୍ଧା ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯିବାର ଆକଳନ କରାଯାଇଛି। ବିଶେଷଜ୍ଞଙ୍କ ମତରେ, ରାଜ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଉଚ୍ଚଶିକ୍ଷା ଭିତିଭୂମି ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ଏହି ଧାରା ଏକ ବଡ଼ ଆର୍ଥିକ ଏବଂ ବୌଦ୍ଧିକ କ୍ଷତି ଘଟାଇପାରେ। ଶିକ୍ଷାସନ୍ଧାନ ଏବଂ ଦୈତାରୀ ନାୟକ ପ୍ରତିଷ୍ଠାନ ଅଫ୍ ଡେଭଲପମେଂଟ ଷ୍ଟଡିଜ୍ ଦ୍ୱାରା ଜେଏନୟୁ ଓଡ଼ିଶା ଆଲୁମିନି ଆସୋସିଏସନ୍ ସହାୟତାରେ ପ୍ରକାଶିତ ଏହି ରିପୋର୍ଟ ଉଲ୍ଲେଖ କରାଯାଇଛି। 'ଏକ ଦୃଢ଼ ଶିକ୍ଷା ଭିତିଭୂମି ନିଶ୍ଚିତ ଭାବରେ ଓଡ଼ିଶାକୁ ଆର୍ଥିକ ଏବଂ ସାମାଜିକ ଅଭିବୃଦ୍ଧି ଆଡ଼କୁ ପ୍ରେରଣା ଦେବା ପାଇଁ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିବ ଶିକ୍ଷାସନ୍ଧାନର ଅଧକ୍ଷ ପ୍ରଫେସର ଜତୀନ୍ଦ୍ର ନାଏକ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ବେଙ୍ଗାଲୁରୁ, ପୁନେ ଏବଂ ଦିଲ୍ଲୀ ଭଳି ମହାନଗରଗୁଡ଼ିକ କ୍ରମାଗତ ଭାବରେ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପ୍ରାତ୍ସାହିତ କରିବା ସହିତ ପୁଞ୍ଜି ପ୍ରବାହ, ମସ୍ତିଷ୍କ ନିଷ୍କାସନ ଏବଂ ଘରେ କର୍ମଶକ୍ତି ଅଭାବକୁ ତ୍ୱରାନ୍ୱିତ କରୁଛି। ଜେଏନୟୁ ଓଡ଼ିଶାର ପୂର୍ବତନ ଛାତ୍ର ସଂଘର ସାଧାରଣ ସମ୍ପାଦକ ଡକ୍ଟର ମାନସ ନନ୍ଦ କହିଛନ୍ତି, ପୁରୀ ଏପରି ଏକ ବିଶ୍ୱବିଦ୍ୟାଳୟ ପାଇଁ ଏକ ଆଦର୍ଶ ସ୍ଥାନ ଭାବରେ ଉଭା ହୋଇଛି, ଯାହା ସାଂସ୍କୃତିକ ଐତିହ୍ୟ, ଜଳବାୟୁ ଆକର୍ଷଣ ଏବଂ ସଂଯୋଗର ଏକ ଅନନ୍ୟ ମିଶ୍ରଣ ପ୍ରଦାନ କରେ ଯାହା ଏକ ସମୃଦ୍ଧ ଶିକ୍ଷାଗତ ଇକୋସିଷ୍ଟମକୁ ପୋଷଣ କରିପାରିବ। ଏହାର ଆଧ୍ୟାତ୍ମିକ ଏବଂ ଭୌଗୋଳିକ ଗୁରୁତ୍ୱ ଏକ ପରିବର୍ତନକାରୀ ପ୍ରତିଷ୍ଠାନ ପାଇଁ ଏହାର ଉପଯୁକ୍ତତାକୁ ଆହୁରି ବୃଦ୍ଧି କରେ। ବିଶେଷଜ୍ଞମାନେ ସୁପାରିଶ କରିଛନ୍ତି ଯେ ଦେଶରେ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ପ୍ରତିଷ୍ଠାନ ସୃଷ୍ଟି କରି, ଓଡ଼ିଶା ଏହି ପ୍ରତିଭାକୁ ବଜାୟ ରଖିବା, ଅନ୍ତର୍ଜାତୀୟ ଛାତ୍ରମାନଙ୍କୁ ଆକର୍ଷିତ କରିବା ଏବଂ ୨୦୩୫ ସୁଦ୍ଧା ଜ୍ଞାନ, ଗବେଷଣା ଏବଂ ନବସୃଜନର ଏକ ପ୍ରମୁଖ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠା କରିବାର ସୁଯୋଗ ପାଇବ। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଆଂଚଳିକ ଶିକ୍ଷା ସଂସ୍ଥାନର ପୂର୍ବତନ ଅଧକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ କହିଛନ୍ତି, ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ବିଶିଷ୍ଟ ବିଶ୍ୱବିଦ୍ୟାଳୟ-ନଗରରେ ନିବେଶ କରିବା ଦ୍ୱାରା ଓଡ଼ିଶାକୁ ଜ୍ଞାନ, ନବସୃଜନ ଏବଂ ସୃଜନଶୀଳତାର କେନ୍ଦ୍ରରେ ପରିଣତ କରିବାର ସମ୍ଭାବନା ରହିଛି।

# 'ହ୍ୟୁରେକା' ପାଠ୍ୟକ୍ରମର ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ଅଗ୍ରଣୀ ପ୍ରି-ସ୍କୁଲ ବିଶେଷଜ୍ଞ ୟୁରୋକିଡସ୍ ଏହାର ୮ମ ସଂସ୍କରଣର ପାଠ୍ୟକ୍ରମ 'ହ୍ୟୁରେକା-ଭିଜିବଲ ଥିଙ୍କିଂ କରିକୁଲମ' ଉନ୍ମୋଚନ କରିଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର 'ପ୍ରୋଜେକ୍ଟ ଜିରୋ' ଏବଂ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ର ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟ ଅନୁଯାୟୀ ପରିକଳ୍ପିତ 'ହ୍ୟୁରେକା' ଶିଶୁ ଶିକ୍ଷାର୍ଥୀମାନଙ୍କ ସାମ୍ପ୍ରତିକ ଏବଂ ସୃଜନଶୀଳ ଚିନ୍ତନ କୌଶଳ ବୃଦ୍ଧି କରିବାକୁ ପ୍ରସ୍ତୁତ କରାଯାଇଛି। ଏକ ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ରଣନୀତିର ଅଂଶ ଭାବେ ଏହି ପ୍ରି-ସ୍କୁଲ ନେଟୱର୍କ ଭୁବନେଶ୍ୱର ଏବଂ ସାରା ଓଡ଼ିଶାରେ ଏହାର ଉପସ୍ଥିତି ବିସ୍ତାର କରିବାକୁ ମଧ୍ୟ ଯୋଜନା ଘୋଷଣା କରିଛି। ଯୋଜନା ଅନୁଯାୟୀ, ୟୁରୋକିଡସ୍ ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟରେ ୩୨ଟି ନୂତନ କେନ୍ଦ୍ର ଖୋଲିବ, ଯାହାଦ୍ୱାରା ଓଡ଼ିଶାରେ ଥିବା ଏହାର କେନ୍ଦ୍ର ସଂଖ୍ୟା ୪୩ରୁ ବୃଦ୍ଧି ପାଇ ୭୫କୁ ପହଞ୍ଚିବ ଏବଂ ରାଜ୍ୟର ପ୍ରାରମ୍ଭିକ ଶିକ୍ଷାର ଗୁଣବତା ବୃଦ୍ଧି ପାଇବ। ଏହି ପାଠ୍ୟକ୍ରମର ଉନ୍ମୋଚନ ଅବସରରେ ଲାଇଟହାଉସ୍ ଲର୍ଣ୍ଣିଂର ପ୍ରି-କେ ଡିଭିଜନ (ୟୁରୋକିଡସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେଭିଏସ ଶେଶାଶାୟୀ କହିଛନ୍ତି ଯେ, 'ୟୁରୋକିଡସରେ ଆମେ ଦୁଇ ବର୍ଷ ବୟସରୁ ହିଁ ମାନସିକ ଏବଂ ସାମ୍ପ୍ରତିକ ଚିନ୍ତନକୁ ପ୍ରୋତ୍ସାହିତ କରି ଜୀବନବ୍ୟାପୀ ଶିକ୍ଷାର ଭିତ୍ତିଭୂମି ପ୍ରସ୍ତୁତ କରିବାରେ ବିଶ୍ୱାସ କରୁଛୁ। ଡଃ ଅନିତା ମଦାନଙ୍କ ଦ୍ୱାରା ପରିକଳ୍ପିତ ହ୍ୟୁରେକା ପ୍ରାରମ୍ଭିକ ବାଲ୍ୟଶିଶୁ ଯତ୍ନ ଏବଂ ଶିକ୍ଷା କ୍ଷେତ୍ରର ସବୁଠାରୁ ନବୀନତମ ପାଠ୍ୟକ୍ରମ ଭାବରେ ଗଠିତ। ପାଠ୍ୟକ୍ରମର ଉନ୍ମୋଚନ ବେଳେ ୟୁରୋକିଡସର ପାଠ୍ୟକ୍ରମ ବିକାଶ ମୁଖ୍ୟ ଡଃ ଅନିତା ମଦାନ କହିଛନ୍ତି ଯେ, 'ହ୍ୟୁରେକା' ହେଉଛି ପ୍ରାରମ୍ଭିକ ଶିକ୍ଷାରେ ଏକ ପରିବର୍ତ୍ତନଶୀଳ ଉପାୟ। 'ଏପିକ୍ସ' ଫ୍ରେମୱର୍କ ସହିତ ଆମେ କେବଳ ବୁଦ୍ଧିଗତ ମାନ୍ୟତା (ଆଇ-କ୍ୟୁ) ଉପରେ ଧ୍ୟାନ ଦେଉନାହୁଁ ବରଂ ଏକ ସୁଗଠିତ ବିକାଶକୁ ପ୍ରୋତ୍ସାହିତ କରୁଛୁ ଯାହା ଭାବନାତ୍ମକ, ଶାରୀରିକ, ସୃଜନଶୀଳ ଏବଂ ଆଧ୍ୟାତ୍ମିକ ମାନ୍ୟତାକୁ ଅନ୍ତର୍ଭୁକ୍ତ କରୁଛୁ।

# ବାଣୀବିହାର କ୍ୱାର୍ଟର୍ସରୁ ବିଦା ହେବେ ଅନଧିକୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଣୀବିହାର କ୍ୟାମ୍ପସ୍‌ରେ ଥିବା କ୍ୱାର୍ଟର୍ସକୁ ଯେଉଁମାନେ ମାଡ଼ି ବସିଛନ୍ତି ଏବଂ ବେଆଇନ ଭାବେ ରହୁଛନ୍ତି ସେମାନଙ୍କୁ ବିଦା କରାଯିବ। ଏସିପି ଜୋନ୍-୫ ବିଶ୍ୱରଞ୍ଜନ ସେନାପତି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଅନଧିକୃତ ଭାବେ ରହୁଥିବା ଲୋକଙ୍କୁ ନୋଟିସ୍ ଦିଆଯାଇଥିଲା। ଆଜି ନୋଟିସ୍‌ର ଡେଡ୍ ଲାଇନ ସରୁଛି । କାଲି ପୋଲିସ ଉଚ୍ଛେଦ କରିବ। ଏହାପରେ ବେଆଇନ ଭାବେ ଗଢି ଉଠିଥିବା ଦୋକାନ ଗୁଡିକୁ ଭଙ୍ଗାଯିବ। ସେହିପରି ବସ୍ତି କରି ରହୁଥିବା ଲୋକଙ୍କୁ ଉଚ୍ଛେଦ ପାଇଁ ଟିକେ ସମୟ ଲାଗିବ ବୋଲି ଏସିପି କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା ପରେ ଏବେ କ୍ୱାର୍ଟର୍ସ କ୍ଲିନ୍ ପାଇଁ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ନେଉଛନ୍ତି। ଏନେଇ ବୁଧବାର ବାଣୀବିହାର କର୍ତ୍ତୃପକ୍ଷ କମିଶନରେଟ ପୋଲିସ ସହ ଆଲୋଚନା କରିଛନ୍ତି ।

### ୭୭୫ ଜଣ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା

# ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଠାରୁ କାଶୀ ବିଶ୍ୱନାଥ ଧାମକୁ ଯାତ୍ରା ମଙ୍ଗଳମୟ ହେଉ: ପ୍ରଭାତୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଠାରୁ କାଶୀ ବିଶ୍ୱନାଥ ଧାମକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନର ଯାତ୍ରା ମଙ୍ଗଳମୟ ହେଉ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି । ୬ଟି ଜିଲ୍ଲାରୁ ୭୭୫ ଜଣ ବରିଷ୍ଠ ନାଗରିକମାନେ ଅଯୋଧ୍ୟାରେ ସନାତନ ଧର୍ମର ପ୍ରାଣକେନ୍ଦ୍ର ତଥା ଭାରତୀୟ ସଂସ୍କୃତିର ପ୍ରତୀକ ପ୍ରଭୁ ଶ୍ରୀ ରାମଲାଲଙ୍କୁ ଦର୍ଶନ କରିବାର ସୁଯୋଗ ପାଇବା ସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ପବିତ୍ର ଗଙ୍ଗା ଆରତୀ ଓ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡିକୁ ପରିଦର୍ଶନ କରିପାରିବେ । ୨୦୨୫-୨୬ ଆର୍ଥିକ ବର୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଅଧୀନରେ ୧୦ ଟି ପର୍ଯ୍ୟାୟରେ ପ୍ରାୟ ୮୦୦୦ ବରିଷ୍ଠ ନାଗରିକମାନଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉପ-ମୁଖ୍ୟମନ୍ତ୍ରୀ ପରିଡା ମତବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ବୁଧବାର ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ରେଳୱେ କ୍ୟାଟରିଙ୍ଗ, ଟୁରିଜିମ କର୍ପୋରେସନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ ଆଜି ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ




କରିଛି । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯୋଗ ଦେଇ ୭୭୫ ଜଣ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣେଇବା ସହ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାଧ୍ୟମରେ ଭାରତର ବିଭିନ୍ନ ସଂସ୍କୃତିକୁ ଯୋଡିବାର ପ୍ରୟାସକୁ ପ୍ରଶଂସା କରିଥିଲେ । ପ୍ରଥମ ଟ୍ରେନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଓ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ସମେତ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ପୁରୀ ବିଧାୟକ ସୁନିଲ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ପ୍ରମୁଖ ଯୋଗ ଦେଇ ପ୍ରଥମ ଟ୍ରେନ ଯାତ୍ରା ପାଇଁ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣାଇଥିଲେ । ଶେଷରେ ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ରୁଦ୍ର ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



### ସାମ୍ବିଧାନିକ ପଦବୀରେ ଅନୁଭବୀ ନେତା

## ସ୍ୱାଗତମ୍ ପଞ୍ଚଦଶ ଉପରାଷ୍ଟ୍ରପତି

ବହୁ ଚର୍ଚ୍ଚିତ ଦେଶର ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଶେଷ ହୋଇଛି ଏବଂ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ବିପୁଳ ଭୋଟ୍ ବ୍ୟବଧାନରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ବି.ସୁଦର୍ଶନ ରେଡ୍ଡିଙ୍କୁ ପରାସ୍ତ କରି ପଞ୍ଚଦଶ ଉପରାଷ୍ଟ୍ରପତି ରୂପେ ନିର୍ବାଚିତ ହୋଇଛନ୍ତି। ବିଜୟୀ ପ୍ରାର୍ଥୀ ରାଧାକ୍ରିଷ୍ଣନ୍‌ଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ଇଣ୍ଡିଆ ମେଣ୍ଟର ସୁଦର୍ଶନଙ୍କୁ ୩୦୦ ଭୋଟ ମିଳିଛି। ଦେଶର ଦ୍ୱିତୀୟ ସାମ୍ବିଧାନିକ ମୁଖ୍ୟ ପଦବୀ ନିମନ୍ତେ ଏଥର ଦକ୍ଷିଣ ଭାରତର ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନବନିର୍ବାଚିତ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ ଜଣେ ଅଭିଜ୍ଞ ଓ ଅନୁଭବୀ ରାଜନେତା ଏବଂ ସେ ଏବେ ମହାରାଷ୍ଟ୍ରର ରାଜ୍ୟପାଳ ପଦବୀରେ କାର୍ଯ୍ୟରତ ଥିଲେ। ଛାତ୍ର ଜୀବନରୁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡିତ ରହିବା ସଙ୍ଗେ ସଙ୍ଗେ ଭାରତୀୟ ଜନସଂଘରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଜେପିର କର୍ମକର୍ତ୍ତା ରୂପେ ଦକ୍ଷିଣ ଭାରତରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରାଧାକ୍ରିଷ୍ଣନ୍ ବିଜେପି ତାମିଲନାଡୁ ଶାଖାର ଅନେକ ବର୍ଷ ଦରି ସଭାପତି ରୂପେ କାର୍ଯ୍ୟ କରିଥିଲେ ଓ କେରଳରେ ଦଳୀୟ ପ୍ରଭାରୀ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ଦଳ ପ୍ରତି ତାଙ୍କର ନିଷ୍ଠା ଓ ଆନୁଗତ୍ୟକୁ ସମ୍ମାନ ଏବଂ ସ୍ୱୀକୃତି ଦେଇ ବିଜେପି ତାଙ୍କୁ ଦେଶର ଏଭଳି ଏକ ଉଚ୍ଚତମ ପଦବୀରେ ଅଧିଷ୍ଠିତ କରିଛି। ଏହାଛଡ଼ା ଦକ୍ଷିଣ ଭାରତରେ କର୍ଣ୍ଣାଟକକୁ ଛାଡ଼ିଦେଲେ ଅନ୍ୟ କୌଣସି ରାଜ୍ୟରେ ବିଜେପିର ସାଂଗଠନିକ ସ୍ଥିତି ସେତେଟା ମଜବୁତ୍ ନୁହେଁ। ଏସବୁ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକର ଦବ୍‌ଦବା ଅଧିକ। ତାମିଲନାଡୁରେ ଡି.ଏମ୍.କେ ଓ ଏ.ଆଇ.ଏ.ଡି.ଏମ୍.କେ. ଆନ୍ଧ୍ର ପ୍ରଦେଶରରେ ଟି.ଡି.ପି ଓ ୱାଇ.ଆର୍.ସି.ପି, ତେଲେଙ୍ଗାନାରେ କଂଗ୍ରେସ ଓ ଭାରତ ରାଷ୍ଟ୍ର ସମିତି (ବି.ଆର୍.ଏସ୍), କେରଳରେ ବାମଫ୍ରଣ୍ଟ ଓ କଂଗ୍ରେସର ଯଥେଷ୍ଟ ପତିଆରା ଥିବା ସ୍ଥଳେ ବିଜେପିର ପ୍ରତିନିଧିତ୍ୱ ନଗଣ୍ୟ। ସେହି ଦୃଷ୍ଟିରୁ ଦକ୍ଷିଣ ଭାରତର ଜଣେ ନେତାଙ୍କୁ ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ କରାଇ ବିଜେପି ଭଲ ବାର୍ତ୍ତା ଦେବାକୁ ଚାହୁଁଛି। ନବନିର୍ବାଚିତ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ ଅନ୍ୟାନ୍ୟ ପଛୁଆ ବର୍ଗ ବା ଓବିସିର ପ୍ରତିନିଧିତ୍ୱ କରୁଥିବାରୁ ଜନସଂଖ୍ୟାର ଏକ ବିଶାଳବର୍ଗକୁ ଏହାଦ୍ୱାରା ସନ୍ତୁଷ୍ଟ କରିବାକୁ ଉଦ୍ୟମ ହୋଇଛି। ଏଥର ଉପରାଷ୍ଟ୍ରପତି ନିର୍ବାଚନରେ କଡ଼ା ଟକ୍କର ହୋଇଥିବାରୁ ଦୁଇ ପ୍ରାର୍ଥୀଙ୍କ ଭୋଟ୍ ବ୍ୟବଧାନ ଖୁବ୍ କମ୍ ରହିବ ବୋଲି ଆଶା କରାଯାଉଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ସେଭଳି କିଛି ହୋଇନାହିଁ ଓ ଏନ୍‌ଡିଏ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ୧୫୨ଟି ଅଧିକ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷରେ ରାଧାକ୍ରିଷ୍ଣନ୍ ଏନ୍‌ଡିଏର ସମୁଦାୟ ସାଂସଦଙ୍କ ସଂଖ୍ୟା ଠାରୁ ଅଧିକ ଭୋଟ ପାଇଥିବା ସ୍ଥଳେ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ନିଜ ମେଣ୍ଟର ସମସ୍ତ ସଦସ୍ୟଙ୍କ ଭୋଟ ହାତେଇବାକୁ ସକ୍ଷମ ହୋଇନାହାଁନ୍ତି। ଇଣ୍ଡିଆ ମେଣ୍ଟର ୧୯ଜଣ ସାଂସଦ କ୍ରସ ଭୋଟିଂ କରି ରାଧାକ୍ରିଷ୍ଣନ୍‌ଙ୍କୁ ଭୋଟ ଦେଇଥିବାର ଚର୍ଚ୍ଚା ହେଉଛି। ତେବେ ନୂତନ ଉପରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ସମ୍ପୂର୍ଣ୍ଣ ନିରପେକ୍ଷତାର ସହ ନିଜ ପଦବୀର ଗାରିମା ରକ୍ଷା କରିବେ ବୋଲି ଆଶା କରାଯାଉଛି। ରାଜ୍ୟସଭାର ଅଧ୍ୟକ୍ଷ ରୂପେ ତାଙ୍କର କାର୍ଯ୍ୟ ପରିଚାଳନା ଉପରେ ସାରା ଦେଶର ନଜର ରହିଥିବାରୁ ସେ ଉଚ୍ଚ ଆଦର୍ଶ ଓ ମୂଲ୍ୟବୋଧର ସୁରକ୍ଷା ଦିଗରେ ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି।

# ଡିଜିଟାଲ ଦୁନିଆରେ ସାକ୍ଷରତାର ଭୂମିକା



ହିଂମାଂଶୁ ଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର
ମୋ: ୯୩୩୭୨୨୧୯୨୪

ସାକ୍ଷରତା ହିଁ ବିକାଶର ପରିମାପକ। ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ। ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ। କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ। ଲୋକପ୍ରିୟ କାହାଣୀ କୁହେ – "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା'ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତା'ହେଲେ ଜମିରେ କିଛି ଗଛ ଲଗାଇ ଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତା'ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ"। ଏଥିରୁ ସାକ୍ଷରତାର ଗୁରୁତ୍ୱ ସ୍ପଷ୍ଟ ଅନୁମେୟ। ସାକ୍ଷରତା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୟୁନେସ୍କୋ ତରଫରୁ ୧୯୬୬ ମସିହାରେ ସେପ୍ଟେମ୍ବର ୮ ତାରିଖକୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବିକ ବିକାଶର ମାଧ୍ୟମ ଅଟେ। ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ। ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ। ଚଳିତ ବର୍ଷ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଇଁ ବିଷୟବସ୍ତୁ ଥିଲା-(ଡିଜିଟାଲ ଦୁନିଆରେ ସାକ୍ଷରତାକୁ ପ୍ରୋତ୍ସାହନ)। ବିଶେଷକରି କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତା ଶିକ୍ଷଣ ସ୍ଥାନ ଗୁଡ଼ିକ ପରିବର୍ତ୍ତନ ଉପରେ ଗୁରୁତ୍ୱ ଆହୁରି ବଢିଯାଇଛି। କାରଣ ଏହାଦ୍ୱାରା ସାକ୍ଷରତା ବୃଦ୍ଧି କରିବା ସହଜ ହେବ। ଏବେ ବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ। ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ। କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ। ପରିସଂଖ୍ୟାନ ତଥ୍ୟରୁ ଜଣାପଡ଼େ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ। ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ। କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଯଣାପଡିଛି ଯେ ଏବେ ବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଊର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟ୍‌ବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି। ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ- ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ। ଏହି ପରିପ୍ରେକ୍ଷୀରେ ଆମ ଦେଶ କଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ। ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ। ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର। ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟରାଜ୍ୟ ତୁଳନାରେ ଆମେ ପଛରେ। କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ- ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨%। ଆମ ଓଡ଼ିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍। ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି। ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି। ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି। ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି। ଏହାଦ୍ୱାରା ୬ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି।

ସବୁଠୁ ବଡ଼ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷଜନକ ନୁହେଁ। ଗୋଟିଏ ଲୋକକଥା ଅଛି – "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ"। ଦିନେ କେବେ ବ୍ୟାସକବି ଫକୀର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା' ବୁଢୀ ମା' କହିଥିଲା- ରେବତୀ ପାଠ ପଢିବ ! ଘର ଉଜୁଡି ଯିବ। ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢିଛି। ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି। ତଥାପି ସଂଗ୍ରାମ ସରିନାହିଁ। ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅଣ୍ଟାଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି। ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି। ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍। କାରଣ ନାରୀ ଜାଗିଲେ, ପରିବାର ଜାଗିବ, ପରିବାର ଜାଗିଲେ, ଦେଶ ଜାଗିବ ଓ ଦେଶ ଜାଗିଲେ, ବିଶ୍ୱ ଜାଗିବ। ଏକଥା ଆମକୁ ମନେ ରଖିବାକୁ ହେବ।

କୁହାଯାଏ- "ପଢିଲେ ଜାଣିବା, ଜାଣିଲେ ଜିଣିବା"। ସାକ୍ଷରତାକୁ ପ୍ରୋତ୍ସାହନ ଦିଆଗଲେ ସାକ୍ଷରତା ହାର ବୃଦ୍ଧି ପାଇବ। ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ବିନା ଆଲୁଅରେ ଅ...ଆ...



ପାଠକଙ୍କ ମତ

ପିଲାଙ୍କ ପାଇଁ ଅଙ୍ଗନବାଡ଼ି ହେଉଛି ସବୁଠାରୁ ଜୀବନ ଗଢ଼ିବାର ଆଦ୍ୟ ଶୈକ୍ଷିକ କେନ୍ଦ୍ର। ଯେଉଁଠି ପିଲାଟି କେବଳ ପାଠ ପଢ଼ିନଥାଏ କହିବାକୁ ଗଲେ ସେ ତା' ଜୀବନ ଶିକ୍ଷା ଏଇଠାରୁ ହିଁ ଆରମ୍ଭ କରିଥାଏ। ତେବେ ବଡ଼ ଦୁଃଖର କଥା ଏହି ଅଙ୍ଗନବାଡ଼ି କେନ୍ଦ୍ରର ଚିତ୍ର ସବୁ କ୍ଷେତ୍ରରେ ଅବହେଳା ଓ ଅଣଦେଖାକୁ ସାମ୍ନା କରୁଛି। କେଉଁଠି ସ୍କୁଲ ବାରଣ୍ଡା ତ ଆଉ କେଉଁଠି ଅସୁରକ୍ଷିତ ଗାଁ କୋଠାଘର ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଖରା, ବର୍ଷା ଓ ଶୀତରେ ପିଲାମାନେ ଦହଗଞ୍ଜ ହେଉଛନ୍ତି। ବିଜୁଳି ସଂଯୋଗ ନଥିବାରୁ ବର୍ଷ ବର୍ଷ ଧରି ପାଠପଢ଼ା ଅନ୍ଧାର ଘରେ ଚାଲିଛି। ଅଧାରୁ ଅଧିକ କେନ୍ଦ୍ରର ପାଚେରୀ ନାହିଁ। ପାଣିର ସୁବିଧା ନାହିଁ କି ସର୍ବନିମ୍ନ ଭିତ୍ତିଭୂମି ନାହିଁ। ମହିଳା ଓ ଶିଶୁ ମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଇ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ମାତ୍ର ରାଜ୍ୟରେ ସବୁଠୁ ଅବହେଳାର ଶିକାର ହେଉଛି ଅଙ୍ଗନବାଡ଼ି କେନ୍ଦ୍ର।

ପ୍ରାକ୍ ପ୍ରାଥମିକ ଶିକ୍ଷା, ଗର୍ଭବତୀ ମହିଳାଙ୍କ ସୁରକ୍ଷା ପୋଷଣ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, କିଶୋରୀ ଶକ୍ତି ଯୋଜନାରୁ ରକ୍ତହୀନତା ନିୟନ୍ତ୍ରଣ ଯାଏ ଯୋଜନା ଓ କାର୍ଯ୍ୟକ୍ରମ ଅଙ୍ଗନବାଡ଼ି କେନ୍ଦ୍ରରୁ ପରିଚାଳିତ ହେଉଛି। ସରକାରୀ ସୂଚନା କହୁଛି, ରାଜ୍ୟରେ ୭୪ ହଜାର ୨୯୨ ଅଙ୍ଗନବାଡ଼ି କେନ୍ଦ୍ର ଅଛି। ୫୨୮୦୬ କେନ୍ଦ୍ରର ନିଜସ୍ୱ ଘର ଥିଲାବେଳେ ୨୧ ହଜାର ୪୮୬ କେନ୍ଦ୍ରର ଘର ନାହିଁ। କେଉଁଠି ଭଡ଼ାଘରେ ତ ଅନ୍ୟ କେଉଁଠି ଗାଁ କୋଠଘର କିମ୍ବା ସ୍କୁଲ ବାରଣ୍ଡାରେ କେନ୍ଦ୍ର ଚାଲୁଛି। କେବଳ ସେତିକି ନୁହେଁ କୋଠା ନିର୍ମାଣର ଦୀର୍ଘ ବର୍ଷ ପରେ ମଧ ୩୧୪୫୬ କେନ୍ଦ୍ରକୁ ବିଜୁଳି ସଂଯୋଗ ନାହିଁ। ବିନା ଆଲୁଅରେ ଛୋଟ ପିଲାକୁ ଆକର୍ଷିତ କରି ବସାଇବା ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ କାଠିକର ପାଠ ହେଉଛି। ୪୭ ହଜାର ୭୩୭ କେନ୍ଦ୍ରରେ ପାଚେରୀ ନଥିଲା ବେଳେ ୧୫ ହଜାରରୁ ଅଧିକ କେନ୍ଦ୍ରର ନାହିଁ ସର୍ବନିମ୍ନ ଭିତ୍ତିଭୂମି। କେନ୍ଦ୍ର ପରିଚାଳନା ଓ ମୂଳ ଉଦ୍ଦେଶ୍ୟ ପୂରଣରେ ଏହା ବାଧିକ ସାଜୁଛି। ମମତା ହେଉ ଅବା ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ମୂଳ କାମ ଅଙ୍ଗନବାଡ଼ି କେନ୍ଦ୍ରରେ ହିଁ ହେଉଛି। ବିଭାଗୀୟ ସୂଚନା କହୁଛି, ବହୁ ଜିଲ୍ଲାରେ କୋଠ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଅନେକ ସ୍ଥାନରେ କୋଠା ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇପାରୁନି। କେଉଁଠି ଜମି ଚିହ୍ନଟ ହୋଇଥିଲେ ମଧ ବିବାଦ ରହିଛି। ଜିଲ୍ଲାପାଳମାନେ ଗମ୍ଭୀରତାର ସହ ଏ ଦିଗକୁ ଧ୍ୟାନ ଦେଉନାହାନ୍ତି। ସଚିବମାନେ ଜିଲ୍ଲା ଗସ୍ତରେ ଯାଇ ସମୀକ୍ଷା କରିବା ବେଳେ ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ସ୍ଥାୟୀ କୋଠା କାମ ତ୍ୱରିତ କରିବାକୁ କହୁଛନ୍ତି। ମାତ୍ର ଫଳ ଶୂନ। ସରକାର ଚଳିତ ଆର୍ଥିକ ବର୍ଷରେ ପୁଷ୍ଟି ଯୋଜନାରେ ୫୨୬ କୋଟି ମମତାରେ ୨୮୪ ଓ ସପ୍ଲିମେଣ୍ଟାରୀ ପୋଷଣ ପାଇଁ ୯୫୦ କୋଟି ବରାଦ କରିଛନ୍ତି। ହେଲେ କେନ୍ଦ୍ରଗୁଡ଼ିକୁ ସରକାରୀ କଳ ଅଣଦେଖା କରି ଚାଲିଛି।

ମନରେଗା ପାଣ୍ଠି, ପଞ୍ଚାୟତ ପାଣ୍ଠି ସହ ମହିଳା ଓ ଶିଶୁ ବିକାଶର ମିଳିତ ପାଣ୍ଠିରେ ୧୨ଲକ୍ଷ ଟଙ୍କା ବ୍ୟୟରେ ଅଙ୍ଗନବାଡ଼ି କେନ୍ଦ୍ର କୋଠା ନିର୍ମାଣ ପାଇଁ ପ୍ରାବଧାନ ରହିଛି। ମନରେଗାରୁ ୮ଲକ୍ଷ, ପଞ୍ଚାୟତରୁ ୨ ଲକ୍ଷ ଏବଂ ବିଭାଗ ପକ୍ଷରୁ ୨ଲକ୍ଷ ଟଙ୍କା ମିଳୁଛି। ମାତ୍ର କାମ କାହିଁକି ମନ୍ଥର ଧରୁଛି ତାକୁ ମଧ ଜିଲ୍ଲା ପ୍ରଶାସନ ଗମ୍ଭୀରତାର ସହ ଅନୁଧ୍ୟାନ କରି ପଦକ୍ଷେପ ନେଉନି। ଆକାଂକ୍ଷା ଜିଲ୍ଲାରେ ମଧ ବହୁ କେନ୍ଦ୍ରର କାମ ଘୁଷୁରି ଘୁଷୁରି ଚାଲିଛି। ଏ ଦିଗରେ ସରକାର ଅଧିକ ତତ୍ପରତା ଓ ଇଚ୍ଛାଶକ୍ତି ଦେଖାଇଲେ କେନ୍ଦ୍ର କାମ ଆଗକୁ ବଢ଼ି ପାରିବ।

*ଶ୍ୟାମ ସୁନ୍ଦର ସାମଲ, ବିଡ଼ାନାସୀ, କଟକ, ମୋ: ୭୭୮୬୩୫୯୨୬*

# ବିଶ୍ୱକୁ ଋଷର ବଡ଼ ଉପହାର !

ରାଜେଶ୍ ରାୟ
ଜୟପୁର, ମୋ: ୬୩୭୧୫୫୫୯୪୦

ଋଷର ବୈଜ୍ଞାନିକମାନେ କ୍ୟାନସର ରୋଗକୁ ରୋକିବା ପାଇଁ ଏକ ସଫଳ ଟୀକା ପ୍ରସ୍ତୁତ କରିଛନ୍ତି ଯାହା ଅନ୍ତର୍ଜାତୀୟ ସ୍ତରରେ ଅନ୍ୟମାନଙ୍କୁ ଚକିତ କରିଛି। ବର୍ତ୍ତମାନ ବିଶ୍ୱର ସବୁଠାରୁ ମାରାତ୍ମକ ରୋଗ ଭାବେ କ୍ୟାନସର ନିଜର କାୟା ବିସ୍ତାର କରୁଛି। ଅନ୍ତର୍ଜାତୀୟ କ୍ୟାନସର ଗବେଷଣା ସଂସ୍ଥା ୨୦୨୨ ମସିହାରେ ଦେଇଥିବା ତଥ୍ୟ ଅନୁଯାୟୀ ବିଶ୍ୱର ପ୍ରାୟ ୯.୭ ମିଲିୟନ ଲୋକ କ୍ୟାନସର କବଳରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ତେଣୁ ଏହିପରି ଏକ ଜଟିଳ ରୋଗ ବିରୁଦ୍ଧରେ ଟୀକା ପ୍ରସ୍ତୁତ କରି ଋଷିଆ ଏକ ବଡ଼ ଉପଲବ୍ଧି ହାସଲ କରିଛି। ଉକ୍ତ କ୍ୟାନସର ଟୀକାର ନାମ ରଖାଯାଇଛି 'ଏଣ୍ଟେରୋମିକ୍ସ'। ଏହାକୁ ଋଷିଆର ସଙ୍ଘୀୟ ଜୀବବିଜ୍ଞାନ ଚିକିତ୍ସା ସଂସ୍ଥାର ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏହି ଟୀକାକୁ ଦୁଇଟି ବୈଜ୍ଞାନିକ ଉପାୟରେ ବିଭକ୍ତ କରାଯାଇଛି ଯଥା କ୍ୟାନସର କୋଷକୁ ନଷ୍ଟ କରୁଥିବା ଭୂତାଣୁ ଟୀକା ଏବଂ ଅନ୍ୟଟି ହେଲା ଏମ୍‌ଆର୍‌ଏନ୍‌ଏ ଟୀକା। ପ୍ରଥମ ଉପାୟଟି ଋଷର ଜାତୀୟ ବିକିରଣ ବିଜ୍ଞାନ ଗବେଷଣା କେନ୍ଦ୍ର ଓ ଏଞ୍ଜେଲ ହାର୍ଡଟ ସଂସ୍ଥାର ମିଳିତ ସହଯୋଗରେ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ରୋଗ ସୃଷ୍ଟି କରିପାରୁନଥିବା ୪ ପ୍ରକାରର ଭୂତାଣୁକୁ ନେଇ ଜୈବ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ରୂପାନ୍ତରଣ କରାଯାଇଛି। ସେହି ଭୂତାଣୁମାନେ ସିଧାସଳଖ ରୋଗୀର ଶରୀରରେ ରହି କ୍ୟାନସର କୋଷଗୁଡ଼ିକୁ ନଷ୍ଟ କରୁଛନ୍ତି। ଦ୍ୱିତୀୟ ଉପାୟରେ ଏକ ସ୍ୱତନ୍ତ୍ର ଏମ୍‌ଆର୍‌ଏନ୍‌ଏକୁ ପ୍ରସ୍ତୁତ କରାଯାଇଛି ଯାହାର ଜିନ୍‌ସ୍ତରକୁ ରୂପାନ୍ତରଣ କରି ରୋଗୀ ଶରୀରରେ ସ୍ୱତନ୍ତ୍ର ପ୍ରକାରର ଆଣ୍ଟିଜେନ୍ (ଏକ ପ୍ରକାର ପୁଷ୍ଟିସାର ଜାତୀୟ ପଦାର୍ଥ) ପ୍ରସ୍ତୁତ ହେଉଛି ଏବଂ ଏହାର ପ୍ରଭାବରେ କ୍ୟାନସର କୋଷ ଗୁଡ଼ିକର ବିଭାଜନ କ୍ଷମତା କମିଯାଉଛି। ଉଭୟ ଉପାୟକୁ ବୈଜ୍ଞାନିକମାନେ ପ୍ରାଥମିକ ସ୍ତରରେ ବ୍ୟବହାର କରି ସଫଳତା ପାଇଛନ୍ତି। ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଏହି ଟୀକା ଗ୍ରହଣ କରିସାରିବା ପରେ ଟ୍ୟୁମରର ବୃଦ୍ଧି କ୍ଷମତା କମିଯିବା ସହ ଏହାର ଆକାର ୭୦ରୁ ୮୦ ପ୍ରତିଶତ ହ୍ରାସ ପାଉଛି। ଏହି ଟୀକାକୁ ପ୍ରାଥମିକ ଭାବେ କୋଲନ୍ କ୍ୟାନସର ପାଇଁ ବ୍ୟବହାର କରାଯିବ ବୋଲି ବୈଜ୍ଞାନିକମାନେ କହିଛନ୍ତି ଏବଂ ପରବର୍ତ୍ତୀ ପରୀକ୍ଷଣ ଗୁଡ଼ିକ ସଫଳ ହେବାପରେ ଏହା ଅନ୍ୟ କ୍ୟାନସର ଚିକିତ୍ସା ପାଇଁ ଉପଲବ୍ଧ ହେବ। ଋଷ ସରକାର ଏହି ଟୀକାକୁ ନେଇ ଦାବି କରିଛନ୍ତି ଯେ ଏହା ଶରୀର ପାଇଁ ସଂପୂର୍ଣ୍ଣ ସୁରକ୍ଷିତ ଏବଂ ଶହେ ପ୍ରତିଶତ ପ୍ରଭାବଶାଳୀ। କରୋନାର ଟୀକା ଯେଉଁପରି ଭାବେ ଶରୀରରେ କାମ କରୁଥିଲା 'ଏଣ୍ଟେରୋମିକ୍ସ' ଟୀକା ଠିକ୍ ସେହିପରି ଭାବେ କାର୍ଯ୍ୟ କରୁଛି। ପ୍ରାଥମିକ ସ୍ତରୀୟ ପରୀକ୍ଷା ସଫଳ ହେବାପରେ ଏହାକୁ ଋଷିଆର ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନୁମତି ମିଳିଲେ ଟୀକା ବଜାରରେ ଉପଲବ୍ଧ ହେବ। ଋଷର ଏହି ବିରାଟ ସଫଳତା ପାଇଁ ଏବେ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି। ଆଗାମୀ ଭବିଷ୍ୟତରେ ଯଦି ଏହି ଟୀକା ସଫଳତାର ସହ ସମସ୍ତ କ୍ୟାନସର ବିରୁଦ୍ଧରେ କାର୍ଯ୍ୟକାରେ ତେବେ ଚିକିତ୍ସା ବିଜ୍ଞାନ ପାଇଁ ଏହା ଏକ ସଂଜୀବନୀ ଭାବେ ନିଶ୍ଚୟ ଉଭାହେବ ଏଥିରେ ସନ୍ଦେହ ନାହିଁ।

# ପୁଷ୍ଟିହୀନତାର ଶିକାର ଶିକ୍ଷା



ଡା. ଅନ୍ତର୍ଜିତା ନାୟକ
ମୋ : ୬୩୭୦୯୦୫୯୪୭

ବିଶାଳ ଏବଂ ବିବିଧ ଜନସଂଖ୍ୟା ସହିତ, ସ୍ଥାୟୀବିକାଶ ଦିଗରେ ଭାରତର ଯାତ୍ରା ଅନେକ ଉତ୍ଥାନ ପତନର ସାକ୍ଷୀ। ଭାରତ, କେତେବେଳେ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ବଜାୟ ରଖିବା ସହିତ ପରିବେଶରେ ସ୍ଥାୟିତ୍ୱର ମୁକାବିଲା ଭଳି ଦ୍ୱୈତ ଜଟିଳତା ସମ୍ମୁଖୀନ କରୁଛି, ତ ଆଉ କେତେବେଳେ ଦାରିଦ୍ର୍ୟତା, ନିରକ୍ଷରତା, ସାମାଜିକ-ଆର୍ଥିକ ଅସ୍ଥିରତା, ବେରୋଜଗାରୀ, ଭଳି ସମସ୍ୟାର ସମାଧାନ ଖୋଜୁଛି। ଏଥିମଧ୍ୟରୁ, ପୁଷ୍ଟିସାଧନ ଏବଂ ଶିକ୍ଷା ହେଉଛି ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର, ଯାହା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ। ଏହି ଦୁଇଟି କାରକ ଅନ୍ତର୍ନିହିତ ଭାବରେ ଜଡିତ ଓ ପରସ୍ପରକୁ ଏକ ଚକ୍ରୀୟ ଢଙ୍ଗରେ ପ୍ରଭାବିତ କରନ୍ତି। ଜ୍ଞାନର ବିକାଶ ଏବଂ ପ୍ରଭାବଶାଳୀ ଶିକ୍ଷଣ ପାଇଁ ପର୍ଯ୍ୟାପ୍ତ ପୁଷ୍ଟିକର ଖାଦ୍ୟ ଆବଶ୍ୟକ ଥିବାବେଳେ, ପୁଷ୍ଟିହୀନତା ସମସ୍ୟାର ଲଗାମ କଷିବାକୁ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆର୍ଥିକ ଅଭିବୃଦ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି ସତ୍ତ୍ୱେ, ଭାରତ ଆଜି ବି କୁପୋଷଣର ବୋଝ ସହ ମୁକାବିଲା କରୁଛି। ୨୦୧୯-୨୧ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫, ଅନୁଯାୟୀ, ପାଞ୍ଚ ବର୍ଷରୁ କମ୍ ବୟସର ୩୫.୫% ଶିଶୁ ବୟସ ତୁଳନାରେ ଗେଡା, ୧୯.୩% ଶିଶୁଙ୍କର ଉଚ୍ଚତା ଅନୁସାରରେ ଓଜନ କମ୍ ଏବଂ ୩୨.୧% ଶିଶୁଙ୍କର ବୟସ ତୁଳନାରେ ଓଜନ ଅତି କମ୍ ଅଟେ। ବିଶ୍ୱ କ୍ଷୁଧା ସୂଚକାଙ୍କ-୨୦୨୩ ଅନୁଯାୟୀ, ଭାରତର ୨୦୨୩ ଜିଏଚ୍‌ଆଇ ସ୍କୋର ହେଉଛି ୨୮.୭, ଯାହା ଗୁରୁତର କ୍ଷୁଧା, ଉଚ୍ଚ ମୃତ୍ୟୁହାର, ଅବିକଶିତ ଶାରୀରିକ ଓ ମାନସିକ ଅଭିବୃଦ୍ଧି, ଦୁର୍ବଳ ପ୍ରତିରକ୍ଷାଶକ୍ତି, ଜ୍ଞାନଗତ ଦୁର୍ବଳତା ଏବଂ ଘୋର ଦାରିଦ୍ର୍ୟତା ଭଳି ସମସ୍ୟାକୁ ସୂଚିତ କରେ। ଆଦିବାସୀ ସମ୍ପ୍ରଦାୟ ଯେତେବେଳେ ଭାରତର ମୋଟ ଜନସଂଖ୍ୟାର ୮.୬%, ଆଦିବାସୀ ପିଲାଙ୍କ ପୁଷ୍ଟିହୀନତା ସମସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୟୁନିସେଫ୍ ଦ୍ୱାରା ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିଶ୍ୱର ୧୬.୫କୋଟି ଅବିକଶିତ ଶିଶୁଙ୍କ ମଧ୍ୟରୁ ୩୭ପ୍ରତିଶତ ଭାରତରେ ରହୁଛନ୍ତି, ଯାହାଙ୍କ ମଧ୍ୟରୁ ଆଦିବାସୀ ପୁଷ୍ଟିହୀନତା ସମସ୍ୟା ଅତି ଗୁରୁତର। ପାଞ୍ଚ ବର୍ଷରୁ କମ୍ ବୟସର ଆଦିବାସୀ ପିଲାମାନଙ୍କ ମଧ୍ୟରେ ବୟସ ତୁଳନାରେ କମ୍ ଉଚ୍ଚତା ସର୍ବାଧିକ (୫୪ ପ୍ରତିଶତ)। ପୁଷ୍ଟିହୀନ ପିଲାମାନେ ବିଦ୍ୟାଳୟ ଛାଡ଼ିବାର ସମ୍ଭାବନା ଅଧିକ, ଯାହା ସେମାନଙ୍କ ଭବିଷ୍ୟତର ସୁଯୋଗକୁ ସୀମିତ କରିଥାଏ ଏବଂ ସେମାନଙ୍କୁ ଦାରିଦ୍ର୍ୟ ଏବଂ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ କରାଇ, ଏକ ସାମାଜିକ ବୋଝ ସୃଷ୍ଟି କରିଥାଏ। ଗୋଟିଏ ରାଷ୍ଟ୍ରର ସର୍ବବୃହତ୍ ଜାତୀୟ ସମ୍ବଳ ହେଉଛି ତା' ନିଜ ନାଗରିକମାନଙ୍କ ବୌଦ୍ଧିକ ଶକ୍ତି। କିନ୍ତୁ, ଯଦି ଜନ୍ମ ସମୟରେ ଶିଶୁମାନଙ୍କର ଓଜନ କମ୍ ରୁହେ, ସେମାନେ ବଡ଼ ହେବା ସହିତ ସେମାନଙ୍କର ସମ୍ପୂର୍ଣ୍ଣ ସମ୍ଭାବ୍ୟ ଅଭିବୃଦ୍ଧି ହାସଲ କରିବାରେ ବିଫଳ ହୁଅନ୍ତି, ସୂକ୍ଷ୍ମ ପୋଷକ ତତ୍ତ୍ୱର ଅଭାବ ମସ୍ତିଷ୍କକୁ ସ୍ଥାୟୀ ଭାବରେ କ୍ଷତି ପହଞ୍ଚାଏ, ରକ୍ତହୀନତା ଏବଂ ସ୍ୱଳ୍ପକାଳୀନ କ୍ଷୁଧା ପିଲାମାନଙ୍କର ଶିକ୍ଷା ସମ୍ବନ୍ଧୀୟ ପ୍ରଦର୍ଶନକୁ ସୀମିତ କରିଥାଏ, ସେତେବେଳେ ସେଇ ରାଷ୍ଟ୍ରର ବୌଦ୍ଧିକ ଶକ୍ତି ସହିତ ଅନ୍ୟ ପରିଚାଳିତ ସମ୍ବଳ ମଧ ଦୁର୍ବଳ ପଡିଯା'ନ୍ତି। ପ୍ରାକୃତିକ କି ଭୌତିକ ସମ୍ବଳ ନୁହେଁ ଯାହା ଜାତୀୟ ଶକ୍ତିକୁ ନିର୍ଦ୍ଧାରଣ କରିଥାଏ, ବରଂ ତାହା ବୌଦ୍ଧିକ ସମ୍ବଳ ଯାହା ଦେଶ ଓ ଜାତିର ଭବିଷ୍ୟତ ନିର୍ଦ୍ଧାରଣ କରେ। ଯେତେବେଳେ କୌଣସି ଦେଶର ଜନସଂଖ୍ୟାର ୨୦-୫୦ପ୍ରତିଶତ ବୌଦ୍ଧିକ ସମ୍ବଳ କୁପୋଷଣ, ପୁଷ୍ଟିହୀନତା ବା ଅପପୁଷ୍ଟି ଦ୍ୱାରା ଜର୍ଜରିତ, ସେତେବେଳେ ଏକ ଦେଶ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ କେତେ ସକ୍ଷମ ? ପିଲା ସିନା ପେଟକୁ ଖାଦ୍ୟ ପାଇଲେ ମସ୍ତିଷ୍କ ଲାଗି ଖାଦ୍ୟ ଯୋଗାଇପାରିବେ ! ଖାଲି ପେଟ ଉପରେ ତ ମସ୍ତିଷ୍କ କେନ୍ଦ୍ରିତ ରହିବ ଓ ଖାଲି ପେଟ ମସ୍ତିଷ୍କକୁ କ'ଣ ଖାଇବାକୁ ଦେଇପାରିବ ? ପୁଷ୍ଟିସାଧନରେ ନିବେଶ ବର୍ତ୍ତମାନର ଏକ ଜରୁରି ଆବଶ୍ୟକତା।

ଏକାଧିକ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଅଭାବ କିମ୍ବା ଦୁର୍ବଳ ଉପଯୋଗକୁ ଅପପୁଷ୍ଟି ବୋଲି ବୁଝାଯାଏ। ଅପପୁଷ୍ଟି ବା ତା'ସମ୍ବନ୍ଧୀୟ ଯେକୌଣସି ସମସ୍ୟା, କେବଳ ଏକ ଜନସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ଅର୍ଥନୈତିକ, ସାମାଜିକ, ରାଜନୈତିକ ବା ଭୌଗୋଳିକ ସମସ୍ୟା ମଧ ଅଟେ। ଭାରତରେ ୫୪% ସ୍କୁଲ ପିଲା ପୁଷ୍ଟିହୀନତାର ଶିକାର। ପୁଷ୍ଟିହୀନତା ହେଉଛି ଶ୍ରେଣୀଗୃହରେ ଅସନ୍ତୋଷଜନକ ପ୍ରଦର୍ଶନର ମୁଖ୍ୟ କାରଣ ଏବଂ ଅନ୍ୟାନ୍ୟ ସମସ୍ୟା ଉତ୍ପତ୍ତିର କେନ୍ଦ୍ରବିନ୍ଦୁ। ଅନେକ ଅନୁଧ୍ୟାନରୁ ଜଣାପଡିଛି ଯେ ସ୍କୁଲ ଯାଉଥିବା ପିଲାଙ୍କ ମଧ୍ୟରେ, ଶ୍ରେଣୀରେ ଅଧିକ ଅନୁପସ୍ଥିତି, ସ୍କୁଲ ଓ ପାଠପଢ଼ା ଶୀଘ୍ର ବା ଅଧାରୁ ଛାଡ଼ିଦେବା ପଛରେ ଅପପୁଷ୍ଟି ଏକ ବିପଦ କାରକ। ସ୍ଥାୟୀ ବିକାଶ ଲକ୍ଷ୍ୟ ମଧ୍ୟରୁ ଗୋଟିଏ କାର୍ଯ୍ୟସୂଚୀ ହେଉଛି ସମାବେଶୀ, ନ୍ୟାୟସଂଗତ ଏବଂ ଗୁଣାତ୍ମକ ଶିକ୍ଷା। କୁପୋଷଣ ସହିତ, ଶିକ୍ଷାର ଗୁଣବତ୍ତାକୁ ବଜାୟ ରଖିବା ହେଉଛି ଭାରତ ଲାଗି ଏକ ବଡ଼ ଆହ୍ୱାନ। ସାର୍ବଜନୀନ ପ୍ରାଥମିକ ଶିକ୍ଷାର ପଞ୍ଜୀକରଣ ଦୃଷ୍ଟିରୁ ଭାରତର ପ୍ରଦର୍ଶନ ଭଲ ଥିଲେ ମଧ, ମାଧ୍ୟମିକ ଶିକ୍ଷା ସ୍ତରରେ ଛାତ୍ରଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ହାର ୧୨.୬% ଓ ଦଶମ ଶ୍ରେଣୀରେ ଡ୍ରପ୍‌ଆଉଟ୍ ହାର ୨୦.୬% ରହିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଅଧିକରୁ ଅଧିକ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଖରାପ ଶିକ୍ଷା ପ୍ରଦର୍ଶନ ବିଷୟରେ ଅଭିଯୋଗ କରିଛନ୍ତି। ଶିକ୍ଷକଙ୍କର ଅଭିଯୋଗ ଅନୁଯାୟୀ, ଶ୍ରେଣୀରେ ପଢ଼ାଉଥିବା ପାଠ ପିଲାମାନେ ସହଜରେ ବୁଝି ପାରୁନାହାନ୍ତି, ପାଠ ମନେ ରଖିପାରୁନାହାନ୍ତି, ବିଷୟବସ୍ତୁର ବିଶ୍ଳେଷଣ ବା ସମାଲୋଚନା କରିପାରୁନାହାନ୍ତି। ଯାହାଫଳରେ, ପିଲାଙ୍କର ପାଠ ପ୍ରତି ଆଗ୍ରହ କମି ଯାଉଛି ଓ କ୍ରମଶଃ ପିଲାମାନେ ପାଠପଢିବା ଅଧାରୁ ଛାଡ଼ି ଦେଉଛନ୍ତି। ଏହିସବୁ ସମସ୍ୟା ପଛରେ ନିମ୍ନ ଆଇ.କ୍ୟୁ ଓ ଶିକ୍ଷଣ ଅକ୍ଷମତା ଏକ କାରଣ। ଆୟୋଡିନ୍ ଅଭାବ ଯୋଗୁଁ ଆଇ.କ୍ୟୁ ହାରାହାରି ୧୩.୫ ପଏଣ୍ଟ ହ୍ରାସ ପାଇଥାଏ ଓ ଧ୍ୟାନରେ ଅଭାବ ଭଳି ସମସ୍ୟା ମଧ ହୋଇପାରେ। ପିଲାମାନଙ୍କ ଠାରେ ଥାଇରଏଡ୍ ଗ୍ରନ୍ଥି ଏବଂ କେନ୍ଦ୍ରୀୟ ସ୍ନାୟୁତନ୍ତ୍ରର ବିକାଶ ଏବଂ ସର୍ବୋତ୍ତମ କାର୍ଯ୍ୟ ପାଇଁ ଆୟୋଡିନ୍ ଏକ ଗୁରୁତ୍ୱପୂର୍ଣ୍ଣ ମାଇକ୍ରୋ ନ୍ୟୁଟ୍ରିଏଣ୍ଟ। ଆୟୋଡିନ୍ ଅଭାବଜନିତ ବ୍ୟାଧି ଭ୍ରୂଣ ଜୀବନରୁ ଆରମ୍ଭ କରି (ବନ୍ଧ୍ୟାତ୍ୱ, ଗର୍ଭପାତ, ମୃତ ପ୍ରସବ ଏବଂ ଶିଶୁ ମୃତ୍ୟହାର ଠାରୁ ଆରମ୍ଭ କରି) ବାଲ୍ୟକାଳ ପର୍ଯ୍ୟନ୍ତ(ନ୍ୟୁରୋକଗ୍ନିଟିଭ୍ ଅକ୍ଷମତା ଏବଂ ଶ୍ରବଣ ଏବଂ ବକ୍ତବ୍ୟ ଅକ୍ଷମତା) ଓ ବୟସ୍କ ଜୀବନରେ ବିସ୍ତାର ହେଉଥିବା ବ୍ୟାଧିଗୁଡ଼ିକର(ଇଣ୍ଡେମିକ ଗୋଇଟ୍ର ଓ ହାଇପୋଥାଇରଡ଼ିଜ୍‌ମ) ନିରନ୍ତରତାକୁ ଅନ୍ତର୍ଭୁକ୍ତ କରେ। ଅନେକ ଅଧ୍ୟୟନରୁ ଏହା ସ୍ପଷ୍ଟ ଯେ, ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସେମାନଙ୍କର ଶ୍ରେଣୀଗତ ପ୍ରଦର୍ଶନକୁ ପ୍ରଭାବିତ କରିଥାଏ, ହେଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖାଦେଉଥିବା ରକ୍ତହୀନତା ଏବଂ ବିଶେଷ କରି ଲୌହ ଅଭାବ ଜନିତ ରକ୍ତହୀନତା ସେମାନଙ୍କର ଶିକ୍ଷାଗ୍ରହଣ, ଶିକ୍ଷାଗତ ପ୍ରଦର୍ଶନୀ ଏବଂ ଉତ୍ପାଦକତା ଉପରେ ନକାରାତ୍ମକ ପ୍ରଭାବ ପକାଇ, ଶିକ୍ଷା ଆହରଣରେ ଏକ ବାଧକ ସାଜିଥାଏ। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଅନୁଯାୟୀ, ଭାରତରେ ୬୭.୧ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର। ଲୌହ ଅଭାବ ଜନିତ ରକ୍ତହୀନତା କାରଣରୁ ପିଲାମାନଙ୍କ ମଧ୍ୟରେ ସ୍ନାୟବିକ ଏବଂ ମାଂସପେଶୀ ବିକାଶରେ ବାଧା ସୃଷ୍ଟି ହୋଇଥାଏ। ଏହାର ପ୍ରଭାବ ଶୈଶବ ଏବଂ ପ୍ରାରମ୍ଭିକ ବାଲ୍ୟାବସ୍ଥାରେ ସବୁଠାରୁ ଗୁରୁତର ହୋଇଥାଏ। ଅବିକଶିତ ସୂକ୍ଷ୍ମ ମାଂସପେଶୀ ଭିତ୍ତିକ କୌଶଳ ଥିବା ପିଲାମାନେ ଲେଖିବା, କଇଁଚିରେ କାଟିବା ଏବଂ ପେନ୍‌ସିଲ, କଲମ ଭଳି ଉପକରଣ ବ୍ୟବହାର କରିବାରେ ସଂଘର୍ଷ କରନ୍ତି, ଯାହା ପିଲାଙ୍କର ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟ କରିବାରେ ଅସୁବିଧା, ହତାଶପଣ ଏବଂ ଆତ୍ମବିଶ୍ୱାସ ହ୍ରାସ କରିଥାଏ। ବୃହତ ମାଂସପେଶୀ ଭିତ୍ତିକ କୌଶଳରେ ବିଳମ୍ବ, ଶିଶୁର ଶାରୀରିକ କ୍ଷମତା, ଖେଳପଡ଼ିଆ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର କ୍ଷମତା ଉପରେ ପ୍ରଭାବ ପକାଇଥାଏ। ଏହି ସମସ୍ୟା ପିଲାଙ୍କ ମଧ୍ୟରେ ସାମାଜିକ ବିଚ୍ଛିନ୍ନତା, ଶାରୀରିକ ସୁସ୍ଥତା ହ୍ରାସ ଏବଂ ଆତ୍ମସମ୍ମାନ ହ୍ରାସ କରିପାରେ, ଯାହା ପରୋକ୍ଷ ଭାବରେ ସେମାନଙ୍କର ଶିକ୍ଷାଗତ ପ୍ରଦର୍ଶନକୁ ପ୍ରଭାବିତ କରେ। ଜନ୍ମ ବେଳୁ ବା ଗର୍ଭାବସ୍ଥାରୁ ଯେଉଁ ଶିଶୁମାନେ କମ୍ ଆଇରନ୍ ପାଇଥାନ୍ତି, ସେମାନେ ଆଇ.କ୍ୟୁ ପରୀକ୍ଷାରେ ଅପେକ୍ଷାକୃତ କମ୍ ସ୍କୋର କରନ୍ତି। ସୁସ୍ଥ ଛାତ୍ରମାନଙ୍କ ତୁଳନାରେ ଲୌହ ଅଭାବ ଜନିତ ପୁଷ୍ଟିହୀନତାର ଶିକାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୃହକାର୍ଯ୍ୟ, ସମ୍ବେଦନଶୀଳ କ୍ଷମତା, ଶାରୀରିକ କ୍ଷମତା, ଧ୍ୟାନ ଏବଂ ଏକାଗ୍ରତା, ଶିକ୍ଷଣ କ୍ଷମତା ଏବଂ ସ୍ମୃତି କ୍ଷମତା ଦୃଷ୍ଟିରୁ ପାର୍ଥକ୍ୟ ପରିଲକ୍ଷିତ ହୁଏ। ଲୌହ ଅଭାବ ପୁଷ୍ଟିହୀନତା ଦ୍ୱାରା ଶରୀରର ମସ୍ତିଷ୍କ ଏନଜାଇମ୍ ସର୍ବ ପ୍ରଥମେ ପ୍ରଭାବିତ ହୁଅନ୍ତି, ଯାହା ଆଚରଣ ଏବଂ ଜ୍ଞାନ ସହିତ ଜଡିତ। ଶୈଶବରେ ଲୌହ ଅଭାବର ପ୍ରଭାବ ଜୀବନର ପରବର୍ତ୍ତୀ ବର୍ଷଗୁଡ଼ିକରେ ରକ୍ତହୀନତା ଶାରୀରିକ, ବୌଦ୍ଧିକ ଏବଂ ଶିକ୍ଷାଗତ କାର୍ଯ୍ୟକଳାପ ଉପରେ ଅବାଞ୍ଛିତ ପ୍ରଭାବ ପକାଇଥାଏ। କେବଳ ସ୍କୁଲ ପିଲାଙ୍କ ମଧ୍ୟରେ ଦେଖାଦେଉଥିବା ପୁଷ୍ଟିହୀନତା ଯେ ଶିକ୍ଷାଗ୍ରହଣ ବା ସମ୍ପୂର୍ଣ୍ଣ ଶିକ୍ଷାବ୍ୟବସ୍ଥା ଲାଗି ବିପଦ, ତାହା ନୁହେଁ, ବରଂ ଗର୍ଭଧାରଣ କରିବା ପୂର୍ବରୁ ମହିଳାଙ୍କ ମଧ୍ୟରେ ବା ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ମଧ୍ୟରେ, ବା ମା'ହେବାକୁ ଥିବା ମହିଳାଙ୍କ ମଧ୍ୟରେ ଦେଖାଦେଉଥିବା ପୁଷ୍ଟିହୀନତା ମଧ ଶିକ୍ଷାକୁ ନିଜର ଶିକାର ବନାଉଛି। ଗର୍ଭାବସ୍ଥା ପୂର୍ବରୁ ହିଁ ଗର୍ଭାବସ୍ଥା ପାଇଁ ପର୍ଯ୍ୟାପ୍ତ ପୋଷଣ ଭଣ୍ଡାର ପ୍ରତିଷ୍ଠା କରିବା ଅତି ଆବଶ୍ୟକ, କାରଣ ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ପୋଷକ ତତ୍ତ୍ୱର ଆବଶ୍ୟକତା ଅଧିକରୁ ଅଧିକ ବୃଦ୍ଧି ପାଇଥାଏ, ଯାହା ମହିଳାମାନଙ୍କ ସ୍ୱାସ୍ଥ୍ୟ, ଗର୍ଭରେ ଥିବା ଭ୍ରୂଣ, ଓ ଜନ୍ମ ପରର ଶିଶୁ ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ, ମହିଳାମାନଙ୍କର ପୁଷ୍ଟିକର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଗର୍ଭାବସ୍ଥାରେ, ଆୟୋଡିନ୍, ଆଇରନ୍, ଫୋଲେଟ୍, କ୍ୟାଲ୍ସିଅମଏବଂ ଜିଙ୍କ୍ ପରି ପ୍ରମୁଖ ପୋଷକ ତତ୍ତ୍ୱର ଅଭାବ ଥିବା ଖାଦ୍ୟ ମା'ମାନଙ୍କରେ ରକ୍ତହୀନତା, ପ୍ରି-ଏକ୍ଲାମ୍ପସିଆ, ରକ୍ତସ୍ରାବ ଏବଂ ମୃତ୍ୟୁର କାରଣ ହେବା ସାଙ୍ଗରେ, ମୃତ ପ୍ରସବ, ଶିଶୁର କମ୍ ଜନ୍ମ ଓଜନ, ଏବଂ ପରବର୍ତ୍ତୀ କାଳରେ ପିଲାମାନଙ୍କ ବିକାଶରେ ବିଳମ୍ବ ହେବା ଭଳି ସମସ୍ୟା ମଧ ଘଟାଇପାରେ। ଗର୍ଭବତୀ ମା'ର ପୁଷ୍ଟିହୀନତା ଯୋଗୁଁ, ଗର୍ଭସ୍ଥ ଶିଶୁର ମସ୍ତିଷ୍କ ବିକାଶରେ ପ୍ରଭାବ ପଡିଥାଏ, ଫଳସ୍ୱରୂପ ଶିଶୁର ଜନ୍ମ ପରେ ମାନସିକ ପ୍ରକ୍ରିୟା ଗୁଡିକରେ ନୈରାଶ୍ୟ ବ୍ୟତିକ୍ରମ ଘଟିଥାଏ। ମା'ର ଖାଦ୍ୟ, ଓଜନ ଏବଂ ଜୀବନଶୈଳୀ ଶିଶୁର ପ୍ରତିରକ୍ଷା ପ୍ରଣାଳୀ, ଅଙ୍ଗ ବିକାଶ ଏବଂ ମେଟାବୋଲିଜିମ୍ ଉପରେ ପ୍ରଭାବ ପକାଇପାରେ, ଯାହା ଆଗକୁ ଯାଇ ପିଲାଙ୍କର ଶିକ୍ଷଣ କ୍ଷମତା ଉପରେ ମଧ ପ୍ରଭାବ ପକାଇଥାଏ।

ଏବେ ବଡ଼ ପ୍ରଶ୍ନ ଯେ, ଏହି ସମସ୍ୟା କିପରି ସମାଧାନ ହୋଇପାରିବ ? ମାନସିକ,ଶାରୀରିକ ଏବଂ ଆବେଗିକ ବିକାଶ ଦୃଷ୍ଟିରୁ ଜୀବନର ପ୍ରଥମ ତିନି ବର୍ଷ ଏବଂ ଗର୍ଭାବସ୍ଥା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ, ଯେବେ ପ୍ରକୃତ ମୌଳିକ ମାନବ ପୁଞ୍ଜି ଗଠନ ହୁଏ। ରକ୍ତହୀନତା, ଆୟୋଡିନ୍ ଅଭାବ ଏବଂ ଦୀର୍ଘସ୍ଥାୟୀ ଅପପୁଷ୍ଟି ହେତୁ ପ୍ରାରମ୍ଭିକ କ୍ଷତି ପରବର୍ତ୍ତୀ ଜୀବନରେ ଅପରିବର୍ତ୍ତିତ। ତେଣୁ, ପ୍ରତିଷେଧକ କାର୍ଯ୍ୟକ୍ରମଗୁଡ଼ିକୁ ଉଚ୍ଚ ପ୍ରାଥମିକତା ଦିଆଯିବା ଆବଶ୍ୟକ। ଜନ୍ମ ପରେ ଶିଶୁର ଶାରୀରିକ ଓ ମାନସିକ ବିକାଶକୁ ନିରୀକ୍ଷଣ କରିବା ଓ ଯଥା ପଦକ୍ଷେପ ନେବା ଜରୁରି। ଜୀବନର ପ୍ରଥମ ଦୁଇ ବର୍ଷରେ ପ୍ରିଭେଣ୍ଟିଭ୍ ପ୍ରୋଟିନ୍ ସପ୍ଲିମେଣ୍ଟେସନ୍ ଏବଂ ଆଇରନ୍ ସପ୍ଲିମେଣ୍ଟେସନ୍ ପରୀକ୍ଷା ୧୦ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କର ବୌଦ୍ଧିକ ବିକାଶ ପାଇଁ ଯଥେଷ୍ଟ ଲାଭ ଦାୟକ। ଖାଦ୍ୟ ଫୋର୍ଟିଫିକେସନ୍ କାର୍ଯ୍ୟକ୍ରମ ମାଇକ୍ରୋନ୍ୟୁଟ୍ରିଏଣ୍ଟ ଅଭାବକୁ ସମାଧାନ କରିବାରେ ଏକ ଶସ୍ତା ଏବଂ ପ୍ରଭାବଶାଳୀ ପ୍ରଣାଳୀ। କୃମି ଦୂରୀକରଣ, ଲୌହ ପରିପୂରକ କିମ୍ବା ଫୋର୍ଟିଫିକେସନ୍ କାର୍ଯ୍ୟକ୍ରମ ପିଲାମାନଙ୍କର ଶିକ୍ଷା ଆହରଣରେ ସହାୟକ ହୋଇପାରେ। ବିଦ୍ୟାଳୟରେ ପୁଷ୍ଟିକର ଖାଦ୍ୟ, ବିଶେଷକରି ସକାଳ ଜଳଖିଆ ଭୋକିଲା ପିଲାମାନଙ୍କୁ ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରିପାରେ। ଶିକ୍ଷାରେ ନିବେଶ ପାଇଁ ପ୍ରାରମ୍ଭିକ ବାଲ୍ୟକାଳ ହେଉଛି ସବୁଠାରୁ ବ୍ୟୟବହୁଳ ସମୟ। ଶିଶୁର ଦ୍ୱିତୀୟ ଜନ୍ମଦିନ ପୂର୍ବରୁ ପୁଷ୍ଟିହୀନତା ରୋକିବା ପାଇଁ ବ୍ୟାପକ ପ୍ରୟାସ କରାଯିବା ଉଚିତ, ଯାହା ଶିକ୍ଷା ଏବଂ ଆର୍ଥିକ ବିକାଶରେ ଏକ ପ୍ରାଥମିକ ନିବେଶ ଭାବେ ପରିଗଣିତ ହୋଇପାରିବ। ଯଦି ଅପପୁଷ୍ଟି ଯୋଗୁଁ ପିଲାଙ୍କର ବୌଦ୍ଧିକ କ୍ଷମତା ଏବଂ ଶାରୀରିକ କ୍ଷମତା ହ୍ରାସକୁ ରୋକା ଯାଇପାରନ୍ତା, ତେବେ ଶିକ୍ଷାର ବିକାଶରେ ନିବେଶ ଅଧିକ ପ୍ରଭାବଶାଳୀ ହୋଇପାରନ୍ତା।



କାକଟପୁର, (ଭାସ୍କର ନ୍ୟୁଜ): ଗତକାଲି ଭୋର ସମୟରେ କାକଟପୁର ଥାନା ପକ୍ଷରୁ ପେଟ୍ରୋଲିଂ କରାଯାଉଥିବା ସମୟରେ ତିନି ଜଣ ଯୁବକ ଶିବ ପ୍ରସାଦ ପରିଡା (ଟିଙ୍କୁ ୨୩), ପିତା-ମନୋଜପରିଡା,ଗ୍ରାମ-ଦହିଖିଆ, ଥାନା-କାକଟପୁର, ଦୁଷ୍ମନ୍ତ ସାହୁ (ଗୁଡୁ-୩୦), ପିତା-ରବୀନ୍ଦ୍ର କୁମାର ସାହୁ, ଗ୍ରାମ-ନୀଳକଣ୍ଠପୁର, ଥାନା-କାକଟପୁର, ଆଶୀଷ କୁମାର ଖୁଣ୍ଟିଆ (ଗୁଗୁଲି-୨୭), ପିତା-ଭଗବାନ ଖୁଣ୍ଟିଆ, ଗ୍ରାମ-ନୀଳକଣ୍ଠପୁର, ଥାନା-କାକଟପୁର, ଜିଲ୍ଲା-ପୁରୀ ସମସ୍ତେ ମିଶି ହାତରେ ଗୋଟିଏ ଗୋଟିଏ ମାରଣାସ୍ତ୍ର ଲୁହାରଡ, ଭୁଜାଲି ଇତ୍ୟାଦି ଧରି କାକଟପୁର ବ୍ଲକ ଛକ ନିକଟରେ ମେନ ରୋଡରେ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଡରାଇ ଧମକାଇ ଗାଳି ଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇ ଆତଙ୍କ ଖେଳାଇ ଜୋର ଜବରଦସ୍ତ ଲୋକମାନଙ୍କ ଠାରୁ ଦାଦାବଟି ଆଦାୟ କରୁଥିଲେ। ଏହି ଖବର ପାଇ ପୋଲିସ ସେଠାକୁ ଯାଇ ସେମାନଙ୍କୁ କାବୁ କରିଥିଲା। ପୋଲିସ ସେମାନଙ୍କ ବ୍ୟକ୍ତିଗତ ତଲାସି କରିବାରୁ ସେମାନଙ୍କ ନିକଟରୁ ଗୋଟିଏ ଭୁଜାଲି ଓ ଦୁଇଟି ଲୁହା ରଡ, ପ୍ୟାଣ୍ଟ ପକେଟରୁ ସମୁଦାୟ ୪୫୦ଟଙ୍କା ଯାହାକି ସାକ୍ଷୀମାନଙ୍କ ଉପସ୍ଥିତିରେ ଜବତ କରାଯାଇଛି। ଏ ସଂକ୍ରାନ୍ତରେ କାକଟପୁର ଥାନାରେ ପୋଲିସ ତରଫରୁ ମାମଲା ରୁଜୁ କରାଯାଇ ଉପରୋକ୍ତ ତିନିଜଣ ଆସାମୀଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଅଛି। ଏହାର ଅଧିକ ତଦନ୍ତ ଚାଲୁରହିଛି ବୋଲି ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଥାଉକି ଏ ସମସ୍ତ ଅଭିଯୁକ୍ତଙ୍କ ନାମରେ ଆଗରୁ ଅନେକ ଅପରାଧିକ ମାମଲା ଚାଲୁ ରହିଛି।

# ବିଞ୍ଝାରପୁରକୁ ଏନ୍‌ଏସି ମାନ୍ୟତା ଦାବିରେ ବିଜେଡ଼ିର ବିକ୍ଷୋଭ



ବିଞ୍ଝାରପୁର, (ଭାସ୍କର ନ୍ୟୁଜ): ବିଂଝାରପୁରକୁ ଏନଏସି ମାନ୍ୟତା ଦେବାକୁ ବିଜେଡ଼ି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛି। ଦାବି ପୂରଣ ନହେଲେ ଏହି ଆନ୍ଦୋଳନ ରାଜଧାନୀ ପର୍ଯ୍ୟନ୍ତ ଚାଲିବ ବୋଲି ଖୋଦ୍ ପ୍ରମିଳା ମଲ୍ଲିକ ସରକାରଙ୍କୁ ଚେତେଇଛନ୍ତି। ବିଞ୍ଝାରପୁର ବ୍ଲକ ବିଜେଡ଼ି ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବର ଜିଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ବରିଷ୍ଠ ନେତା ରାମ ଚନ୍ଦ୍ର ବେହେରା, ବିଜୁ ଜନତା ଦଳ ଯୁବ ମୋର୍ଚ୍ଚା ସଭାପତି ଦିଲ୍ଲିପ କୁମାର ରାଉଳ, ସରପଞ୍ଚ ପ୍ରତିନିଧି ରଞ୍ଜନ ଜେନା, ଶ୍ୟାମସୁନ୍ଦର ବେହେରା, ସ୍ୱାଧୀନ ଦାଶ, ଜରୀ ପଞ୍ଚାୟତ ସଭାପତି ଉମା ଦାସ, ରାଜେନ୍ଦ୍ର ସାମଲ, ସୁବ୍ରତ ସାମଲ, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ନିନା ରାଣୀ ସାମଲଙ୍କ ସମେତ ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ବହୁ ବିଜେଡ଼ି କର୍ମୀ, ନେତା ଆଜିର ପ୍ରତିବାଦ ଓ ବିକ୍ଷୋଭ ରେ ଯୋଗ ଦେଇଥିଲେ। ୨୪ବର୍ଷ ଶାସନରେ ଥାଇ ବିଞ୍ଝାରପୁରକୁ ଏନ୍‌ଏସି ମାନ୍ୟତା ଦେଲ ନାହିଁ। ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛ। ବିକ୍ଷୋଭରେ ବିଂଝାରପୁର ନିର୍ବାଚନ ମଣ୍ଡଳୀରୁ ଲୋକ ଆଣି ଶକ୍ତି ପ୍ରଦର୍ଶନ କଲ। ମାତ୍ର ବିକ୍ଷୋଭରେ ବିଂଝାରପୁର ବାସିନ୍ଦାଙ୍କ ଭାଗିଦାରୀ ନଗଣ୍ୟ ଥିଲା। ବିଜେଡ଼ି ତଥା ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ବେଳେ ସଂଗଠନକୁ ଘସି ମାଜି ସଶକ୍ତ କରିବା ପାଇଁ ଏନ୍‌ଏସି ଦାବି ନାଁରେ ଏହି ବିକ୍ଷୋଭ ଶକ୍ତି ପ୍ରଦର୍ଶନ ବୋଲି କୁହାଯାଉଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳାଙ୍କ ବିଞ୍ଝାରପୁର ବାସୀଙ୍କୁ ଭୁଆଁ ବୁଲେଇବାର ଏହା ନିଛକ ଦୃଷ୍ଟାନ୍ତ ବୋଲି ଲୋକେ କହି ସମାଲୋଚନା କରୁଛନ୍ତି। ବିଞ୍ଝାରପୁର ଏନ୍‌ଏସି ଘୋଷଣା ନହେବା ପଛରେ ପ୍ରମିଳାଙ୍କ ଇଚ୍ଛାଶକ୍ତିର ଅଭାବ ଓ ପୂର୍ବ ସରକାରଙ୍କ ଆନ୍ତରିକତାର ଅଭାବ ଥିଲା ବୋଲି ଲୋକେ କହିଛନ୍ତି। ଆଗାମୀ ଦିନରେ ବିଞ୍ଝାରପୁର ବାସୀଙ୍କ ନ୍ୟାର୍ଯ୍ୟ ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ ଓ ଏହା ଏନ୍‌ଏସି ମାନ୍ୟତା ପାଇବ ବୋଲି ପୂର୍ବତନ ସରପଞ୍ଚ ଅବଦୁଲ୍ କଦିର ଖାଁ କହିଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ଏନ୍‌ଏସି ପାଇଁ ବିଞ୍ଝାରପୁର ବାସୀ ଆନ୍ଦୋଳନ ପାଇଁ ଏକଜୁଟ ହେବେ ଓ ସେମାନଙ୍କ ଦାବି ହାସଲ କରିବେ। ଲୋକଙ୍କ ସରକାରରେ ଲୋକଙ୍କ ସମସ୍ୟା, ସ୍ୱରକୁ କେହି ଅଟକାଇ ପାରିବେନି ବୋଲି କାଦିର ଓ ଅନ୍ୟମାନେ କହିଛନ୍ତି।

# ବେଆଇନ ପାର୍କିଂ କଟକଣା



ପାରାଦୀପ, (ଭାସ୍କର ନ୍ୟୁଜ୍): ଦୀର୍ଘଦିନ ହେବ ପାରାଦୀପ ବନ୍ଦର ପ୍ରବେଶ ପଥ ଅଠରବାଙ୍କି ଠାରୁ ଦୋଛକି ପର୍ଯ୍ୟନ୍ତ ଜାତୀୟ। ରାଜ୍ୟ ରାଜପଥ କଡରେ ଦୀର୍ଘ ସମୟ ଧରି ଭାରୀଯାନ ଗୁଡିକର ବେଆଇନ ପାର୍କିଙ୍ଗ ଯୋଗୁଁ ରାସ୍ତା ସଙ୍କୁଚିତ ହୋଇ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଅନେକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟିଲାଣି। ସେହିପରି ବନ୍ଦରାଞ୍ଚଳ, ସହରର ବିଭିନ୍ନ ମୁଖ୍ୟ ରାସ୍ତା, ଆଦର୍ଶ ଥାନା ସମ୍ମୁଖ ରାସ୍ତା, ବସଷ୍ଟାଣ୍ଡ ଛକ ଏବଂ ହନୁମାନ ମନ୍ଦିର ଓ ମେରାଇନ ଡ୍ରାଇଭ ରାସ୍ତା କଡରେ ଦୀର୍ଘଦିନ ଧରି ଭାରୀଯାନ ଏବଂ ଟ୍ରକ ବେନିୟନ ଭାବେ ପାର୍କିଙ୍ଗ କରି ରଖୁଥିବା ଯୋଗୁଁ ସାଧାରଣରେ ଯିବା ଆସିବା କଷ୍ଟସାଧ ହେବା ସହ ଦୁର୍ଘଟଣାମାନ ବୃଦ୍ଧି ପାଇବାରେ ଲାଗିରହିଛି। ସେହିପରି ସବୁବେଳେ ଟ୍ରାଫିକ ଜାମ ଲାଗିରହିବା ସହ ଟ୍ରାଫିକ ବ୍ୟବସ୍ଥା ବେନିୟନ୍ତ୍ରିତ ହୋଇପଡି ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି। ଏହା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଥିବା ବେଳେ ରାସ୍ତା କଡରେ ଭାରୀଯାନ ପାର୍କିଂ ଉପରେ ଏବେ ପାରାଦୀପ ବନ୍ଦର ପ୍ରଶାସନ କଟକଣା ଲଗାଇ ଆର୍ଥିକ ଜୋରିମାନା ପାଇଁ ନିର୍ଦ୍ଦେଶନାମା ଜାରି କରିଛି। ତେବେ ଟ୍ରକ ଓ ଭାରୀଯାନ ଗାଡିର ମାଲିକ ମାନେ ପାର୍କିଂ ୟାର୍ଡ଼ର ସୁବିଧା ନଥିବା ଦର୍ଶାଇ ପାରାଦୀପ ବନ୍ଦରର ଏହି ଆର୍ଥିକ ଜୋରିମାନା ନିର୍ଦ୍ଦେଶନାମାକୁ ବିରୋଧ କରିଛନ୍ତି। ଯଦିଓ ଗାଡିମାଲିକଙ୍କ ଦାବି ଯୁକ୍ତିଯୁକ୍ତ କିନ୍ତୁ ନିଜ ବ୍ୟକ୍ତିଗତ ବ୍ୟବସାୟ ଓ ସ୍ୱାର୍ଥ ସୁବିଧା ପାଇଁ ରାସ୍ତା ଉପରେ ବେଆଇନ ଭାବେ ଗାଡି ପାର୍କିଂ କରି ସାଧାରଣ ଜୀବନଯାତ୍ରାକୁ ବ୍ୟାଘାତ କରିବାର ସେମାନଙ୍କର ଅଧିକାର ନାହିଁ ବୋଲି ବହୁ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିବା ସହ ନିଜ ବ୍ୟବସ୍ଥାରେ ସେମାନଙ୍କ ଗାଡିଗୁଡିକୁ ରଖିବାକୁ ପରାମର୍ଶ ଦେଇଛନ୍ତି। ତେବେ ପାରାଦୀପ ବନ୍ଦରର କଟକଣା ଓ ଟ୍ରକ ମାଲିକଙ୍କ ବିରୋଧ ଘଟଣାକୁ ନେଇ ଏବେ ଏଣୁ ମାଇଲେ ଗୋହତ୍ୟା ତେଣୁ ମାଇଲେ ବ୍ରହ୍ମହତ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯାହା ସାଧାରଣରେ ବେସ ଚର୍ଚ୍ଚା ହେଉଛି।

## ଦୁର୍ଘଟଣାରେ ସିକ୍ୟୁରିଟି ଗାର୍ଡ଼ ମୃତ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ କୁଆମାଙ୍ଗା ଗୋଠିଣା ଗ୍ରାମର ଅରୁଣ କୁମାର ନାୟକ (୫୮)ଙ୍କ ସୁଦୂର ଗୁଜୁରାଟରେ ଏକ ଗାଡି ଧକ୍କାରେ ମୃତ୍ୟୁ ହୋଇଛି। ସେ ଦୀର୍ଘ ୨୫ ବର୍ଷ ହେବ ଗୁଜୁରାଟରେ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ମଙ୍ଗଳାବାର କମ୍ପାନୀ ଗେଟରେ ଡିୟୁଟି କରୁଥିବା ସମୟରେ ପଛରୁ ଏକ ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଆରୁଣଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ପାଇ ଅରୁଣଙ୍କ ପତ୍ନୀ ଓ ଏକମାତ୍ର ପୁତ୍ର ଗୁଜୁରାଟରେ ପହଂଚି ତାଙ୍କର ସବ ସତ୍କାର କରିଛନ୍ତି। ଅରୁଣଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ତାଙ୍କର ବିଧବା ପତ୍ନୀ ଓ ବାପ ଛେଉଣ୍ଡ ପୁଅକୁ ସରକାରୀ ସାହାଯତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବାଫ୍ଲିମାଳି ଖଣି ପକ୍ଷରୁ ରକ୍ତଦାନ ଶିବିର




କାଶୀପୁର, (ଭାସ୍କର ନ୍ୟୁଜ୍): ରକ୍ତଦାନ, ମହତ ଦାନ। ରକ୍ତ ଦାନ କରି ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ, ବାଫ୍ଲିମାଳି ଖଣି ଓ ଜିଲ୍ଲା ରକ୍ତ କେନ୍ଦ୍ର ତରଫରୁ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିଲା। ଶିବିରରେ ବାଫ୍ଲିମାଳୀ ଖଣି ମୁଖ୍ୟ ବିଜୟ ଚୌହାନ ଉପସ୍ଥିତ ରହି ରକ୍ତଦାନ କରିବା ସହ ସହଯୋଗୀ କର୍ମଚାରୀଙ୍କୁ ମଧ୍ୟ ରକ୍ତଦାନ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ପରେ ଉଦବୋଧନ ଦେଇ ଚୌହାନ କହିଛନ୍ତି ଯେ, ରକ୍ତ ଅଭାବରୁ ଯେପରି କୌଣସି ବ୍ୟକ୍ତିଙ୍କ ଜିବନହାନି ନହୁଏ ସେଥିପାଇଁ ଦାୟିତ୍ୱବାନ ନାଗରିକ ଭାବେ ସମସ୍ତେ ଯତ୍ନବାନ ହେବା। ରକ୍ତଦାନ କରି ଲୋକଙ୍କୁ ନୂତନ ଜୀବନ ଦେବା ସହିତ ଏହି ମହତ କାର୍ଯ୍ୟରେ ଉତ୍ସାହ ସହକାରେ ଯୋଗଦାନ କରିବାକୁ ଚୌହାନ ପରାମର୍ଶ ଦେଇଥିଲେ। ଉତ୍କଳ ଆଲୁମିନା ସିଏସଆର୍ ଜରିଆରେ ସବୁବେଳେ ସମାଜ ମଙ୍ଗଳ କାର୍ଯ୍ୟରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି। ପ୍ରଭାବିତ ଓ ପର୍ଶ୍ୱସ୍ଥ ଗ୍ରାମାଞ୍ଚଳରେ ଲୋକଙ୍କ କୌଶଳ ଭିତ୍ତିକ ଜୀବିକା ପ୍ରଦାନ, ସାମାଜିକ ତଥା ଅର୍ଥନୈତିକ ଉନ୍ନତୀକରଣ ପାଇଁ ସର୍ବଦା ପ୍ରଚେଷ୍ଟା ଜାରି ରହିଛି। ଏହି କ୍ରମରେ କମ୍ପାନୀ ତରଫରୁ ରକ୍ତ ଅଭାବରୁ ଯେପରି କାହାର ପ୍ରାଣହାନୀ ନହୁଏ ଏଥିପାଇଁ ପଦକ୍ଷେପ ସ୍ୱରପ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଉକ୍ତ ରକ୍ତଦାନ ଶିବିରରେ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣିରେ କାର୍ଯ୍ୟରତ କର୍ମଚାରୀ ଓ ସହଯୋଗୀ କମ୍ପାନୀର କର୍ମକର୍ତ୍ତା ମାନେ ଆଗ୍ରହ ସହକାରେ ରକ୍ତଦାନ କରିଥିଲେ। ଶିବିରରେ କାଶୀପୁର ଥାନାଧିକାରୀ ଦେବ୍ ମଲ୍ଲିକ, ଏସଆଇ ପ୍ରଶାନ୍ତ ସ୍ୱାଇଁ, ଅଣ୍ଡିରାକଞ୍ଚ ଏସଆଇ ଅରୁଣ ପାତ୍ରଙ୍କ ସମେତ ଉତ୍କଳ ଆଲୁମିନା ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଖଣି ସିଏସଆର ମୁଖ୍ୟ ମନୋଜ ଦାଶ, ସୁଶାନ୍ତ ଧଳ, ବିନୋଦ ପୂଜାରୀ, ରୁପେନ୍ ପଟ୍ଟନାକ, ଦିଗନ୍ତ ମହାନ୍ତି, ସଞ୍ଜୀବ ମହାନ୍ତି, ଦିଲୀପ ନାଏକ, ଦେବୀ ପ୍ରିୟା, ନିରୁପମା ବାରିକ, ସସ୍ମିତା ଖୋସଲା, ସୁଧୀର ନାଏକଙ୍କ ସମେତ ଅନ୍ୟ ସିଏସଆର ଓ ଖଣି ବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ ରକ୍ତଦାନ ଶିବିରରେ ୭୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି।

# ସମତୁଲ ବିକାଶ ପାଇଁ ଆଞ୍ଚଳିକ ବିକାଶ ମଞ୍ଚର ଦାବି

ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ସଦରମହକୁମା ସଂଲଗ୍ନ ୧. ଆଳିପିଙ୍ଗଳ ଠାରୁ ଅଡଶପୁର, ୨.ଆଳିପିଙ୍ଗଳ ଠାରୁ ନିଆଳି ଭାୟା ବିଳାଶୁଣି, ୩..ଆଳିପିଙ୍ଗଳ ଠାରୁ ଚାରିଛକ ଭାୟା କଲାଖ, ପହଙ୍ଗା, ତାଂପେଡା, ମାଧବ, ଚନ୍ଦ୍ରମଉଳି ରାସ୍ତା, ୪.ନୀଳମଣି ସରଣୀ (ସଳେଇ-ବାହରଣା-ନିଆଳି,)ରାସ୍ତା, ୫.ବିଳାଶୁଣି ପୋଲଠାରୁ ଶଗଡ଼ାଇଲୋ ନଦୀବନ୍ଧ-ଗରପଡା-କଟିକାଟା-ସିଠାଳ ପୋଲକୁ ସଂଯୁକ୍ତ ରାସ୍ତାଗୁଡିକୁ ଦୁଇଲେନ୍ ବିଶିଷ୍ଟ କରିବା ପାଇଁ ଉପକୂଳ ଓଡିଶା ବିକାଶ ପରିଷଦ ତରଫରୁ ୨୦୧୮ରୁ ନିଆଳି ବିକାଶ ମଞ୍ଚ ଅନେକବାର ଦାବି କରିଛି। ସମସ୍ତ ରାସ୍ତାଗୁଡିକୁ ରାଜ୍ୟରାଜପଥ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ନିବେଦନ କରାଯାଇଛି। ପ୍ରତ୍ୟକ ଦାବ ଦରଖାସ୍ତ, ତହସିଲଦାର, ନିଆଳି ଓ ଜିଲ୍ଲାପାଳ ଜଗତସିଂହପୁରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ବର୍ତ୍ତମାନ ଏହି ରାସ୍ତାଗୁଡିକ ଅଣ ଓସାରିଆ ଅଛି। ସବୁ ରାସ୍ତାରେ, ଦୁଇଟି ଚାରିଚକିଆ ଯାନ ପରସ୍ପରକୁ ଅତିକ୍ରମ କରିବାକୁ ବହୁତ ଅସୁବିଧା ହେଉଛି, ଫଳରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତାଗୁଡିକୁ ଦୁଇଲେନ କରିବାପାଇଁ ଆସନ୍ତା ବଜେଟରେ ପାଣ୍ଠିର ବରାଦ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଗତସିଂହପୁରର ବରିଷ୍ଠ ସାମ୍ବାଦିକ ତଥା ଏସ୍‌ୟୁଜେର କର୍ମକର୍ତ୍ତା ତପନ ରାଉତରାୟ, ଜ୍ୟୋତି ରଞ୍ଜନ ପରିଡା, ସରୋଜ ନାୟକ ନିଆଳି ଆଞ୍ଚଳିକ ବିକାଶ ମଞ୍ଚ ତରଫରୁ ବିଦ୍ୟାଧର ରାଉତ, ବସନ୍ତ ସାହୁ ବିପିନ ବାରିକ ପ୍ରଦୀପ୍ତ ସ୍ୱାଇଁ, ଅନିରୁଦ୍ଧ ମଲ୍ଲିକ, କାଳନ୍ଦୀ ପ୍ରଧାନ, ଯୋଗେନ୍ଦ୍ର ଦାସ ବିକାଶ ସେନାପତ ପ୍ରମୁଖ ନିବେଦନ କରିଛନ୍ତି।

# ସ୍ମାର୍ଟମିଟର ସମ୍ପର୍କିତ ଦ୍ୱନ୍ଦ ଦୂରକରୁଛି ଟିପିଏନ୍‌ଓଡ଼ିଏଲ୍ ଗ୍ରାହକ ସେବା କେନ୍ଦ୍ର




ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଏବଂ ସେମାନଙ୍କ ମଧ୍ୟରେ ସେବା ସମ୍ପର୍କିତ କୌଣସି ଦ୍ୱନ୍ଦ୍ୱ ଥିଲେ ଏହାକୁ ଦୂର କରିବା ପାଇଁ ଟିପିଏନ୍‌ଓଡ଼ିଏଲ୍ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ବିଶେଷତଃ ଉପଭୋକ୍ତାଙ୍କ ମଧ୍ୟରେ ସ୍ମାର୍ଟ ମିଟରକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିବାକୁ ଟିପିଏନ୍‌ଓଡ଼ିଏଲ୍ ଅଗ୍ରାଧିକାର ଦେଇଛି। ଉପଭୋକ୍ତାଙ୍କ ମଧ୍ୟରେ ସ୍ମାର୍ଟ ମିଟର ସମ୍ପର୍କିତ ସଚେତନତା ସୃଷ୍ଟି କରିବା ତଥା ଏ ନେଇ ସେମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଟିପିଏନ୍‌ଓଡିଏଲ୍‌ର ପ୍ରତ୍ୟେକ ଗ୍ରାହକ ସେବା କେନ୍ଦ୍ରରେ ସ୍ମାର୍ଟ ମିଟର ଓ ସାଧାରଣ ବୈଦ୍ୟୁତିକ ମିଟର ସ୍ଥାପନ କରାଯାଇଛି। ଦୁଇଟି ମିଟରକୁ ସମାନ ବୈଦ୍ୟୁତିକ ଲୋଡ୍ ପ୍ରଦାନ କରାଯାଇ ସ୍ମାର୍ଟ ମିଟର ସମ୍ପର୍କିତ ଦ୍ୱନ୍ଦ୍ୱକୁ ଉପସ୍ଥିତ ଗ୍ରାହକ ସେବା ଅଧିକାରୀ ଦୂର କରିବାରେ ସହାୟତା କରୁଛନ୍ତି। ଟିପିଏନ୍‌ଓଡିଏଲ୍‌ର ବର୍ତ୍ତମାନ ୧୬ଟି ଡିଭିଜନ ଅଞ୍ଚଳରେ ଥିବା ଗ୍ରାହକ ସେବା କେନ୍ଦ୍ରରେ ଏହି ବ୍ୟବସ୍ଥା ଉପଲବ୍ଧ ରହିଛି। ବାଲେଶ୍ୱରରେ ଥିବା ୫ଟି ଗ୍ରାହକ ସେବା କେନ୍ଦ୍ର, ଭଦ୍ରକରେ ୨ଟି, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ୩ଟି ଲେଖାଏଁ ଗ୍ରାହକ ସେବା କେନ୍ଦ୍ରରେ ଏହି ସୁବିଧା କରାଯାଇଛି। ଯାହାକି ଉପଭୋକ୍ତା ମାନଙ୍କ ସ୍ମାର୍ଟ ମିଟର ସମ୍ପର୍କିତ ସମାସ୍ୟା ଦୂର କରିବାରେ ସହାୟକ ହେଉଛି। ସୂଚନା ଥାଉକି, ଉପଭୋକ୍ତା ବିଶ୍ୱସନୀୟତା ଓ ସେବାରେ ଉନ୍ନତି ଓ ଉତ୍କର୍ଷ ଆଣିବା ଦିଗରେ ଏକ ମାଇଲଖୁଣ୍ଟ ସ୍ୱରୂପ ଥିବା ମିଟର ପରୀକ୍ଷଣ ଲ୍ୟାବକୁ ସମ୍ମାନଜନକ ନ୍ୟାସନାଲ୍ ଆକ୍ରିଡେସନ୍ ବୋର୍ଡ ଅଫ୍ ଟେଷ୍ଟିଂ ଆଣ୍ଡ୍ କାଲିବ୍ରେସନ୍ ଲାବୋରେଟୋରିଜ୍ (ଏନ୍‌ଏବିଏଲ୍) ମାନ୍ୟତା ପ୍ରଦାନ କରାଯାଇଛି। ଏନ୍‌ଏବିଏଲ୍‌ର ଏହି ମାନ୍ୟତା ହେଉଛି ଲ୍ୟାବର ବୈଷୟିକ ଦକ୍ଷତା, ଆନ୍ତର୍ଜାତିକ ମାନ ପୂରଣ କରିବା ଏବଂ ସଠିକ୍ ଓ ଭରସାଯୋଗ୍ୟ ପରୀକ୍ଷଣ ଫଳାଫଳ ପ୍ରଦାନ କରିବାର ଏକ ପ୍ରମାଣ। ଏହା ଦ୍ୱାରା ଉତ୍ତର ଓଡ଼ିଶାର ଉପଭୋକ୍ତାମାନେ ବେଶ୍ ଉପକୃତ ହେବେ।

# ଡକାୟତି ଉଦ୍ୟମ କରି ୩ ଗିରଫ, ବନ୍ଧୁକ ଓ ଚୋରି ସାମଗ୍ରୀ ଜବତ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଚାରିଛକ ଥାନା ଅଞ୍ଚଳରେ ଅନ୍ତଃରାଜ୍ୟ ଡ଼କାୟତ ଆତଙ୍କ ସୃଷ୍ଟି କରିଥିବା ବେଳେ ରାତ୍ର ସମୟରେ ବିଭିନ୍ନ ମନ୍ଦିରରୁ ଚୋରୀ ଓ ଲୁଟ୍‌ପାଟ କରିବା ଘଟଣାକୁ ନେଇ ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏହି ଡ଼କାୟତ ମାନଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇ ଥିବା ବେଳେ ପୋଲିସ ପଞ୍ଝାରେ ୩ ଜଣ ଡ଼କାୟତ ପଡ଼ିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଚାରିଛକ ଥାନା ଅଂଚଳରେ ଡ଼କାୟତି ପାଇଁ ଉଦ୍ୟମ କରୁଥିବା ବେଳେ ୩ ଜଣ ଡ଼କାୟତଙ୍କୁ ପୋଲିସ ଧରି ବୁଧବାର କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି। ନିମାପଡ଼ା ଥାନା ଅନ୍ତର୍ଗତ ଛବାଟିଆ ଗ୍ରାମ ନିକଟ ଏକ ନିଛାଟିଆ ସ୍ଥାନରେ କେତେକ ଯୁବକ ଡ଼କାୟତି ପାଇଁ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ପୋଲିସ, ଗୋପ ପୋଲିସ ଓ ଚାରିଛକ ପୋଲିସ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ଉ କରି ୩ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ମନ୍ଦିରରୁ ଚୋରୀ ଯାଇଥିବା ବିଭିନ୍ନ ସାମଗ୍ରୀ ଓ ନଗଦ କିଛି ଟଙ୍କା ଜବତ କରିଛି। ଗତ ଅଗଷ୍ଟ ୩୦ ତାରିଖ ଦିନ ଚାରିଖ ନିକଟସ୍ଥ ବ୍ରହ୍ମକୁଣ୍ଡି ଗ୍ରାମର ବ୍ରହ୍ମେଶ୍ୱରଙ୍କ ମନ୍ଦିରରୁ ଚୋରୀ ଯାଇଥିବା ନେଇ ମନ୍ଦିର କମିଟି ସଭାପତି ଚକ୍ରଧର ସା ଚାରିଛକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଚାରିଛକ ପୋଲିସ ସେହିଦିନ ଠାରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଧରା ପଡ଼ିଥିବା ଅଭିଯୁକ୍ତମାନେ ମନ୍ଦିରରୁ ଚୋରୀ କରିଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ବୁଧବାର ଅପରାହ୍ନରେ ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ ଏକ ସାମ୍ବାଦିକ ସମ୍ମିଳନୀ କରି ଉକ୍ତ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଫତେଗଡ଼ ଥାନା ଅଞ୍ଚଳର ସଞ୍ଜୟ ପାତ୍ର, ଜଗତସିଂହପୁର ଏରସମା ଥାନା ଅଞ୍ଚଳର ସତ୍ୟ ପ୍ରକାଶ ସ୍ୱାଇଁ ଓ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳର ଗୋବିନ୍ଦ କୁମାର ଉପାଧ୍ୟାୟ ପୋଲିସ ଜାଣିବାକୁ ପାଇଛି। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

# ସ୍ତ୍ରୀ'ଙ୍କୁ ସନ୍ଦେହ କରି ଶିକ୍ଷୟିତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇଲେ ସ୍ୱାମୀ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ଚାଞ୍ଚଲ୍ୟ। ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅନୈତିକ ସମ୍ପର୍କକୁ ସନ୍ଦେହ କରି ଶିକ୍ଷୟିତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ରାସ୍ତାରେ ଉଲ୍ଲଂଘ୍ନ କରି ଚଲାଇଲେ ଶିକ୍ଷୟିତ୍ରୀଙ୍କ ଅଧ୍ୟାପକ ସ୍ୱାମୀ। ଯାହାକୁ ନେଇ ଏହି ଘଟଣା ନିମାପଡ଼ା ସମେତ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଶିକ୍ଷୟିତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ରାସ୍ତାରେ ଚଲାଇବା ଅଧ୍ୟାପକ ସ୍ୱାମୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ପୋଲିସ ସଂଗୀନ୍ ଦଫାରେ ମାମଲା ରୁଜୁ କରି ସ୍ୱାମୀ ଓ ତାଙ୍କ ସମ୍ପର୍କୀୟଙ୍କୁ କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ପରେ ଦୁଇ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି। ଏହି ଘଟଣା ସୋସିଆଲ୍ ମିଡ଼ିଆରେ ଘୁରି ବୁଲୁଥିବା ବେଳେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କର ଏପରି କାରନାମା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ଛାତ୍ରଛାତ୍ରୀମାନେ ଏମାନଙ୍କ ଠାରୁ କ'ଣ ଶିକ୍ଷା ପାଇବେ ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ପ୍ରଶାସନ ଏପରି ଘଟଣା ଜାଣି ମଧ୍ୟ କ'ଣ ପାଇଁ ନୀରବ ରହିଛି ତାହା ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା କାକଟପୁର ଥାନା ପାଟସୁନ୍ଦରପୁର ଗ୍ରାମର ଅଧ୍ୟାପକ ଗିରିଧାରୀ ଖଟୁଆ ତାଙ୍କ ପତ୍ନୀ ଓ ପୁଅକୁ ନେଇ ନିମାପଡ଼ା ଅମଲାପଡ଼ାରେ ଘରଭଡ଼ା ନେଇ ରହୁଥିଲେ। ଅଧ୍ୟାପକ ନାଉଗାଁ ଅଞ୍ଚଳର ଏକ କଲେଜରେ ଅଧ୍ୟାପକ ଥିବା ବେଳେ ତାଙ୍କର ପତ୍ନୀ କଟକ ଜିଲ୍ଲା ନିଆଳି ଥାନା ନିଭରଣ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। କାକଟପୁର ଥାନା ରାଇସି ପାଟପୁର ଗ୍ରାମର ବିଷ୍ଣୁ ଚରଣ ମହାନ୍ତି କାକଟପୁର ପଦ୍ମପୋଖରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ (ସିଆରସି) ଥାଇ ଶିକ୍ଷୟିତ୍ରୀଙ୍କ ଘରକୁ ଯାତାୟତ କରନ୍ତି। ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ଶିକ୍ଷକ ବିଷ୍ଣୁ ଚରଣ ମହାନ୍ତି ଅଧ୍ୟାପକ ଗିରିଧାରୀ ଖଟୁଆଙ୍କ ଘରକୁ ଯାଇ ଏକାନ୍ତରେ ଅନ୍ତରଙ୍ଗ ସମୟ ଶିକ୍ଷୟିତ୍ରୀଙ୍କ ସହିତ ବିତାଉଥିବା ବେଳେ ସେଠାରେ ଅଧ୍ୟାପକ ଗିରିଧାରୀ ଖଟୁଆ ଓ ତାଙ୍କ ସାଙ୍ଗ ବାଲିସାହିର ସୁବ୍ରତ ପଡ଼ିଆରୀ ସେଠାରେ ପହଞ୍ଚ ଏପରି କାର୍ଯ୍ୟ ଦେଖି ଗାଳିମନ୍ଦ କରିବା ସହ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବେଡ୍‌ରୁମ୍‌ର ଭିଡ଼ିଓ ସୁଟିଂ କରିଥିଲେ। ଅଧ୍ୟାପକ ଗିରିଧାରୀ ଶିକ୍ଷକ ବିଷ୍ଣୁ ଚରଣଙ୍କୁ ଉଲ୍ଲଂଘ୍ନ କରି ଚଡ଼ି ପିନ୍ଧାଇ ଓ ତାଙ୍କ ବେକରେ ଫୁଲମାଳ ପକାଇ ନିଜ ପତ୍ନୀଙ୍କ ବେକରେ ମଧ୍ୟ ଫୁଲମାଳ ପକାଇ ଦୁଇଜଣଙ୍କର ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ମାଡ଼ ମାରି ଥାନାରେ ପହଞ୍ଚିଥିଲେ। ହଜାର ହଜାର ଦର୍ଶକ ଏହି ଘଟଣାକୁ ଦେଖି ରାସ୍ତା ଓ ଥାନା ଆଗରେ ଜମା ହୋଇ ଯାଇଥିଲେ। ପୋଲିସ ଶିକ୍ଷୟିତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଥାନାରେ ଅଟକ ରଖି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଥିବା ବେଳେ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏ ସମ୍ବନ୍ଧରେ ମାମଲା ରୁଜୁ କରି ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଗିରିଧାରୀ ଖଟୁଆ ଓ ତାଙ୍କ ସହଯୋଗୀ ସୁବ୍ରତ ପଡ଼ିଆରୀକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ୍ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ବେଳେ ଅଧ୍ୟାପକଙ୍କ ବାପା ପାଟସୁନ୍ଦର ପୁର ଗ୍ରାମରୁ ଆସି ନିମାପଡ଼ା ଥାନାରେ ପହଞ୍ଚି ବୋହୂର ଖରାପ ସମ୍ପର୍କ କାରଣରୁ ମୋ ପୁଅକୁ ଏପରି ଶାସ୍ତି ମିଳିଲା ବୋଲି କହିଛନ୍ତି। ଏହି ଘଟଣାର ଉଚିତ୍ ତଦନ୍ତ କରିବା ପାଇଁ ବୃଦ୍ଧ ଦାବି କରିଛନ୍ତି। ଜଣେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଏପରି କାର୍ଯ୍ୟକୁ ନେଇ ଚାରିଆଡ଼େ ଅସନ୍ତୋଷ ବଢ଼ିଥିବା ବେଳେ ସୋସିଆଲ୍ ମିଡ଼ିଆରେ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଶିକ୍ଷାକୁ କଳଙ୍କିତ କରୁଥିବା ବ୍ୟକ୍ତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଆଞ୍ଜେଲିନା ଏଣ୍ଟରପ୍ରାଇଜେସ୍‌ର ନୂଆ ସୁଯୋଗ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବେକାରୀ ବଢୁଛି, ସମସ୍ୟା ବଢୁଛି। ରୋଜଗାର ମିଳୁନି ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ବ୍ୟବସାୟ, ଏକମାତ୍ର ସମାଧାନର ପନ୍ଥା। କ୍ଷୁଦ୍ର ବ୍ୟବସାୟ ପାଇଁ ନୂଆ ନୂଆ ସୁଯୋଗ ନେଇ ଆସିଛି କମ୍ପାନୀ ଆଞ୍ଜେଲିନା ଏଣ୍ଟରପ୍ରାଇଜେସ୍। ନିଜ ଘରେ ମିଳିବ ରୋଜଗାର, ନିଜ ଘରେ ହେଇପାରିବେ ମାଲିକ। ରାଜ୍ୟର ବେକାରୀ ସମସ୍ୟା ହେଉ ଅବା ଘରେ ବସି ବୋର ହେଉଥିବା ମହିଳା ଙ୍କ ପାଇଁ ହେଉ। ସୁବର୍ଣ୍ଣ ସୁଯୋଗ ଆଣିଛି ଆଞ୍ଜେଲିନା ଏଣ୍ଟରପ୍ରାଇଜେସ୍। ଥରେ ମେସିନ୍ କିଣିଲେ ରୋଜଗାର ଆରମ୍ଭ। ନିଜ ଘରେ ହିଁ ମେସିନ୍ ପକାଇ ପ୍ରଡ଼କ୍ଟନ୍ସ ବାହାରକରି ସେଇ କମ୍ପାନୀକୁ ବିକ୍ରି କରି ରୋଜଗାର କରି ପାରିବେ। କେବଳ ଯେ ଇଶବକ୍ସଭବଷ୍ପସ ମେକିଂ ମେସିନ୍ ତାହା ନୁହଁ। ପେପର ପ୍ଲେଟ ମେକିଂ ମେସିନ୍, ରୁଟି ମେକିଂ ମେସିନ୍, ନୋଟ ପେଡ୍ ମେକିଂ ମେସିନ୍ ପରି ଅନ୍ୟାୟ କ୍ଷୁଦ୍ରଶିଳ୍ପ ମେସିନ୍। ନିଜ ଘରେ ହିଁ ବ୍ୟବସାୟ ଆରମ୍ଭ କରି ପାରିବେ। ସୋନପୁର ସ୍ଥିତ ଏକ ହୋଟେଲରେ ଅୟୋଜିତ କମ୍ପାନୀର ସ୍ୱନକ୍ଷତ୍ର କାର୍ଯ୍ୟକ୍ରମରେ ପୂର୍ବ ବର୍ଷ ଘୋଷଣା ମୁତାବକ ପ୍ରାଇଜ୍ ବଣ୍ଟନ କରାଯାଇଛି। ଏବଂ ଆସନ୍ତା ବର୍ଷ ପାଇଁ ଅଫର ଘୋଷଣା ବି କରାଯାଇଛି। ଏଠାରୁ ମେସିନ୍ ନେଇ ଏଇଠି ମାଲ୍ ବିକ୍ରିକରି ଜିତି ପାରିବେ ଇଭି ସ୍କୁଟର । ରାଜ୍ୟ ତଥା ଦେଶରେ ରୋଜଗାର ଏବେ ସବୁଠାରୁ ବଡ ସମସ୍ୟା ହେଇ ଉଭା ହୋଇଛି। ଯୁବକ ହୁଅନ୍ତୁ ଅବା ଯୁବତୀ, ବିବାହିତ ହୁଅନ୍ତୁ ଅବା ଅବିବାହିତ। ରୋଜଗାର ଏବେ ସଭିଙ୍କ ଜୀବନରେ କଣ୍ଟା ସାଜିଛି। ଏହି ଅସୁବିଧାକୁ ଦୂର କରିବା ପାଇଁ ଦିର୍ଘ ୧୫ବର୍ଷ ଧରି ପ୍ରଚେଷ୍ଟା କରି ଆସିଛି ଆଞ୍ଜେଲିନା ଏଣ୍ଟରପ୍ରାଇଜେସ୍। ସବୁ ସମୟରେ ଲୋକଙ୍କ ସହ, ଲୋକଙ୍କ ପାଖରେ ରହି ରୋଜଗାର ଯୋଗାଇବା ସହ ନିଜ ପରିବାର ବଢାଇ ଚାଲିଛି। ଅନେକ ସମୟରେ ଆମେ ଜାଣନ୍ତି ରୋଜଗାର ଦିଗରେ ନୂଆ ନୂଆ ପଦକ୍ଷେପ ଗ୍ରହଣ କରିଥାଏ କମ୍ପାନୀ। ଦୀର୍ଘ ୧୫ବର୍ଷ ଧରି କମ୍ପାନୀ ଲୋକଙ୍କ ସୁଖରେ ଦୁଃଖରେ ରହି ନୂଆନୂଆ ଟେକ୍ନୋଲୋଜିକୁ ଆପଣେଇ ଅଗ୍ରଣୀ କମ୍ପାନୀ ଭାବେ ଉଭା ହୋଇପାରିଛି। ଏପରିକି ସାଧାରଣ ଲୋକ ହିଁ କମ୍ପାନୀର ମେରୁଦଣ୍ଡ ବୋଲି ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ କୁହନ୍ତି। ଗ୍ରାହକଙ୍କ ଉନ୍ନତି ହିଁ କମ୍ପାନୀ ପ୍ରଗତିର ମାଇଲ ଖୁଣ୍ଟ। ଗ୍ରାହକ ଆଗକୁ ବଢ଼ିଲେ କମ୍ପାନୀ ସମାନ୍ତରାଳ ଭାବେ ବଢିବ ବୋଲି ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ତେବେ ଏପରି ନୂଆ ନୂଆ ପ୍ରୟାସ ସର୍ବଦା ଲୋକଙ୍କ ମନ କିଣି ପାରିଛି।



କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ଗସ୍ତରେ ଆସି ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ସୁନାବେଡା ହାଲ, ରାଜପୁଟ ମିଲେଟ ପ୍ରକ୍ରିୟାକରଣ ୟୁନିଟ, ଦେଓମାଳି ଓ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ହାଲ୍ ସୁଖୋଇ ଇଞ୍ଜିନ ୟୁନିଟ ପରିଦର୍ଶନ କରି ସଭାଗୃହରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସେମିଲିଗୁଡା ବ୍ଲକ ରାଜପୁଟ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି ପ୍ରସ୍ତୁତ ପ୍ରଣାଳୀ, ବଜାର ସୁବିଧା ସମ୍ପର୍କରେ ମହିଳା ଗୋଷ୍ଠୀ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ପ୍ରୋସେସିଂ ୟୁନିଟରୁ ଉତ୍ପାଦନ ହେଉଥିବା ମାଣ୍ଡିଆ ନିର୍ମିତ ଲଡୁ, ବିସ୍କୁଟ ଇତ୍ୟାଦି ଦେଖି ଆନନ୍ଦିତ ହୋଇଥିଲେ । ଏହାପରେ ଦେଓମାଳି ପରିଦର୍ଶନରେ ଯାଇ ବୃକ୍ଷରୋପଣ କରିବା ସହିତ ପର୍ଯ୍ୟଟନ ସ୍ଥଳୀର ବିକାଶ ସମ୍ପର୍କରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓଙ୍କ ସହ ଆଲୋଚନା କରିଥିଲେ । ଦେଓମାଳିରେ ଫେରି ପୁଙ୍ଗାରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ଉନ୍ନୟନ ମୂଳକ ସ୍ଥଳ ପରିଦର୍ଶନ ପରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ ରାଜ୍ୟପାଳ । ମହିଳା ଗୋଷ୍ଠୀ ସଦସ୍ୟା, ଲକ୍ଷପତି ଦିଦି ଏବଂ ସୁଭଦ୍ରା ହିତାଧିକାରୀଙ୍କ ସହ ଆଲୋଚନା ପରେ କୋରାପୁଟ ଫେରିଥିଲେ । କାର୍ଯ୍ୟକ୍ରମରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପଟ ବିଧାୟକ ରଘୁରାମ ମାଛ, ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ, ସୁନାବେଡା ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ସେମିଲିଗୁଡା ବ୍ଲକ ଅଧ୍ୟକ୍ଷ ଲିଲି ଅଣ୍ଟାବରିଆ, ଉପାଧ୍ୟକ୍ଷ ଶିବାୟା ବାଙ୍ଗିରି, ସରପଞ୍ଚ ପି.କେ କିର୍ସାନି ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ଗାୟା ସାହି ଦାଣ୍ଡରେ ଗୋବର ପଙ୍କ ପାଣି

- ସଚେତନତା ଅଭାବ ସୃଷ୍ଟି ହେଉଛି ଅସ୍ୱାସ୍ଥ୍ୟକର ପରିବେଶ
- ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ପାଇଁ ଦାବି



ନିଆଳି, (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ନିଆଳି ପଞ୍ଚାୟତର ଗୋପାଳ ନଗର ଗାୟା ସାହି, ଏହି ୱାର୍ଡର ସମସ୍ତ ରାସ୍ତା ଉପରେ ଭାଶୁଚି ଗୋବର ପଙ୍କ ପାଣି। ନା କରାଯାଇଛି ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନା ବର୍ଜ୍ୟ ବସ୍ତୁ ପକାଇବା ନିମନ୍ତେ ଆବର୍ଜନା କୁଣ୍ଡ। ଏହି ୱାର୍ଡର ଅଧିକାଂଶ ଲୋକ ନିଜ ରୋଜଗାର କହିଲେ ଗୋ ପାଳନ କରିଥାନ୍ତି। ଗୋରୁ ମୂତ୍ର ଓ ଗୋବର ରାସ୍ତାକୁ ଛାଡୁଥିବାରୁ ରାସ୍ତାଟି ଗୋରୁ ମୂତ୍ର ଓ ପଙ୍କରେ ଭାସି ରହୁଛି। ଏହି ୱାର୍ଡର ସମସ୍ତ ରାସ୍ତା ଗୁଡିକୁ କଂକ୍ରିଟ ହୋଇଥିବାରୁ ରାସ୍ତା ଉପରେ ଏହି ଆବର୍ଜନା ଜମି ରହୁଛି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଅଞ୍ଚଳବାସୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ବନ୍ଧୁ ବାନ୍ଧବ ଆସିବାକୁ ମଧ ଘୃଣା କରୁଛନ୍ତି। ଘରୁ ବାହାରିଲେ ଗୋବର ଓ ଗୋରୁ ମୂତ୍ର ପାଣିରେ ପଶି ଯିବାକୁ ପଡୁଛି। ଆବର୍ଜନା ପକାଉଥିବା ଲୋକମାନେ ସଚେତନ ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ରାସ୍ତାରେ ଲାଙ୍ଗୁଡା ପୋକ ଚାଲୁଥିବା ବେଳେ ମାଛି ମଶାର ବଂଶ ବୃଦ୍ଧି ହେବାରେ ଲାଗିଛି। ଏହି ରାସ୍ତାରେ ଦୁଇ ତିନୋଟି ପ୍ରାଇଭେଟ ଫାଇନାନ୍ସଙ୍କ କାର୍ଯ୍ୟାଳୟ ରହୁଥିବା ବେଳେ କର୍ମଚାରୀ ମାନେ ଯିବାକୁ ଯେତିକି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତା ଠାରୁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ ମାନେ। ସେ ବିଦ୍ୟାଳୟ ଯିବା ପାଇଁ ହେଉ କି ଟିଉସନ ଯିବା ପାଇଁ ହେଉ। ଏମିତିକି ସାଙ୍ଗରେ ଆଉ ହଳେ ଡ୍ରେସ ନେବାପାଇଁ ପଡୁଛି। ରାସ୍ତାର ଅବସ୍ଥା ଏପରି ହୋଇଛି ଜେ କୁଆରୀ ସାହି ଗାୟା ସାହି, ତୋଟା ସାହି ଓ ଆଲୋକ ନଗର ବାସିନ୍ଦା ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏବେ ଯାହା ଫଳରେ ବିକଳ୍ପ ଭାବେ ୬୦ ନମ୍ବର ରାଜ୍ୟ ରାଜପଥ ରାସ୍ତା ଦେଇ ବୁଲିକି ଯିବାକୁ ପଡୁଛି। ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବା ସହ ପଞ୍ଚାୟତ ପକ୍ଷରୁ ଉକ୍ତ ରାସ୍ତାକୁ ସଫେଇ କରିବା ପାଇଁ ସାଧାରଣ ରର ଦାବି ହେଉଛି। ବ୍ଲକ ପ୍ରଶାସନ ଓ ନିଆଳି ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୫୫ ଦିନରେ ରାୟ ଶୁଣାଇ ଇତିହାସ ରଚିଲେ ଥାନା ଅଧିକାରୀ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଓଡ଼ିଶାରେ ଇତିହାସ ରଚିଲେ। ବ୍ରଜରାଜନଗର ଥାନା ଅଞ୍ଚଳରେ ଏକ ପୋକ୍ସୋ ମାମଲା ୫୫ ଦିନରେ ବିଚାର କରି ପୁରସ୍କୃତ ହୋଇଛନ୍ତି ଥାନା ଅଧିକାରୀ। ଝାରସୁଗୁଡା ଜିଲ୍ଲାର ବ୍ରଜରାଜନଗର ଥାନା ଅଞ୍ଚଳରେ ଏକ ପକ୍ସୋ ମାମଲାର ତଦନ୍ତ ଏବଂ ବିଚାର ମାତ୍ର ୫୫ ଦିନରେ ସରି ଥିବା ଘଟଣାରେ ତଦନ୍ତକାରୀ ବ୍ରଜରାଜନଗର ଥାନା ଅଧିକାରୀ ଏବଂ ନିରୀକ୍ଷକ ଝାରସୁଗୁଡାର ତତ୍କାଳୀନ ଆରକ୍ଷୀ ଅଧିକ୍ଷକଙ୍କୁ ମଙ୍ଗଳବାର ରାଜ୍ୟ ପୋଲିସ କାର୍ଯ୍ୟାଳୟ ଭୁବନେଶ୍ୱର ତରଫରୁ ପୁରସ୍କୃତ କରାଯାଇଛି। ସୂଚନା ଅନୁସାରେ ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଥାନା ଅଞ୍ଚଳରେ ଏକ ପକ୍ସୋ ମାମଲା ଗତ ୨୦୨୫ ମସିହା ମାର୍ଚ୍ଚ ୨୩ ତାରିଖରେ ଘଟିଥିବା ବେଳେ ମାମଲାଟିର ତଦନ୍ତକାରୀ ଅଫିସର ଭାବେ ବ୍ରଜରାଜନଗର




ଅଧିକାରୀ ଧୋବଳେଶ୍ୱର ସାହୁ ଓ ବ୍ରଜରାଜନଗର ପୋଲିସକୁ ମାମଲାର ନିରୀକ୍ଷକ ଅଫିସର ଭାବେ ତତ୍କାଳୀନ ଏସପି ସ୍ମିତ ପି ପରମାର ରହିଥିଲେ। ମାମଲାଟିର ତଦନ୍ତ ଏବଂ ବିଚାର ମାତ୍ର ୫୫ ଦିନରେ ସରିଥିବା ବେଳେ ପୀଡିତା ନ୍ୟାୟ ପାଇଥିବା ବେଳେ ଅଭିଯୁକ୍ତ କୁ ୨୫ ବର୍ଷ ଜେଲ ଏବଂ ଏବଂ ୧୨ହଜାର ଟଙ୍କା ଜରିମାନା କରାଯାଇଥିଲା। ତେଣୁ ମାମଲାର ତଦନ୍ତ ଶୀଘ୍ର ସାରି ଥିବାରୁ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଏବଂ ଝାରସୁଗୁଡା ତତ୍କାଳୀନ ଏସ୍‌ପି ସ୍ମିତ ପି ପରମାର ରାଜ୍ୟ ପୋଲିସ କାର୍ଯ୍ୟାଳୟ ଠାରୁ ପୁରସ୍କୃତ ହୋଇଛନ୍ତି। ସେହି ମାମଲାର ତଦନ୍ତରେ ସହଯୋଗୀ ପୋଲିସ ଅଧିକାରୀ ମାନଙ୍କୁ ଭୁବନେଶ୍ୱର ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ଗରିବଙ୍କୁ ସହାୟତା ପ୍ରଦାନ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତର ନାଗେଶ୍ୱର ସେଚ୍ଛାସେବୀ ସଂଗଠନ ପଞ୍ଚାୟତରେ ଥିବା ଗରିବ ପରିବାରଙ୍କୁ ବିଭିନ୍ନ ଦୁଃଖଦ ସମୟରେ ସଦାସର୍ବଦା ସହାୟତା ପ୍ରଦାନ କରିଆସୁଛନ୍ତି। ଏହି କ୍ରମରେ ଦୁଇମାସ ପୂର୍ବରୁ ବିଜୟ ଦସ ଛାତରୁପଡି ମେଡିକାଲରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କୁ ସଂଗଠନ ପକ୍ଷରୁ ନଗଦ ୧୫ ହଜରା ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଏହି ଗ୍ରାମର ସ୍ୱର୍ଗତ ତାପସଦାସଙ୍କ ପତ୍ନୀ କନକ ଦାସ ବ୍ରେନଷ୍ଟୋକ ରେ ଚିକିତ୍ସିତ ହେଉଛନ୍ତି। କନକ ଅତ୍ୟନ୍ତ ଗରିବ ପରିବାର ମହିଳା ହୋଇଥିବାରୁ ବୁଧବାର ଏହି ସଂଗଠନର ସଦସ୍ୟ ସମାଜସେବୀ ରହିମ ଖାଁ, ଭବାନୀ ଶଙ୍କର ଦାସ, ଅଜୟ ସାମଲ, ରାଜକିଶୋର ନାୟକ, ଦିପକ ନାୟକ, ଜିତୁ ସ୍ୱାଇଁ, ସଚିନ୍ଦ୍ର ଦାସ,ଜଗନ୍ନାଥ ସେଠୀ, ପବିତ୍ର ସାହୁ, ନାରାୟଣ ଦାସ, ସୁରେନ୍ଦ୍ର ସେଠୀ ପ୍ରମୁଖ ତାଙ୍କ ଘରେ ପହଞ୍ଚି ନଗଦ ୫ ହଜର ଟଙ୍କ ଚିକିତ୍ସା ଖର୍ଚ୍ଚପାଇଁ ସହାୟତା ପ୍ରଦାନ କରିଥିବାର ଜଣାଯାଇଛି।

# ରାସ୍ତା ମଝି ପାଲଟିଛି ମରଣଯନ୍ତା



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ଅଧିନସ୍ତ ଖୋର୍ଦ୍ଧା-ଡେଲାଙ୍ଗ-ପଟ୍ଟନାଇକିଆ ମୁଖ୍ୟ ରାସ୍ତାରୁ ଡେଲାଙ୍ଗ ଥାନାପାଖରୁ ଯାଇଥିବା ଡେଲାଙ୍ଗ ପିପିଲି ରାସ୍ତାର ଅବସ୍ଥା ବର୍ଷାରେ ଶୋଚନୀୟ ହୋଇପଡ଼ିଛି। ପ୍ରତ୍ୟେକ ଦିନ ହଜାର ହଜାର ଲୋକେ ଏହି ରାସ୍ତା ଦେଇ ଯିବା ଆସିବା କରିବା ସହ ସରକାରୀ କର୍ମଚାରୀ ଯଥା ଡେଲାଙ୍ଗ ବିଡ଼ିଓ, ତହସିଲଦାର, ଡେଲାଙ୍ଗ ଥାନା ବାବୁ , ବିଇଓ, ସିଡ଼ିପିଓ ଯିବା ଆସିବା ରାସ୍ତା। ବିଭିନ୍ନ ସହରରେ ଥିବା ସରକାରୀ ତଥା ବେସରକାରୀ ଡ଼ାକ୍ତରଖାନା କିମ୍ବା ଅନ୍ୟାନ୍ୟ ସ୍ଥାନକୁ ଯିବା ପାଇଁ ଏହା ହେଉଛି ଡେଲାଙ୍ଗ ଓ କଣାସବାସୀଙ୍କ ପାଇଁ ମୁଖ୍ୟ ରାସ୍ତା। ନିକଟରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସରସ୍ୱତୀ ଶିଶୁ ମନ୍ଦିର ଅବସ୍ଥିତ। ବର୍ଷାରେ ଜମୁଛୁ ଆଣ୍ଠୁଏ ପାଣି। ଜାଣିନଥିବା ବାଟୋଇ ଖାଲରେ ପଡ଼ି ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଯିବା ଆସିବା କରୁଥିବା ସ୍ଥାନୀୟ ବିଧାୟକଙ୍କ ନଜରକୁ ମଧ ଆସୁନାହିଁ। ଏହି ଅସୁବିଧାକୁ କେତେବେଳ ସୁବିଧାରେ ପରିଣତ କରିବ ପୂର୍ତ୍ତବିଭାଗ ତାହା ଜନସାଧାରଣ ମଧରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଏବେ ବି ଭତ୍ତା ପାଇବାରୁ ବଞ୍ଚିତ ଦୟା



ବୌଦ୍ଧ, (ଭାସ୍କର ନ୍ୟୁଜ୍): ଗରୀବ, ଅସହାୟ, ବିଧବା, ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ପ୍ରତି ମାସର ୧୫ ତାରିଖରେ ରାଜ୍ୟ ଓ କେନ୍ଦ୍ର ସରକାର ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ ମାନଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। ଏହା ଦ୍ୱାରା ସେମାନେ ନିଜର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସହିତ ପରିବାରର ଅଭାବକୁ କିଛି ମାତ୍ରାରେ ପୂରଣ କରି ପାରିବ। କିନ୍ତୁ ବ୍ଲକ ପ୍ରଶାସନର ଭୁଲ ପାଇଁ ଦଣ୍ଡ ଭୋଗିବାକୁ ପଡୁଛି ଏମାନଙ୍କୁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଂଚାୟତ ଅନ୍ତର୍ଗତ ବୁରକଟା ଗ୍ରାମରେ। ପରିବାର କହିଲେ ଦୟା ପ୍ରଧାନ ପ୍ରଧାନ (୬୫) ସ୍ତ୍ରୀ ଓ ଦୁଇ ପୁଅ। ଦୁଇ ପୁଅ ବାହାରେ କାମ କରୁଛନ୍ତି। ତେବେ ଦୟା ୭ ମାସ ହେଲା ଭତ୍ତା ମିଳୁନଥିବାରୁ ଅତି କଷ୍ଟରେ ଜୀବନ ଯାପନ କରୁଛନ୍ତି। ସେ ଜଣେ ଉଚ୍ଚ ରକ୍ତଚାପ ରୋଗୀ ହୋଇଥିବାରୁ ହାତରେ କିଛି ଟଙ୍କା ନଥିବାରୁ ନିୟମିତ ଔଷଧ କିଣି ଖାଇ ପାରୁନାହାନ୍ତି। ବୟସାଧିକ ହେତୁ କୌଣସି କାମ କରିପାରୁନାହାନ୍ତି। ଜବ କାର୍ଡ ଥିଲେ ମଧ ତାଙ୍କ ସ୍ତ୍ରୀକୁ ପଞ୍ଚାୟତରେ ମନରେଗା ଯୋଜନାରେ କାମ ମିଳେନାହିଁ। ଫଳରେ ଚାଷ ବେଳେ ମୁଲ ଲାଗନ୍ତି। ବର୍ତ୍ତମାନ କୌଣସି କାମ ମିଳୁନାହିଁ। ପଞ୍ଚାୟତରୁ ମିଳୁଥିବା ୨୦ କେଜି ଚାଉଳ ଓ ମାସକୁ ପାଉଥିବା ଭତ୍ତା ସାହା ଭରସା। କିନ୍ତୁ ୭ ମାସ ହେଲା ଭତ୍ତା ମିଳୁ ନଥିବାରୁ ଭାରି କଷ୍ଟରେ ଚଳୁଥିବା କହନ୍ତି ଦୟା। ତେବେ କାହିଁକି ଭତ୍ତା ବନ୍ଦ ହୋଇଛି ବୋଲି ଖବର ନେବାରୁ ଜାନୁଆରୀ ମାସରେ ମଞ୍ଜୁରୀ ନହୋଇ ୧୨ ଶହ ଟଙ୍କା ପାଇଥିବାରୁ ସେଥିପାଇଁ ଭତ୍ତା ହୋଲଡ଼ କରାଯାଇଛି ବୋଲି ବ୍ଲକ ଅଧିକାରୀଙ୍କ ଠାରୁ ସୂଚନା ମିଳେ। ତେବେ ଏଠାରେ ପ୍ରଶ୍ନ ଉଠେ ଭୁଲ କରିବ କିଏ ଦଣ୍ଡ ଭୋଗିବ କିଏ।କେବଳ ପଂଚାୟତ ରେ ଦୟା ଭଳି ଅନେକ ବୃଦ୍ଧ ବୃଦ୍ଧା ଏହି ସମସ୍ୟାରେ ପଡ଼ିଥିଲେ ମଧ କାହାକୁ ଗୁହାରି କରିବେ ଜାଣି ପାରୁନାହାନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ଏହାର ସମାଧାନ କରି ବକେୟା ଥିବା ହିତାଧିକାରୀଙ୍କ ଭତ୍ତାକୁ ଦେବାକୁ ଦାବି ହେଉଛି।

# ଜୋନସ୍ତରୀୟ କ୍ରିଡ଼ା ପ୍ରତିଯୋଗୀତା ଉଦ୍‌ଘାଟିତ

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : କୃଷ୍ଣପ୍ରସାଦ ବ୍ଲକ ବଟେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟରେ ଜୋନସ୍ତରୀୟ କ୍ରିଡା ପ୍ରତିଯୋଗୀତା ଉଦ୍‌ଘାଟନ ହୋଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି କ୍ରିଡା ଉତ୍ସବରେ କେବଳ ୧୪ରୁ ୧୭ ବୟସର ଛାତ୍ର-ଛାତ୍ରୀ ମାନେ ଭାଗ ନେଇପାରିବେ। ବିଦ୍ୟାର୍ଥୀଙ୍କୁ କ୍ରୀଡାପ୍ରତି ଆଗ୍ରହ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷାର ସଂଯୋଗ ସ୍ଥାପନ କରିବା ଉଦ୍ଦେଶ୍ୟରେ ଏହି କ୍ରିଡା ପ୍ରତିଯୋଗୀତା କରାଯାଉଛି। ଏହି କ୍ରିଡା ଉତ୍ସବକୁ ପ୍ରତାପ କୁମାର ଜେନା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅଶୋକ ପାଲେଇ କାଳୁଚରଣ ପାଲେଇ ସମ୍ମାନୀତ ଅତିଥି ପଞ୍ଚପଡ଼ା ସଭାପତି ଗଦାଧର ପାଲେଇ ପଞ୍ଚପଡ଼ା ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ଶରତ ଦଳେଇ ବିଦ୍ୟାଳୟ ପରିଚାଳନା କମିଟର ସଭାପତି ବିଦ୍ୟାଧର ପଳେଇ ପ୍ରଧାନ ଶିକ୍ଷକ ଆମିନ କୁମାର ବିଶ୍ୱାଳ ଜୋନର ସମସ୍ତ ଉପସ୍ଥିତ ଶିକ୍ଷକ ଶିଖୟାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରିଡାଶିକ୍ଷକ ପରିଚାଳନା କରିଥିଲେ।

# ଜେଆଇପିଏଲ୍ ଅଧିକାରୀଙ୍କୁ ଆକ୍ରମଣ, ୬ କୋର୍ଟଚାଲାଣ

କଣିହାଁ,(ଭାସ୍କର ନ୍ୟୁଜ୍): କଣିହାଁ ଥାନା ଡେରଙ୍ଗ ଜେଆଇପିଏଲ ରେ କାର୍ଯ୍ୟରତ ଅଧିକାରୀ ବଳଭଦ୍ର ଜେନାଙ୍କୁ ଆକ୍ରମଣ ଅଭିଯୋଗରେ ପୁଲିସ ଡେରଙ୍ଗ ଗ୍ରାମର ୬ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ୬ଅଭିଯୁକ୍ତ ହେଲେ ସନ୍ତୋଷ ସାହୁ (୪୭), ଅକ୍ଷୟ ସାହୁ (୪୮), ଆସୁତୋଷ ସାହୁ(୨୩), ଗିରିଶ ଚନ୍ଦ୍ର ସାହୁ(୪୪), ରାଜୁ ବୋଇତା(୩୫) ଓ ନିମେଇ ସାହୁ(୪୭)। ପୋଲିସ ସୁତ୍ରରୁ ପ୍ରକାଶ ଯେ, ଜେଆଇପିଏଲ ଲାଇଜିନିଙ୍ଗ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀ ବଳଭଦ୍ର ଜେନା ଗତ କାଲି ସନ୍ଧ୍ୟା ପ୍ରାୟ ୬ଘଟିକା୧୫ ମିନିଟ ସମେରେ ପ୍ଲାଣ୍ଟର ୩ନଂ ଗେଟକୁ ଏକ ବୋଲେରୋ ଯୋଗେ ଯିବା ରାସ୍ତାରେ ଗ୍ରାମର ସାଗର ସାହୁ ପ୍ରମୁଖ ଅଭିଯୁକ୍ତ ମାନେ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କର ସୁନା ଚେନ, ମୁଦି ଓ ଟଙ୍କା ଛଡ଼ାଇ ପଳାଇଥିଲେ। ପୋଲିସ ଅଭିଯୋଗ ପାଇବା ପରେ ଏକ ମୋକଦ୍ଦମା ରୁଜୁ କରି ୬ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

# କୋଠାରେ ସୀମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ର , ହୋଇପାରୁନି କାର୍ଯ୍ୟକ୍ଷମ



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ଗ୍ରାମାଞ୍ଚଳର ପ୍ରାଥମିକ ଚିକିତ୍ସା ପାଇଁ ୧୯୯୦ ମସିହାରେ ଜହ୍ନକ୍ଷପଙ୍କ ଠାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ କରାଯାଇଥିଲା। ସେତେବେଳେ ଆଖ ପାଖରେ ଚିକିତ୍ସା ପାଇଁ କୌଣସି ସ୍ୱାସ୍ଥ୍ୟ କେନ୍ଦ୍ର ନଥିବାରୁ ଖୁଣ୍ଟବନ୍ଧ, ତେଲିବନ୍ଧ ପଞ୍ଚାୟତର ଲୋକମାନେ ଚିକିତ୍ସା ପାଇଁ ଆସୁଥିଲେ। ଏହି କୋଠାଟି ୨୦୨୦ ମସିହାରୁ ବିପଦ ସଂକୁଳ ହେବାରୁ ଏହା ବ୍ୟବହାର ଉପଯୋଗୀ ହେଲା ନାହିଁ। ୨୦୨୩ ମସିହାରେ ନୂତନ କୋଠା ନିର୍ମାଣ ପାଇଁ ବୁରକଟା ଗ୍ରାମର ଗଦବସା ପଡିଆରେ ଏଥିପାଇଁ ଜମି ଚିହ୍ନଟ ସହ କୋଠା ନିର୍ମାଣ ମଧ ହୋଇଥିଲା। ଏହି ନିର୍ମାଣ କାର୍ଯ୍ୟ ଶେଷ ଦେବାର ଏକ ବର୍ଷ ବିତିଲାଣି ହେଲେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିନି। ଫାଟକରେ ତାଲା ଝୁଲୁଥିବା ବେଳେ ଅବ୍ୟବହୃତ କୋଠାଟି ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି। ସୂଚନା ମୁତାବକ, ଖୁଣ୍ଟବନ୍ଧ ଓ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନରେ ଛୋଟ ବଡ଼ ୨୪ ଟି ଗାଁ ରହିଛି। ପଞ୍ଚାୟତର ସଦର ମହକୁମାରେ ଏଇ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭହୋଇଥିଲା।କିନ୍ତୁ ଏହା କେବଳ କୋଠା ନିର୍ମାଣରେ ସୀମିତ ରହିଛି। ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସୁପରିଚଳନା ପାଇଁ ଆବଶ୍ୟକ ଆନୁଷଙ୍ଗିକ ସୁବିଧା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନାହିଁ। ତେବେ କାର୍ଯ୍ୟକ୍ଷମ ହୋଇ ପାରିନଥିବାରୁ ଭଡା ଘରେ ସ୍ୱାସ୍ଥ୍ୟ ଉପ କେନ୍ଦ୍ର ଚାଲିଛି।ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇ ନଥିଲା।

# ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ



ମାଲକାନାଗିରି/ଚିତ୍ରକୋଣ୍ଡା, (ଭାସ୍କର ନ୍ୟୁଜ୍): ବୁଧବାର ସରକାରୀ ସ୍ନାତକ ମହାବିଦ୍ୟାଳୟ, ଚିତ୍ରକୋଣ୍ଡାରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ. ଚିନ୍ମୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନଙ୍କ ସମେତ ଯୁକ୍ତତିନି ଓ ଯୁକ୍ତଦୁଇ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଶ୍ୱରେ ଆତ୍ମହତ୍ୟା ବୃଦ୍ଧିର କାରଣ,ଏହାର ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ, ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି, ଅବସାଦର ଅପସାରଣ, କ୍ରୋଧର ନିୟନ୍ତ୍ରଣ, ବିଫଳତାରୁ ସଫଳତାର ରାସ୍ତା ନିର୍ଣ୍ଣୟ ଆଦି ପ୍ରସଙ୍ଗରେ ଅଧକ୍ଷ ଏକ ତଥ୍ୟ ଆଧାରିତ ନିବନ୍ଧ ପାଠକରିଥିଲେ। ଏହା ସହିତ ଆତ୍ମବଳ ବୃଦ୍ଧି, ମାନସିକଚାପରୁ ମୁକ୍ତି, ବ୍ୟକ୍ତିଗତ ହତାଶାରୁ ଉପରକୁ ଉଠିବାର କୌଶଳ ସମ୍ପର୍କରେ ବିବିଧ ସୁନ୍ଦର କାହାଣୀମାନ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀମାନେ ନାନା ପ୍ରଶ୍ନ ମାଧ୍ୟମରେ ସେମାନଙ୍କ ଜିଜ୍ଞାସା ବ୍ୟକ୍ତ କରିଥିଲେ। ଏହି ଦିବସ ଅବସରରେ ସ୍ୱାଭିମାନ ଅଞ୍ଚଳରେ ନାନା ସମସ୍ୟା ଭିତରେ ବି କିପରି ଧୈର୍ଯ୍ୟ ଓ ଆତ୍ମବଳ ବଜାୟ ରଖି ସଫଳତା ପାଇବା ପର୍ଯ୍ୟନ୍ତ ଲଢ଼ିବାକୁ ହେବ ସେ ବିଷୟରେ ଛାତ୍ରଛାତ୍ରୀମାନେ ସଂକଳ୍ପ କରିଥିଲେ। ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ ଏହି କାର୍ଯ୍ୟକ୍ରମରେ ନିଜ ଅନୁଭୂତି ସଂଘର୍ଷ ଓ ସାଧନାର କଥାକୁ ପ୍ରେରଣାତ୍ମକ ଶୈଳୀରେ ଉପସ୍ଥାପନ କରିଥିଲେ। ସର୍ବଶେଷରେ ଏହି ପ୍ରସଙ୍ଗରେ କିପରି ଆହୁରି ସଚେତନତା ସୃଷ୍ଟି କରାଯାଇପାରିବ ତାହା ନେଇ ଏକ ନକ୍ସା ପ୍ରସ୍ତୁତ କରାଯାଇ ସେଥିରେ ପିଲାମାନଙ୍କ ଭୂମିକା ବିଷୟରେ ଅବଗତ କରାଯାଇଥିଲା।

## ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗ

# ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଦାନ୍ତିଆ ଗ୍ରାମ ଆଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଓ ଆଶ୍ରମ ଖାଦ୍ୟପେୟ ଅନିୟମିତତା ଅଭିଯୋଗ ନେଇ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ମଧ୍ୟାହ୍ନ ଭୋଜନ ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ଟିକର ଆହାର ଯୋଗାଇବା ଏବଂ ସେମାନଙ୍କର ଉପସ୍ଥାନ ବୃଦ୍ଧି କରିବା ସରକାରଙ୍କ ଲକ୍ଷ। ମାତ୍ର ବିଦ୍ୟାଳୟରେ ପ୍ରତିଦିନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ପରିମାଣରେ ଖାଦ୍ୟ ମିଳୁନ ନଥିବା ଅଭିଯୋଗ ହୋଇଛି। ଖାଦ୍ୟ ପ୍ରସ୍ତୁତି ସ୍ଥାନ ଓ ଖାଦ୍ୟ ପରଷିବା ସ୍ଥାନରେ ସ୍ୱଚ୍ଛତା ଓ ପରିଚ୍ଛନତା ଅଭାବ ରହିଥିବା ଜଣାପଡ଼ିଛି। ପିଲାଙ୍କ ସଂଖ୍ୟାରେ ଜାଲିଆତି କରାଯାଉଛି। ଅନେକ ସମୟରେ ବିଦ୍ୟାଳୟରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଠାରୁ ଅଧିକ ୫୦/୭୦ ସଂଖ୍ୟା ଦର୍ଶାଯାଇ ଅଧିକ ଖାଦ୍ୟ ସାମଗ୍ରୀ ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ଜେନା ହଡପ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଆଶ୍ରମରେ ଖାଇବା ପିଇବା ଠିକ୍ ଭାବରେ ଦିଆଯାଉ ନଥିବାବେଳେ ଦିନବେଳା ୧୧୦ ଛାତ୍ରୀଙ୍କୁ ୧.୫ କିଲୋ ଡାଲି ଖାଦ୍ୟରେ ଦିଆଯାଉଛି। ଗ୍ରାମବାସୀ ଓ ଅଭିଭାବକ ଜାଣିବା ପରେ ଗତମାସ ୨୦ ତାରିଖରେ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ସେ ସିଆରସିସିଙ୍କୁ ଦାନ୍ତିଆ ଆଶ୍ରମ ସ୍କୁଲରେ କେତେ ପିଲା ଉପସ୍ଥିତ ଅଛନ୍ତି କିଛି ଅଭିଭାବକଙ୍କ ସହ ଯାଇ ଗଣି କରି ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଆରସିସିଙ୍କ ତଥ୍ୟ ଅନୁଯାୟୀ ୧୬୭ ପିଲା ଉପସ୍ଥିତ ଥିବାବେଳେ ପ୍ରଧାନ ଶିକ୍ଷୟତ୍ରୀ ୨୧୧ ପିଏମ ପୋଷଣ ଆପରେ ଦର୍ଶାଯାଇଥିବା ସୂଚନା ଦେଇଛନ୍ତି। ଦ୍ୱିତୀୟ ଥର ଅଗଷ୍ଟ ୨୫ରେ ଡବ୍ଲୁଇଓ,ଏଡିଡବ୍ଲୁଓ ଘସିପୁରା ତଦନ୍ତ ପାଇଁ ଆସିଥିବାବେଳେ ତଥ୍ୟ ଅନୁସାରେ ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ଜେନାଙ୍କ ବିପକ୍ଷରେ ଯାଇଛି। ତେବେ ସବୁ ରିପୋର୍ଟ କପି ଅଛି ଏବଂ ଏ ବିଷୟରେ ଖବର କାଗଜରେ ଓ ଅନଲାଇନ ଏକ୍ସରେ ପୋଷ୍ଟ କରି ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିବା ବିଷୟରେ ଅବଗତ କରାଯାଇଛି। ମାତ୍ର ଆଜକୁ ୨୦ ଦିନ ବିତିଲାଣି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହା ପୂର୍ବରୁ ଅଗଷ୍ଟ ୮ରେ ହରିଚନ୍ଦନପୁର ଯାଉଁଳିପୋଖରୀ ଉପ୍ରାସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ରାଉତଙ୍କୁ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳ ହେରଫେର୍ କରୁଥିବା ଅଭିଯୋଗରେ ହରିଚନ୍ଦନପୁର ବିଇଓ ଚିନ୍ମୟ କୁମାର ରାଉତ ତାଙ୍କୁ ନିଲମ୍ବନ କରିଥିଲେ। ସେହିପରି ଗତ ୧୨ ତାରିଖରେ ପାଟଣା ବ୍ଲକ କେନ୍ଦେଇପୋଶି ପଞ୍ଚାୟତ ଖୁଣ୍ଟାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୌଜିରାମ ପାତ୍ରଙ୍କୁ ମଧ ପାଟଣା ବିଇଓ ନିଲମ୍ବିତ କରିଥିଲେ। ଦାନ୍ତିଆ ଆଶ୍ରମ ସ୍କୁଲ୍‌ରେ ପ୍ରତିଦିନ ୫୦/୬୦ ପିଲାଙ୍କ ଖାଦ୍ୟ ଅଧିକ ରନ୍ଧା ଯାଉଛି ହେଲେ ଏଯାଏଁ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲା ପ୍ରଶାସନ କାହାଚାପରେ ଚୁପ୍ ରହିଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଗ୍ରାମବାସୀ ମାନେ ବିଦ୍ୟାଳୟ ବନ୍ଦ କରିବା ସହ ନିଜ ଛୁଆ ମାନଙ୍କୁ ବିଦ୍ୟାଳୟକୁ ଛାଡ଼ିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ନାବାଳକ ଛାତ୍ରଛାତ୍ରୀ ଗାଡ଼ି ଚଳାଇବା ଦୁର୍ଘଟଣାର ମୁଖ୍ୟ କାରଣ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ଜହ୍ନାପଙ୍କ ଅଞ୍ଚଳରେ ନାବାଳକ ତଥା ସ୍କୁଲ ଝିଅପୁଅଙ୍କ ମଧ୍ୟରେ ବାଇକ୍ ଓ କାର ଚଳାଇବା ନିଶା ଏବେ ସମସ୍ୟାର କାରଣ ସାଜିଛି। ଏହାଦ୍ୱାରା ସମ୍ଭାବିତ ଦୁର୍ଘଟଣା ଆଶଙ୍କାରେ ଲୋକେ ଭୟଭୀତ ହେବାରେ ଲାଗିଛନ୍ତି। ୧୪ ବର୍ଷରୁ କମ ପିଲାଙ୍କୁ ସେମାନଙ୍କ ଅଭିଭାବକମାନେ ଖୋଲାଖୋଲି ବାଇକ୍ ଓ କାର ଚାବି ଦେବା ଫଳରେ ପିଲାମାନେ ଆଉ କାହାକୁ ମାନୁନାହାନ୍ତି। ଭିଡ ରାସ୍ତାରେ ମଧ ଦ୍ରୁତଗତିରେ ଗାଡି ଚଳାଇ ଏପରି ଯାଉଛନ୍ତି ଯେ, ଟିକିଏ ଅସାବଧାନତା ଭୟଙ୍କର ଦୁର୍ଘଟଣାର ରୂପ ନେବ। ସଡକ ନିରାପତ୍ତା ଆଇନ ଅନୁଯାୟୀ ନାବାଳକମାନଙ୍କ ପାଇଁ ବାଇକ୍ ଓ କାର ଚଳାଇବା ମନା ଥିବାବେଳେ ଏହି କଟକଣାକୁ କିନ୍ତୁ କେହି ମାନିବାକୁ ରାଜି ନାହାନ୍ତି। ଏପରିକି ଅଭିଭାବକମାନେ ସେମାନଙ୍କ ନାବାଳକ ପିଲାଙ୍କ ପାଇଁ ବାଇକ, ସ୍କୁଟିର ଚାବି ଦେଇ ଭିଡ ରାସ୍ତାରେ ଚଳାଇବାକୁ ପ୍ରୋସାହିତ କରୁଥିବା ଦେଖାଯାଉଛି। ଏମିତିକି ସ୍କୁଲରୁ ଫେରିବା ପରେ ଝିଅପୁଅମାନେ ସ୍କୁଟି ଓ ବାଇକ୍ ଧରି ଭିଡ ରାସ୍ତାରେ ଏକ ପ୍ରକାର ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳୁଛି। ଜହ୍ନାପଙ୍କ ବସ୍ତି ଦେଇ ଯାଇଥବା ଜାତୀୟ ରାଜପଥ ନଂ ୫୭ ରେ ସାଧାରଣତଃ ଗାଡି ମୋଟର ଭିଡ଼ ଥିବା ସତ୍ତ୍ୱେ ଏହି ପିଲାମାନେ କିଛି ନମାନି ଯେପରି ଭାବରେ ବାଇକ ଓ ସ୍କୁଟି ଚଳାଇଥାନ୍ତି ନଦେଖିଲେ ବିଶ୍ୱାସ କରି ହେବ ନାହିଁ। ଏହି ଘଟଣା ନିକଟସ୍ଥ ବ୍ୟବସାୟିକ ବସ୍ତି ନାରାୟଣନଗର ଠାରେ ବେଶୀ ଦେଖିବାକୁ ମିଳୁଛି।ଧନୀ ବ୍ୟବସାୟୀ ମାନେ ସେମାନଙ୍କ ସ୍କୁଲ ଓ କଲେଜ ପଢୁଆ ପୁଅ ଝିଅଙ୍କ ପାଇଁ ବାଇକ ଓ ସ୍କୁଟି ଦେଇ ନିଜ ପରିବା ପଣିଆ ଦେଖାଇ ହେଉଥିବା ବେଳେ ପ୍ରତିଦିନ ସନ୍ଧ୍ୟା ରେ ଏହି ନାବାଳକଙ୍କ ବିପଦ ପୂର୍ଣ୍ଣ ବାଇକ ଚାଳନା ଦେଖିଲେ ଯେକେହିବି ଭୟଭୀତ ହେବା ସ୍ୱାଭାବିକ। ନାବାଳକ ନାବାଳିକା ଗ୍ରାମାଞ୍ଚଳରୁ ବାହାରି ଜହ୍ନାପଙ୍କ ଦେଇ ସାଲୁଙ୍କି ନଦୀ ପର୍ଯ୍ୟନ୍ତ ଏବଂ ସେପଟେ ତେଲିବନ୍ଧ ଦେଇ ସାହାଯପାଲ ପର୍ଯ୍ୟନ୍ତ ଦ୍ରୁତ ଗତିରେ ଯାଇ ମଜା କରୁଥିବା ଦୃଶ୍ୟ ପଥଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି। ସେହିପରି ନାବାଳକମାନେ ୬୦ ରୁ ୮୦ ସ୍ପିଡରେ ବସ୍ତି ମଧ୍ୟରେ ବାଇକ୍ ଚଳାଇବା ଏକ ସାଧାରଣ ଘଟଣା ହେଲାଣି। କଥା କେବଳ ସେତିକିରେ ଅଟକି ନାହିଁ, ଧନୀ ବାପାଙ୍କ କିଛି ନାବାଳକ ଝିଅପୁଅ ସେମାନଙ୍କ ଘରେ ଥିବା ସୌଖୀନ କାର ମଧ ଚଳାଇବା ଆରମ୍ଭ କଲେଣି। ବାଇକ, ସ୍କୁଟି ଏବଂ କାର ଚଳାଇବାରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଏହି ନାବାଳକ ଗାଡ଼ିଚାଳନାର କୌଣସି ନିୟମକାନୁନ ଜାଣି ନ ଥିବା ବେଳେ ସେମାନଙ୍କ ଏହି ବେପାରୁଆ ଗାଡ଼ିଚାଳନା କେତେ ଭୟଙ୍କର ଦୁର୍ଘଟଣା ଘଟାଇପାରେ ତାହା ମଧ ସେମାନେ ଜାଣିନାହାନ୍ତି। ତେବେ ସବୁଠୁ ଦୁଃଖର କଥା ହେଲା ଏହି ପିଲାଙ୍କୁ ବାଇକ, କାର ଚଳାଇବାକୁ ସେମାନଙ୍କ ଅଭିଭାବକମାନେ ଆକଟ କରିବା ପରିବର୍ତ୍ତେ ବରଂ ଖୋଲାଖୋଲି ପ୍ରୋତ୍ସାହିତ କରୁଛନ୍ତି। ନାବାଳକଙ୍କ ଦ୍ୱାରା ଏହି ବେପରୁଆ ଗାଡିଗଳନା ଯୋଗୁ ଏହି ୨ ମାସ ମଧ୍ୟରେ ଅନେକ ଦୁର୍ଘଟଣା ହେବାର ସ୍ଥିତି ଉପୁଜି ସାରିଛି। ତେବେ ନାବାଳକଙ୍କ ଏହି ବେପରୁଆ ଗାଡି ଚାଳନାକୁ ରୋକିବାକୁ ଏବଂ ସେମାନଙ୍କ ଅଭିଭାବକଙ୍କୁ ସମ୍ପର୍କରେ ସଚେତନ କରି ବାକୁ ଜହ୍ନାପଙ୍କ ପୋଲିସ ପାଖରେ ଅଞ୍ଚଳର କେତେଜଣ ସଚେତନ ଯୁବକ ଏବଂ ଗଣମାଧମ ପ୍ରତିନିଧ ଅଭିଯୋଗ କରିଥିଲେ। ଅଭିଯୋଗ କରାଯିବା ପରେ ଜହ୍ନାପଙ୍କ ତତ୍କାଳୀନ ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମିଶ୍ର ଘଟଣାର ଗମ୍ଭୀରତା ବୁଝି, ଏମିତି କୌଣସି ପିଲା ଗାଡି ଚଳାଉଥିବା ଦେଖିଲେ ତାଙ୍କୁ ସେଇଠି ଅଟକ ରଖି ପୋଲିସକୁ ଖବର ଦେବାକୁ କହିଥିଲେ। ଏହାଛଡ଼ା ଏପରି ପିଲାମାନଙ୍କୁ ଧରି ଆବଶ୍ୟକ ସ୍ଥଳେ ଗାଡିକୁ ଜବତ କରି ଜରିମାନା କାଟିବାକୁ ପୋଲିସ ପଦକ୍ଷେପ ନେବ ବୋଲି ସେ କହିଥିଲେ। ପ୍ରକାଶ ଯେ ଦୁର୍ଘଟଣା ରେକିବାକୁ ପୋଲିସ ପକ୍ଷରୁ ଜାନୁଆରୀ ପହିଲାରୁ ନୋ ହେଲମେଟ ନୋ ପେଟ୍ରୋଲ ନିୟମ କାର୍ଯ୍ୟକାରୀ କରାଯାଇଥିବାବେଳେ ଏହାକୁ ପେଟ୍ରୋଲ ମାଲିକ ମାନେ ମାନୁନାହାନ୍ତି। ନୂତନ ଭାବେ ଯୋଗ ଦେଇଥିବା ଫାଣ୍ଡି ଅଧିକାରୀ ନାବାଳିକା ନାବାଳକଙ୍କ ଗାଡ଼ି ଚାଳନାରେ ରୋକ ଲଗାଇବାକୁ ସଚେତନତା କରିବାର ଆବଶ୍ୟକତା ରହିଛି।



କେନ୍ଦୁଝର(ଭାସ୍କର ନ୍ୟୁଜ୍): ବିହାର ରାଜ୍ୟ ବୋକାର ସହର ର ଜଣେ ମହିଳାଙ୍କ ସୋମବାର ରାତିରେ ଧରଣୀ ଧର ମେଡିକାଲ୍ କଲେଜ୍ ରେ ଚିକିତ୍ସାଧିନ ମୃତ୍ୟୁ ବରଣ କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଇଣ୍ଡିଆନ୍ ବାୟ ବାର୍ଥର ସେବାଯାତ୍ରା ବାହାନ ରେ ନିଆଯାଇଥିଲା । ସେଠାରେ ଶବବ୍ୟବଚ୍ଛେଦ କରିବା ପରେ ତାଙ୍କ ସ୍ୱାମି ଏବଂ ପୁଅ ମନିସ୍ ସର୍ମା ସବ ସତ୍କାର କରିବା ପାଇଁ ଅସହାୟ ପ୍ରକାସ କରିଥିଲେ । ତାଙ୍କର କେନ୍ଦୁଝର ରେ କୋଣସି ବନ୍ଧୁ ବାନ୍ଧବ କିମ୍ବା ପରିଚିତ ଲୋକ ନଥିବା ଇଣ୍ଡିଆନ୍ ବାୟ ବାର୍ଥ ର ସହପ୍ରତିଷ୍ଠାତା ଇଂ ସତ୍ୟରଞ୍ଜନ ସାହୁ ଙ୍କୁ ଜଣାଇଥିଲେ । ତୁରନ୍ତ ଇଂ ସତ୍ୟରଞ୍ଜନ ସାହୁ ଭରସା ପରିବାରର ପ୍ରତିଷ୍ଠାତା ଶିବକୁମାର ମିଶ୍ର ଙ୍କୁ ଯୋଗାଯୋଗ କରିଥିଲେ । ମୃତ୍ୟୁ ବରଣ କରିଥିବା ମା ର ଶେଷ ଦର୍ଶନ କରିବା ପାଇଁ ଟାଟା ରୁ ଆସି ପହଞ୍ଚି ଥିଲେ ତାଙ୍କ ଝିଅ । ଝିଅ ଦର୍ଶନ କରିବା ପରେ ମଙ୍ଗଳବାର ସକାଳ ୭ଟା ରେ ଭରସା ପରିବାର ଜିଲ୍ଲା ମୁଖ୍ୟ ଲୋକଧାର ମହାନ୍ତ ଙ୍କ ତତ୍ତ୍ୱାବଧାନ ରେ ତାଙ୍କ ସହକର୍ମି ମାନଙ୍କ ସହାୟତାରେ ପରିବାର ବର୍ଗଙ୍କ ଦ୍ୱାରା ରୀତିନୀତି ଅନୁସାରେ ଶେଷ କର୍ମ ସାରି ପୁଅ ଶ୍ରୀ ମନିସ୍ ଓ ତାଙ୍କ ପିତା ବୋକାର ଫେରିଥିଲେ । ଭରସା ପରିବାର ଓ ଇଣ୍ଡିଆନ୍ ବାୟ ବାର୍ଥ ର ଏହି ମିଳିତ ପ୍ରୟାସ ପାଇଁ ମୃତ ମହିଳାଙ୍କ ପୁଅ ଶ୍ରୀ ମନିସ୍ ଓ ତାଙ୍କ ପରିବାର ଧନ୍ୟବାଦ୍ ଜଣାଇବା ସହିତ ଏଭଳି ସେବା ପାଇଁ ପ୍ରଶଂସା କରିଥିଲେ ।

### ଦାଦାଙ୍କ ତୀର ମାଡ଼ରେ ପୁତୁରା ଗୁରୁତର ହେବା ଘଟଣା

# ଡାକ୍ତରଙ୍କ ସଫଳ ଅସ୍ତ୍ରୋପଚାରରେ ଲକ୍ଷ୍ମଣଙ୍କ ପେଟରୁ ବାହାରିଲା ତୀର



କୋରାପୁଟ,(ଭାସ୍କର ନ୍ୟୁଜ) :ତୀର ମାଡରେ ଗୁରୁତର ଆହାତଙ୍କ ସଫଳ ଅସ୍ତୋପଚାର ହୋଇଛି । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ପାକନାଗୁଡା ଗାଁର ଲକ୍ଷ୍ମଣ ଗୌଡଙ୍କ ପେଟରେ ପଶିଥିବା ତୀର ବାହାରିଛି । ଏଥିପାଇଁ କୋରାପୁଟ ବଡ ମେଡିକାଲରେ ଅଢେଇ ଘଣ୍ଟା ଧରି ଚାଲିଥିଲା ଅସ୍ତୋପଚାର । ଅନ୍ତଃନଳୀ କଟି ପେଟ ଭିତରେ ୬ଇଞ୍ଚ ପଶିଥିବା ତୀରକୁ ସର୍ଜରି ଏବଂ ନିଶ୍ଚେତକ ବିଭାଗ ଡାକ୍ତର ସଫଳତାର ସହ ବାହାର କରିଛନ୍ତି । ସୂଚନା ଅନୁଯାୟୀ, ମାଥିଲି ବ୍ଲକ ପାକନାଗୁଡା ଗାଁର ଲକ୍ଷ୍ମଣ ଗୌଡ ଘରକୁ ଫେରିବା ସମୟରେ ସେହି ଗ୍ରାମର ବିଶ୍ୱନାଥ ଗୌଡ ତୀର ମାରିଥିଲେ। ତୀର ଲକ୍ଷ୍ମଣଙ୍କ ପେଟକୁ ଚିରି ଭିତରେ ପଶି ଯାଇଥିଲା । ତୁରନ୍ତ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବଡ ମେଡିକାଲକୁ ରେଫର କରାଯାଇଥିଲା । ରାତି ୮ଟା ୧୫ମିନିଟ ତୀରବିଦ୍ଧ ଲକ୍ଷ୍ମଣ କୋରାପୁଟ ପହଞ୍ଚିଥିଲେ । ସେହି ସମୟରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିଲା। ତୁରନ୍ତ ସର୍ଜରି ଓ ନିଶ୍ଚେତକ ବିଭାଗ ଡାକ୍ତରଙ୍କୁ ଡାକରା ଯାଇଥିଲା । ରାତି ୧୦ଟା ୧୫ମିନିଟରେ ଲକ୍ଷ୍ମଣଙ୍କୁ ଅସ୍ତୋପଚାର ଗୃହକୁ ନିଆଯାଇଥିଲା । ଏହାପରେ ସର୍ଜରି ବିଭାଗ ଏସୋସିଏଟ ପ୍ରଫେସର ଡ. ଶୁଭବ୍ରତ ଦାସ, ସହକାରୀ ପ୍ରଫେସର ଅଭିଷେକ ପାତ୍ର, ନିଶ୍ଚେତକ ବିଭାଗ ଏସୋସିଏଟ ପ୍ରଫେସର ଡ.ମୃତ୍ୟୁଞ୍ଜୟ ମଲ୍ଲିକ, ଡ. ଗୋପାଳକୃଷ୍ଣ ନାୟକ, ଡ. ଗାୟତୀ ମଲ୍ଲିକ ଓ ଟିମ୍ ଅସ୍ତୋପଚାର କରି ତୀରକୁ ବାହାର କରିଥିଲେ । ତୀର ଗୋଟିଏ ପଟେ ପଶି ଅନ୍ୟପଟେ ବାହାରି ପଡିଥିଲା । ପେଟରୁ ଦେଢ ଲିଟର ରକ୍ତ ବାହାରି ସାରିଥିଲା। ସାମାନ୍ୟ ବିଳମ୍ବ ହୋଇଥିଲେ। ବଂଚାଇବା କଷ୍ଟକର ହୋଇଥାନ୍ତା । ଯେଉଁ ଭଳି ଭାବେ ତୀର ପଶିଥିଲା ତାହାକୁ ବାହାର କରିଥିବା ଡାକ୍ତରୀ ଟିମ୍ ପାଇଁ ବଡ ଚ୍ୟାଲେଂଜ ଥିଲା । ତୀର ଏମିତି ସ୍ଥାନରେ ପଶିଥିଲା ଯେ, ନିଶ୍ଚେତକ ଦେବା କଷ୍ଟକର ହୋଇଥିଲା । ତୀରର ଓସାର ପ୍ରାୟ ୭ସେମି ରହିଥିବା ପେଟକୁ କାଟିବା ପରେ ଜଣାପଡିଥିଲା । ପେଟ ଭିତରେ ୨ଟି ସ୍ଥାନରେ ଅନ୍ତନଳୀକୁ ଛିଦ୍ର କରି ପ୍ରାୟ ୬ଇଂଚ ପେଟ ଭିତରେ ପଶି ରହିଥିଲ । ଅସ୍ତୋପଚାର ପରେ ଲକ୍ଷ୍ମଣ ସୁସ୍ଥ ଅଛନ୍ତି । ଡାକ୍ତରଙ୍କ ପ୍ରୟାସ ପାଇଁ ପରିବାର ସଦସ୍ୟ କୃତଜ୍ଞତା ଜଣାଇଛନ୍ତି ।

# ରାସ୍ତା ପାଇଁ ବିପଦ ସାଜିଛି ଚାକୁଣ୍ଡା ଗଛ

## ■ ଭାରୀଯାନ ଯାତାୟତ ସମସ୍ୟା



ଅନ୍ଧାରଙ୍ଗ (ଭାସ୍କର ନ୍ୟୁଜ): ରାସ୍ତା ଚକାଚକ କିନ୍ତୁ ହେଉନି ରକ୍ଷଣାବେକ୍ଷଣ । ସଙ୍କୁଚିତ ରାସ୍ତା ପାଇଁ ରାସ୍ତା ଉପରକୁ ରହିଥିବା ଚାକୁଣ୍ଡା ଗଛ ପାଇଁ ଘଟୁଛି ଦୁର୍ଘଟଣା । ଉକ୍ତ ଗାଡି ଅବା ବସ୍, ଟ୍ରକ ପରି ଭାରୀଯାନ ଯାତାୟତ ସମୟରେ ରାସ୍ତା ଉପରେ ଥିବା ଚାକୁଣ୍ଡା ଗଛ ପାଇଁ ଗାଡି ଚଳାଇବା ଏବେ ବଡ଼ ସମସ୍ୟା ପାଲଟିଛି । ପୁରୀ ଜିଲ୍ଲା ଅନ୍ଧାରଙ୍ଗ ରୁ କାକଟପୁର ମୁଖ୍ୟ ରାସ୍ତା କୁହୁଡି ଛକ ନିକଟରେ ଅବସ୍ଥିତ ନାରାୟଣ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା କଡ଼ରେ ଥିବା ବିରାଟକାୟ ଚାକୁଣ୍ଡା ଗଛଟି ରାସ୍ତା ଆରୋହୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ପ୍ରତିଦିନ ଏହି ରାସ୍ତାରେ ଶତାଧିକ ସଂଖ୍ୟାରେ ଲୋକ ଓ ଯାନବାହନ ଯା ଆସ ହୋଇଥାଏ । ଏଣୁ ରାସ୍ତା କଡ଼ରେ ଥିବା ଗଛର ଗୋଟିଏ ଖଣ୍ଡ ବଙ୍କୁଲା ହୋଇ ରାସ୍ତା ଆଡକୁ ରହିଥିବାରୁ ଉକ୍ତ ଗାଡି ଅଥବା ବସ, ଟ୍ରକ, ହାଇୱା ଯାତାୟତ ଅସୁବିଧା ସମ୍ମୁଖୀନ ହୋଇଥିବା ବେଳେ ପଥଚାରୀ ଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଅନ୍ଧାରଙ୍ଗରୁ କାକଟପୁର ଅଭିମୁଖେ ଲୋକ ଯାତାୟତ କରୁଥିବା ବେଳେ ରାଜ୍ୟର କୋଣ ଅନୁକୋଣରୁ ଲୋକ ବସ ଯୋଗେ ପର୍ଯ୍ୟଟନ ସ୍ଥଳୀକୁ ଯାତାୟତ କରୁଛନ୍ତି । ହେଲେ ରାସ୍ତା ଉପରକୁ ରହିଥିବା ଚାକୁଣ୍ଡା ଗଛ ଭାରୀଯାନ ପାଇଁ ବିପଦ ସାଜିଛି । ଏଣୁ ସ୍ଥାନୀୟ ତହସିଲଦାର, ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା କୁ ଗୁରୁତ୍ୱ ସହ ନେଇ ତୁରନ୍ତ ବିପଦ ସଂକୁଳ ଚାକୁଣ୍ଡା ଗଛଟିକୁ କାଟିଦେଲେ ପଥଚାରୀ ସୁରକ୍ଷିତ ଯାତାୟତ କରିବେ ।

# ଡିଜିଟାଲ ସର୍ଭେ, କର୍ମଚାରୀଙ୍କ ପ୍ରତି ବିପଦ

ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୃଷି ବିଭାଗ ପକ୍ଷରୁ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ୟା, ବାତ୍ୟା, ମରୁଡି ଆଦି ପ୍ରାକୃତିକ ବିପର୍ଯ୍ୟୟରେ ରବି ଓ ଖରିଫ ଚାଷର ଆକଳନ ନିମନ୍ତେ ବିଭିନ୍ନ ଠିକା ସଂସ୍ଥା ଦ୍ୱାରା ଡିଜିଟାଲ ସର୍ଭେ କାର୍ଯ୍ୟକ୍ରମ କରାଯାଉଛି । ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀଙ୍କ ବୟସ ଅଠର ବର୍ଷରୁ କମ୍ । ବର୍ଷ ତମାମ ଏହି କର୍ମଚାରୀ ମାନେ ଖରା, ବର୍ଷାକୁ ଖାତିର ନକରି ବିଲ, ବାଡ଼ି, ବଣ, ଜଙ୍ଗଲରେ ପଶି ଡିଜିଟାଲ ସର୍ଭେ କାର୍ଯ୍ୟ କରୁଛନ୍ତି । ଅନେକ ସମୟରେ ସେମାନଙ୍କ ଜୀବନ ପ୍ରତି ବିପଦର ସମ୍ମୁଖୀନ ହେଉଥିଲେ ସୁଦ୍ଧା ସେମାନଙ୍କର ବିଭିନ୍ନ ଠିକା ସଂସ୍ଥା ବୀମାର ଅନ୍ତର୍ଭୁକ୍ତ କରିନାହାନ୍ତି । ଯେଉଁଥିପାଇଁ ଜନ କଲ୍ୟାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଜୀବନ ହାରିଲେ ସୁଦ୍ଧା କୌଣସି ସରକାରୀ କିମ୍ବା ବେସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଡିଜିଟାଲ ସର୍ଭେରେ ନିୟୋଜିତ କର୍ମଚାରୀଙ୍କ ସମସ୍ୟା ସମାଧାନ ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ୱେଲନେସ କାର୍ଯ୍ୟକ୍ରମ

କୋଇଡା(ଭାସ୍କର ନ୍ୟୁଜ୍): କୋଇଡା ବ୍ଲକ କାଲତା ପଞ୍ଚାୟତ କାଲତା ହାଇସ୍କୁଲ ଠାରେ ମୋହନଜୀ ଫାଉଣ୍ଡେସନ ଭଲେଣ୍ଟର ପକ୍ଷରୁ ମୋହନଜୀ ୱେଲନେସ ୱର୍କୀଙ୍ଗ ପୋଗ୍ରାମ୍ ଓ କୋଇଡା ଖଣି ଉପନିର୍ଦ୍ଦେଶକ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୱେଲନେସ କାର୍ଯ୍ୟକ୍ରମରେ ଡକ୍ଟର ଦେବାଶିଷ ନାୟକଙ୍କ ନେତୃତ୍ୱରେ କାଲତା ହାଇସ୍କୁଲର ସମସ୍ତ ଶିକ୍ଷକ ଓ ଛାତ୍ର ଛାତ୍ରୀ ଭାଗନେଇଥିଲେ । ସେହିଭଳି କୋଇଡା ଖଣି ଉପନିର୍ଦ୍ଦେଶକ ପକ୍ଷରୁ ଡକ୍ତର ଦେବାଶିଷ ନାୟକଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କାର୍ଯ୍ୟକ୍ରମ ହୋଇଥିଲା । ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ୪୦ ରୁ ଉର୍ଦ୍ଧ ରୋଗୀ ବିଭିନ୍ନ ରୋଗର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରରେ ଡକ୍ଟର ଦେବାଶିଷ ନାୟକଙ୍କ ସହଯୋଗୀ ସୌମ୍ୟ ରଞ୍ଜନ ବେଉରା, ସଞ୍ଜୀବ ପ୍ରଧାନ ସମେତ ଅନ୍ୟ ସାଥୀ ମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ କୁ କାଲତା ଅଞ୍ଚଳର ବୁଦ୍ଧିଜିବୀ ମହଲରେ ପ୍ରଶଂସା ର ସୁଅ ଛୁଟୁଛି ।

# ମା’ ନାରାୟଣୀ ଡ୍ରାମାଟିକ୍ କ୍ଲବର୍ ବହି ପୂଜା



ଫୁଲନଖରା, (ଭାସ୍କର ନ୍ୟୁଜ୍): ବୟାଳିଶମୌଜା ଅନ୍ତର୍ଗତ ବରାଳ ଗ୍ରାମର ମା’ ନାରାୟଣୀ ଡ୍ରାମାଟିକ୍ କ୍ଲବ୍ ପକ୍ଷରୁ ଡ୍ରାମା ବହିପୂଜା ହୋଇଯାଇଛି । ପ୍ରତି ବର୍ଷ ପରି ଚଳିତ ବର୍ଷ ଆସନ୍ତା ଅକ୍ଟୋବର ମାସ ୨୪ ଓ ୨୫ ତାରିଖ କାଳୀପୂଜା ଅବସରରେ ସ୍ଥାନୀୟ କଳାକାର ମାନେ ଦୁଇ ଦିନ ସାମାଜିକ ନାଟକ ‘କିଏ କାନ୍ଦି ନାହିଁ ହାତଟେକ’ ଓ ‘କହିବାକୁ ଲାଜ ଶୁଣିଲେ ପାପ’ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି । ନାଟକ ବହିର ପୂଜା ଅର୍ଚ୍ଚନା ମା’ ନାରାୟଣୀଙ୍କ ନିକଟରେ ଯଥାବିଧି ପୂର୍ବକ କରାଯାଇଥିଲା । ଏହି ପୂଜା ଆଧ୍ୟାତ୍ମିକ କାର୍ଯ୍ୟରେ ସମସ୍ତ କଳାକାର,ଉପଦେଷ୍ଟା ମଣ୍ଡଳୀ, ନିର୍ଦ୍ଦେଶକ ଓ ବରାଳ ଗ୍ରାମର ମୁରବୀ ବର୍ଗ ଉପସ୍ଥିତ ରହି ମା’ଙ୍କ ଆଶ୍ରିବାଦ ଲାଭ କରିଥିଲେ ।

## ଅସହାୟ ଭିନ୍ନକ୍ଷମଙ୍କ ମୃତଦେହ ଉଦ୍ଧାର

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ସହର ଏନ ଏ ସି କାର୍ଯ୍ୟାଳୟ ନିକଟ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରୁ ଅସହାୟ ଭିନ୍ନକ୍ଷମଙ୍କ ମୃତଦେହ ଉଦ୍ଧାର କରିଛି ବୌଦ୍ଧ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ ବହୁ ବର୍ଷ ଧରି ଚାରି ହାତ ଗୋଡ ହରାଇ ଭିକ୍ଷା ବୃତ୍ତି କରି ପେଟ ପୋଶୁ ଥିବା ଅସହାୟ ଭିନ୍ନକ୍ଷମଙ୍କ ମୃତଦେହ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରେ ପଡି ରହିଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ବୌଦ୍ଧ ଥାନା ଆଇ ଆଇ ସି ନଳିନୀ କାନ୍ତ ଦାସଙ୍କୁ ସୂଚନା ମିଳିବା ପରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ସମ୍ପର୍କୀୟ ଓ ସ୍ୱେଚ୍ଛାସେବୀ ତଥା ସତ୍ୟ ସାଇ ସେବା ପ୍ରତିଷ୍ଠାନର ସଦସ୍ୟ ଅଞ୍ଜନ କୁମାର ମହାରଣାଙ୍କ ସହାୟତାରେ ଅପରାହ୍ନରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କରା ଯାଇଥିବା ସୂଚନା ମିଳିଛି ।

# ଯାଦବ ମହାସଭା ପକ୍ଷରୁ ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି



ଫୁଲନଖରା(ଭାସ୍କର ନ୍ୟୁଜ୍): ୪୨ ମୌଜା ବନ୍ତୁଣିଆ ନିବାସୀ ଆଦର୍ଶ ଶିକ୍ଷକ ସ୍ୱର୍ଗତ କୈଳାସ ଚନ୍ଦ୍ର ବେହେରାଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା,ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ଅଧକ୍ଷ ଇଙ୍ଗ.ପ୍ରଦୀପ କୁମାର ବେହେରା,ଉତ୍କଳ ଯାଦବ ମହାସଭାର ସମ୍ପାଦକ ସୁବୋଧ କୁମାର ବେହେରା,କଟକ ଜିଲ୍ଲା ଯାଦବ ମହାସଭା ସଭାପତି ସମର ବେହେରା,ସାଧାରଣ ସମ୍ପାଦକ ତୀର୍ଥବାସୀ ବେହେରା,ଯୁବ ସଭାପତି କର୍ପୋରେଟର ଜନାର୍ଦ୍ଦନ ପରିଡା, ଅଜୟ ମହାପାତ୍ର,ଘନଶ୍ୟାମ ବେହେରା,ତରୁଣ ବେହେରା,ଯୁବ ସମ୍ପାଦକ ପ୍ରୀତିରଞ୍ଜନ କାଠୁଆ, ଚିତ୍ତରଞ୍ଜନ ବେହେରା,ହିମାଂଶୁ ବେହେରା,ପ୍ରେମାନନ୍ଦ ବେହେରା, ପୂର୍ବତନ ଜିଲ୍ଲା ସଭାପତି ପ୍ରଦୀପ ବେହେରା ଓ ବିନୋଦ କୁମାର ବେହେରା,ନିଆଳି ଯାଦବ ମହାସଭା ପକ୍ଷରୁ ସଭାପତି ଗୋପାଳ ଚନ୍ଦ୍ର ଦାସ,କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ବେହେରା,ସମ୍ପାଦକ ରମେଶ ଚନ୍ଦ୍ର ଦାସ,ବୈଷ୍ଣବ ଚରଣ ଡ଼ାଳୁଆ,ବେଣୁଧର ବେହେରା, ଜଗବନ୍ଧୁ କାଠୁଆ,୪୨ ମୌଜା ଯାଦବ ମହାସଭା ପକ୍ଷରୁ ସଭାପତି ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା, ସମ୍ପାଦକ ପ୍ରସନ୍ନ କୁମାର ବେହେରା,କୋଷାଧକ୍ଷ ମନୋରଞ୍ଜନ ବେହେରା,ପର୍ଶୁରାମ ବେହେରା, ସନ୍ତୋଷ କୁମାର ବେହେରା, ମନୋଜ ବେହେରା,ଆନନ୍ଦ ବେହେରା,ସାଗର ବେହେରା, ହୃଦାନନ୍ଦ ବେହେରା, ନବୀନ ପଲେଇ,କିଶୋର ପଲେଇ, ସ୍ୱପ୍ନେଶ୍ୱର ବେହେରା, କର୍ନେନ୍ଦ୍ର ବେହେରା,ଆଶିଷ ବେହେରା,ଅକ୍ଷୟ ବେହେରା,ଶଙ୍କର ବେହେରା, ମୁକେଶ ବେହେରା,ଲକ୍ଷ୍ମୀଧର ବେହେରା, ଅନାଦି ବେହେରା ଓ ସ୍ୱର୍ଗତ କୈଳାସ ଚନ୍ଦ୍ର ବେହେରାଙ୍କ ଜ୍ୟେଷ୍ଠ ପୁତ୍ର ତଥା କଟକ ସଦର ଯାଦବ ମହାସଭାର ସଭାପତି ବିନୋଦ ବେହେରା ଓ କନିଷ୍ଠ ପୁତ୍ର ପ୍ରମୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ମୌଳିକ ସୁବିଧା ଦାବିରେ ପଞ୍ଚାୟତବାସୀ ଗଣଧାରଣା

## ୧୦ଦିନ ମଧ୍ୟରେ ଜମିପଟ୍ଟା ପ୍ରଦାନ ପ୍ରତିଶୃତି



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ କେ. ବାଲିପାଳ ଗ୍ରାମ ପଞ୍ଚାୟତର ଆଦିମ ଅଧିବାସୀ ତଥା ଜନଜାତି ମାନେ ମୌଳିକ ଆବଶ୍ୟକତା ଦାବିରେ ମଙ୍ଗଳବାର ଓଡିଶା ବିଧାନସଭା ଘେରାଉ କରିବା ସହିତ ଗଣଧାରଣା ପ୍ରଦର୍ଶନ କରିଛନ୍ତି । ଗଣଧାରଣା ଦେବା ପରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ.ଏନ ଗିରୀଶଙ୍କ ଜରିଆରେ ପ୍ରଦାନ କରିଛନ୍ତି । ତେବେ ୧୦ ଦିନ ଭିତରେ ସମସ୍ତ ବିସ୍ଥାପିତ ପରିବାରଙ୍କୁ ‘ବସୁନ୍ଧରା’ ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯିବା ନିମନ୍ତେ ଆନ୍ଦୋଳନ କାରୀଙ୍କୁ ଆଶ୍ୱାସନା ଦେଇଥିବା ମଞ୍ଚ ପକ୍ଷରୁ ପ୍ରକାଶ କରାଯାଇଛି । ଦାବି ଗୁଡିକ ମଧ୍ୟରେ ଉକ୍ତ ପଞ୍ଚାୟତବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଜମି ପଟ୍ଟା ପ୍ରଦାନ କରାଯିବା ସହିତ ସମସ୍ତ ବିସ୍ଥାପିତ ପରିବାରଙ୍କୁ ‘ବସୁନ୍ଧରା’ ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯିବା ଦାବି ରହିଛି । ସ୍ୱାଧୀନତାର ୭୯ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କରା ଯାଇ ନ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗ୍ରାମ ପଞ୍ଚାୟତର ସମସ୍ତ ପରିବାରଙ୍କୁ ବିଦ୍ୟୁତ ସଂଯୋଗ କରାଯିବା ପ୍ରମୁଖ ଦାବି ରହିଛି । ସେମାନେ ତାଙ୍କ ଗ୍ରାମରୁ ଆନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବାରୁ ଉକ୍ତ ପଞ୍ଚାୟତର ପାଲବଣି ଗ୍ରାମରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ମଧ୍ୟ ଦାବି କରା ଯାଇଛି । ଆଜି ପର୍ଯ୍ୟନ୍ତ ଉକ୍ତ ଗ୍ରାମରେ ବିଦ୍ୟୁତ ସେବା ଏବଂ ମୋବାଇଲ ନେଟୱର୍କ ଭଳି ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହୋଇଛନ୍ତି ଏବଂ ସେଥି ପାଇଁ ସେଠାରେ ଏକ ମୋବାଇଲ ନେଟୱର୍କ ମଧ୍ୟ ସ୍ଥାପନ କରିବା ନିମନ୍ତେ ଦାବିପତ୍ରରେ ଦର୍ଶାଯାଇଛି । ଅନ୍ୟ ଦାବି ଗୁଡିକ ମଧ୍ୟରେ ଅନୁନ୍ନତ ‘ହାଟଡିହି’କୁ “ଆକାଂକ୍ଷୀ ବ୍ଲକ‘ ଯୋଜନାରେ ସାମିଲ କରାଯିବା ସହିତ କେନ୍ଦୁଝର ଜିଲାକୁ ‘ଆକାଂକ୍ଷୀ ଜିଲ୍ଲା’ ମାନ୍ୟତା ପ୍ରଦାନ, ଛତ୍ରାଘାଟିଠାରୁ କେ. ବାଲିପାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଆଦି ଦାବିମାନ ଅନ୍ତର୍ଭୁକ୍ତ । ଉକ୍ତ ଗ୍ରାମରେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯିବା ନିମନ୍ତେ ମଧ୍ୟ ଦାବି ରହିଛି । ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ‘ଶରତ ବିକାଶ ମଞ୍ଚ, ମୟୁରଭଞ୍ଜ’ ଏବଂ କେ. ବାଲିପାଳ ଗ୍ରାମ ପଞ୍ଚାୟତବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ଗଣଧାରଣାରେ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ, ବୁଦ୍ଧିରାମ ପୂର୍ତ୍ତି, ଜିରୁଙ୍ଗ ବଦରା, କୁରେ ପୂର୍ତ୍ତି, ସୁନାରାମ ପୂର୍ତ୍ତି , ରାମଚନ୍ଦ୍ର ଟୁଡୁ, ପାର୍ବତୀ ସାମାଡ, ଲକ୍ଷ୍ମୀ ମାଝୀ, ରାଜ ପୂର୍ତ୍ତି, ଲମ୍ବୋଦର ଗୋଇପାଇ ପ୍ରମୁଖ ନେତୃତ୍ୱ ନେଇ ଥିଲେ । ତେବେ ସମସ୍ତ ଦାବି ୨ ମାସ ମଧ୍ୟରେ ନ ପୂରଣ ହୋଇ ପାରିଲେ ଏହି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସମୂହକୁ ନେଇ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ନୂଆଦିଲ୍ଲୀସ୍ଥିତ ସାଂସଦ ଭବନ ଘେରାଉ କରାଯିବ ବୋଲି ବିକାଶ ମଞ୍ଚ ସଭାପତି ଶ୍ରୀ ଗୋଇପାଇ ପ୍ରକାଶ କରିଛନ୍ତି ।

# ୬ ଦିନ ପୂରିଲା ସୁରକ୍ଷା ସେନାର ଗଣଧାରଣା, ସ୍ୱାସ୍ଥ୍ୟ ବିଭାଗ ଚୁପ୍





କୋରେଇ, (ଭାସ୍କର ନ୍ୟୁଜ): କୋରେଇ ଡାକ୍ତରଖାନାରେ ଆଜି ପୁଣି ଏକ ଅବ୍ୟବସ୍ଥା ଦେଖିବାକୁ ମିଳିଛି ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ(ପିଏମ୍ଏସ୍ଏମଏ)ରେ ପ୍ରତି ମାସର ୯ ତାରିଖରେ ଗର୍ଭବତୀଙ୍କୁ ମାଗଣା ଚିକିତ୍ସା ଏବଂ ଔଷଧ ଦେବା ସହିତ ରନ୍ଧାଖାଦ୍ୟ ଦେବାକୁ ସରକାର ନିୟମ କରିଥିଲେ ମଧ୍ୟ କୋରେଇ ମେଡିକାଲରେ ଏହା ପାଳନ କରାଯାଉନାହିଁ । ପ୍ରତିମାସର ୯ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଗର୍ଭବତୀଙ୍କ ସ୍ୱାସ୍ଥ୍ୟପରୀକ୍ଷା ସହିତ ଆବଶ୍ୟକ ଔଷଧ ଦିଆଯିବାକୁ ନିୟମ ରହିଛି । ଏହିଦିନ କୌଣସି ଗର୍ଭବତୀଙ୍କୁ ଶୁଖିଲା ଖାଦ୍ୟ ଦିଆଯିବନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗର କଡ଼ାକଡ଼ି ନିୟମ ରହିଛି । ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏହାର ବ୍ୟବସ୍ଥା କରିବେ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଗତ ଜୁଲାଇ ୨୩ ତାରିଖରେ ଚିଠି ସଂଖ୍ୟା- ୩୯୬୩/୨୦୨୫ରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ କୋରେଇ ମେଡିକାଲରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି । ଆଜି ଏଠାରେ ମୋଟ ୧୨୩ ଜଣ ଗର୍ଭବତୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଖାଦ୍ୟରେ ସେମାନଙ୍କୁ କେବଳ ପାଉଁରୁଟି ଓ କ୍ଷୀର ଦିଆଯାଇଥିଲା । କୋରେଇ ବ୍ଲକ୍ ବେରୁଣ୍ଡପୁର ଗ୍ରାମର କଳ୍ପନା ମଲିକ ଗତ ୭ତାରିଖରୁ ମେଡିକାଲରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି । ତାଙ୍କୁ ଜଳଖିଆରେ ସକାଳେ କିଛି ଦିଆଯାଇନଥିବାବେଳେ ମଧ୍ୟାହ୍ନରେ କେବଳ ପାଉଁରୁଟି କ୍ଷୀର ଦିଆଯାଇଥିବା କହିଛନ୍ତି । ସେହିପରି ଓଷଳାରୁ ଆସିଥିବା ଗର୍ଭବତୀ ମଧୁସ୍ମିତା ମଲିକ ମଧ ୮ତାରିଖରୁ ସେଠାରେ ଥିବାବେଳେ ତାଙ୍କୁ ମଧ ସମାନ ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରିଛନ୍ତି । ଗତମାସରେ ଜଣେ ଗର୍ଭବତୀଙ୍କୁ ଚେୟାରରେ ବସାଇ ସାଲାଇନ୍ ଦେଉଥିବାର ଚିତ୍ର ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ମେଡିକାଲର ବିଭିନ୍ନ ସମସ୍ୟା ଏବଂ ଅନିୟମିତତା ପ୍ରତିବାଦରେ ୬ ଦିନ ହେଲା ଯାଜପୁର ସୁରକ୍ଷା ସେନା ପକ୍ଷରୁ ଗଣଧାରଣା ଦିଆଯାଇଛି । ସୁରକ୍ଷା ସେନାର ସଭାପତି ସୁରେନ୍ଦ୍ର ବରାଳଙ୍କ ନେତୃତ୍ୱରେ ଚାଲିଥିବା ଧାରଣାରେ ଆଜି ଭୁବନ ମୋହନ ମହାନ୍ତି, ମନୋରଞ୍ଜନ ବେହେରା, ବ୍ଲକ୍ ଯାଦବ ସଂଘର ସଭାପତି ନିରଞ୍ଜନ ନାୟକ, ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ମିଶ୍ର, କିନ୍ନର ସଂଘର ଲଭଲି ସାହୁ, ସ୍ୱପ୍ନ ନାୟକ, ସସ୍ମିତା ଜେନା, ମିର୍ଜା ଲୋକମାନ ବେଗ୍, ଭାଗ୍ୟଧର ସାହୁ ପ୍ରମୁଖ ସାମିଲ ହୋଇଥିଲେ । ମେଡିକାଲର ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସୁରକ୍ଷା ସେନା ପକ୍ଷରୁ ଚେତାବନୀ ଦିଆଯାଇଛି ।

# ରାଶିଫଳ


**ଗୁରୁବାର, ୧୧ ସେପ୍ଟେମ୍ବର ୨୦୨୫**



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ । ଶୀଘ୍ର ଶୀଘ୍ର କାମପୁରଣ ହୋଇପାରେ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ଶାନ୍ତି ରହିବ । ବିନିଯୋଗ ଲାଭଦାୟକ ହେବ । କାମ ଶିଘ୍ର ସରିଯିବ । ଘର ବାହାରେ ସୁଖ ଏବଂ ଶାନ୍ତି




**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ । ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ । ବ୍ୟବସାୟ ଭଲ ହେବ । ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ । ପ୍ରତିଦ୍ୱନ୍ଦ୍ୱିତା ହେବ । ଆୟ ବୃଦ୍ଧି ପାଇବ । ଆଘାତ ଏବଂ ରୋଗ ବାଧା ଦେଇପାରେ ।




**ମିଥୁନ:** ବୈଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ଚାକିରିରେ ସୁସଙ୍ଗତତା ରହିବ । ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ । ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ । ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର ।




**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ବ୍ୟସ୍ତ ହୁଅ ନାହିଁ । ଘର ବାହାରେ ଅଶାନ୍ତି ଦେଖାଯିବ । କାର୍ଯ୍ୟ ବାଧାପ୍ରାପ୍ତ ହେବ । ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ ।




**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ । ଋଣରେ ହ୍ରାସ ଘଟିବ । ତୃପ୍ତି ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ । ଚାକିରିରେ ସୁସଙ୍ଗତତା ରହିବ ।




**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଲାଭ ସୁଯୋଗ ଆସିବ । ଘର ବାହାରେ ପରିସ୍ଥିତି ଅନୁକୂଳ ହେବ । ସୁଖର ପରିବେଶ ରହିବ । ଜିନିଷଗୁଡିକ ସହଜ ରଖନ୍ତୁ ।



**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବ୍ୟବସାୟ ଭଲ ହେବ । ଚାକିରିରେ ଅଧିକାର ବୃଦ୍ଧି ପାଇପାରେ । ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ । ବିନିଯୋଗ ଭଲ ହେବ । ପ୍ରଲୋଭିତ ହୁଅ ନାହିଁ ।



**ବିଛା:** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଲାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ । ଚିନ୍ତା ଏବଂ ଟେନସନ ହେବ ।




**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ଅନୁକୂଳ ହେବ । ସେଠାରେ ଟଙ୍କା ରହିବ । ରିସ୍କ ନେବାକୁ ସାହସ କର । ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ । ଯାତ୍ରା ସଫଳ ହେବ । ଆଖି ଯନ୍ତ୍ରଣା ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ । ସୁଖର ମାଧ୍ୟମ ସଂଗ୍ରହ ହେବ । ଚାକିରିରେ ପ୍ରାଧାନ୍ୟ ରହିବ । ଆୟର ଉତ୍ସ ବୃଦ୍ଧି ପାଇପାରେ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ । ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ । ସୁଖର ପରିବେଶ ରହିବ । ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ । ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ । ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ । ସେଠାରେ ଶାନ୍ତି ହେବ । କୋର୍ଟର କାର୍ଯ୍ୟ ଅନୁକୂଳ ହେବ ।



**ମୀନ:** ବ୍ୟବସାୟ ଭଲ କରିବ । ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ । ଆୟ ଜାରି ରହିବ । ରିସ୍କ ନିଅ ନାହିଁ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ । ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମୁରିବାହାଲ (ଭାସ୍କର ନ୍ୟୁଜ) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଟିଖାଳି ସଂରକ୍ଷିତ ରେଞ୍ଜ ଜଙ୍ଗଲରେ ୩୫ ଟିକିଆ ବଣୁଆ ହାତୀ ଚାଷୀ ମାନଙ୍କ ଚାଷ ଉଜାଡି ଉପଦ୍ରବ୍ୟ କରିବା ଦେଖିବାକୁ ମିଳିଛି। ହାତୀମାନେ ଦୀର୍ଘ ୧ବର୍ଷ ରୁ ଏହି ଜଙ୍ଗଲ ରେ ରହିଆସୁଥିବା ବେଳେ ଅଞ୍ଚଳବାସୀଙ୍କୁ ରହିବା ବସିବା ପାଇଁ କଷ୍ଟ ସାଜିଛି।କେତେବେଳେ ଘର ଦ୍ୱାର ଭାଙ୍ଗୁଛନ୍ତି ତ କେତେବେଳେ ଚାଷୀଙ୍କ ଚାଷ ନଷ୍ଟକରିବାରେ ଲାଗିଛନ୍ତି । ସନ୍ଧ୍ୟା ହେଲେ ଚାଷ କିଆରୀ ମାନଙ୍କରେ ପଶି ଚାଷ ନଷ୍ଟ କରୁଥିବା ବେଳେ ଅଞ୍ଚଳ ଅନ୍ଧାର ପାଲଟି ଥିବା ଦେଖିବାକୁ ମିଳୁଛି । ଏହି ୩୫ ଟିକିଆ ହାତୀପଲ ମୁରିବାହାଲ ରେଞ୍ଜ ଯଇଁନ୍ତରା, ଗୁଲୁମି, ଗୁଡିଘାଟ, ମୁରିବାହାଲ, ଡ଼ଙ୍ଗାବାଞ୍ଜି ସେକ୍ସନ ଅଞ୍ଚଳରେ ବୁଲିବୁଲି ଚାଷ ନଷ୍ଟ କରିବାରେ ଲାଗିଥିବା ବେଳେ ସୋମବାର ମୁରିବାହଲ ବନଖଣ୍ଡ ଯଏଁତରା ବିଟ ଅନ୍ତର୍ଗତ ଯଏଁତରା ଗ୍ରାମର ଅନନ୍ତ କାଲସାଏ , ଅଞ୍ଜନ କାଲସାଏ , ସୁଷମା କାଲସାଏ, ବୁବୁ ପଟ୍ଟନାୟକ, ଲଳିତ ମାଝୀଓ ଭରତ ମାଝୀ ଙ୍କ ବାର ଏକର ଧାନ ଓ ଏକ ଏକର କପା ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି । ବନ ବିଭାଗ ଏହାର କିଛି ସଠିକ ପଦକ୍ଷେପ ନେଉନଥିବା ବେଳେ ଅଞ୍ଚଳବାସୀ ମୁରିବାହାଲ ରେଞ୍ଜର ଙ୍କୁ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବନ ଅଧିକାରୀଙ୍କୁ ପଚାରିବାରୁ ଦୀର୍ଘ ଦିନଧରି ରହିଆସୁଥିବା ହାତୀ ପଲଙ୍କ ପାଇଁ ଅସହାୟ ଅବସ୍ଥାରେ ଆମେ ରହିଛୁ । ଯେଉଁ ଚାଷୀମାନଙ୍କ ଚାଷ କ୍ଷତି ହେଇଛି ସେମାନେ ଆବେଦନ କଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ମୁରିବାହାଲ ରେଞ୍ଜର କହିଛନ୍ତି । ହାତୀ ପଲ ଘଉଡ଼ାଇ ହେଉ ନଥିବା ରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି ବୋଲି ପ୍ରକାଶ କରିଛନ୍ତି ।



# କଂଗ୍ରେସ ଜିଲ୍ଲା ସଭାପତି ଚୟନ ପାଇଁ ସୃଜନ ଅଭିଯାନ

ପାରଳାଖେମୁଣ୍ଡି (ଓଡ଼ିଶା ଭାସ୍କର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ,ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଶ୍ରୀ ଏନ ରଘୁବୀର ରେଡ୍ଡୀ ଙ୍କର ଉପସ୍ଥିତି ରେ କଂଗ୍ରେସ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲା ସଭାପତି ଚୟନ ପାଇଁ କରାଯାଉଛି। ଆଗାମୀ ଦିନରେ ଓଡିଶା ରାଜ୍ୟରେ କଂଗ୍ରେସ ସଂଗଠନ କୁ ଆହୁରି ଅଧିକା ମଜବୁତ କରିବାକୁ ଜାତୀୟ କଂଗ୍ରେସ ସଭାପତି ମଲିକର୍ଜୁନ ଖଡ଼ଗେ ଓ ଜନନାୟକ ରାହୁଲ ଗାନ୍ଧୀ ଗୁରୁତ୍ୱ ଦେଇଛନ୍ତି । ଖାସ୍ କରି ଓଡ଼ିଶାକୁ ବୋଲି ସାମ୍ବାଦିକମାନଙ୍କୁ ଶ୍ରୀ ରେଡ୍ଡୀ କହିଥିଲେ। ଏଥି ନିମନ୍ତେ ଗଜପତି ଜିଲ୍ଲାରେ ସାତଦିନ ରହି ଗଜପତି ଜିଲ୍ଲା ର ସାତ ଗୋଟି ବ୍ଲକର ସମସ୍ତ କଂଗ୍ରେସ ନେତା ଓ କର୍ମକର୍ତ୍ତା ମାନଙ୍କୁ ଭେଟିବାକୁ ସୂଚନା ଦେଇଛନ୍ତି। କିନ୍ତୁ ଆଜି କଂଗ୍ରେସ ର ଏହି କାର୍ଯ୍ୟକ୍ରମ ଆରମ୍ଭରୁ ଜିଲ୍ଲା କଂଗ୍ରେସ ସଭାପତି ଉପରେ କଂଗ୍ରେସ ଦଳର ସାଙ୍ଗଠନିକ ପୁରୁଣା ଆଗଧାଡ଼ିର ଛାମୁଆ ନେତା କର୍ମୀ କଂଗ୍ରେସ କାର୍ଯ୍ୟାଳୟରେ ଆଜି ଆସିଥିବା ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଲେ ପରେ ସେମାନଙ୍କ ଦେଖିବାକୁ ମିଳିନଥିଲା, ଯା'ର ଲେଖା ସେ ଆସି ଚାଲିଲେ। ଏଥିରେ ସୂଚନା ମୁତାବକ ଜିଲ୍ଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗଙ୍କ ଏକ ଛତ୍ରବାଦ ବିଧାୟକ ରୂପେ କରିପାରନ୍ତି ଖାସ କରି ମୋହନା ନିର୍ବାଚନ ମଣ୍ଡଳୀରେ। ଦୁଃଖର ବିଷୟ ଗଜପତି ଅନ୍ୟ ଗୋଟିଏ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପ୍ରତି ତିଳେ ମାତ୍ର ଆଶ୍ୱାସନା ନାହିଁ, ଏବଂ ହାତ ଗଣତି ଜଣେ ଦୁଇ ଜଣକୁ ଦାୟିତ୍ୱ ଦେଉଛନ୍ତି। ସେମାନଙ୍କ ମଧ୍ୟରୁ କିଏ ଠକ୍ ଜାଲିଆତି ଠେସରେ ଜେଲ୍ ଫେରନ୍ତା ତ ଆଉ କିଏ ଠକ ସଂସ୍ଥା ମାଲିକ, ଯେଉଁମାନେ କି ଏଘର ମାଉସୀ ସେଘର ପିଉସୀ ସେମାନେ ହେଉଛନ୍ତି ବିଧାୟକ ତଥା ଜିଲ୍ଲା ସଭାପତିଙ୍କ ଗଳାର ମାଳି। ଓଡ଼ିଆ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଦଳରେ ସ୍ୱଚ୍ଛତା ଆଣିବା ନିମନ୍ତେ ପ୍ରୟାସ ଜାରି ରଖିଥିବାବେଳେ ଗଜପତି ଜିଲ୍ଲା କଂଗ୍ରେସରେ ଜିଲ୍ଲାର କେତେ ଉଆଳି ଯେଉଁମାନେ କଂଗ୍ରେସ କୁ ଢାଲ କରିବା ପାଇଁ ଉଦ୍ୟମ କରିଛନ୍ତି ସେମାନଙ୍କୁ ଧରି ଜିଲ୍ଲା କଂଗ୍ରେସ ସଜାଡ଼ିବା ପ୍ରୟାସ ଆଜି ଦାଣ୍ଡରେ ପଡି ହାଟରେ ଗଡିଲାଣି। ହେଲେ ହେଲେ କଂଗ୍ରେସ ନେତା କର୍ମୀଙ୍କ ଠାରୁ ଶୁଣିବାକୁ ମିଳିଛି ସଭାପତି ତଥା ମୋହନା ବିଧାୟକ ବେଳ ଥାଉଁ ଥାଉଁ ନ ସଜାଡ଼ି ଲେ ମୋହନା ନିର୍ବାଚନମଣ୍ଡଳୀ ହେଲେ ହାତଛଡ଼ା ହୋଇଯିବ ବୋଲି ନେତାଙ୍କ କର୍ମୀଙ୍କ ଠାରୁ ସୂଚନା ମିଳିଛି। ଆଜି ଓଡିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଚିନ୍ମୟ ବେହୁରା ଏବଂ ବରିଷ୍ଠ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର କୃଷ୍ଣଚନ୍ଦ୍ର ପତି ଏବଂ ଜିଲ୍ଲା ସଂଯୋଜକ ତଥା ବିଧାୟକ ଦଶରଥୀ ଗମାଙ୍ଗଙ୍କ ସହ ପ୍ରଦେଶ ମହିଳା କଂଗ୍ରେସ କମିଟି ନାରୀନେତ୍ରୀ ନିରୁପମା ପାତ୍ର ଭାବରେ ଯୋଗ ଦେଇଥିଲେ।

# ଅସରାଏ ବର୍ଷାରେ ୧୦ ଖଣ୍ଡ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ



ଉମରକୋଟ(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ଉମରକୋଟ ଓ ରାଇଘର ମଝିରେ ମୁଖ୍ୟ ରାସ୍ତାରେ ଥିବା ବଣିପଦର ଛକ ଠାରୁ ବଣି ପଦର ଗାଁକୁ ଯିବା ବାଟରେ ଏକ ନାଳ ଅଛି, ଯୋଉଠି ସାମାନ୍ୟ ବର୍ଷା ହେଲେ ସେହି ନାଳରେ ୫ ଫୁଟ ଉଚ୍ଚତାରେ ପାଣିଆସେ। ଫଳରେ ସେହି ନାଳ ସେପାଖ ଅଂଚଳରେ ରହିଥିବା ଉମରକୋଟ ବ୍ଲକର କୁର୍ସୀ ଓ ତହରା ଗ୍ରାମ ପଞ୍ଚାୟତର ପ୍ରାୟ ୧୦ ଖଣ୍ଡ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଶିକ୍ଷା , ସ୍ୱାସ୍ଥ୍ୟ ଓ ରାଇଘର ବଜାରକୁ ଯିବା ପାଇଁ ଏହା ହିଁ ଏକ ମାତ୍ର ବାଟ। ନାଳରେ ପାଣି ଆସିଲେ ଆମ୍ବୁଲାନ୍ସକୁ ବୁଲି ବୁଲି ୪୦ କିଲୋମିଟର ରାସ୍ତା ପାର କରି ଉମରକୋଟ କିମ୍ବା ରାଇଘର ହସ୍ପିଟାଲ ଯିବାକୁ ପଡ଼ିଥାଏ।

**ପୋଲ ନିର୍ମାଣ ପାଇଁ ଦାବି**

ବିଶେଷ କରି ଏହି ଅଞ୍ଚଳର କଲେଜ ଛାତ୍ର ଛାତ୍ରୀମାନେ ଯେଉଁ ମାନେ ରାଇଘର ଯିବା ଆସିବା କରିଥାନ୍ତି ନାଳରେ ପାଣି ଆସିବା ମାତ୍ରେ କଲେଜ ଯିବା ବନ୍ଦ। ନାଙ୍ଗାଗୁଡ଼ା, ଧୂଣ୍ଡିବେଡା, ଡାହାଡ଼ମାଳ, ଭାଲୁଗୁଡା, ବୋଣୀପଦର ଗାଁ ଲୋକ ମାନେ ତୁରନ୍ତ ସେଠାରେ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି।

# ମାରଓ୍ୱାଡି ଯୁବା ମଞ୍ଚ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ମୁରିବାହାଲ ((ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ହରିଭବନରେ ଆଜି ମାରଓ୍ୱାଡି ଯୁବା ମଞ୍ଚ କଣ୍ଟାବାଞ୍ଜି ଶାଖା ଓ ଜାଗୃତି ଶାଖାର ପକ୍ଷରୁ ରାୟପୁର ଏମଏମଆଇ ନାରାୟଣ ହସ୍ପିଟାଲ୍ ରାୟପୁର ଙ୍କ ସହଯୋଗରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରେସ କ୍ଲବ୍ କଣ୍ଟାବାଞ୍ଜି ସଭାପତି ପ୍ରଭଜିତ୍ ସିଂହ ସାଲୁଜା,ସହ ମାରଓ୍ୱାଡି ଯୁବା ମଞ୍ଚ ବିକାଶ ଶାଖା ସଭାପତି ନିଖିଲ ଅଗ୍ରଓ୍ୱାଲ, ସମ୍ପାଦକ ନବନିତ୍ ଅଗ୍ରଓ୍ୱାଲ, ଜାଗୃତି ମହିଳା ଶାଖା ସଭାପତି ଚଞ୍ଚଳ ବଂଶଲ୍, ସମ୍ପାଦକ ଚଞ୍ଚଳ ଅଗ୍ରଓ୍ୱାଲ ମଞ୍ଚରେ ଯୋଗ ଦେଇଥିଲେ, ମଞ୍ଚ ପରିଚାଳନା ଅଙ୍କିତା ଜୈନ ଓ ମନୀଷ ଜୈନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ରଜତ ଅଗ୍ରଓ୍ୱାଲ, ଓ ଅଙ୍କିତା ଅଗ୍ରଓ୍ୱାଲ ନେତୃତ୍ୱ ରେଏମଏମଆଇ ନାରାୟଣ ହସ୍ପିଟାଲର ରାୟପୁର ଏ ବରିଷ୍ଠ ବିଶେଷଜ୍ଞ ଡାକ୍ତର ରାଜେଶ ସିଂହା,ଡାକ୍ତର ବରୁଣ ଶର୍ମା,ଡାକ୍ତର ଓ୍ୱେରେନିକା ଆଇରିନ୍ ଯୁଏଲ,ଡାକ୍ତର ପ୍ରଶାନ୍ତ ମଡ଼ରିଆ,ଡାକ୍ତର ଅଦିତି ଶର୍ମା, ଡାକ୍ତର କମଲେଶ ସୋନି ଶିବିରରେ ଆଖ ପାଖ ଅଂଚଳର ୩୧୫ ଲୋକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧୁମେହ, ରକ୍ତଚାପ, ଇସିଜି ସହ ଡାକ୍ତର ପରାମର୍ଶ ଦେଇଥିଲେ। ଏଭଳି ଆୟୋଜନ ପାଇଁ ବିଧାୟକ ଆୟୋଜକ କମିଟି ଏବଂ ଡାକ୍ତରଙ୍କ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ। ଏହି ଶିବିର ନିରନ୍ତର କରାଯିବ ବୋଲି ପ୍ରୋଜେକ୍ଟ ଡାଇରେକ୍ଟର ଆଶିଷ ଖଇତାନ କହିଛନ୍ତି।ଏହି ବିଶାଳ ସ୍ୱାସ୍ଥ୍ୟ ଶିବିର ବିଭିନ୍ନ କ୍ଷେତ୍ର ରେ ସେବା କାର୍ଯ୍ୟ କରିଥିବା ଲୋକଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଏହି ଶିବିରକୁ ସଫଳ କରିବା ପାଇଁ ମାରଓ୍ୱାଡି ଯୁବା ମଞ୍ଚ ବିକାଶ ଶାଖା ଓ ମହିଳା ଜାଗୃତି ଶାଖା ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।

# ଗଣଶିକ୍ଷାମନ୍ତ୍ରୀଙ୍କ ଉମରକୋଟ ଗସ୍ତ



ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ ମାନ୍ୟବର କ୍ୟାବିନେଟ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ବିଭାଗ ର ମନ୍ତ୍ରୀ ଉମରକୋଟ ଗସ୍ତ କରିଛନ୍ତି। ଗସ୍ତ କାର୍ଯ୍ୟ କ୍ରମ ରେ ଶ୍ରୀ ମନ୍ତ୍ରୀ ଶ୍ରୀ ଗଣ୍ଡ ବିଭିନ୍ନ ପ୍ରକଳ୍ପ ର ଶିଳାନ୍ୟାସ କରିଛନ୍ତି। ମନ୍ତ୍ରୀ ଙ୍କ କହିବା ନୁ ଯାଇ, ଆମ ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ସବୁ ଗ୍ରାମାଞ୍ଚଳର ପିଲା ଘରେ ରହିବା ଦ୍ୱାରା ପାଠ ପଢିବା ପାଇଁ ଅଗ୍ରହ ନ ନେଇ ଖେଳ କୁଦ ସହ ଜମିବାଡ଼ି କାମରେ ଲାଗିବା ଦେଖି ବାକୁ ମିଳିଛି। ଏଣୁ ଏହି ଆଦିବାସୀ ଛାତ୍ର ଛାତ୍ରୀ ଙ୍କ ଶିକ୍ଷା ର ଗୁଣାତ୍ମକ ମାନ ପାଇଁ ପ୍ରତ୍ୟେକ ପଞ୍ଚାୟତ ମାନଙ୍କ ରେ ଥିବା ବିଦ୍ୟାଳୟ ଗୁଡ଼ିକରେ ହଷ୍ଟେଲ ସୁବିଧା କରାହେବ। ଯ ଦ୍ୱାରା ଆଉ ପିଲାମାନେ ଘରେ ନ ରହି ହଷ୍ଟେଲ ରହି ପାଠ ପଢ଼ିବା ଦ୍ୱାରା ଛାତ୍ର ଛାତ୍ରୀ ମାନେ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରି ପାରିବେ।ଏହି ଗ୍ରସ୍ତ ସମୟରେ ପ୍ରଥମେ ମୁର୍ତୁମା ସରକାରୀ ବିଦ୍ୟାଳୟ ଗସ୍ତ କରି ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ତରଫରୁ ବିଶିଷ୍ଟ ଆବାସିକ ହଷ୍ଟେଲ ଗୃହ , ପରେ ପରେ କେଶରୀ ବେଡା ଆବାସିକ ବିଦ୍ୟାଳୟ ଠାରେ ଓ କୋପେନା ଟଏଗରଝ ବିଦ୍ୟାଳୟ ଠାରେ ୨ କୋଟି ବ୍ୟୟ ଅଟକଳ ରେ ପଚାଶ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଗୃହ ର ଶିଳା ନ୍ୟାସ କରିଥିଲେ ଓ଼ ସିଙ୍ଗିସାରୀ ଆବାସିକ ବିଦ୍ୟାଳୟ ର ଚାଳିଶ ଶଯ୍ୟା ବିଶିଷ୍ଟ ବିଦ୍ୟାଳୟ ଆବାସିକ ଗୃହ ଉଦଘାଟନ କରିଥିଲେ। ମନ୍ତ୍ରୀ ସମସ୍ତ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ ମାନଙ୍କୁ ଆଦର୍ଶ ଶିକ୍ଷା, ସ୍କୁଲ ର ସଫେଇ, ପିଲାଙ୍କ ଉପସ୍ଥାନ, ଆଉ ପିଲାଙ୍କ ଯତ୍ନ ଓ଼ ପିଲାଙ୍କ ଗୁଣାତ୍ମକ ମଧ୍ୟାନ ଭୋଜନ ପାଇଁ ଶିକ୍ଷକ ମାନଙ୍କୁ ଗୁରୁ ମନ୍ତ୍ରୀ ଦେଇଥିଲେ। ବର୍ତ୍ତମାନ ସମୟରେ ଜୁନିଅର ଶିକ୍ଷକ ମାନଙ୍କୁ ନିୟମିତ ପକ୍ରିୟା କେବେଳ ମୋ ସମୟରେ ସମ୍ଭବ ହେଇ ପାରିଛି ବୋଲି ନିଜ ପ୍ରତିକ୍ରିୟା ରଖିଥିଲେ। ସବୁ ସ୍କୂଲ କୁ ଆଗାମୀ ଦିନ ରେ ସ୍ଥାୟୀ ପଟ୍ଟା ଓ଼ ହଷ୍ଟେଲ ଘର ଯୋଗାଇ ଦେବାକୁ ଆମ ସରକାର ପ୍ରତି ଶ୍ରୁତି ବଧ ବୋଲି କହିଥିଲେ। ଆଜି ର ଏହି କାର୍ଯ୍ୟ କ୍ରମ ରେ ମନ୍ତ୍ରୀ ଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦନ ରାୟ,ବ୍ଲକ ସଭାପତି ସୁଶିଳା ମାଝୀ, ଭା ଜ ପା ର ବରିଷ୍ଠ ନେତା ରମେଶ ସାହୁ, ସଂସଦ ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ ସମେତ ବହୁ ସ୍ଥାନୀୟ ବୁଦ୍ଧିଯିବି ଓ଼ ଅଂଚଳ ର କାର୍ଯ୍ୟ କର୍ତା ଯୋଗ ଦେଇଥିଲେ।

## ଭାଜପାର ବ୍ଲକ୍‌ସ୍ତରୀୟ କର୍ମଶାଳା

# ସେବା ପକ୍ଷ ପାଳନ ପାଇଁ ପ୍ରସ୍ତୁତି




ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉପ ବଜାର ପ୍ରାଙ୍ଗଣଠାରେ ଭାଜପା ର ବ୍ଲକ୍‌ସ୍ତରୀୟ କର୍ମଶାଳା ଖପ୍ରାଖୋଲ ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଭାଜପା ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ସମ୍ମାନୀତ ଅତିଥି ରୂପେ ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ, ରାଜ୍ୟ ପରିଷଦ ସଦସ୍ୟ ଦେବକାନ୍ତ ପାଣିଗ୍ରାହୀ, ଜିଲ୍ଲା ପ୍ରତିନିଧି ପ୍ରଶାନ୍ତ କୁମାର ମେହେର, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଲାଠୋର ମଣ୍ଡଳ ସଭାପତି ବିକାଶ ବେହେରା,ବରିଷ୍ଠ ସଦସ୍ୟ ସନ୍ତୋଷ ପଟେଲ ଯୋଗଦେଇଥିଲେ। ଆଗାମୀ ୧୭ ତାରିଖରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ୍ମ ଦିବସରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଥିବାବେଳେ ପନ୍ଦର ଦିନ ବ୍ୟାପୀ ସେବା ପକ୍ଷ ପାଳନ କରି ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ଆଲୋଚନା ହୋଇଥିଲା। ସେବା ପକ୍ଷ ରେ ବୃକ୍ଷରୋପଣ, ସ୍ୱଚ୍ଛତା, ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର, ଭିନ୍ନକ୍ଷମଙ୍କୁ ସମ୍ବର୍ଦ୍ଧନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଗାଁ ଗାଁ ରେ ପାଳନ କରିବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ କର୍ମଶାଳାରେ ନାରାୟଣ ଦଣ୍ଡସେନା, ଗୋପ ସାହୁ, ବାବାଜୀ ମେହେର, ତପ ସାହୁ, ରିନା ଜାଲ, ବୁଲୁ ଯୋଷୀ, ଜନାର୍ଦ୍ଦନ ସୁନା, କାଳିଆ ସାହୁ,ମହମ୍ମଦ ୟୁସୁଫ, ହରିପୋଡ ପ୍ରମୁଖ ଶତାଧିକ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦଶରଥ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ସତ୍ୟାନନ୍ଦ ସେଦ୍ରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।


# ଜଙ୍ଗଲରେ ବେଆଇନ କୋଇଲା ଚୋରାଚାଲାଣ ଅଭିଯୋଗ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ୪୯ ନମ୍ବର ଜାତୀୟ ରାଜପଥରୁ ଆମ୍ବଦରହ- ବଡ଼ଯୋବ ବନ ବିଭାଗ ରାସ୍ତାର କାଳୀ ମନ୍ଦିର ନିକଟସ୍ଥ ଜଙ୍ଗଲରେ ପ୍ରାୟ ୪୦ ଟନରୁ ଉର୍ଦ୍ଧ୍ୱ କୋଇଲା ବହୁ ଦିନରୁ ଗଦା ହୋଇ ପଡ଼ି ରହିଛି । ଟେଲର ଯୋଗେ କୋଇଲା ଚୋରାଚାଲାଣ ହେଉଥିବାବେଳେ ମାଫିଆମାନେ ଧରପଗଡ଼ ଭୟରେ ଜଙ୍ଗଲ ଭିତରେ ଗାଡ଼ି ଖାଲି କରି ଚାଲିଯାଇଥିବା ଅନୁମାନ କରାଯାଉଛି। ଅନ୍ୟପଟେ ଜଙ୍ଗଲ ଭିତରେ କୋଇଲା ଚୋର ସକ୍ରିୟ ହୋଇଥାଇ ପାରନ୍ତି ବୋଲି ମଧ୍ୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ତେଣୁ ଏହାର ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ସାଧାରଣ ଲୋକେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମସିହାରେ ଗାନ୍ଧିଛକ ଫାଣ୍ଡି ଅଧିକାରୀ ଶଶୀଭୂଷଣ ପୋଡ଼ ଆମ୍ବଦରହ ଜଙ୍ଗଲରେ ବେଆଇନ କୋଇଲା ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଥିଲେ । ପୋଲିସକୁ ଦେଖି କୋଇଲା ଚୋର ଫେରାର ମାରିଥିବା ବେଳେ ପୋଲିସ ଘଟଣାସ୍ଥଳରୁ ଅଖା ଭର୍ତି କୋଇଲା ସମେତ ଟ୍ରକକୁ ଜବତ କରିଥିଲା । ଏହି ଘଟଣାକୁ ପ୍ରାୟ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ଏହାର ପୁନରାବୃତ୍ତି ହୋଇଛି । ଏବେ ଆମ୍ବଦହର ଜଙ୍ଗଲରୁ କୋଇଲା ମିଳିବା ଘଟଣା ପୁରା ଚୋରା କୋଇଲା ଚାଲାଣକୁ ପଦାରେ ପକାଇ ଦେଇଛି । ଏହି ଚୋରା କୋଇଲା ଜଙ୍ଗଲ ରାସ୍ତା ଦେଇ ପଡୋଶୀ ଜିଲ୍ଲା ସୁନ୍ଦରଗଡ଼ ଚାଲାଣ ହେଉଥିବା ଅନୁମାନ କରାଯାଉଛି । ଜିଲ୍ଲାରେ ଏବେ ବେଆଇନ ଭାବେ ଚୋରା କୋଇଲା ଚାଲାଣ ହେଉଛି ଓ ଲୁଚାଛପାରେ ଏବଂ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ଏହି ଚୋରା ଚାଲାଣକୁ ଜୋରଦାର କରାଯାଉଛି । ଧରାପଡ଼ିଲେ ଚୋରମାନେ ଯେଉଁଠି ନାହିଁ ସେଇଠି କୋଇଲା ଫୋପାଡ଼ି ପଳାଉଛନ୍ତି। ଏହାର ଏମସିଏଲ, ଜିଲା ପ୍ରଶାସନ ଏବଂ ପୋଲିସ ମିଳିତ ଭାବେ ତଦନ୍ତ କରିବା ଦରକାର । ଏକ ମିଳିତ ଟିମ ଗଠନ କରି ଏହାର ତଦନ୍ତ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନେବା ଦରକାର । ତାହା ହେଲେ ଜିଲ୍ଲାରେ ଚାଲୁଥିବା ବେଆଇନ ଏବଂ ଚୋରା କୋଇଲା ଚାଲାଣ ରୋକି ହୁଅନ୍ତା ବୋଲି ଜନସାଧାରଣଙ୍କ ମତ ପ୍ରକାଶ ପାଉଛି।

**ପାଣିରେ ପଡ଼ିବ କୋଟି କୋଟି ଟଙ୍କା**

# ବ୍ୟବହାର ହେଉନି ପାଠ୍ୟ ଉପକରଣ ଭାଙ୍ଗିରୁଜି ଗଲାଣି ଶ୍ରେଣୀଗୃହ



ମାଲକାନଗିରି (ଭାସ୍କର ନ୍ୟୁଜ୍): ସରକାରୀ ସ୍କୁଲ୍ ଛାତ୍ରଛାତ୍ରୀ ଡିଜିଟାଲ୍ ସିଷ୍ଟମରେ ପଢ଼ିବେ ପାଠ ଏଥିଲାଗି ନିର୍ମାଣ ହୋଇଥିଲା ସ୍ମାର୍ଟ କ୍ଲାସ୍ ରୁମ୍ । ଯୋଗାଇ ଦିଆଯାଇଥିଲା କମ୍ପ୍ୟୁଟର ଓ ଅନ୍ୟାନ୍ୟ ମୂଲ୍ୟବାନ ପାଠ୍ୟଉପକରଣ। ହେଲେ ପଢ଼ାଇବାକୁ ଶିକ୍ଷକ ଏବଂ ଆବଶ୍ୟକ କର୍ମଚାରୀ ନଥିବାରୁ ତାହା ବ୍ୟବହାରରେ ଆସିପାରୁନି। ୨୦୨୪ ନିର୍ବାଚନ ପୂର୍ବରୁ ତତ୍କାଳୀନ ସରକାର ସରକାରୀ ସ୍କୁଲ୍ ଗୁଡ଼ିକ ୫-ଟିରେ ସାମିଲ୍ କରି ରୂପାନ୍ତରୀକରଣ କରିଥିଲେ । ମାଲକାନଗିରି ଜିଲ୍ଲାର ୧୩୯ ହାଇସ୍କୁଲର ରୂପାନ୍ତୀକରଣ ହୋଇଥିବା ବେଳେ ଖର୍ଚ୍ଚ ହୋଇଥିଲା ୬୭ କୋଟି। ସରକାର ବଦଳିବା ପରେ ୫-ଟି ଯୋଜନା ବନ୍ଦ ହେବା କାରଣରୁ ବହୁ ମୂଲ୍ୟର ପାଠ୍ୟ ଉପକରଣ ଏବେ ନଷ୍ଟ ହେବାକୁ ବସିଲାଣି। ମାଲକାନଗିରି ଜିଲ୍ଲାକୁ ୪ଟି ପର୍ଯ୍ୟାୟରେ ତତ୍କାଳୀନ ସରକାର ଅନୁଦାନ ଦେଇ ହାଇସ୍କୁଲ୍ ଗୁଡ଼ିକର ରୂପରେଖ ବଦଳାଇଥିଲେ। ବିଦ୍ୟାଳୟ ଗୁଡ଼ିକୁ କମ୍ପ୍ୟୁଟର, ପ୍ୟାନେଲ୍ ବୋର୍ଡ, ଡେସ୍କ, ବେଞ୍ଚ, ପାଠାଗାର ଟେବୁଲ, ବିଜ୍ଞାନ ଲ୍ୟାବ୍ ପାଇଁ ୪୫ ଲକ୍ଷ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ ସ୍କୁଲ କର୍ତ୍ତୃପକ୍ଷ ଅଢ଼େଇ ଲକ୍ଷ ଟଙ୍କା ନିଜ ଖାତାରେ ଜମା କରି ବାକି ୪୨.୫ ଲକ୍ଷରେ ସ୍କୁଲ୍ ଉନ୍ନତୀକରଣ କାର୍ଯ୍ୟ କରିଥିଲେ। ତେବେ ଜିଲ୍ଲା ଶିକ୍ଷା ବିଭାଗ ଏହି ଟଙ୍କାକୁ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିଥିଲା । ବ୍ଲକ କର୍ତ୍ତୃପକ୍ଷ ଉନ୍ନୟନ କାର୍ଯ୍ୟକୁ ତରାନ୍ୱିତ କରିଥିଲେ । ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ବେଳେ ପ୍ରଦାନ କରାଯାଇଥିବା ଟେବୁଲ, ଚେୟାର ଅତ୍ୟନ୍ତ ଦୁର୍ବଳ । ବାହାରକୁ ଚକାଚକ୍ ଦେଖାଯାଉଥିବା ନିର୍ମାଣ କାର୍ଯ୍ୟ ନିମ୍ନମାନର କାରଣରୁ ଅଧାରୁ ଅଧିକ ସ୍କୁଲରେ ହୋଇଥିବା କାମ ଭାଙ୍ଗିରୁଜି ଗଲାଣି। ସୂଚନା ମୁତାବକ, କାଲିମେଲା ବ୍ଲକରେ ୨୭ଟି, ମାଲକାନଗିରି ବ୍ଲକର ୨୩ଟି, ମାଥିଲି ବ୍ଲକର ୨୩ଟି, ପଡିଆ ବ୍ଲକର ୧୨ଟି, ଚିତ୍ରକୋଣ୍ଡା ବ୍ଲକର ୨୧ଟି, କୋରୁକୋଣ୍ଡା ବ୍ଲକର ୧୬ଟି, ଖଇରପୁଟ ବ୍ଲକର ୧୭ଟି ସ୍କୁଲକୁ ୫-ଟିରେ ସାମିଲ ହୋଇଥିଲା। ଏଥିପାଇଁ ମୋଟ ୬୭କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରଥମ ତିନୋଟି ପର୍ଯ୍ୟାୟରେ ୪୫ ଲକ୍ଷ ଏବଂ ଚତୁର୍ଥ ପର୍ଯ୍ୟାୟରେ ୬୦ ଲକ୍ଷ ଟଂକା ପ୍ରଦାନ କରିଥିଲେ ସରକାର। ତେବେ ଏଥିରେ ୧୫ ଲକ୍ଷ ଟଙ୍କାର ଏକ ଅତିରିକ୍ତ ଗୃହ ନିର୍ମାଣ କରାଯାଇଥିବା କୁହାଯାଇଛି। ଜିଲ୍ଲାର ୧୩୯ଟି ସ୍କୁଲରେ କମ୍ପ୍ୟୁଟର ଦିଆଯାଇଥିବାବେଳେ ଶିକ୍ଷାଦାନ ପାଇଁ କୌଣସି ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ଯେଉଁଥିପାଇଁ କମ୍ପ୍ୟୁଟର ଶିକ୍ଷାର ସୁଯୋଗ ପାଇଲେନି ଛାତ୍ରଛାତ୍ରୀ। ଶିକ୍ଷକ ନଥିବାରୁ କମ୍ପ୍ୟୁଟର ଶିକ୍ଷାଦାନ ହୋଇପାରୁନଥିବା ସ୍କୁଲ୍ କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ୫-ଟିରେ ଯାହା ସବୁ ସାମଗ୍ରୀ ମିଳିଥିଲା ସେ ସବୁ ଭାଙ୍ଗିଗଲାଣି। ମରାମତି ଅଭାବରୁ ସ୍କୁଲ୍ ପୂର୍ବ ସ୍ଥିତିକୁ ଆସିଗଲାଣି ଆବଶ୍ୟକୀୟ ପଦକ୍ଷେପ ଓ ଦୂରଦୃଷ୍ଟିର ଅଭାବ ଯୋଗୁଁ ତତ୍କାଳୀନ ସରକାର ୫-ଟି ନାମରେ ଶିକ୍ଷାର ବିକାଶ ପାଇଁ ଖର୍ଚ୍ଚ କରିଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିବା ଭଳି ହୋଇଛି।

# ଆମ୍ବଦରହ-ବଡ଼ଯୋବ ବନବିଭାଗ ରାସ୍ତା ବିପର୍ଯ୍ୟସ୍ତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ବନାଞ୍ଚଳ ଅନ୍ତର୍ଗତ ଆମ୍ବଦରହ-ବଡ଼ଯୋବ ବନ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୪୯ ନମ୍ବର ଜାତୀୟ ରାଜପଥରୁ ଆମ୍ବଦରହ ଦେଇ ବଡ଼ଯୋବ କାଳୀ ମନ୍ଦିରକୁ ସଂଯୋଗ କରୁଥିବା ଏହି ମାଟି ଓ ମୋରମ ନିର୍ମିତ କଚ୍ଚା ରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷା ଜଳ ବଡ଼ ବଡ଼ ଗର୍ତ୍ତରେ ଭର୍ତି ରହିଥିବାରୁ ରାସ୍ତା କାଦୁଅ ପଚ ପଚ ହୋଇଯାଇଛି। ସେହିପରି ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନର କର୍ଲଭେଟ ମଧ୍ୟ ଭାଙ୍ଗି ଯାଇ ବିପଦଜନକ ହୋଇ ପଡ଼ିଥିବା ବେଳେ ପାହାଡ଼ରୁ ଆସୁଥିବା ଜଳ ପ୍ରବାହ ପାଇଁ ନିର୍ମିତ କଂକ୍ରିଟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ତା ସହିତ ରାସ୍ତାର ଉଚ୍ଚ ସ୍ଥାନରୁ ତଳକୁ ବର୍ଷା ପାଣି ପ୍ରବାହ କରିଥିବାରୁ ଅନେକ ସ୍ଥାନରେ ମୋରୁମ ଧୋଇ ଯାଇ ପଥର ମୁକୁଳା ହୋଇ ବିପଦଜନକ ପରିସ୍ଥିତି ସୃଷ୍ଟି କରିଛି। ଗୌଡ଼ମାଳ ପଂଚାୟତ ଅନ୍ତର୍ଗତ ଅନେକ ଆଦିବାସୀ ବହୁଳ ଗ୍ରାମ ବଡ଼ଯୋବ, ଜଳହରିପଡ଼ା, ନୂଆମୁଣ୍ଡା, ଛାପଲଡ଼ିହି, ମଧୁପୁର ଗ୍ରାମବାସୀଙ୍କୁ ରାଣୀବନ୍ଧ ଦେଇ ଗାନ୍ଧିଛକ ଯିବା ଅଧିକ ଦୂର ହେଉଥିବାରୁ ସେମାନେ ସର୍ଟକଟ ଭାବେ ଆମ୍ବଦରହ-ବଡ଼ଯୋବ ବନ ବିଭାଗ ରାସ୍ତାକୁ ବ୍ୟବହାର କରିଥାନ୍ତି। ହେଲେ ବର୍ତ୍ତମାନ ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ବହୁ ସମସ୍ୟାର ସମ୍ମୁଖୀନ ହୋଇ ଅନେକ କଷ୍ଟ ଭୋଗୁଛନ୍ତି। ବିଶେଷ କରି ରାତିରେ ଯାତାୟତ କରିବାକୁ ଭୟ ପ୍ରକାଶ କରିଛନ୍ତି। ତେଣୁ ଏହି ବନ ବିଭାଗ ରାସ୍ତାର ତୁରନ୍ତ ମରାମତି, ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା, କଲଭର୍ଟ ନିର୍ମାଣ ଆଦି ପାଇଁ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଓ ବନ ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦାବି କରିଛନ୍ତି। ଅପରପକ୍ଷରେ ବନ ବିଭାଗର ଏହି ରାସ୍ତାର ମରାମତି ସମେତ ନୂତନ କର୍ଲଭେଟ ଓ ଜଳ ପ୍ରବାହ ପାଇଁ କଂକ୍ରିଟ ନିର୍ମାଣ ସକାଶେ ବିଭାଗକୁ ପ୍ରସ୍ତାବ ଦିଆଯାଇଥିବା ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରେସନା ଜାମଡ଼ାଲିଆ ସୂଚନା ଦେଇଛନ୍ତି କ୍ଷ ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମସିହା ଜୁଲାଇ ୧୦ ତାରିଖ ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଉପଦେଷ୍ଟା ସବିତା ମହାପାତ୍ର ବ୍ରଜରାଜନଗର ଗସ୍ତରେ ଆସିଥିବା ବେଳେ ଜାତୀୟ ରାଜପଥରୁ ଆମ୍ବଦରହ ଦେଇ ବଡ଼ଯୋବ କାଳୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଗୌଡ଼ମାଳ ସରପଞ୍ଚ ରାଜକୁମାର ସାଏ ଲିଖିତ ଭାବେ ପ୍ରସ୍ତାବ ଦେଇଥିଲେ।

# ରାସ୍ତା କାଦୁଅ ଯାଇପାରିଲାନାହିଁ ଆମ୍ବୁଲାନ୍ସ

କଲ୍ୟାଣସିଂପୁର(ଭାସ୍କର ନ୍ୟୁଜ୍): ପୁଣି ଏକ ଜନନୀ ଯନ୍ତ୍ରଣା ରାସ୍ତା କାଦୁଅ ଥିବାରୁ ଆମ୍ବୁଲାନ୍ସ



ପୁଣି ଏକ ଜନନୀ ଯନ୍ତ୍ରଣା

ଯାଇପାରିଲା ନାହିଁ । ଅଧା ବାଟରେ ପ୍ରସବ ହେଲେ ମହିଳା ଏହିଭଳି ଘଟଣା ଘଟିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ଚଞ୍ଚଡା ସାହି ସୁନିଲ ପ୍ରାସ୍କାଙ୍କ ସ୍ତ୍ରୀ ବନିତା ପ୍ରାସ୍କାଙ୍କ କ୍ଷେତ୍ରରେ। ତାଙ୍କର ରାତି ୩.୧୫ରେ ଡେଲିଭରି ପେନ ହୋଇଥିଲା, ଆମ୍ବୁଲାନ୍ସ କୁ ସଙ୍ଗେସଙ୍ଗେ ଯୋଗାଯୋଗ କରିଥିଲେ ହେଁ ଆମ୍ବୁଲାନ୍ସ ପହଞ୍ଚି ଥିଲେ ସୁଦ୍ଧା ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇ ପାରିନଥିଲା। ବାଟରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ ବୋଲି ଆଶା ଦିଦି ନବୀନା ଦୀପ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସେ ମା' ଝିଅ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅଛନ୍ତି । ଉଭୟ ସୁସ୍ଥ ଥିବା ଜଣାପଡ଼ିଛି ।

# ଛତିଶଗଡ଼ରେ ସଂଗଠନ ସଜାଡୁଛି ଲାଲ୍ ବାହିନୀ

ମାଲକାନଗିରି(ଭାସ୍କର ନ୍ୟୁଜ୍): ନକ୍ସଲ ସଂଗଠନରେ ନେତୃତ୍ୱ ପରିବର୍ତ୍ତନ। ଛତିଶଗଡ଼ ମୁଖ୍ୟ ହେଲେ ଦେବଜୀ ଓରଫ ତିରୁପତି। ସେହିପରି ଦୁର୍ଦ୍ଦାନ୍ତ ହିଡ଼ମାକୁ ବସ୍ତର ସହ ବିଶେଷ ଆଞ୍ଚଳିକ ସମିତି ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସୁରକ୍ଷା ବାହିନୀର ଘନ ଘନ ଚଢ଼ଉ ଯୋଗୁଁ ସଂପୂର୍ଣ୍ଣ ଦୁର୍ବଳ ହୋଇଯାଇଛି ଲାଲ୍ ବାହିନୀ। କାରଣ ଛତିଶଗଡ଼ରେ ଡଜନେ ବରିଷ୍ଠ ନକ୍ସଲ ନିହତ ହୋଇଛନ୍ତି କିମ୍ବା ଆତ୍ମସମର୍ପଣ କରି ସାରିଛନ୍ତି । ତେଣୁ ଅସ୍ତିତ୍ୱ ସଂକଟ ସୃଷ୍ଟି ହେବାରୁ ସଂଗଠନକୁ ନୂଆ ନେତା ଦେବା ସହ ବସ୍ତରରେ ସଂଗଠନକୁ ପୁନର୍ଗଠନ କରି ମଜଭୁତ ଉଦ୍ଦେଶ୍ୟରେ ପ୍ରୟାସ ଆରମ୍ଭ ହୋଇଛି। ଏହିକ୍ରମରେ ବସ୍ତର ଅଞ୍ଚଳରେ ସଂଗଠନରେ ବଡ଼ ପରିବର୍ତ୍ତନ ହୋଇଛି। ତେଲେଙ୍ଗାନା କରିମନଗର ଜିଲ୍ଲାର ଦଳିତ ନେତା ତିରୁପତି ଓରଫ ଦେବଜୀଙ୍କୁ ସଂଗଠନର ନୂତନ ମୁଖ୍ୟ ସଚିବ କରାଯାଇଛି ବୋଲି ସୂଚନା ମିଳିଛି। ଅନୁରୂପ ଭାବେ ପିଏଲଜିଏର ପ୍ରଥମ ବାଟାଲିୟନ କମାଣ୍ଡର ହିଡ଼ମା ଓରଫ

**ସଙ୍ଗଠନର ମୁଖ୍ୟ ହେଲେ ଦେବଜୀ**

ସନ୍ତୋଷଙ୍କୁ ସ୍ୱତନ୍ତ୍ର ଆଞ୍ଚଳିକ କମିଟି ସଚିବ ଦାୟିତ୍ୱ ଦିଆଯାଇଛି। ମେ ୨୧ରେ ନାରାୟଣପୁର ଜଙ୍ଗଲରେ ହୋଇଥିବା ଏନ୍‌କାଉଣ୍ଟରରେ ସାଧାରଣ ସମ୍ପାଦକ ନାମବାଲା କେଶବ ରାଓ ଓରଫ ବାସବରାଜୁଙ୍କ ସମେତ ୨୮ଜଣ ନକ୍ସଲ ନିହତ ହୋଇଥିଲେ। ଏହାପରେ ନେତୃତ୍ୱ ପରିବର୍ତ୍ତନ ପାଇଁ ସଂଗଠନରେ ଚର୍ଚ୍ଚା ଆରମ୍ଭ ହୋଇଥିଲା । ୨୦୧୮ ମସିହାରେ ବାସବରାଜୁ ମହାସଚିବ ହୋଇଥିଲେ। କିନ୍ତୁ ଆବୁଝମାଡ଼ର ଗୁଣ୍ଡେକୋଟ ଅଞ୍ଚଳରେ ନିହତ ହେବାପରେ ନେତା ବିହୀନ ସଂଗଠନ ବିକଳ୍ପ ଖୋଜୁଥିଲା । ସଂଗଠନର ସାମରିକ ଗୁଇନ୍ଦା ବିଭାଗ ମୁଖ୍ୟ ଦେବଜୀଙ୍କୁ ପରବର୍ତ୍ତୀ ସଚିବ କରିବାକୁ ଚୂଡ଼ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଯାହାକୁ କାର୍ଯ୍ୟକାରୀ କରାଯାଇଛି। ଦେବଜୀ ପଲିଟ୍ ବ୍ୟୁରୋ ସଦସ୍ୟ ସହ ଶୀଘ୍ର ନିଷ୍ପତ୍ତି ନେବାରେ ପାରଙ୍ଗମ। ଏଥିପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବସ୍ତର ଅଞ୍ଚଳ ସଂଗଠନର ଗଡ଼ ହୋଇଥିବାରୁ ୧କୋଟି ଟଙ୍କାର ପୁରସ୍କାର ଘୋଷିତ ନକ୍ସଲ ମାଡ଼ବୀ ହିଡ଼ମାଙ୍କୁ ବସ୍ତର ଡିଭିଜନ ମୁଖ୍ୟ କରାଯାଇଛି। ପୂର୍ବରୁ ବାଟାଲିୟନ କମାଣ୍ଡର ସହିତ କେନ୍ଦ୍ରୀୟ କମିଟିର ସଦସ୍ୟ ଥିବା ହିଡ଼ମାଙ୍କୁ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟି ପ୍ରଭାରୀ ଭଳି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।



ବୋଲଗଡ (ଭାସ୍କର ନ୍ୟୁଜ): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ବୋଲଗଡ଼ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଜରିଆରେ ସମୁଦାୟ ୨୨୫ ଅଙ୍ଗନୱାଡ଼ି କର୍ମୀ ମାନଙ୍କ ପାଇଁ ଏକ ତିନି ଦିନିଆ ତାଲିମ ଶିବିର ବୁଧବାର ଉଦ୍ଘାଟିତ ହୋଇଯାଇଛି।ବ୍ଲକ ମିଶନ ଶକ୍ତି ସଭଗୃହରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ପୋଷଣ ଭି ପଢ଼ାଇ ଭି କାର୍ଯ୍ୟକ୍ରମକୁ ବିଡ଼ିଓ ସୁମନସୁଧା କୁଣ୍ଡୁ ଉଦ୍ଘାଟନ କରିଥିଲେ।ଏଥିରେ ପ୍ରଥମ ଦିନରେ ବୋଲଗଡ଼, ମାଣିକାଗୋଡ଼ା, ଖଙ୍ଗୁରିଆ, ଭୀମପଡ଼ା ବଡକୁମାରୀ ଆଦି ଅଞ୍ଚଳକୁ ନେଇ ଗଠିତ ସେକ୍ଟରରୁ ୧୧୩ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ମାନେ ତାଲିମ ଗ୍ରହଣ କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଷମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଙ୍ଗନୱାଡ଼ି ସୁପରଭାଇଜର ବିନୋଦିନୀ ପ୍ରଧାନ, ଶର୍ମିଷ୍ଠା ବାରିକ, ଲିଲି ଗ୍ରେସ ଲାକ୍ରା, ନମିତା ମଙ୍ଗରାଜ ,ପ୍ରଭାତୀ ପରିଡ଼ା ଓ ପୋଷଣ ବ୍ଲକ ସଂଯୋଜକ ପ୍ରମୁଖ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁପୋଷଣ ମୁକ୍ତ ଭାରତ ଗଠନ ସହ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଓ ଉଚ୍ଚ ମାନର ଗୁଣାତ୍ମକ ଶିକ୍ଷା ପ୍ରଦାନ ଆଦି ସନ୍ଦର୍ଭରେ ୬ବର୍ଷ ରୁ କମ ବୟସର ଶିଶୁଙ୍କୁ ପୁଷ୍ଟି ସହିତ ପାଠପଢ଼ା କୁ ଗୁରୁତ୍ୱ ନେଇ କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଉଛି।



## ପୁରୀଜିଲ୍ଲାରେ ପୋଲିସର ନାକାବନ୍ଦୀ ଆରମ୍ଭ



ପୁରୀ (ଭାସ୍କର ନ୍ୟୁଜ) : ଆଗକୁ ଆସୁଛି ପାର୍ବଣ ଋତୁ । ପାର୍ବଣ ଋତୁରେ ଅପରାଧୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇବ । ଏହାକୁ ଦୃଷ୍ଟିରେ ରଖି ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୁରୀ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ରାତିରେ ନାକାବନ୍ଦୀ ଆରମ୍ଭ ହୋଇଛି । ଆଇନଶୃଙ୍ଖଳା ବଜାୟ ରଖିବା ଓ ଅପରାଧୀଙ୍କୁ ସାବାଡ କରିବା ପାଇଁ ଏହି ପଦକ୍ଷେପ ଆରମ୍ଭ ହୋଇଛି । ପୁରୀକୁ ଶାନ୍ତିପୂର୍ଣ୍ଣ ଓ ପର୍ଯ୍ୟଟକ, ସାଧାରଣ ଲୋକଙ୍କୁ ସୁରକ୍ଷିତ ଓ ନିରାପତ୍ତା ଯୋଗାଇ ଦେବା ପାଇଁ ପୁରୀ ପୋଲିସ ପ୍ରୟାସ ଜାରି ରଖିଛି । ଅପରାଧୀଙ୍କ ଗତିବିଧି ନିରୀକ୍ଷଣ କରିବା, ସନ୍ଦେହ ଯାନବାହାନ ଓ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଉଛି ଜିଲ୍ଲାର ୨୫ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ନାକାବନ୍ଦୀ କରାଯାଇଛି । ପୁରୀ ପୋଲିସ ସାଧାରଣ ଲୋକଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି । କୌଣସି ବ୍ୟକ୍ତିର ଗତିବିଧି ଜାଣିବାକୁ ପାଇଲେ ୧୧୨ ଟେଲିଫୋନ ନମ୍ବର କିମ୍ବା ନିକଟସ୍ଥ ଥାନାକୁ ଜଣାଇବାକୁ ଅନୁରୋଧ କରାଯାଇଛି ।

## କ୍ୟାବିନେଟ ବୈଠକରେ ୫ ପ୍ରସ୍ତାବ ଅନୁମୋଦିତ
# ନୂଆ ଭୁବନେଶ୍ୱର ପାଇଁ ମାଷ୍ଟର ପ୍ଲାନ୍‌କୁ ମଞ୍ଜୁରି

**୪୨୮ ନୂଆ ଆମ୍ବୁଲାନ୍ସ କ୍ରୟକୁ ଅନୁମୋଦନ**

**ଓଡ଼ିଶା ନିଯୁକ୍ତି ପରୀକ୍ଷା ଫି ପ୍ରଦାନ ଏବଂ ଫେରସ୍ତ ନିୟମାବଳୀକୁ ଅନୁମୋଦନ**

**ଗାଡ଼ିର ଜରିମାନା ଦେୟ ଏକାଥରକେ ହେବ ସମାଧାନ**



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟ୍‌ର ୨୬ତମ ବୈଠକ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୫ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଅନୁମୋଦନ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୂଆ ଭୁବନେଶ୍ୱର ପାଇଁ ଦିଆଯାଇଥିବା ମାଷ୍ଟରପ୍ଲାନ ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଥିଲା। ପ୍ରାୟ ୮୦୦ ଏକର ଜମିରେ ଏହି ନୂଆ ଭୁବନେଶ୍ୱର ନିର୍ମାଣ କରାଯିବ । ସେହିପରି ଓଡ଼ିଶା ନିଯୁକ୍ତି ପରୀକ୍ଷା ଫି ପ୍ରଦାନ ଓ ଫେରସ୍ତ ନିୟମାବଳୀ-୨୦୨୫କୁ ମଧ୍ୟ ଅନୁମୋଦନ ପ୍ରଦାନ କରାଯାଇଥିଲା। ସେହିପରି ଦୁଇଟି ଏଏଲଏସ୍ ଆମ୍ବୁଲାନ୍ସ କାର୍ଡିଆକ୍ କେୟାର ହସ୍ପିଟାଲ ଝାରସୁଗୁଡ଼ାରେ ନିୟୋଜିତ ହେବା ନିମନ୍ତେ ଆବଶ୍ୟକ ଆମ୍ବୁଲାନ୍ସ କ୍ରୟ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମଞ୍ଜୁରି କରାଯାଇଥିଲା। ମୋଟ ୪୨୮ଟି ନୂଆ ଆମ୍ବୁଲାନ୍ସ କିଣିବା ପାଇଁ ମଞ୍ଜୁରି କରାଯାଇଥିଲା। ସେହିପରି ଗାଡ଼ିର ଜରିମାନା ଭରିବା ପାଇଁ ଗୋଟିଏ ଥରରେ ସମାଧାନ କରାଯିବ ବୋଲି ଆସିଥିବା ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଥିଲା। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ପୂର୍ବର ୨୫ଟି କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ମୁଖ୍ୟ ନିଷ୍ପତ୍ତିଗୁଡ଼ିକର ଏକ ସଂକଳନ ଉନ୍ମୋଚନ କରିଥିଲେ। ଏହି ସଂକଳନରେ ୩୪ଟି ବିଭାଗର ୧୩୯ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସାମିଲ ରହିଛି। ଯେଉଁଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକର ମୁଖ୍ୟ ନିଷ୍ପତ୍ତି ଥିବା ସୂଚନା ଦିଆଯାଇଛି।

## ପୌରାଧ୍ୟକ୍ଷାଙ୍କ ପଦ କାଏମ ରହିଲା !

ଉମରକୋଟ(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ଅଧକ୍ଷା ରାଧା ଭତ୍ରାଙ୍କ ପଦ କାୟମ ରହିଲା । ତାଙ୍କ ବିରୋଧରେ ସମସ୍ତ ଚଉଦ ଜଣ ଅନାସ୍ଥା ପ୍ରସ୍ତାବ ଆଣିଥିବା ଘଟଣାକୁ ନେଇ ଆଲୋଚନା ଓ ଭୋଟିଙ୍ଗ ଥିଲା। କିନ୍ତୁ ଦୁଇ ତୃତୀୟାଂଶ ୱାର୍ଡ ସଭ୍ୟ ଅନୁପସ୍ଥିତ ରହିବାରୁ ଭୋଟିଂ କିମ୍ବା ଆଲୋଚନା ହୋଇ ପାରିଲା ନାହିଁ। ଏଣୁ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର ରାଧା ଭତ୍ରା ଅଧକ୍ଷା ଭାବେ କାର୍ଯ୍ୟ ପରିଚାଳନା କରିବେ ବୋଲି ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଗତ ମାସ ୨୬ତାରିଖ ରେ ଉମରକୋଟ ପୌର ପରିଷଦର ସମସ୍ତ ୧୪ଜଣ କାଉନସିଲର ପୌରାଧକ୍ଷା ରାଧା ଭତ୍ରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଲିଖିତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସମସ୍ତ କାଉଁସିଲରଙ୍କୁ ନୋଟିସ ଜାରି କରି ୧୦ ତାରିଖରେ ଉକ୍ତ ଅନାସ୍ଥା ପ୍ରସ୍ତାବ ବିଷୟରେ ଆଲୋଚନା କରିବା ସହ ଭୋଟିଂ କରିବା ନୋଟିସ ରେ ଉଲ୍ଲେଖ କରାଯାଇଥିଲା।


**AFFIDAVIT**

By virtue of an affidavit sworn before the Executive Magistrate, Delang, Puri, dated: 10.09.2025, I Kalpana Bhujabal, Address: village- Sauria Samili Dupada, Po- Ghoradia, Ps- Delang, Dist- Puri, Odisha, PIN-752015, declare that I have changed my daughter's name from Bijayalaxmi Bhujabal to Ritirekha Bhujabal. Henceforth, She shall be known as Ritirekha Bhujabal for all purposes.

**Sd/- Kalpana Bhujabal**

**AFFIDAVIT (For Minor)**

By virtue of an affidavit No.2369 sworn before the Executive Magistrate, Bolagarh on dated: 09.09.2025, I Sandeep Kumar Dash, S/o- Late Balabhadra Dash, Permanent resident of At- HIG-364, K-5, Line No-09, Kaling Vihar, behind police outpost, Bhubaneswar, Patrapada, declares that I have changed my minor son's name from Ambarish Dash to Ambarish Sandeep Kumar Dash who is currently residing at- Achyutarajpur, Post/Ps- Banapur, Dist- Khordha. Henceforth, He shall be known as Ambarish Sandeep Kumar Dash for all purposes.

**Sd/- Sandeep Kumar Dash**

**AFFIDAVIT**

By virtue of an affidavit sworn before the Executive magistrate Kodinga, Dtd : 25/08/2025. I, SAMADU HARIJAN, permanent resident of village Bhataguda ,Po-Chirma Ps/Tahasil -Kodinga, Dist. Nabarangpur, Odisha declare that I have changed my name from SAILENDRA HARIJAN to SAMADU HARIJAN , Henceforth, I shall be known as SAMADU HARIJAN for all purposes.

**Sd/- SAMADU HARIJAN**

**AFFIDAVIT**

By virtue of an affidavit sworn before the Executive Magistrate, Jajpur, dated: 26.08.2025, I Rita Rout, Address: At- Raipur, Po- Bhurunga, Ps- Bari Ramchandrapur, Dist- Jajpur, Odisha, PIN-755017, declare that I have changed my son's name from Rudhura Narayan Rout to Rudra Narayan Rout. Henceforth, He shall be known as Rudra Narayan Rout for all purposes.

**Sd/- Rita Rout**

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ୍ ନମ୍ବର ଏସ୍‌ଟି-ଓଟି-ଭଏସ୍ ଲଗର_କେଜିପି। ତାରିଖ ୦୯.୦୯.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ବରିଷ୍ଠ ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର (ସହ) / ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ଏହା ୧୨:୦୦ ଘଣ୍ଟାରେ ଖୋଲାଯିବ। କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ଡିଭିଜନରେ ଷ୍ଟେସନ ମାଷ୍ଟର ଏବଂ ଅଣ-ଇଣ୍ଟରଲକିଂ ଋଉ ଗେଟ୍ ମଧ୍ୟରେ ଭଏସ୍ ଲଗିଂ ସୁବିଧା ସିଷ୍ଟମର କେନ୍ଦ୍ରୀୟ ରେକର୍ଡିଂ ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ଟ.୨,୨୪,୫୪,୫୪୮.୮୩। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୬୨,୩୦୦/-। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ନାହିଁ। ଖୋଲିବା ତାରିଖ: ୦୭.୧୦.୨୦୨୫। ସମାପ୍ତି ଅବଧି: ୯ ମାସ। ଦାଖଲ ତାରିଖ: ୦୭.୧୦.୨୦୨୫ରୁ ୧୨:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।

**(PR-613)**

**NOTICE**

By virtue of an affidavit No.21, sworn before Executive Magistrate, Nimapara, Dated 08.09.2025, I, Pranita Dash, W/o- Nirmal Chandra Dash permanent resident of Vill./Po- Badalasasan, Ps- Balipatana, Dist- Khordha, Odisha, Pin-752106, declare that I have change my name from Pratita Kumari Panda to Pranita Dash. Henceforth I shall be known as Pranita Dash for all purpose.

**Sd/- Pranita Dash**


## ରକ୍ତହୀନତା ଦିଗରେ ସଚେତନତା ନେଇ ରାଜ୍ୟପାଳଙ୍କ ଅଭିନବ ପ୍ରୟାସ



ମାଲକାନଗିରି (ଭାସ୍କର ନ୍ୟୁଜ): ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ କମ୍ଭମପାଟି ଦିନିକିଆ ମାଲକାନଗିରି ଗସ୍ତରେ ଆସି ମୁଦୁଲିପଡ଼ା ସ୍ଥିତ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଛାତ୍ରୀ ମାନଙ୍କ ମଧ୍ୟରେ ଦେଖା ଯାଉଥିବା ରକ୍ତ ହୀନତା ଓ ଦୃଷ୍ଟି ଜନିତ ସମସ୍ୟା ଉପରେ ସଚେତନ କରିଛନ୍ତି ରାଜ୍ୟପାଳ । ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ପାଇଁ ୧୨ ଗୋଟି ଦୃଷ୍ଟି ଜନିତ ସମସ୍ୟା ଚିହ୍ନଟ କରିବା ଯନ୍ତ୍ର (ଫୋଲ୍ଡିଙ୍ଗ ଓରପ୍ଟର) ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଏଲ ଭି ଆଇ ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗ ସହଯୋଗ ରେ ଏହାକୁ ପ୍ରଦାନ କରାଯାଇଛି ।ତତ୍ ସହିତ ୫୦ ଜଣ ଶିକ୍ଷକଙ୍କୁ ଦୃଷ୍ଟି ଜନିତ ସମସ୍ୟା ଚିହ୍ନଟ କରିବା ଯନ୍ତ୍ର(ଫୋଲ୍ଡିଙ୍ଗ ଓରପ୍ଟର)ର ବ୍ୟବହାର ସମ୍ପର୍କରେ ତାଲିମ୍ ଦିଆଯାଇଛି। ଆଜି ଏସଏସଡି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ କ୍ୟାମ୍ପ କରାଯାଇ ଛାତ୍ରୀ ମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେହିପରି ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ମାନଙ୍କୁ ରକ୍ତହୀନତା ( ଏନେମିଆ) ଉପରେ ସଚେତନ କରାଯାଇଛି । ରାଜ ଭବନ ପକ୍ଷରୁ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ମାନଙ୍କୁ ଦୁଇ ମାସ ପର୍ଯ୍ୟନ୍ତ ବିଟ୍, ଗାଜର ଓ ବାଦାମ ଲଡୁ ( ଚିକି) ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ସୂଚନା ଥାଉ କି ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ରାଜ୍ୟପାଳ ଏହି ବିଦ୍ୟାଳୟରେ ଆରମ୍ଭ କରିଛନ୍ତି ଏବଂ ଏହାର ସମସ୍ତ ଖର୍ଚ୍ଚ ରାଜ ଭବନ ପକ୍ଷରୁ ବହନ କରାଯିବ। ଆଜି ରାଜ୍ୟପାଳଙ୍କ ଉପସ୍ଥିତିରେ ଛାତ୍ରୀ ମାନେ ଗାଜର ଓ ବିଟ୍ ଜୁସ୍ ପିଇବା ସହ ଗୋଟିଏ ଲେଖାଏ ବାଦାମ ଲଡୁ (ଚିକି) ଖାଇଛନ୍ତି। ପ୍ରତ୍ୟେକ ଦିନ ସକାଳ ନଅଟାରେ ଛାତ୍ରୀ ମାନଙ୍କୁ ଗୋଟିଏ ଗ୍ଲାସ୍ ଗାଜର ଓ ବିଟ୍ ଜୁସ୍ ସହ ଗୋଟିଏ ଲେଖାଏ ବାଦାମ ଲଡୁ (ଚିକି) ଦିଆଯିବ । ଏହି ସ୍ୱତନ୍ତ୍ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, କମିଶନର ତଥା ସଚିବ ରୁପାରୋଶନ ସାହୁ, ଜିଲ୍ଲାପାଳ ସୋମେଶ କୁମାର ଉପାଧାୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଓ ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ।

## ସମସ୍ୟାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
# ଡାକ୍ତର ଓ କର୍ମଚାରୀ ଅଭାବ, ରୋଗୀ ହନ୍ତସନ୍ତ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ)ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଟି ୧୫ଗୋଟି ପଂଚାୟତ ରହିଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରା ପୀରଜାହାନିଆ, ଗଙ୍ଗାଦେବୀ ବୁଲିବାକୁ ରାଜ୍ୟ ର କୋଣ ଅନୁକୋଣରୁ ପର୍ଯ୍ୟଟକ ଆସୁଛନ୍ତି। ବିଭିନ୍ନ ସମୟରେ ପୀରଜାହାନିଆ ନିକଟ ବେଳାଭୂମିରେ ପର୍ଯ୍ୟଟକ ସ୍ନାନ ସମୟରେ ବୁଡିଯାଇ ମୃତ୍ୟୁ ବରଣ କରିଥିବା ପୂର୍ବରୁ ମଧ ନଜିର ରହିଛି। କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ମଧଦେଇ ଗତି କରୁଛି। ଏଠାରେ ବିଶେଷଜ୍ଞ ଡକ୍ଟର ନଥିବା ବେଳେ ରୋଗୀ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଏମ୍‌ବିବିଏସ ଡାକ୍ତରଙ୍କ ବ୍ୟତୀତ ଜଣେ ବି ବିଶେଷଜ୍ଞ ଡକ୍ଟର ନାହାନ୍ତି। ଭେଷଜ, ଶଲ୍ୟ, ଶିଶୁ, ଚିକିତ୍ସକ ପଦ ଗୁଡିକ ବର୍ଷ ବର୍ଷ ଧରି ଖାଲି ପଡିଛି। ଜଣେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ନଥିବାରୁ ମହିଳା ରୋଗୀ ମାନେ ଅସୁବିଧା ର ସମ୍ମୁଖୀନ ହେଉଥିବା ବେଳେ ଜରୁରିକାଳୀନ ପରିସ୍ଥିତିରେ ରୋଗୀଙ୍କ ସମ୍ପର୍କୀୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପ୍ରସୂତି କାଳୀନ ସେବା ପାଇବାରୁ ବଂଚିତ ହେଉଥିବାରୁ ମହିଳା ମାନେ ପରିସ୍ଥିତି ଦୃଷ୍ଟିରୁ ବାଧ୍ୟ ହୋଇ ଘରୋଇ କ୍ଲିନିକ ନତୁବା ଚାରିଛକ, ଭୁବନେଶ୍ୱର କ୍ୟାପିଟାଲ ଉପରେ ସର୍ବଦା ନିର୍ଭର କରୁଛନ୍ତି। ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଦକ୍ଷ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ତୁରନ୍ତ ନିଯୁକ୍ତି ଦେବାକୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ଦାବୀ କରିଛନ୍ତି ।ସେହିପରି ସମୟାନୁକ୍ରମେ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସମସ୍ତ ଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ସମୟରେ ଓ ଜରୁରୀ କାଳୀନ ପରିସ୍ଥିତି ରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ନାକେଦମ ହେବାକୁ ପଡୁଥିବା ଜଣା ପଡିଛି। ଏପରିକି ସମୟେ ସମୟେ ଡକ୍ଟର ଙ୍କୁ ଦେଖା କରି ଆବଶ୍ୟକ ପରାମର୍ଶ ଗ୍ରହଣ କରିବା ନିମନ୍ତେ ରୋଗୀ ଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନିରେ ଛିଡା ହେବାକୁ ପଡୁଛି ।ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିରାମୟ ଯୋଜନା ରେ ପର୍ଯ୍ୟାପ୍ତ ପରିମାଣର ଔଷଧ, ଆନୁସଙ୍ଗିକ ଇଞ୍ଜେକ୍ସନ ଓ ସାଲାଇନି ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଯୋଗାଇ ଦିଆଯାଉଥିଲେ ହେଁ ଡକ୍ଟର ଙ୍କ ଅଭାବ ଏକ ପ୍ରମୁଖ ସମସ୍ୟା ରୂପେ ଏଠାରେ ମୁଣ୍ଡ ଟେକିଛି। ଅଞ୍ଚଳବାସୀ ବାରମ୍ବାର ଦାବୀ କରିବା ସହ ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ କର୍ମକର୍ତ୍ତା କେବଳ ପ୍ରତିଶ୍ରୁତି ମାଧ୍ୟମରେ ମେଡିକାଲ କୁ ପ୍ରାଧାନ୍ୟ ଦିଆଯିବ କହିଦେଉଛନ୍ତି କିନ୍ତୁ ନିର୍ବାଚନ ସ୍ୱାର୍ଥ ଓ ସମୟ ସରିଗଲେ ସବୁ କିଛି ଭୁଲି ଯାଉଛନ୍ତି। କିନ୍ତୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ବିଶେଷଜ୍ଞ ଡାକ୍ତର ଅଭାବ ଏକ ପ୍ରମୁଖ ସମସ୍ୟା ରୂପେ ଏଠାରେ ମୁଣ୍ଡ ଟେକିଛି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ବାରମ୍ବାର ଦାବୀ ସତ୍ତ୍ୱେ ମଧ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ଓ ବିଶେଷଜ୍ଞ ପଦ ଗୁଡିକ ପୂରଣ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଦୀର୍ଘ ବର୍ଷ ହେବ ପ୍ରତିଷ୍ଠିତ ଏହି ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ବିଭାଗୀୟ ସଚିବ ଓ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ଦୃଷ୍ଟି ଦେବାକୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ଦାବୀ କରିଛନ୍ତି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ କହିଛନ୍ତି, ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦେଖା ଦେଇଥିବା ଅସୁବିଧା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।


**PUBLIC NOTICE**

NOTICE is hereby given that the below mentioned Authorised Person is no longer affiliated as Authorised Person of Kotak Securities Limited.

| Authorised Person Name | Trade Name | Exchange Registration Numbers of Authorised Person | Address of Authorised Person |
|---|---|---|---|
| KAILASH MALIK | KAILASH MALIK | NSE - AP0291564061<br>BSE - AP01067301163798<br>MCX - 168177 | PLOT NO 1595 SECTOR 10 NEAR BIJU PATTNAIK PARK C D A P S MARKET NAGAR CUTTACK 753014 |

Please note that above mention Authorised Person (AP) is no longer associated with us. Any person henceforth dealing with above mention AP should do so, at their own risk. Kotak Securities Ltd. shall not be liable for any such dealing. In case of any queries for the transactions till date, Investors are requested to inform Kotak Securities Ltd. within 15 days from the date of this notification, failing which it shall be deemed that there exists no queries against the above mentioned AP.

kotak Kotak Securities — Kotak Securities Limited. Registered Office: 27 BKC, C 27, G Block, Bandra Kurla Complex, Bandra (E), Mumbai 400051. CIN: U99999MH1994PLC134051, Telephone No.: +22 43360000, Fax No.: +22 67132430. Website: www.kotak.com / www.kotaksecurities.com. Correspondence Address: Infinity IT Park, Bldg. No 21, Opp. Film City Road, A K Vaidya Marg, Malad (East), Mumbai 400097. Telephone No: 42856825. SEBI Registration No: INZ000200137 (Member of NSE, BSE, MSE, MCX & NCDEX), AMFI ARN 0164, PMS INP000000258, and Research Analyst INH000000586. NSDL/CDSL: IN-IN-DP-629-2021. Compliance Officer Details: Mr. Hiren Thakkar Call: 022 - 4285 8484, or Email: ks.compliance@kotak.com.


## ଖରସ୍ରୋତା ନଦୀ ସ୍ରୋତରେ ଭାସିଗଲେ ମହିଳା
# ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର



ଆଳି,( ଭାସ୍କର ନ୍ୟୁଜ)କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଧୋୟାଅଞ୍ଚଳର ଗୋବିନ୍ଦପୁର ଗ୍ରାମ ର ଜଣେ ମହିଳା ଖରସ୍ରୋତା ନଦୀରେ ବୁଡିଯାଉଥିଲା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ନେଇ ସୂଚନା ମିଳିଛି କ୍ଷ ଘଟଣା ସୂତ୍ରରୁ ପ୍ରକାଶ ଯେ ଆଳି ବ୍ଲକ ଗୋବିନ୍ଦପୁର ଗ୍ରାମର ସ୍ମିତ୍ତା ସରିତା ଦାସ (୩୫) ଆଜି ପୂର୍ବାହ୍ନ ସାଢ଼େ ଦଶଟା ସମୟରେନିକଟରେ ଥିବା ନଦୀକୁ ଘରୋଇ କାର୍ଯ୍ୟ ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଦୀର୍ଘ ସମୟ ପରେ ନଦୀରେ ଭାସି ଯାଉଥିବା ଦେଖି ଗ୍ରାମର କିଛି ସାହସୀ ଯୁବକ ନିଜ ଜୀବନକୁ ବାଜି ଲଗାଇ ନଦୀ ମଧକୁ ଡେଇଁଥିଲେ । ଜଳର ପ୍ରଖର ସ୍ରୋତ ସତ୍ତ୍ୱେ ସାହସୀ ଯୁବକ ଓ ଗ୍ରାମବାସୀଙ୍କ ସହଯୋଗରେ ସ୍ମିତ୍ତାଙ୍କୁ ନଦୀରୁ ଉଦ୍ଧାର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ନ ଥିବାରୁ ତାଙ୍କୁ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଶେଷ ଖବର ସୁଦ୍ଧା ସେ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଗୋବିନ୍ଦପୁର ସେତୁ ଉପରୁ ଉକ୍ତ ମହିଳା ନଦୀକୁ ଡେଇଁ ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି ।


**GOVERNMENT OF ODISHA** B-502

**e-Procurement Notice, ANGUL (R&B) DIVISION**

**Bid Identification No.32 of 2025-26**

**e-mail ID- angulrbdivision@yahoo.co.in**

| | | | |
|---|---|---|---|
| 1. | Number of Works | : | 03 (Three) number of road works<br>01 (One) number of building work<br>02 (Two) number of electrical works |
| 2. | Approximate estimated cost | : | Varies from 12.00 lakh to 49.00 lakh |
| 3. | Period of completion | : | Varies from 02 (Two) to 06 (Six) Calendar months |
| 4. | Date & Time of availability of bid document In the portal | : | **Dt. 12.09.2025 at 10.00 A.M.** |
| 5. | Last date / Time for receipt of bid in the portal | : | **Dt. 22.09.2025 up to 5.00 P.M.** |
| 6. | Date of opening Bid | : | **Dt. 23.09.2025 at 11.00 A.M.** |
| 7. | Name and address of the Office Inviting Bid | : | Superintending Engineer, Angul (R&B) Division, Angul |
| 8. | The bidders must participate in **ONLINE** bidding only. | | |

Further details can be seen from the e-procurement portal https:/tendersodisha.gov.in

**Sd/-**Superintending Engineer, Angul ( R&B ) Division.

**OIPR 34074/11/0032/2526**


## ଅସ୍ଥାୟୀ ଦୋକାନ ଉଚ୍ଛେଦ, ଥଇଥାନ ପାଇଁ ଦାବି



ଭୁବନ (ଭାସ୍କର ନ୍ୟୁଜ): ଭୁବନ ଏନ୍ ଏ ସି ଅନ୍ତର୍ଗତ ନୂଆ ବଜାର (ବସଷ୍ଟାଣ୍ଡ) ଠାରୁ କାଳୀ ବଜାର ରାସ୍ତା ଅବରୋଧ କରି ଅସ୍ଥାୟୀ ଭାବେ ଦୋକାନ ଗୁଡ଼ିକୁ ବୁଧବାର ଦିନ ଉଚ୍ଛେଦ କରାଯାଇଛି । ଏହି ରାସ୍ତା ସର୍ବଦା ଜାମ ରହୁଥିବାରୁ ରାସ୍ତା ଚଉଡ଼ା କରିବା ସକାଶେ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ଅସ୍ଥାୟୀ ଦୋକାନ କରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ମାନେ ଦୋକାନ ଉଚ୍ଛେଦ କରୁ ନଥିବାରୁ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ,ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ,ଆଇ ଆଇ ସି ଜିତେନ୍ଦ୍ର ମଲ୍ଲିକ ପୋଲିସ ଫୋର୍ସ ଙ୍କ ସହାୟତାରେ ଜେ ସି ବି ଲଗାଇ ବଳ ପୂର୍ବକ ଉଚ୍ଛେଦ କରିଥିଲେ । ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ଓ ରାସ୍ତାକୁ ମାଡ଼ି ଥିବା ଦୋକାନ ଉଚ୍ଛେଦ କରାଯିବା ପରେ ଜୀବିକା ହରାଇ ବ୍ୟବସାୟୀ ମାନେ ହତୋତ୍ସାହ ହୋଇ ପଡିଛନ୍ତି । ଯଥାଶୀଘ୍ର ସେମାନଙ୍କୁ ଥଇଥାନ କରାଯିବାକୁ ଜନ ସାଧାରଣରେ ଦାବି ହୋଇଛି ।

## ସମିତି କର୍ମଚାରୀଙ୍କ ଦରମା ଦାବିରେ ଗଣଧାରଣା

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଖଡିଅଣ୍ଟା ସମବାୟ ସମିତି ରେ ପ୍ରଶାସନିକ ସ୍ଥାନୁତା ବ୍ୟାପକ ମନମୁଖୀ କାର୍ଯ୍ୟପାଇଁ ସମିତିର ସହ ସମ୍ପାଦକ ପ୍ରତାପ ନାୟକ, ପିଅନ, ମାଧବାନନ୍ଦ ଦାସ, ୱାଚମ୍ୟାନ୍ ରମେଶ ଚନ୍ଦ୍ର ମଲିକ ୪ ବର୍ଷରୁ ଉର୍ଦ୍ଧ ଧରି ଦରମା ପାଇ ନଥିବା ବେଳେ ବର୍ତ୍ତମାନ ସମିତିର ଥିବା ପ୍ରଶାସକ ଗୋଟିଏ ମାସ ଜୁନ୍ ୨୦୨୫ ର ଦରମା ପ୍ରାପ୍ୟ ପ୍ରଦାନ କରିଥିଲେ। ଶାଖା ପରିଚାଳକ ସିସିବି ଜମା ଖାତାକୁ ଟଙ୍କା ନେଇ ପୁନର୍ବାର ପ୍ରତ୍ୟାହାର କରିନେବା ଘଟଣାକୁ ନେଇ ୩ ଜଣ କର୍ମଚାରୀ ତା ୧୦/୯/୨୫ ରିଖରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଶାଖା ପଟ୍ଟାମୁଣ୍ଡାଇ ସମ୍ମୁଖରେ ଗଣଧାରଣା ଆରମ୍ଭ କରିଥିଲେ। ଏହି ଧାରଣାକାରୀଙ୍କୁ ସମର୍ଥନ ଜଣାଇ ସ୍ଥାନୀୟ ଅଞ୍ଚଳର ତଥା ଖଡିଅଣ୍ଟା ସମିତି ଅଞ୍ଚଳର ବହୁ ରାଜନେତା, ସମାଜସେବୀ, ସମିତିର ସଭ୍ୟମାନେ ଧାରଣା ସ୍ଥଳରେ ଭିଡ ଜମାଇଥିଲେ। ଏହି ଧାରଣାକୁ ସମର୍ଥନ ଜଣାଇ ଜିଲ୍ଲା ସମବାୟ ସମିତି କର୍ମଚାରୀ ସଙ୍ଘର ସଭାପତି ବୈରାଗୀ ଚରଣ ସାହୁ, ସମ୍ପାଦକ ଅସିତ୍ କୁମାର ବେହୁରୀୟକ୍ଷ, କୋଷାଧ୍ୟକ୍ଷ ସୁବୋଧ କୁମାର ଲେଙ୍କା, ଉପଦେଷ୍ଟା ବ୍ରଜବନ୍ଧୁ ଦାଶ ଓ ଗୌରାଙ୍ଗ ଚରଣ ପ୍ରଧାନ, ଉପସଭାପତି ଚୌଧୁରୀ ଚିଦାନନ୍ଦ ଦାସ, ଡେରାବିଶ ବ୍ଲକ ସଭାପତି ସୁବ୍ରତ କୁମାର ନାୟକ, ରାଜକନିକା ବ୍ଲକ ସଭାପତି ଲଳିତ ମୋହନ, ରାଜନଗର ବ୍ଲକ ସଭାପତି ନୀଳମଣି ପ୍ରଧାନ, ପଟ୍ଟାମୁଣ୍ଡାଇ ବ୍ଲକର ସୁରେଶ ପାତ୍ର, ଅଶୋକ କୁମାର ରାଉତ୍‌ଙ୍କ ସମେତ ବହୁ ସମିତି ସମ୍ପାଦକ ଧାରଣା ସ୍ଥଳରେ ରହି ବିଭାଗୀୟ ଅଧିକାରୀ ଓ ଶାଖା ପରିଚାଳକଙ୍କ ସହିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ସରକାରୀ ନିବନ୍ଧକ କେନ୍ଦ୍ରାପଡ଼ା ଓ ଶାଖା ପରିଚାଳକ ଧାରଣା ସ୍ଥଳକୁ ଯାଇ ୩ ଦିନ ମଧ୍ୟରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା କାରୀମାନେ ଅପରାହ୍ନ ୨ଟାରେ ଧାରଣା ପ୍ରତ୍ୟାହାର କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫ୍ରାନ୍ସରେ ବ୍ୟାପକ...

ବାର୍ଣ୍ଣିୟରଙ୍କୁ ବହିଷ୍କାର କରିବା ପରେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି କରାଯାଇଥିଲା। କିନ୍ତୁ ତାଙ୍କୁ ଏବେ ରାଷ୍ଟ୍ରପତି ବିଦା କରି ପ୍ରତିରକ୍ଷାମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଥିବାରୁ ସ୍ଥିତି ଅଣାୟତ୍ତ ହୋଇଥିବା କୁହାଯାଉଛି।

### ଠିକ୍ ସମୟରେ...

ସମର୍ଥିତ ଏନଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାପରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ଭୁବନେଶ୍ୱର ଫେରି ଆସିଛନ୍ତି। ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ସାମଲ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ମଧ୍ୟ ଉଭୟ ଦିଲ୍ଲୀଯାଇ ବିଭିନ୍ନ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ।

### ବଞ୍ଚିତ ହିତାଧିକାରୀଙ୍କ...

ଅନ୍ୟପକ୍ଷରେ ଗାଡ଼ି କିଣିଥିବା ଯୋଗୁ ୩୬ହଜାର ୭୦୨ଜଣ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡ଼ିଥିବାରୁ ଆୟକର ଦେଇଥିବାରୁ ୨୧ହଜାର ୩୫ଜଣ ମଧ୍ୟ ବାଦ୍ ପଡ଼ିଛନ୍ତି। ସେହିପରି ଧାନବିକ୍ରି ପଞ୍ଜିକରଣ ଓ କୃଷକ ଭାବେ ପଞ୍ଜିକରଣ କରିଥିବା ୧ଲକ୍ଷ ୩୩ ହଜାର ୬୯୧ଜଣ ମଧ୍ୟ ଏହି ଯୋଜନାରୁ ବାଦ୍ ପଡ଼ିଛନ୍ତି। ସେ ଆହୁରି କହିଥିଲେ ଯେ ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ। ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେମାନେ କାହିଁକି ବଞ୍ଚିତ ହେଲେ, ସେମାନଙ୍କର ରାସନକାର୍ଡ ଅଛି କି ନାହିଁ କିମ୍ବା କେୱାଇସି ଅପଡେଟ୍ ହୋଇଛି କି ନାହିଁ ସେ ନେଇ ମଧ୍ୟ ତର୍ଜମା କରାଯିବ। ସୂଚନାଯୋଗ୍ୟ ଯେ ଏହି ସମୀକ୍ଷା ବୈଠକ ପୂର୍ବରୁ ମହିଳା ଓ ଶିଶୁକଲ୍ୟାଣ ବିଭା. ତିନୋଟି ବିଭାଗ ତଥା ପରିବହନ, ଖାଦ୍ୟଯୋଗାଣ ଓ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ମାଗିଥିଲା। ବାଣିଜ୍ୟ ଓ ପରିବହନ ବିଭାଗକୁ ଚାରିଚକିଆ ଥିବା ମହିଳାଙ୍କ ତଥ୍ୟ ମଗାଯାଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା।


CAD-1722

**OFFICE OF THE REGISTRAR**

**VIKRAM DEV UNIVERSITY, JEYPORE,KORAPUT),ODISHA**

NO. 2290 /VDU/25 DATE. 10 .09.2025

**WALK –IN-INTERVIEW**

A Walk-in-interview has been scheduled to be held at 10.00 AM on **17.09.2025** in the Administrative Block of the University for engagement of guest faculties as Assistant Professor (foundation Course) and Assistant Professor of Biological Science on **Contractual basis** for a period of **One year** for B.Ed Programme under Self Financing mode. Interested candidates having requsite qualification may attend the interview with their application in the Prescribed format and copies of all Certificates & Mark sheets from H.S.C onwards duly self attested by them along with original Certificates for Verification. The selection shall be made adhering to the guideline as prescribed by the Government of Odisha vide their letter No.10413 dated.25.02.2025.The selected faculties will be paid @ Rs.40,000/- per month. No TA/DA will be paid for attending the Walk-in-interview.

For more details, the candidates may visit the University website www.vikramdevuniversity.ac.in.

| Sl.No | Name of the Post | Educational Qualification | No.of post | Venue |
|---|---|---|---|---|
| 1 | Asst. Professor in Foundation Course | P.G.in Social Science/Humanities with M.Ed.(Minimum 55% of Mark in both) with NET or Ph.D in Education<br>Or<br>P.G.in Education/Philosophy/Sociology/ Psychology with B.Ed with 55% marks in both and NET or Ph.D in Education. | 01 | Vice-Chancellor Office Chamber |
| 2 | Asst. Professor in Biological Science | P.G.Botany/Zoology/Env.Science/Micro Biology/Plant Physiology/Bio Technology with M.Ed( Minimum 55% in both) with NET or Ph.D in Education. | 01 | Vice-Chancellor Office Chamber |

**OIPR 11133/11/0015/2526**

Sd/- Vikram Dev University, Jeypore



ନୂଆଦିଲ୍ଲୀ: ଉତ୍ତରାଖଣ୍ଡ ରୁରକିରେ ସାପ ବିଷର ଅବୈଧ କାରବାର ଅଭିଯୋଗ ଆସିବା ପରେ ବନ ବିଭାଗ ଦଳ ସକ୍ରିୟ ହୋଇ ଉଠିଛି। ଖଞ୍ଜରପୁର ଅଞ୍ଚଳରେ ସାପ ବିଷର ଅବୈଧ କାରବାର ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବନ ବିଭାଗ ଦଳ ଗୋଦାମରେ ଚଢାଉ କରି ୮୬ ଟି ବିଷାକ୍ତ ସାପ ଉଦ୍ଧାର କରିଛି। ଏଥିରେ ୭୦ ଟି କୋବ୍ରା ଏବଂ ୧୬ ଟି ରସେଲ ଭାଇପର ସାପ ଥିଲେ। ରୁରକି ସିଭିଲ୍ ଲାଇନ୍ କୋତୱାଲି ଅଞ୍ଚଳର ଖଞ୍ଜରପୁର ଗାଁରେ ଥିବା ଜଙ୍ଗଲରେ ଦୀର୍ଘ ଦିନ ଧରି ଏକ ଭେନମ ସେଣ୍ଟର ଚାଲୁଥିଲା। ଦିଲ୍ଲୀ ପିପୁଲ୍ସ ଫର୍ ଆନିମଲ୍ସ ଦଳକୁ ଏହା ବିଷୟରେ ସୂଚନା ମିଳିଥିଲା। ଦିଲ୍ଲୀ ପିପୁଲ୍ସ ଫର୍ ଆନିମଲ୍ସ ଟିମ୍ କୁ ସୂଚନା ମିଳିଥିଲା ଯେ ଜଣେ ବ୍ୟକ୍ତି ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ନିଷିଦ୍ଧ ସାପଗୁଡ଼ିକୁ ନିଜ ପାଖରେ ରଖୁଛନ୍ତି। ସୂଚନା ପାଇବା ପରେ, ଟିମ୍ ଦିଲ୍ଲୀରୁ ରୁରକିରେ ପହଞ୍ଚି ସ୍ଥାନୀୟ ବନ ବିଭାଗ ଟିମ୍ ସହିତ ଉକ୍ତ ସ୍ଥାନରେ ଚଢାଉ କରିଥିଲେ।

# ଉତ୍ତର ପ୍ରଦେଶ-ଉତ୍ତରାଖଣ୍ଡ ଗସ୍ତ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୧ ତାରିଖରେ ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ବାରାଣସୀରେ ପ୍ରାୟ ସକାଳ ୧୧:୩୦ରେ, ମରିସସର ପ୍ରଧାନମନ୍ତ୍ରୀ ଡ଼କ୍ଟର ନବୀନଚନ୍ଦ୍ର ରାମଗୁଲାମଙ୍କୁ ସ୍ୱାଗତ କରିବେ। ଡ଼କ୍ଟର ରାମଗୁଲାମ ୯ ସେପ୍ଟେମ୍ବରରୁ ୧୬ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଛନ୍ତି। ଏହା ପରେ, ପ୍ରଧାନମନ୍ତ୍ରୀ ଅପରାହ୍ନ ୪:୧୫ରେ ଡେରାଡୁନ ଯାତ୍ରା କରିବେ। ସେ ଉତ୍ତରାଖଣ୍ଡର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡିକର ଆକାଶ ମାର୍ଗରେ ସର୍ଭେ କରିବେ। ସନ୍ଧ୍ୟା ପ୍ରାୟ ୫ଟାରେ ପ୍ରଧାନମନ୍ତ୍ରୀ ଅଧିକାରୀମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକର ଅଧକ୍ଷତା କରିବେ। ଐତିହାସିକ ସହର ବାରାଣସୀରେ ହେବାକୁ ଥିବା ଏହି ବୈଠକ, ଭାରତ ଏବଂ ମରିସସଙ୍କୁ ବାନ୍ଧି ରଖିଥିବା ସ୍ଥାୟୀ ସଭ୍ୟତାଗତ ସମ୍ପର୍କ, ଆଧାତ୍ମିକ ସମ୍ବନ୍ଧ ଏବଂ ଲୋକ ସମ୍ପର୍କକୁ ରଖାଙ୍କିତ କରୁଛି। ଏହା ଉଭୟ ଦେଶର ମଧ୍ୟରେ ବିଶିଷ୍ଟ ଓ ଅନନ୍ୟ ସମ୍ପର୍କର ଏକ ପ୍ରତିକ। ଦ୍ୱିପାକ୍ଷିକ ଆଲୋଚନା ସମୟରେ, ଉଭୟ ନେତା ବିକାଶ ସହଭାଗୀତା ଏବଂ କ୍ଷମତା ନିର୍ମାଣ ଉପରେ ବିଶେଷ ଧ୍ୟାନ ଦେଇ ସହଯୋଗର ସମସ୍ତ ଦିଗ ଉପରେ ସମୀକ୍ଷା କରିବେ । ଏହି ଗସ୍ତ ମାର୍ଚ୍ଚ ୨୦୨୫ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମରିସସ ଗସ୍ତ ଦ୍ୱାରା ସୃଷ୍ଟି ହୋଇଥିବା ସକରାତ୍ମକ ମୁହୂର୍ତ୍ତ ଉପରେ ଆଧାରିତ। ଏହି ସମୟରେ ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ 'ଉନ୍ନତ ରଣନୈତିକ ସହଭାଗୀତା'ରେ ପରିଣତ କରିଥିଲେ। ଭାରତ ମହାସାଗର କ୍ଷେତ୍ରରେ ଏକ ମୂଲ୍ୟବାନ ଅଂଶୀଦାର ଏବଂ ନିକଟତମ ସାମୁଦ୍ରିକ ପଡୋଶୀ ଭାବରେ, ମରିସସ ଭାରତର 'ମହାସାଗର' (ଅଞ୍ଚଳରେ ସୁରକ୍ଷା ଏବଂ ଅଭିବୃଦ୍ଧି ପାଇଁ ପାରସ୍ପରିକ ଏବଂ ସାମଗ୍ରିକ ଉନ୍ନତି) ଦୃଷ୍ଟିକୋଣ ଏବଂ 'ପଡୋଶୀ ପ୍ରଥମ' ନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ। ଦୁଇ ଦେଶ ମଧ୍ୟରେ ଗଭୀର ସହଯୋଗ କେବଳ ଉଭୟ ଦେଶର ଲୋକଙ୍କ ସମୃଦ୍ଧି ପାଇଁ ନୁହେଁ, ବରଂ ବିଶ୍ୱର ଦକ୍ଷିଣ ସାମୂହିକ ଆକାଂକ୍ଷା ପାଇଁ ମଧ୍ୟ ମହତ୍ୱପୂର୍ଣ୍ଣ ବାରଣାସୀ ସମ୍ମିଳନୀ ପାରସ୍ପରିକ ସମୃଦ୍ଧି, ସ୍ଥାୟୀ ବିକାଶ ଏବଂ ଏକ ସୁରକ୍ଷିତ ତଥା ସମାବେଶୀ ଭବିଷ୍ୟତ ଦିଗରେ ଭାରତ ଏବଂ ମରିସସର ସହଭାଗୀ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ ।

## ଭାରତ-ଆମେରିକା ସମ୍ପର୍କର ଦୃଢ଼ତାକୁ ଦୋହରାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଭାରତ-ଆମେରିକା ସମ୍ପର୍କର ଦୃଢ଼ତାକୁ ପୁଣି ଦୋହରାଇବା ସହ ଦୁଇ ରାଷ୍ଟ୍ର ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଉପରେ ବିଶ୍ୱାସ ପ୍ରକାଶ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଯେ, ଉଭୟ ରାଷ୍ଟ୍ର ନିଜ ଲୋକମାନଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ସୁରକ୍ଷିତ କରିବାକୁ ଏକାଠି କାମ କରିବେ। ଆମେରିକା ରାଷ୍ଟ୍ରପତିଙ୍କର ଏକ୍ସରେ ଏକ ପୋଷ୍ଟର ଉତ୍ତର ଦେଇ ଶ୍ରୀ ମୋଦୀ କହିଛନ୍ତି; ଭାରତ ଏବଂ ଆମେରିକା ଘନିଷ୍ଠ ବନ୍ଧୁ ଏବଂ ସ୍ୱାଭାବିକ ଅଂଶୀଦାର । ମୁଁ ନିଶ୍ଚିତ ଯେ ଆମର ବାଣିଜ୍ୟ ଆଲୋଚନା ଭାରତ-ଆମେରିକା ସହଭାଗୀତାର ଅସୀମ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ପଥ ପ୍ରଶସ୍ତ କରିବ । ଆମେ ଉଭୟ ଦେଶର ଲୋକମାନଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଏକାଠି କାମ କରିବୁ।

### ଆଇଆଇଟି ଦିଲ୍ଲୀ-ଆବୁଧାବୀ କ୍ୟାମ୍ପସ ପରିଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# ପ୍ରବାସୀ ଭାରତୀୟଙ୍କର ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ପୂରଣ ହେବ: ଧର୍ମେନ୍ଦ୍ର



ଆବୁଧାବି: ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୂତ୍ କରିବା ଲକ୍ଷ୍ୟରେ ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଆଇଟି ଦିଲ୍ଲୀ-ଆବୁଧାବୀ କ୍ୟାମ୍ପସ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଆଇଆଇଟି ଦିଲ୍ଲୀ ଆବୁଧାବି କ୍ୟାମ୍ପସର ସମସାମୟିକ ରୂପରେଖ ଏବଂ ଭବିଷ୍ୟତରେ ଥିବା ଯୋଜନା ଉପରେ ଏକ ପ୍ରେଜେନଷ୍ଟେସନ ଉପସ୍ଥାପନ କରାଯାଇଥିଲା। ସେଠାରେ ବିଦେଶରେ ପ୍ରଥମ ଥର ପାଇଁ ଏହି କ୍ୟାମ୍ପସ ପରିସରରେ ଅଟଳ ଇନକ୍ୟୁବେସନ୍ ସେଣ୍ଟର ଉଦଘାଟନ କରିବା ସଙ୍ଗେସଙ୍ଗେ ପିଏଚଡି ଏବଂ ବି.ଟେକ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କ୍ୟାମ୍ପସର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀ ପ୍ରଧାନ ଆବୁଧାବିର ଶିକ୍ଷା ଏବଂ ଜ୍ଞାନ ବିଭାଗ (ଏଡିଇକେ)ର ଅଧକ୍ଷା ସାରା ମୁସଲ୍ଲମଙ୍କ ସହ ଶିକ୍ଷାଗତ ପ୍ରାଥମିକତା ଉପରେ ଆଲୋଚନା କରିଛନ୍ତି। ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ପ୍ରତିଷ୍ଠା ସହ ୟୁଏଇରେ ଭାରତୀୟ ପାଠ୍ୟକ୍ରମ ଅନୁସରଣ କରୁଥିବା ବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯାଉଥିବା ସହଯୋଗ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ବ୍ୟାପକ କରିବା ସହ ପ୍ରବାସୀ ଭାରତୀୟମାନଙ୍କର ଶିକ୍ଷାଗତ ଆବଶ୍ୟକତା ପୂରଣ କରିବା ପାଇଁ ୟୁଏଇରେ ଅଧିକ ଭାରତୀୟ ପାଠ୍ୟକ୍ରମ-ଭିତ୍ତିକ ବିଦ୍ୟାଳୟ ଖୋଲିବା ଉପରେ ବିଚାରବିମର୍ଶ ହୋଇଥିଲା । ସ୍କୁଲ ସ୍ତରରୁ ହିଁ ଷ୍ଟୁଡେଣ୍ଟ ଏକ୍ସଚେଞ୍ଜକୁ ପ୍ରୋତ୍ସାହନ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ ଦିଆଯାଇଥିଲା । ଭାରତ ଓ ୟୁଏଇ ମଧ୍ୟରେ ଗୁଣାତ୍ମକ ଶିକ୍ଷାଗତ ସହଯୋଗକୁ ମଜବୁତ କରିବା ଏବଂ ଆମ ଦ୍ୱିପାକ୍ଷିକ ସମ୍ପର୍କର ସବୁଠାରୁ ଦୃଢ଼ ସ୍ତମ୍ଭ ଭାବରେ ଶିକ୍ଷାକୁ ପ୍ରତିଷ୍ଠା କରିବା ଦିଗରେ ଏଡିଇକେର ଅଧକ୍ଷଙ୍କ କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଶିକ୍ଷା, ନବସୃଜନ ଏବଂ ଜ୍ଞାନ ଆଦାନପ୍ରଦାନରେ ସହଭାଗୀତାକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ୟୁଏଇର ପ୍ରମୁଖ ନେତୃତ୍ୱ, ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ଭାରତ ଓ ୟୁଏଇ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ୮ ବର୍ଷର ଶିଶୁକୁ ଟାଣି ନେଲା ବାଘ

ନୂଆଦିଲ୍ଲୀ : ଉତ୍ତରପ୍ରଦେଶର ବିଜନୌରରେ ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଏଠାରେ ଏକ କଲରାପତରିଆ ବାଘ ଆକ୍ରମଣରେ ୮ ବର୍ଷର ଶିଶୁର ଜୀବନ ଯାଇଛି। ଘଟଣାଟି ନଜିବାବାଦ ଥାନା ଅନ୍ତର୍ଗତ ବଡିଆ ଗାଁର ବୋଲି ଜଣାପଡିଛି। ମିଳିଥିବା ସୂଚନାନୁଯାୟୀ, ୮ ବର୍ଷୀୟ ହର୍ଷ ନିଜ ମାଆ ସହ ଘର ବାହାରେ ନଳରୁ ପାଣି ନେଉଥିଲା। ମାଆ ପାଣି ଭର୍ତ୍ତି କରିବାରେ ବ୍ୟସ୍ତ ଥିବା ବେଳେ ଶିଶୁଟି ନିଜ ମାଆ ପାଖରେ ଠିଆ ହୋଇଥିଲା। ସେହି ସମୟରେ ଆଖୁ କିଆରୀ ଭିତରୁ ହଠାତ୍ ଏକ କଲରାପତରିଆ ବାଘ ଆସି ଶିଶୁଟି ଉପରେ ଆକ୍ରମଣ କରିଥିଲା। ଏହାସହ ଶିଶୁକୁ ପାଟିରେ କାମୁଡି କ୍ଷେତ ଆଡ଼କୁ ପଳାଇଥିଲା। ମାଆ ଓ ନିକଟରେ ଥିବା ଲୋକେ ଖୁବ୍ ଜୋରରେ ଚିତ୍କାର କରିବାରୁ ବାଘଟି କିଛି ଦୂରରେ ଶିଶୁଟିକୁ ଛାଡି ପଳାଇଥିଲା। ଗୁରୁତର ଆହତ ଅବସ୍ଥାରେ ହର୍ଷକୁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ନେଇ ପରିବାର ଓ ସ୍ଥାନୀୟଲୋକେ ବିରୋଧ ପ୍ରଦର୍ଶନ କରିବବା ସହ ଦିଲ୍ଲୀ-ପୌଡି ଜାତୀୟରାଜପଥରେ ଜାମ୍ ଲାଗି ରହିଥିଲା। ଖବର ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଗ୍ରାମବାସୀଙ୍କ କହିବାନୁସାରେ କେବଳ ୧୦ ଦିନରେ ବାଘ ଆକ୍ରମଣରେ ୩ ଶିଶୁଙ୍କ ଜୀବନ ଚାଲି ଯାଇଛି। ବନ ବିଭାଗର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

### ଛତିଶଗଡରେ ଅଜିମ୍ ପ୍ରେମ୍‌ଜୀ ବୃତ୍ତି ଯୋଜନାର ଶୁଭାରମ୍ଭ

# ପରବର୍ତ୍ତୀ ପିଢ଼ିଙ୍କୁ ସଶକ୍ତ କରିବେ ଶିକ୍ଷିତ ଝିଅ



ରାୟପୁର: ଯେତେବେଳେ ଝିଅମାନେ ଶିକ୍ଷିତ ହୁଅନ୍ତି ସେତେବେଳେ ପରବର୍ତ୍ତି ପିଢ଼ି ସଶକ୍ତ ହୋଇଥାନ୍ତି ବୋଲି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି। ବୁଧବାର ଛତିଶଗଡରେ ଅଜିମ୍ ପ୍ରେମ୍‌ଜୀ ବୃତ୍ତି ଯୋଜନାର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ। ସେ କହିଛନ୍ତି ବାଳିକାମାନଙ୍କ ଶିକ୍ଷା ବ୍ୟବସ୍ଥାରେ ବ୍ୟବସ୍ଥା ଆଣିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ ସେ ଅଜିମ୍ ପ୍ରେମ୍‌ଜୀ ଫାଉଣ୍ଡେସନର ପ୍ରଶଂସା କରିବା ସହ କହିଥିଲେ ଯେ, ଏହି ବୃତ୍ତି ଯୋଜନା ଫଳରେ ହଜାର ହଜାର ଯୁବତୀ ସେମାନଙ୍କ ସ୍ୱପ୍ନକୁ ସାକାର କରିପାରିବେ। ଗତ ୨୫ବର୍ଷ ମଧ୍ୟରେ ଛତିଶଗଡ ବିକାଶର ଶୀର୍ଷରେ ପହଞ୍ଚିଛି। ଛତିଶଗଡର ବିକାଶ କ୍ଷେତ୍ରରେ ମହିଳା ଏବଂ ଯୁବତୀମାନଙ୍କ ଅବଦାନ ଗର୍ବର ବିଷୟ। ଏହି ଯୋଜନା ଛତିଶଗଡର ଯୁବତୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ସହାୟକ ହେବାସହ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମଧ୍ୟରେ ଏକ ଦିଗନ୍ତକାରୀ ପଦକ୍ଷେପ ଗ୍ରହଣ କରିବ। ସେ ପୁଣି କହିଥିଲେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବେଟି ବଞ୍ଚାଅ ବେଟି ପଢ଼ାଓ ଯୋଜନା ଛତିଶଗଡରେ ବେଶ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ ଆୟକାରୀ ପରିବାର ପୁଅ-ଝିଅମାନଙ୍କୁ ସରକାରୀ ବିଦ୍ୟାଳୟଗୁଡିକରେ ମାଗଣା ଶିକ୍ଷା ଦିଆଯିବା ସହ ସେମାନଙ୍କ ଉଚ୍ଚଶିକ୍ଷା ପାଇଁ ମଧ ପଦକ୍ଷେପ ଗ୍ରହଣ କରାଯାଇଛି। ଯେତେବେଳେ ଗୋଟେ ଝିଅ ପାଠ ପଢ଼େ ସେତେବେଳେ ସାରା ପରିବାର ସଫଳତାର ଶୀର୍ଷରେ ପହଞ୍ଚାନ୍ତି। ସେ କହିଥିଲେ ଏହି ବୃତ୍ତି ଯୋଜନା ରାଜ୍ୟରେ ଖୁବ୍ ଶୀଘ୍ର କାର୍ଯ୍ୟକାରି କରାଯିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ଜଙ୍ଗଲ ମନ୍ତ୍ରୀ କେଦାର କାଶ୍ୟପ, ମୁଖ୍ୟମନ୍ତ୍ରୀ ପ୍ରମୁଖ ସଚିବ ସୁବୋଧ କୁମାର ସିଂ, ଉଚ୍ଚଶିକ୍ଷା ସଚିବ ଏସ୍ ଭାରତୀ ଦଶନ, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ବିଜୟ ଦୟାରାମ କେ ଏବଂ ଛତିଶଗଡର ଅଜିମ୍ ପ୍ରେମ୍‌ଜୀ ଫାଉଣ୍ଡେସନର ମୁଖ୍ୟ ଉପସ୍ଥିତ ଥିଲେ।

## ଆଇଏସ୍‌ଆଇଏସ୍ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ: ଦିଲ୍ଲୀ ପୋଲିସ ଜଣେ ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କୁ ଗିରଫ କରିଛି । ଯାହା ପରେ ଦେଶର ୧୨ ରୁ ଅଧିକ ସ୍ଥାନରେ ଚଢାଉ କରାଯାଇଛି । ସାରା ଦେଶରୁ ୮ ରୁ ଅଧିକ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି। ମୁଖ୍ୟ ଅଭିଯୁକ୍ତ ଅଫତାବ ମୁମ୍ବାଇର ବାସିନ୍ଦା। ଏଥିସହ ରାଞ୍ଚିରେ ଜଣେ ସନ୍ଦିଗ୍ଧ ଆତଙ୍କବାଦୀ ଅଶହର ଦାନିଶଙ୍କୁ ମଧ୍ୟ ଗିରଫ କରାଯାଇଛି। ଦିଲ୍ଲୀ ପୋଲିସ, ଝାଡ଼ଖଣ୍ଡ ଏଟିଏସ୍ ଏବଂ ରାଞ୍ଚି ପୋଲିସର ମିଳିତ ଅପରେସନରେ ଏହି ଗିରଫଦାରୀ କରାଯାଇଛି। ସୂଚନାଥାଉକି, ବର୍ତ୍ତମାନ ସମସ୍ତ ଗିରଫ ସନ୍ଦିଗ୍ଧଙ୍କୁ ପଚରାଉଚରା କରାଯାଉଛି। ରାଞ୍ଚିର ଲୋୟର ବଜାର ପୋଲିସ ଷ୍ଟେସନ ଅଞ୍ଚଳର ଇସଲାମ ନଗରରୁ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଉକ୍ତ ବ୍ୟକ୍ତି ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନ ସହିତ ସମ୍ପର୍କରେ ଥିବା ପ୍ରମାଣ ମିଳିଛି। ଆଗାମୀ ଦିନରେ ଏହି ମାମଲାରେ ଅନେକ ବଡ଼ ଖୁଲାସା ହେବାର ସମ୍ଭାବନା ରହିଛି। ପୋଲିସ ସମ୍ପୂର୍ଣ୍ଣ ଅଞ୍ଚଳରେ ଯାଞ୍ଚ କରୁଛି। ଏଥିସହ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସହିତ ଆଉ କେହି ଥିଲେ କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯାଉଛି।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ବଜାରରେ ସୁନା ଦର ହୁ ହୁ ହୋଇ ବଢ଼ିଚାଲିଛି। ଭୁବନେଶ୍ୱର ବଜାରରେ ଆଜି ପ୍ରଥମ ଥର ପାଇଁ ୨୨ କ୍ୟାରେଟ୍ ସୁନା ଦର ୧୦ ଗାମ୍ ପିଛା ୧ ଲକ୍ଷ ଟଙ୍କା ଟପି ୧,୦୧,୧୦୦ ଟଙ୍କାରେ ପହଞ୍ଚିଛି। ସୋମବାର ତୁଳନାରେ ସୁନା ଦରରେ ୧୨୫୦ ଟଙ୍କା ବୃଦ୍ଧି ଘଟିଛି। ୨୨ କ୍ୟାରେଟ୍ ସୁନାରେ ସାଧାରଣତଃ ଗହଣା ନିର୍ମାଣ ହୋଇଥାଏ। ବର୍ଦ୍ଧିତ ଦର ସହିତ ଗଢ଼ା ମୂଲ୍ୟ ଏବଂ ଜିଏସ୍ ?ଟିକୁ ମିଶାଇଲେ ଗହଣା ପାଇଁ ଗ୍ରାହକଙ୍କୁ ସୁନା କିଣିବା ବହୁ ମହଙ୍ଗା ହୋଇଯାଇଛି। ଚଳିତମାସ ଗତ ଚାରି ତାରିଖରେ ୨୨ କ୍ୟାରେଟ୍ ସୁନା ଦର ଭୁବନେଶ୍ୱର ବଜାରରେ ୧୦ ଗ୍ରାମ୍ ପିଛା ୧୦୦ ଟଙ୍କାର ସାମାନ୍ୟ ହ୍ରାସ ଘଟିଥିଲା। ଏହାକୁ ଛାଡ଼ିଦେଲେ ଅନ୍ୟ ଦିନଗୁଡ଼ିକରେ ସୁନା ଦର ବଢ଼ିଛି। ଏଥିଯୋଗୁ ସେପ୍ଟେମ୍ବର ମାସର ପ୍ରଥମ ୯ ଦିନରେ ସୁନା ଦର ଭୁବନେଶ୍ୱରରେ ପ୍ରାୟ ୫୦୦୦ ଟଙ୍କା ମହଙ୍ଗା ହୋଇଯାଇଛି। ସେହିଭଳି ଭୁବନେଶ୍ୱର ବଜାରରେ ମଙ୍ଗଳବାର ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୧୩୬୦ ଟଙ୍କା ବୃଦ୍ଧି ଘଟି ରେକର୍ଡ ୧,୦୮,୯୩୦ ଟଙ୍କାରେ ପହଞ୍ଚିଛି। ପ୍ରତିଶତ ହିସାବରେ ଦେଖିଲେ ସେପଟ୍ଟେମ୍ବର ମାସର ପ୍ରଥମ ୯ ଦିନରେ ସୁନା ଦର ୪.୧୭ ପ୍ରତିଶତ ବଢ଼ିଛି।

## ଇରେଡା ସିଏମ୍‌ଡିଙ୍କ ପକ୍ଷରୁ ସିଆଇଆଇ ବ୍ୟାଙ୍କିଂ ସମ୍ମିଳନୀ




ନୂଆଦିଲ୍ଲୀ: ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା)ର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ କୋଲକାତାରେ ଅନୁଷ୍ଠିତ ୧୮ତମ ସିଆଇଆଇ ବ୍ୟାଙ୍କିଂ ସମ୍ମିଳନୀର 'ବିକଶିତ ଭାରତ ପାଇଁ ଫାଇନାନ୍ସ: ଏକ ପୂର୍ବାଂଚଳ ଦୃଷ୍ଟିକୋଣ' ଶୀର୍ଷକ ସିଇଓ ରାଉଣ୍ଡ ଟେବୁଲରେ ଅଂଶ ଗ୍ରହଣ କରି ଭାରତର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟ ହାସଲରେ ପୂର୍ବଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାଉପରେ ଆଲୋକପାତ କରିଥିଲେ। ଶ୍ରୀ ଦାସ କହିଛନ୍ତି ଯେ ୨୦୨୫ ଜୁଲାଇ ସୁଦ୍ଧା ପୂର୍ବଭାରତରେ ସ୍ଥାପିତ ଶକ୍ତି କ୍ଷମତାର ମାତ୍ର ୨୦ ପ୍ରତିଶତ ଅକ୍ଷୟଶକ୍ତି ହୋଇଥିବା ବେଳେ ଜାତୀୟ ହାର ହେଉଛି ୪୮ ପ୍ରତିଶତ। ଶ୍ରୀ ଦାସ କହିଥିଲେ ଯେ ଅଭିବୃଦ୍ଧିର ମୂଳଦୁଆ ହେଉଛି ପ୍ରଶାସନ ଏବଂ ଇରେଡାର ଏହା ପ୍ରଶାସନିକ ଢାଂଚାକୁ ବେଶ ସୁଦୃଢ଼ କରିପାରିଛି। ସେ କହିଥିଲେ ଯେ ୩୮ ବର୍ଷର ଯାତ୍ରାରେ ଇରେଡା ୧.୬୩ ଲକ୍ଷ କୋଟି ଟଙ୍କା ଆବଂଟନ କରିଥିବା ବେଳେ ମାତ୍ର ୧୩୫ କୋଟି ଟଙ୍କା ରାଇଟ-ଅଫ କରିଛି ଯାହାଏହାର ଦୃଢ଼ ଋଣ ଅସୁଲ ପ୍ରକ୍ରିୟାକୁ ଦର୍ଶାଉଛି। ସେ କହିଛନ୍ତି ଯେ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟର ଅଣ ଜୀବାଶ୍ମଶକ୍ତି କ୍ଷମତା ହାସଲ କରିବା ପାଇଁ ୩୦ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ପଡ଼ିବ ଏବଂ ଗ୍ରିନ ମାନୁଫାକଚରିଂ, ରପ୍ତାନି ଓ ଯୁବ ଉଦ୍ୟମିତାରେ ପୂର୍ବ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ କହିଥିଲେ। ବର୍ତ୍ତମାନ ଅଗ୍ରଗତି ସ୍ତରରେ ରହିଥିବା ଏକ ବ୍ୟାପକ ସବୁଜ ଟିକସଫ୍ରେମ ୱର୍କର ଆବଶ୍ୟକତା ଉପରେ ଇରେଡା ସିଏମଡି ଶ୍ରୀ ଦାସ ଆଲୋକପାତ କରିଥିଲେ।

## 'ଫୋର ଏଲିମେଣ୍ଟସ'ର ଶୁଭାରମ୍ଭ

ନୂଆଦିଲ୍ଲୀ : ପ୍ରମିୟମ ହ୍ୱିସକି ବ୍ରାଣ୍ଡମାନଙ୍କ ମଧ୍ୟରେ ସବୁଠାରୁ ଅଗ୍ରଣୀ ବ୍ରାଣ୍ଡ, ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ ଏହାର ନୂତନ 'ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସ'ର ଶୁଭାରମ୍ଭ କରାଯାଇଛି । ପ୍ରକୃତିର ଚାରୋଟି ମୂଳ ତତ୍ତ୍ୱରୁ ପ୍ରେରିତ, ଏହା ଏକ ସୁନିୟୋଜିତ ଓ ସୁନ୍ଦର ମିଶ୍ରଣ, ଯାହା ପ୍ରତ୍ୟେକରେ ଅଲଗା ଅଲଗା ସ୍ୱାଦର ଅନୁଭବ ଦେଇଥାଏ । ମାଷ୍ଟର ବ୍ଲେଣ୍ଡର କେଭିନ ବାଲମଫୋର୍ଥ ଏହି ଅନନ୍ୟ ଏବଂ ସ୍ୱାଦିଷ୍ଟ ମାଷ୍ଟରପିସ ପ୍ରସ୍ତୁତ କରିବା ପାଇଁ ଚାରି ପ୍ରକାରର ସ୍କଚ ମାଲ୍ଟସ ସହିତ ବଛା ବଛା ଭାରତୀୟ ଶସ୍ୟକୁ ବ୍ୟବହାର କରାଯାଇଛି । ଏହି ଚାରି ତତ୍ତ୍ୱ ମିଶ୍ରଣ ହୋଇ 'ଅମ୍ବର ଡ୍ରପ'ରେ ସ୍ୱାଦର ଜୀବନତା ଭରି ଦିଏ ଏବଂ ଏହା ଏକ ଅଦ୍ଭୁତ ଅନୁଭୂତି ପାଇଁ ଆମନ୍ତ୍ରଣ କରନ୍ତି। ପ୍ରେନୋଡ ରିଚାର୍ଡ ଇଣ୍ଡିଆର ଜେନେରାଲ ମ୍ୟାନେଜର- ମାର୍କେଟିଂ ଇନ୍ଦ୍ରଜିତ୍ସର ସିଂହ କହିଛନ୍ତି ଯେ, 'ଉଦ୍ଭାବନ ଏବଂ ଉତ୍କର୍ଷତା ପ୍ରତି ଆମର ଉତ୍ସର୍ଗୀକୃତ ଭାବ ବ୍ଲେଣ୍ଡର୍ସ ପ୍ରାଇଡକୁ ହ୍ୱିସକି ଶିଳ୍ପରେ ଅଗ୍ରଣୀ କରାଇଛି । ଆଜି, ଆମେ ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସର ଉପସ୍ଥାପନକରି ବହୁତ ଖୁସି, ଯାହା ଆମ ଫୋର୍ଟଫୋଲିଓକୁ ଏକ ଗତିଶୀଳ ଯୋଗଦାନ ହେବାକୁ ଯାଉଛି । ' ଏହି ନୂତନ ମିଶ୍ରଣର ପ୍ରସ୍ତୁତି ସଂପର୍କରେ ମତଦେଇ ମାଷ୍ଟର ବ୍ଲେଣ୍ଡର କେଭିନ ବାଲମଫୋର୍ଥ କହିଛନ୍ତି ଯେ, 'ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସ ସହିତ ଆମେ ଗ୍ରାହକ ମାନଙ୍କୁ ଏକ ଅନନ୍ୟ ଏବଂ ଭିନ୍ନ ଅନୁଭୂତି ପ୍ରଦାନ କରୁଛୁ ।

## ଇଣ୍ଟେରିଓ ବାଏ ଗୋଦରେଜ ପକ୍ଷରୁ ନୂଆବ୍ରାଣ୍ଡ ପରିଚୟ ଉନ୍ମୋଚିତ

ନୂଆଦିଲ୍ଲୀ: ଗୋଦରେଜ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍ ଅନ୍ତର୍ଗତ ଅଗ୍ରଣୀ ଆସବାବପତ୍ର ବ୍ରାଣ୍ଡ୍ ଇଣ୍ଟେରିଓ ବାଏ ଗୋଦରେଜ ଘରୋଇ ଏବଂ କାର୍ଯ୍ୟାଳୟ ପାଇଁ ଆଧୁନିକ ଭାରତୀୟ ଜୀବନଶୈଳୀର ଏକ ୱାନ-ଷ୍ଟପ ଗନ୍ତବ୍ୟସ୍ଥଳ ଭାବେ ପରିଣତ କରିବାକୁ ନୂତନ ବ୍ରାଣ୍ଡ ପରିଚୟ ଉନ୍ମୋଚନ କରିଛି। ଗୋଦରେ ଜଏଂଟର ପ୍ରାଇଜେସ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନ୍ୟାରିକା ହୋଲକର୍ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଉତ୍କୃଷ୍ଟ ଡିଜାଇନକୁ ସୁବିଧାରେ ଉପଲବ୍ଧ କରିବା। ଶିଳ୍ପଲିଡର ଭାବେ ଡିଜାଇନ୍ ଏବ ଂଉତ୍ପାଦନରୁ ଆରମ୍ଭ କରି ଖୁଚୁରା ଏବଂ ସେବା ପର୍ଯ୍ୟନ୍ତ ଆମର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମାଧାନ ମାଧ୍ୟମରେ ଏହି ପ୍ରତିଶ୍ରୁତି ପୂରଣ କରିବାରେ ଆମେ ଅନନ୍ୟ ଭାବରେ ଅବସ୍ଥିତ ରହିଛୁ। ଇଂଟେରିଓ ବାଏ ଗୋଦରେଜ ପରବର୍ତ୍ତୀ ୩ ବର୍ଷରେ ଏହାର ଅଫଲାଇନ୍ ଉପସ୍ଥିତି ମୋଟ ୧୫୦୦ ଷ୍ଟୋର୍ ପର୍ଯ୍ୟନ୍ତ ବିସ୍ତାରିତ କରିବ। ବ୍ରାଣ୍ଡଟି ଗ୍ରାହକଙ୍କୁ ସେମାନଙ୍କର ବ୍ୟକ୍ତିଗତ ଷ୍ଟାଇଲ ବ୍ରାଉଜ୍ କରିବା, ଧାରଣା କରିବା ଏବଂ ଜୀବନ୍ତ କରିବାରେ ସାହାଯ୍ୟ କରିବାକୁ ପ୍ରସ୍ତୁତ କରାଯାଇଥିବା ଏକ ନୂତନ ଷ୍ଟୋର୍ ଫର୍ମାଟ୍ ମଧ୍ୟ ପରିଚିତ କରାଇବ। ଗୋଦରେଜ ଇଂଟେରିଓର ବ୍ୟବସାୟ ମୁଖ୍ୟ ଏବଂ କାର୍ଯ୍ୟନିର୍ବାହୀ ଉପ-ସଭାପତି ସ୍ୱପ୍ନିଲ ନାଗରକର କହିଛନ୍ତି ଯେ, 'ଇଂଟେରିଓର ନୂତନ ପରିଚୟ ଏହାର ଏକ ଆଧୁନିକ, ଆକାଂକ୍ଷିତ ଏବଂ ଡିଜାଇନ୍-ନେତୃତ୍ୱାଧୀନ ବ୍ରାଣ୍ଡ୍ ଭାବରେ ବିକାଶର ଏକ ଶକ୍ତିଶାଳୀ ଅଭିବ୍ୟକ୍ତି। ଯାହା ଗୋଦରେଜର ବିଶ୍ୱାସ ଓ ପରମ୍ପରାରୁ ଅନୁପ୍ରାଣିତ ହୋଇ ଆଗକୁବଢ଼ିବ।

## ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ବୀମା ୫୦-୬୦% ସିଏଜିଆରରେ ବୃଦ୍ଧି ପାଇଛି : ରିପୋର୍ଟ

ମୁମ୍ବାଇ: ପଲିସୀବଜାର ତଥ୍ୟ ଅନୁଯାୟୀ ମହାମାରୀ ପରବର୍ତ୍ତୀ ସମୟରେ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ବୀମା ଗ୍ରହଣୀୟତା ପ୍ରାୟ ୫୦-୬୦% ସିଏଜିଆରରେ ବୃଦ୍ଧିପାଇଛି। ୧୦ଟି ସ୍ୱାସ୍ଥ୍ୟ ବୀମା ପଲିସୀ ମଧ୍ୟରୁ ପ୍ରାୟ ୬ଟି ୬୦-୬୫ ବର୍ଷ ବୟସ୍କ ବ୍ୟକ୍ତି କ୍ରୟ କରୁଛନ୍ତି ଏବଂ ସଚେତନତା ଓ ସ୍ୱାସ୍ଥ୍ୟ ଆପଦ ବୃଦ୍ଧି କାରଣରୁ ୬୬-୭୦ ବର୍ଷ ବୟସ ବର୍ଗରେ ଲଗାତର ବୃଦ୍ଧି ସହିତ ଏହି ବୟସ ବର୍ଗ କେବଳ ସମସ୍ତ ସ୍ୱାସ୍ଥ୍ୟ ବୀମା କ୍ରୟ କ୍ଷେତ୍ରରେ ୫୭% ରହିଛନ୍ତି। ସିଦ୍ଧାର୍ଥ ସିଂଘଲ, ବିଜିନେସ ହେଡ- ହେଲଥ ଇନସ୍ୟୁରାନ୍ସ, ପଲିସୀବଜାର ଡଟ କମ କହିଥିଲେ, 'ଭାରତର ବରିଷ୍ଠ ନାଗରିକଗଣ ସ୍ୱାସ୍ଥ୍ୟବୀମାର କିଭଳି ନିକଟବର୍ତ୍ତୀ ହେଉଛନ୍ତି ସେଥିରେ ଆମେ ଉଲ୍ଲେଖନୀୟ ସ୍ଥାନାନ୍ତରଣ ଦେଖିବାକୁ ପାଉଛୁ। ସମ୍ପ୍ରତି ବରିଷ୍ଠ ନାଗରିକମାନେ ଶୀଘ୍ର ବୀମା କରାଉଛନ୍ତି ଏବଂ ସେମାନେ ଅଧିକ ଅଙ୍କର ବୀମା କରାଇବା ସହିତ ସ୍ମାର୍ଟ ପସନ୍ଦ କରୁଛନ୍ତି। ତଥ୍ୟରୁ ଜଣାଯାଇଛି ଯେ, ୬୦ରୁ ୬୫ ବର୍ଷର ବୟସ ବର୍ଗରେ ପ୍ରତି ୧୦ ଜଣଙ୍କ ମଧ୍ୟରେ ପ୍ରାୟ ୬ ଜଣ ପଲିସୀ କ୍ରୟ କରୁଛନ୍ତି। ଗତ ମାତ୍ର ତିନିବର୍ଷ ମଧ୍ୟରେ ସୁପର ଟପ-ଅପ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ଏଥିସହିତ ସମ୍ପ୍ରତି ୪୦%ରୁ ଅଧିକ ପୂର୍ବରୁ ରହିଥିବା ରୋଗଗୁଡିକ ନିମନ୍ତେ ଡେ-୧ କଭରେଜ ଚାହୁଁଛନ୍ତି। ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୧୫-୨୦% ସେମାନଙ୍କ ପ୍ରିମିୟମକୁ ସୁଲଭ କରିବା ପାଇଁ ୨-୩ ଲକ୍ଷ ଟଙ୍କା ମଧ୍ୟରେ ଡିଡକ୍ଟିବଲକୁ ପସନ୍ଦ କରୁଛନ୍ତି। ୩ ଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ପ୍ରାୟ ଜଣେ ସମ୍ପ୍ରତି ସୁପର ଟପ-ଅପକୁ ବାଛୁଛନ୍ତି। ଏହି ଗ୍ରହଣୀୟତା ୨୦୨୨ରେ ୧୭% ଥିବାବେଳେ ୨୦୨୪ରେ ତାହା ୩୧%କୁ ବୃଦ୍ଧିପାଇଛି ଏବଂ ଏହା ବରିଷ୍ଠ ନାଗରିକମାନେ ପ୍ରଶସ୍ତ କଭରେଜକୁ ଅଧିକ ପ୍ରିମିୟମ ବିନା ଦେୟରେ ପସନ୍ଦ କରୁଥିବା ପ୍ରଦର୍ଶନ କରୁଛି। ପ୍ରାୟ ୧୨% ବରିଷ୍ଠ ନାଗରିକ ନବୀକରଣ ସମୟରେ ମିଳିତ-ଦେୟ ପ୍ଲାନକୁ ରୂପାନ୍ତରିତ ହେଉଛି।

## ଜିଇଏମ୍‌ଏଲ୍ ପକ୍ଷରୁ ଏଲଟ୍ରାସିଟି ଏକ୍ସଟ୍ରା ଉନ୍ମୋଚିତ




ନୂଆଦିଲ୍ଲୀ: ଗ୍ରିଭସ କଟନ ଲିମିଟେଡରଇ-ଗମନାଗମନ ଶାଖା ଗ୍ରିଭସ ଇଲେକ୍ଟ୍ରିକ ମୋବିଲିଟି ଲିମିଟେଡ (ଜିଇଏମଏଲ) ପକ୍ଷରୁ ଲୋକପ୍ରିୟ ଗ୍ରିଭସ ଏଲଟ୍ରାସିଟିର ଏକ ଉନ୍ନତ ଭାରିଆଂଟ ସମ୍ପୂର୍ଣ୍ଣ ନୂଆ ଗ୍ରିଭସ ଏଲଟ୍ରାସିଟି ଏକ୍ସଟ୍ରା ଉନ୍ମୋଚନ କରାଯାଇଛି। ସହରାଂଚଳ ଗମନାଗମନ ଆବଶ୍ୟକତା ପୂରଣ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏଲଟ୍ରାସିଟି ଏକ୍ସଟ୍ରାରେ ରେଂଜ, ସୁରକ୍ଷା ଓ ପ୍ରଯୁକ୍ତି ଆଦି ସବୁଥିରେ କିଛି ଅତିରିକ୍ତ ବା ଏକ୍ସଟ୍ରାର ହିଛି। ପ୍ରଦର୍ଶନ, ପ୍ରଯୁକ୍ତି, ବିଶ୍ୱାସ ଓ ସୁରକ୍ଷାର ଏକ ଚମତ୍କାର ମିଶ୍ରଣକୁ ନେଇ ଏଲଟ୍ରାସିଟି ଏକ୍ସଟ୍ରା ସହରାଞ୍ଚଳରେ ଦୈନନ୍ଦୀନ ଗମନାଗମନକୁ ଉନ୍ନତ କରିବାକୁ ଚାହୁଛି। ଏହା ୧୭୦ କିଲୋମିଟରର ବାସ୍ତବ ରେଂଜ, ପାୱାର ମୋଡରେ ୬୦ କେଏମପିଏଚର ଶୀର୍ଷ ସ୍ପିଡ, ଡିଷ୍ଟାନ୍ସଟୁଏମ୍ପଟି (ଡିଟିଇ) ଓ ନାଭିଗେସନ ସୁବିଧା ଥିବା ଏକ ୬.୨ ପିଏମଭିଏ ଡିଜିଟାଲ କ୍ଲଷ୍ଟର ପ୍ରଦାନ କରୁଛି। ଗୋଟିଏ ଥର ଚାର୍ଜରେ ଏଲଟ୍ରାସିଟି ଏକ୍ସଟ୍ରା ବାଙ୍ଗାଲୋରରୁ ରାଣୀପେଟ ପର୍ଯ୍ୟନ୍ତ ୩୨୪ କିମି ଯାତ୍ରା କରି ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି। ଏଲଟ୍ରା ସିଟି ଏକ୍ସଟ୍ରାର ଡିଜାଇନର ମୂଳରେ ରହିଛି ସୁରକ୍ଷା ଓ ଭରସାଯୋଗ୍ୟତା। ବୃହତ ୧୮୦ ଏମଏମବ୍ରେକଡ୍ରମ, ପାର୍ଶ୍ୱ ପ୍ୟାନେଲ ଓ ପଛ ଭିଜୁଆଲ ବା ରିୟର ସହ ଏହା ଉଭୟ ଚାଳକ ଓ ଯାତ୍ରୀଙ୍କୁ ଦୃଢ଼ ସୁରକ୍ଷା ପ୍ରଦାନ କରୁଛି। ୯.୫ କେଡବ୍ଲୁ ମୋଟର ଏବଂ ୧୦.୭୫ କେଡବ୍ଲୁଏଚ ଆଇପି ୬୭ ମାନ୍ୟତାପ୍ରାପ୍ତ ଏଲଏଫପି ବ୍ୟାଟେରି ସହ ଏହି ଗାଡ଼ିରେ ପ୍ରଦର୍ଶନ ଓ ଦୀର୍ଘ ସ୍ଥାୟିତ୍ୱ ରମିଶ୍ରଣ ରହିଛି। ୪-୫ ଘଂଟାର ଚାର୍ଜିଂ ଅବଧି ସୁବିଧାକୁ ବଢ଼ାଇଛି। ଏହା ଉପରେ ୫ ବର୍ଷ କିମ୍ବା ୧.୨ ଲକ୍ଷ କିମି ବ୍ୟାଟେରି ୱାରେଂଟି ଓ ୩ ବର୍ଷ କିମ୍ବା ୮୦,୦୦୦ କିମି ଯାନ ୱାରେଂଟି ପ୍ରଦାନ କରାଯାଉଥିବାରୁ ଏଲଟ୍ରାସିଟି ଏକ୍ସଟ୍ରାକୁ ଦୀର୍ଘକାଳୀନ ଭରସାଯୋଗ୍ୟତା ଏବଂ ଚିନ୍ତାମୁକ୍ତ ଇଭି ମାଲିକାନା ଯାତ୍ରା ପାଇଁ ପ୍ରସ୍ତୁତ କରାଯାଇଛି। ଗ୍ରିଭସ ଇଲେକ୍ଟ୍ରିକ ମୋବିଲିଟିରଏମଡି ବିକାଶ ସିଂହ କହିଛନ୍ତି ଯେ, ଗ୍ରିଭସ ଇଲେକ୍ଟ୍ରିକ ମୋବିଲିଟିରେ ଆମ ଉଦ୍ଦେଶ୍ୟ ହେଉଛି ପ୍ରତି ଭାରତୀୟଙ୍କ ପାଖରେ ସ୍ମାର୍ଟ ଓ ସ୍ଥାୟୀ ଗମନାଗମନ ସୁବିଧା ପହଂଚାଇବା। ଉଲ୍ଲେଖନୀୟ ରେଂଜ, ଆଇଓଟି ସହିତ ଡିଜିଟାଲ କ୍ଲଷ୍ଟର ଭଳି ସ୍ମାର୍ଟ ସୁବିଧା, ଶକ୍ତିଶାଳୀ ବ୍ୟାଟେରି, ଶ୍ରେଷ୍ଠ ଶୀର୍ଷ ସ୍ପିଡ ଏବଂ ଗ୍ରିଭସର ବିଶ୍ୱସନୀୟ ବିକ୍ରି ପରବର୍ତୀ ସେବା ସହିତ ଏଲଟ୍ରାସିଟି ଏକ୍ସଟ୍ରା ସେହି ଲକ୍ଷ୍ୟକୁ ସାକାର କରିଛି। ଏଲପିଏଫ ବ୍ୟାଟେରି ପ୍ରଯୁକ୍ତିସହିତ ଆମେସୁରକ୍ଷିତ ଓ ଦୀର୍ଘସ୍ଥାୟୀଇଭିରେ ଅଗ୍ରଣୀସ୍ଥାନ ଜାରିରଖିଛୁ ଯାହାବିଶ୍ୱାସ ଗଠନ କରୁଥିବାବେଳେ ପ୍ରତିଟ୍ରିପରେ ଅଧିକମୂଲ୍ୟ ପ୍ରଦାନ କରୁଛି। ଆମର ଲକ୍ଷ୍ୟ ହେଉଛିଗ୍ରାହକମାନଙ୍କୁଶ୍ରେଷ୍ଠ ପରିଚାଳନା ଅନୁଭୂତି ଓ ଅର୍ଥନୀତି ପ୍ରଦାନ କରିବା। ଅତ୍ୟାଧୁନିକବ୍ୟାଟେରି ଓ ମୋଟରକୁ ନେଇ ଏଲଟ୍ରାସିଟିଏକ୍ସଟ୍ରା କମ ମାଲିକାନାଖର୍ଚ୍ଚ, ଉଚ୍ଚ ଦକ୍ଷତା ଓ ଉଲ୍ଲେଖନୀୟ ପେଲୋଡ କ୍ଷମତା ପ୍ରଦାନ କରୁଛି।

## ଫୋନପେ ପକ୍ଷରୁ ଡିଜିଟାଲ-ଫାଷ୍ଟ ଉଦ୍ୟମ ଜେନେରେସନର ଶୁଭାରମ୍ଭ



ନୂଆଦିଲ୍ଲୀ: ଫୋନପେ ପକ୍ଷରୁ ଡିଜିଟାଲ-ଫାଷ୍ଟ ଉଦ୍ୟମ ଜେନେରେସନର ଶୁଭାରମ୍ଭ କରାଯାଇଛି। ଏହି ଶୁଭାରମ୍ଭରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନ ରାମ ମାଂଝି ଏବଂ ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ଏସଆଇଡିବିଆଇ)ର ମୁଖ୍ୟ ମହାପ୍ରବନ୍ଧକ ୱାଇ.ଏମ. କୁମାରୀ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିଲେ। ଫୋନପେ ଲେଣ୍ଡିଂର ସିଇଓ ହେମନ୍ତ ଗାଲା କହିଛନ୍ତି, 'ଫୋନପେ ସର୍ବଦା ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସକ୍ଷମ କରିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ପାଳନ କରିଛି। ଆଜିର ଦିନଟି ଡିଜିଟାଲ ଇଣ୍ଡିଆ ଏବଂ ଆମ ଦେଶର ଲକ୍ଷ ଲକ୍ଷ କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଅଟେ। ଉଦ୍ୟମ ଆସିଷ୍ଟ ପ୍ଲାଟଫର୍ମ ସହ ଏକ ସମ୍ପୂର୍ଣ୍ଣ ଡିଜିଟାଲ-ଫାଷ୍ଟ ସମନ୍ୱିତ ବ୍ୟବସ୍ଥା ପ୍ରଦାନ କରୁଥିବା ପ୍ରାଥମିକ ସଂସ୍ଥାଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇଥିବାରୁ ଆମେ ନିଜକୁ ଅତ୍ୟନ୍ତ ଗର୍ବିତ ମନେକରୁଛୁ। ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ଏସଆଇଡିବିଆଇ)ର ମୁଖ୍ୟ ମହାପ୍ରବନ୍ଧକ, ୱାଇ.ଏମ. କୁମାରୀ କହିଛନ୍ତି ଯେ, 'ଉଦ୍ୟମ ଆସିଷ୍ଟ ପ୍ଲାଟଫର୍ମ, ଜିଏସଟି ପଞ୍ଜିକୃତ ହୋଇନଥିବା ଅସଂଗଠିତ ଅଣୁ ଉଦ୍ୟୋଗଗୁଡ଼ିକୁ ଫର୍ମାଲାଇଜେସନ ପାଇଁ ଏକ ପ୍ରମୁଖ ଚାଳକ ଭାବେ ଉଭା ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଏହି ନୂତନ ଡିଜିଟାଲ ପ୍ରକ୍ରିୟା ମାଧ୍ୟମରେ ମର୍ଚାଂଟମାନଙ୍କୁ ଉଦ୍ୟମ ଆସିଷ୍ଟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଯାହା ଭାରତର ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଏକ ମାଇଲଖୁଂଟ ଅଟେ। ଏହା ସହିତ ଫୋନପେ ଏସଆଇଡିବିଆଇ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିବା ବିଷୟ ମଧ୍ୟ ଘୋଷଣା କରିଛି ଯାହା ୟୁଏପି ସହ ଏକୀଭୂତ କରାହୋଇଥିବା ନିରବଚ୍ଛିନ୍ନ ଡିଜିଟାଲ ଲେଣ୍ଡିଂ ସମାଧାନ ମାଧ୍ୟମରେ ଛୋଟ ମର୍ଚାଂଟମାନଙ୍କୁ ଲୋନ ପ୍ରଦାନର ପ୍ରକ୍ରିୟାକୁ ସୁଗମ କରିବ।



ନୂଆଦିଲ୍ଲୀ: ଟ୍ୟୁନିସିଆ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ୍‌ରେ ଦଳ ଇକ୍ୱେଟୋରିଆଲ ଗିନିକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୪ର୍ଥ ମିନିଟ୍‌ରେ ଟ୍ୟୁନିସିଆ ପକ୍ଷରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ ମହମ୍ମଦ ଅଲି ବେନ୍ ରମଧାନେ। ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ୮ଟି ଗେମ୍‌ରୁ ୨୨ ପଏଣ୍ଟ ଅର୍ଜନକରି ଗ୍ରୁପ୍ 'ଏଚ୍' ଟେବୁଲ ଶୀର୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ନାମିଆଠାରୁ ୧୦ ପଏଣ୍ଟ ଆଗୁଆ ରହିଛି। ଟ୍ୟୁନିସିଆ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ୭ମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ୨୦୧୮ ଓ ୨୦୨୨ରେ ଦଳ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଆଫ୍ରିକା ମହାଦେଶରୁ ପୂର୍ବରୁ ଅନ୍ୟତମ ଦଳ ମରକ୍କୋ ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଛି। ଏସିଆରୁ ଜାପାନ, ଇରାନ, ଜୋର୍ଡାନ, ଦକ୍ଷିଣ କୋରିଆ, ଉଜ୍ ?ବେକିସ୍ତାନ ଓ ଅଷ୍ଟ୍ରେଲିଆ ଯୋଗ୍ୟତା ହାସଲ କରିସାରିଛନ୍ତି। ସେହିପରି ଓସେନିଆରୁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଦକ୍ଷିଣ ଆମେରିକାରୁ ଆର୍ଜେଣ୍ଟିନା, ବ୍ରାଜିଲ ଓ ଇକ୍ୱେଡର ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବିଶ୍ୱକପ୍‌ର ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋ ଯୋଗ୍ୟତା ହାସଲ କରିଛନ୍ତି।

# ଏସିଆ କପ୍: ଦମ୍‌ଦାର ବିଜୟରୁ ଭାରତର ଅଭିଯାନ



ଦୁବାଇ: ଏସିଆ କପ୍-୨୦୨୫ରେ ଭାରତ ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରମୁଖ ଟ୍ରଫି ଦାବିଦାର ଭାରତ ବୁଧବାର ୟୁଏଇକୁ ୯ ୱିକେଟ୍‌ରେ ପରାସ୍ତ କରିଛି। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫୮ ରନ୍ ବିଜୟ ଲକ୍ଷ୍ୟକୁ ୪.୩ ଓଭରରେ ପୂରଣ କରି ନେଇଛି। ଭାରତର ପାଳି ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଓ ଶୁଭମନ ଗିଲ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୮ ରନ୍‌ର ଭାଗିଦାରୀ କରିଥିଲେ। ଅଭିଷେକ ୧୬ଟି ବଲ୍ ଖେଳି ୨ଟି ଚୌକା ଓ ୩ଟି ଛକା ବଳରେ ୩୦ ରନ୍ ସଂଗ୍ରହ କରିଥିଲେ। ଗିଲ୍ ୯ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ବଳରେ ଅପରାଜିତ ୨୦ ରନ୍ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୭ ରନ୍ କରିଥିଲେ। ସେ ୨ଟି ବଲ୍ ଖେଳିଥିଲେ, ଯେଉଁଥିରୁ ଗୋଟିଏ ଛକା ଥିଲା। ଭାରତ ମୋଟ୍ ୬୦ ରନ୍ ସଂଗ୍ରହ କରିଥିଲା। ଭାରତ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି ଭାରତ ପାଇଁ ସଠିକ୍ ସାବ୍ୟସ୍ତ ହୋଇଥିଲା। ୟୁଏଇ ଟିମ୍ ୧୩.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୫୭ ରନ୍ ? ସଂଗ୍ରହ କରିଥିଲା। ଭାରତୀୟ ବୋଲରମାନେ ୟୁଏଇ ବିପକ୍ଷରେ ଶକ୍ତିଶାଳୀ ବୋଲିଂ କରିଥିଲେ। ଫଳରେ ୟୁଏଇର ବ୍ୟାଟରମାନେ ଭଲ ରନ୍ ସ୍କୋର କରିପାରି ନଥିଲେ। ୟୁଏଇ ପାଇଁ ବ୍ୟକ୍ତିଗତ ଭାବେ ଉଭୟ ପ୍ରାରମ୍ଭିକ ବ୍ୟାଟର ୪୧ ରନ୍ ସଂଗ୍ରହ କରିପାରିଥିଲେ। ଆଲିଶାନ ଶରାଫୁ ୧୭ଟି ବଲ୍ ଖେଳି ୩ଟି ଚୌକା ଓ ଗୋଟିଏ ଛକା ବଳରେ ୨୨ ରନ୍ କରିଥିଲେ। ସେହିପରି ଅଧିନାୟକ ମହମ୍ମଦ ୱାସିମ ୨୨ଟି ବଲ୍ ଖେଳି ୩ଟି ଚୌକା ବଳରେ ୧୯ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଭାରତ ପାଇଁ କୁଲଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ସେ ୨.୧ ଓଭର ବୋଲିଂ କରିଥିଲେ। ୩.୨୦ ହାରରେ ମୋଟ୍ ୭ ରନ୍ ବ୍ୟୟ କରିଥିଲେ। ଯୁବ ବୋଲର ଶିଭମ ଦୁବେ ୨ ଓଭର ବୋଲିଂ କରି ମାତ୍ର ୩ ରନ୍ ବ୍ୟୟ କରି ୩ ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଭାରତୀୟ ଦ୍ରୁତବୋଲର ଜସପ୍ରୀତ ବୁମରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ପାକିସ୍ତାନ ମନ୍ତ୍ରୀଙ୍କ ସହ ହାତ ମିଳାଇ ଅଡୁଆରେ ସୂର୍ଯ୍ୟକୁମାର



ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ ଆରମ୍ଭ ହେବା ପୂର୍ବରୁ ପୁଣି ବିବାଦ ଦେଖାଦେଇଛି। ଭାରତୀୟ କ୍ରିକେଟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନର ଗୃହମନ୍ତ୍ରୀ ଏବଂ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ସଭାପତି ମୋହସିନ ନକଭିଙ୍କ ସହ ହାତ ମିଳାଇବା ଘଟଣାକୁ ନେଇ ଏହି ବିବାଦ ଦେଖା ଦେଇଛନ୍ତି। ସୂଚନାଯୋଗ୍ୟ, ଏସିଆ କପ୍ ୨୦୨୫ ଆରମ୍ଭ ହେବା ପୂର୍ବରୁ ଆବୁଧାବିରେ ଏସିଆ କପର ସରକାରୀ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଦଳର ଅଧିନାୟକଙ୍କ ସମେତ ଏସୀୟ କ୍ରିକେଟ୍ ପରିଷଦ (ଏସିସି)ର ସଭାପତି ମୋହସିନ ନକଭି ମଧ୍ୟ ପହଞ୍ଚିଥିଲେ। ଏହି ସମୟରେ ନକଭି ସୂର୍ଯ୍ୟକୁମାର ଯାଦବଙ୍କୁ ସ୍ୱାଗତ କରିବା ସହିତ ଉଭୟ ହାତ ମିଳାଇଥିଲେ। ଏହି ମୁହୂର୍ତ୍ତ ଭିଡିଓ ଭାଇରାଲ ହେବାପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭିଡିଓ ସାମ୍ନାକୁ ଆସିବା ମାତ୍ରେ ଭାରତୀୟ ପ୍ରଶଂସକମାନେ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଘଟଣାକୁ 'କ୍ରିକେଟ କୂଟନୀତି' ବୋଲି ସମାଲୋଚନା କରିଛନ୍ତି। ସେହିପରି କିଛି ଲୋକ ଏହାକୁ ଆମ ସହିଦ ଯବାନଙ୍କ ବଳିଦାନର ଅପମାନ ବୋଲି ଉଲ୍ଲେଖ କରିଛନ୍ତି। ଶୌର୍ଯ୍ୟଚକ୍ର ବିଜେତା (ଅବସରପ୍ରାପ୍ତ) ମେଜର ପବନ କୁମାର ମଧ୍ୟ ଏହା ଉପରେ ନିଜର କ୍ରୋଧ ପ୍ରକାଶ କରି ଏକ୍ସ (ପୂର୍ବ ଟ୍ୱିଟର)ରେ ଲେଖିଛନ୍ତି, 'ଆଜି ପାକିସ୍ତାନୀ ଆତଙ୍କବାଦୀମାନେ ଆମର ଦୁଇ ଜଣ ଯବାନଙ୍କୁ ସହିଦ କରିଛନ୍ତି। ଏଭଳି ସମୟରେ ଭାରତୀୟ ଦଳର ଅଧିନାୟକ ହସି ହସି ପିସିବି ସଭାପତି ମୋହସିନ ନକଭିଙ୍କ ସହ ହାତ ମିଳାଉଛନ୍ତି। ନକଭି ହେଉଛନ୍ତି ସେହି ବ୍ୟକ୍ତି ଯିଏ ଭାରତ ଉପରେ ପରମାଣୁ ଆକ୍ରମଣ କରିବାକୁ ଧମକ ଦେଇଥିଲେ। ମୋହସିନ ନକଭି ପାକିସ୍ତାନର ଗୃହମନ୍ତ୍ରୀ ହେବା ସହିତ ପିସିବିର ସଭାପତି ମଧ୍ୟ। ସେ ଭାରତ ବିରୋଧୀ ବୟାନବାଜି ପାଇଁ କୁଖ୍ୟାତ। ସେ ଅପରେଶନ ସିନ୍ଦୂର ପରେ ମଧ୍ୟ ଭାରତ ବିରୁଦ୍ଧରେ ଜ୍ୱଳନ୍ତ ମନ୍ତବ୍ୟ ଦେଇଥିଲେ। ଏହି କାରଣରୁ, ମଞ୍ଚରେ ଭାରତୀୟ ଅଧିନାୟକଙ୍କ ସହ ତାଙ୍କର ହାତ ମିଳାଇବା ଲୋକଙ୍କୁ ବିରକ୍ତ କରିଥିଲା। ଅନେକ ପ୍ରଶଂସକ ଲେଖିଛନ୍ତି ଯେ 'ଆମେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡିତ ପରିବାରଙ୍କୁ କ୍ଷମା ମାଗିବା ଉଚିତ। ଯେତେବେଳେ ଆମର ସୈନିକମାନେ ଶହୀଦ ହେଉଛନ୍ତି, ଆମର ଖେଳାଳିମାନେ ପାକିସ୍ତାନୀ ନେତାଙ୍କ ସହ ହାତ ମିଳାଉଛନ୍ତି। ଏହାକୁ ଆଦୌ ସହ୍ୟ କରାଯାଇପାରିବ ନାହିଁ।' ଆଉ ଜଣେ ୟୁଜର କହିଛନ୍ତି, 'କ୍ରିକେଟ କୂଟନୀତି ଅପେକ୍ଷା ଦେଶର ମର୍ଯ୍ୟାଦା ଅଧିକ ଗୁରୁତ୍ୱପୂର୍ଣ୍ଣ।'

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ମମତା ଏଣ୍ଡ ମମତା ଚାମ୍ପିଅନ୍



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍‌ର ଓଡ଼ିଶା ଝାରଖଣ୍ଡ ସୀମାନ୍ତ ଭଞ୍ଜବେଡା ଠାରେ ଉଦଯାପିତ ହୋଇଯାଇଛି ୨୭ ତମ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬୪ ଦଳ ଅଂଶ ଗ୍ରହଣ କରିଥିଲେ। ଦକ୍ଷତାର ସହିତ ଖେଳି ସମସ୍ତଙ୍କୁ ପରାସ୍ତ କରି ମମତା ଏଣ୍ଡ ମମତା ଚାମ୍ପିଅନ ହୋଇଥିଲା। ଚାମ୍ପିଅନ୍ ଦଳକୁ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ରୋହିତ ଏଫ୍ ସି ବାଦାମପାହାଡ଼ ରନର୍ସ ଟିମ୍ ଭାବରେ ବିବେଚିତ ହୋଇ ଆକର୍ଷଣୀୟ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କାର ଅର୍ଥ ରାଶି ପାଇଥିଲେ। ଆଉ ମଧ୍ୟ ଶୁଭମ୍ ୧୧ ତୃତୀୟ ସ୍ଥାନ ଅଧିକାର କରି ୨୦ ହଜାର ଟଙ୍କା ଏବଂ ଖିଚିଙ୍ଗ ଏଫ୍ ସି ଚତୁର୍ଥ ସ୍ଥାନ ଅଧିକାର କରି ୧୫ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ଜିତିବାକୁ ସକ୍ଷମ ହୋଇଥିଲେ। ସେହିଭଳି ୪୦ ବର୍ଷରୁ ଅଧିକ ବୟସ ବ୍ୟକ୍ତିଙ୍କ ମଧ୍ୟରେ ମଧ୍ୟରେ ମଧ୍ୟ ଫୁଟବଲ୍ ପ୍ରତିଯୋଗିତା ହୋଇଥିଲା। ସେଥିରେ ଗାଲୁସକ୍ଷହି ପ୍ରଥମ ହୋଇ ଗୋଟିଏ ଛେଳି ଖାସି ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲା। ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଖଣି ବିଭାଗର ଉପନିର୍ଦ୍ଦେଶକ ଡୋକ ହେଂସା ଯୋଗ ଦେଇ ଫୁଟବଲ୍ ପ୍ରତିଯୋଗିତାରେ ପାରଙ୍ଗମ ହାସଲ କରିଥିବା ଦଳ ମାନଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ଝାରଖଣ୍ଡ ରାଜ୍ୟ ମଝିଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଉପେନ୍ଦ୍ର ନାରାୟଣ ସିଂ, ଦିପ୍ତିକାନ୍ତ, ଝୁନାରାଣୀ ପିଙ୍ଗୁଆ ସରପଞ୍ଚ ରରୁଆଁ ପ୍ରମୁଖ ଯୋଗଦେଇ ଫୁଟବଲ୍ ପ୍ରେମୀ ଏବଂ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଟିକାୟତ୍ ନାୟକ ଏବଂ ଆଶିଷ ହେମ୍ବ୍ରମ୍ ଟୁର୍ଣ୍ଣାମେଣ୍ଟରେ ଉଦ୍‌ଘୋଷକ ଭାବରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଥିଲେ। ବାପୁନ୍ ମହାନ୍ତ ଏବଂ ଚକ୍ରଧର ଚାତାର, ସୁନିଲ ଟୁଡୁ, କାଳନ୍ଦୀ ମୁର୍ମୁ, ପୂର୍ଣ୍ଣ ସୋରେନ୍ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ବିନା ବିବାଦରେ ଖେଳକୁ ପରିଚାଳନା କରିଥିଲେ। ଆଗାମୀ ବର୍ଷ ମାନଙ୍କରେ ଖେଳକୁ ଆହୁରି ଆକର୍ଷଣୀୟ କରିବା ନେଇ ସୂଚନା ଦେଇଛନ୍ତି ସଭାପତି ରାଜେଶ ଚାତାର, ସମ୍ପାଦକ ଶଙ୍କର୍ଷଣ ମହାକୁଡ, ସଭ୍ୟ ଟିକାୟତ ମହାକୁଡ, ଚକ୍ରଧର ଚାତାର, ଭୁବନ ରାମ ଗାଗରାଇ।

# ଏସିଆ କପ୍ : ଭାରତ-ପାକିସ୍ତାନ ମ୍ୟାଚ୍‌ର ସରୁନି ଟିକେଟ୍



ଦୁବାଇ: ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତୀକ୍ଷିତ ଗ୍ରୁପ୍ 'ଏ' ମୁକାବିଲା ମାତ୍ର ୪ଦିନ ପରେ ହେବ। ହେଲେ ଏହି ମ୍ୟାଚ୍‌ର ଟିକଟ ଏବେ ସୁଦ୍ଧା ସମାପ୍ତ ନ ହେବା କ୍ରିକେଟ୍ ବିଶେଷଜ୍ଞଙ୍କୁ ଚକିତ କରିଛି। ରବିବାର ଦୁବାଇରେ ଏହି ମ୍ୟାଚ୍ ଖେଳାଯିବ। ଏହି ହାଇ ଭୋଲ୍‌ଟେଜ ମ୍ୟାଚ୍ ପାଇଁ କିଛି ସ୍ୱତନ୍ତ୍ର ପ୍ରକାରର ଟିକଟ ରହିଛି। ସର୍ବାଧିକ ମୂଲ୍ୟର ୨ଟି ଟିକଟ ଜଣେ କିଣିପାରିବେ। ଗୋଟିଏ ଟିକଟ ଦିଆ ଯିବନାହିଁ। ଏହି ୨ଟି ଟିକଟ ପାଇଁ ଭାରତୀୟ ମୁଦ୍ରାରେ ୨,୫୭,୮୧୫ ଟଙ୍କା ଦେବାକୁ ପଡ଼ିବ। ଏହି ଟିକଟଧାରୀ ଦୁଇ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍ ମିଳିବ। ଦୁହେଁ ସ୍ୱତନ୍ତ୍ର ଫାଟକରେ ଷ୍ଟାଡିୟମ୍‌ରେ ପ୍ରବେଶ କରିବାର ସୁବିଧା ପାଇବେ ଏବଂ ଭିଆଇପିଙ୍କ ପାର୍କିଂ ସ୍ଥଳରେ ଗାଡ଼ି ରଖିବାକୁ ପାସ୍ ମିଳିବ। ସେମାନେ ଶୀତତାପ ନିୟନ୍ତ୍ରିତ ଭିଆଇପି ସୁଟ୍‌ରେ ଆରାମ ଦାୟକ ୨ଟି ସୋଫାରେ ବସିବେ। ସେମାନଙ୍କ ପାଇଁ ଅସୀମିତ ଖାଦ୍ୟ ଓ ସମସ୍ତ ପ୍ରକାର ପାନୀୟର ବ୍ୟବସ୍ଥା ରହିବ। ସେମାନେ ଭିଆଇପି କ୍ଲବ୍/ଲାଉଞ୍ଜ୍‌କୁ ଯାଇପାରିବେ। ଯଦି ସେମାନେ ବିଶ୍ରାମ ନେବାକୁ ଚାହିଁବେ; ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ ପ୍ରସ୍ତୁତ ହୋଇ ରହିବ। ଏହାକୁ ଛାଡ଼ି ରୟାଲ ବକ୍ସର ଟିକଟ ରହିଛି। ଏହାର ୨ଟି ଟିକଟ ପାଇଁ ୨,୩୦,୭୦୦ ଟଙ୍କା ଏବଂ ସ୍କାଏ ବକ୍ସ ଇଷ୍ଟ ଶ୍ରେଣୀର ୨ଟି ଟିକଟ ପାଇଁ ୧,୬୭,୮୫୧ ଟଙ୍କା ଦେବାକୁ ପଡ଼ିବ। ମଧ୍ୟମ ଶ୍ରେଣୀର ଟିକଟର ମୂଲ୍ୟ ମଧ୍ୟ ବହୁତ ଅଧିକ ରହିଛି। ପ୍ଲାଟିନମ୍ ବକ୍ସରେ ୨ଟି ଟିକଟର ମୂଲ୍ୟ ୭୫,୬୫୯ ଟଙ୍କା, ଗ୍ରାଣ୍ଡ ଲାଉଞ୍ଜ୍ ଟିକଟର ମୂଲ୍ୟ ୪୧,୧୫୩ ଟଙ୍କା, ୱେଷ୍ଟ ପାଭିଲିଅନ୍‌ର ମୁଲ୍ୟ ୨୮,୧୭୪ ଟଙ୍କା ରଖାଯାଇଛି। ଶସ୍ତା ବର୍ଗର ଜେନେରାଲ ଇଷ୍ଟ ଷ୍ଟାଣ୍ଡ୍‌ର ୨ଟି ଟିକର ମୂଲ୍ୟ ୧୦,୦୦୦ ଟଙ୍କା ରଖାଯାଇଛି। ପୂର୍ବରୁ ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଦୁବାଇରେ ଟିକଟର ମୂଲ୍ୟ ପ୍ରାୟ ଏହା ରହିଥିଲା। ହେଲେ ଏଥର କିଛି ଟିକଟ ଏବେ ମଧ୍ୟ ବାକି ଅଛି।

# ଜରିମାନା ଗଣିବେ ପୃଥ୍ୱୀ ଶ'



ମୁମ୍ବାଇ: ଭାରତୀୟ କ୍ରିକେଟର ପୃଥ୍ୱୀ ଶ' ସମସ୍ୟାରେ ପଡ଼ିଥିବା ଜଣାପଡ଼ିଛି। ମୁମ୍ବାଇର ଦିନଦୋଶୀ ସେସନ୍ସ କୋର୍ଟ ତାଙ୍କ ଉପରେ ଜରିମାନା ଲଗାଇଛନ୍ତି। ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ସପ୍ନା ଗିଲ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ଉତ୍ତର ଦାଖଲ ନ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କୋର୍ଟ ପୂର୍ବରୁ ଶ'ଙ୍କୁ ଉତ୍ତର ଦାଖଲ କରିବାର ଶେଷ ସୁଯୋଗ ଦେଇଥିଲେ, କିନ୍ତୁ ତାଙ୍କ ପକ୍ଷରୁ କୌଣସି ଉତ୍ତର ମିଳି ନ ଥିଲା। ସମ୍ପୂର୍ଣ୍ଣ ମାମଲା ଫେବୃଆରୀ ୨୦୨୩ର। ମୁମ୍ବାଇର ଅନ୍ଧେରୀ ଅଞ୍ଚଳର ଏକ ପବରେ ପୃଥ୍ୱୀ ଶ' ଏବଂ ସପ୍ନା ଗିଲ ମଧ୍ୟରେ ବିବାଦ ହୋଇଥିଲା। ଗିଲ ଅଭିଯୋଗ କରିଛନ୍ତି ଯେ, ତାଙ୍କର ଜଣେ ବନ୍ଧୁ ଶ'ଙ୍କୁ ସେଲ୍ଫି ନେବାକୁ କହିଥିଲେ, ଯାହାକୁ ଶ' ମନା କରି ଫୋନ ଛଡ଼ାଇ ନେଇ ଫିଙ୍ଗି ଦେଇଥିଲେ। ଏହା ପରେ ସପ୍ନା ଗିଲ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ, ଶ' ଏବଂ ତାଙ୍କ ବନ୍ଧୁମାନେ ତାଙ୍କୁ ମାଡ଼ ମାରିଥିଲେ ଏବଂ ବଳାତ୍କାର ଗମ୍ଭୀର ଅଭିଯୋଗ ମଧ୍ୟ କରିଥିଲେ। ସପ୍ନା ଗିଲ କହିଛନ୍ତି, ଘଟଣା ପରେ ସେ ପୋଲିସରେ ଏଫଆଇଆର ଦାୟର କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ପୋଲିସ ମାମଲା ରୁଜୁ କରି ନ ଥିଲା। ଏହା ପରେ, ସେ ଅନ୍ଧେରିର ମାଜିଷ୍ଟ୍ରେଟ କୋର୍ଟରେ ଏକ ଆବେଦନ ଦାୟର କରିଥିଲେ।

# ଅନିମେଷଙ୍କୁ ପ୍ରଶଂସା କଲେ ଆନନ୍ଦ ମହିନ୍ଦ୍ରା



ଭୁବନେଶ୍ୱର: ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଛତିଶଗଡ଼ ଧାବକ ତଥା ଜାତୀୟ ରେକର୍ଡଧାରୀ ଅନିମେଷ କୁଜୁରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି ଦେଶର ବିଶିଷ୍ଟ ଶିଳ୍ପପତି ତଥା ମହିନ୍ଦ୍ରା ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା। ସୋମବାର ସେ 'ଏକ୍ସ' ପୃଷ୍ଠାରେ ପୋଷ୍ଟ୍ କରୁଥିବା ମନ୍‌ଡେ ମୋଟିଭେସନ୍ ସିରିଜ୍ ?ରେ ଅନିମେଷଙ୍କ ଟୋକିଓ ବିଶ୍ୱ ଦୌଡ଼କୁଦ ଯୋଗ୍ୟତା ଓ ଜାତୀୟ ରେକର୍ଡ ଆଦିକୁ ମଧ୍ୟ ପ୍ରଶଂସା କରିଛନ୍ତି। ପ୍ରଥମ ଭାରତୀୟ ପୁରୁଷ ସ୍ପ୍ରିଣ୍ଟର୍ ଭାବେ ଅନିମେଷ ବିଶ୍ୱ ଦୌଡ଼କୁଦ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ଗତମାସରେ ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଅନ୍ତଃରାଜ୍ୟ ଦୌଡ଼କୁଦରେ ବି ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହିନ୍ଦ୍ରା ଲେଖିଛନ୍ତି 'ମାତ୍ର ୨୨ ବର୍ଷ ବୟସରେ ଏହି ପୁଲିସ ଅଫିସର ପୁଅ ଛତିଶଗଡ଼ର ଘୁଇତାନଗର ଗାଁରୁ ଭାରତର ସ୍ପ୍ରିଣ୍ଟ ସେନ୍‌ସେସନ୍ ହେବା ଅତ୍ୟନ୍ତ ଉଲ୍ଲେଖନୀୟ। ଭାରତକୁ ବିଶ୍ୱ ସ୍ପ୍ରିଣ୍ଟିଂ ରାଡାରରେ ସ୍ଥାନିତ କରି ସାରିଛନ୍ତି। ଏହି ଉତ୍ଥାନ ଜାରି ରହିଲେ ଅଲିମ୍ପିକ୍ସରେ ସେ ପ୍ରଥମ ଭାରତୀୟ ଭାବେ ସେମିଫାଇନାଲ୍ସ କି ଫାଇନାଲ୍ସରେ ବି ପହଞ୍ଚିପାରିବେ। ଭାରତୀୟ ଦୌଡ଼କୁଦ ପାଇଁ ଏହି ମାଇଲଖୁଣ୍ଟ ଗୌରବର ବିଷୟ ହେବ।' ସୂଚନାଯୋଗ୍ୟ, ଅନିମେଷଙ୍କ ନାମରେ ଏବେ ପୁରୁଷ ୧୦୦, ୨୦୦ ମିଟର ଦୌଡ଼ ଏବଂ ୪ଗୁଣା୧୦୦ ମିଟର ରିଲେ ଦୌଡ଼ର ଜାତୀୟ ରେକର୍ଡ ରହିଛି। ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ହାଇପର୍ଫମାନ୍ସ ସେଣ୍ଟରରେ ସେ ମୁଖ୍ୟ ପ୍ରଶିକ୍ଷକ ମାର୍ଟିନ ଓୱେନ୍ସଙ୍କ ଅଧୀନରେ ତାଲିମ ନେଉଛନ୍ତି। ନିକଟରେ ଏହି ଅଣଓଡ଼ିଆ ତାରକାଙ୍କୁ ଓଡ଼ିଶା ସରକାର ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିବାରୁ ବିବାଦ ଘେରରେ ପଡ଼ିଛନ୍ତି।

# ୨୦୨୬ ପୁରୁଷ ଟ୍ୱେଣ୍ଟି୨୦ ବିଶ୍ୱକପ୍: ଅହମ୍ମଦାବାଦରେ ଫାଇନାଲ୍




ନୂଆଦିଲ୍ଲୀ: ୨୦୨୬ ପୁରୁଷ ଟ୍ୱେଣ୍ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆୟୋଜନ କରୁଛନ୍ତି ଭାରତ ଓ ଶ୍ରୀଲଙ୍କା। ଏଥିରେ ୨୦ଟି ଦେଶ ଅଂଶଗ୍ରହଣ କରିବେ। ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଏହା ଖେଳାଯିବ। ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଷ୍ଟାଡିୟମ୍‌ରେ ଏହି ବିଶ୍ୱକପ୍‌ର ସମସ୍ତ ୫୫ଟି ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୮ରେ ଏହି ବିଶ୍ୱକପ୍‌ର ଫାଇନାଲ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯିବାକୁ ସ୍ଥିର କରାଯାଇଛି। ପାକିସ୍ତାନ ଯଦି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ କଲମ୍ବୋରେ ଫାଇନାଲ ମ୍ୟାଚ୍ ଖେଳାଯିବ। ସୂଚନାଯୋଗ୍ୟ; ପୁରୁଷ ଟ୍ୱେଣ୍ଟି୨୦ ବିଶ୍ୱକପ୍-୨୦୨୬ ଖେଳସୂଚୀ ଔପଚାରିକ ଭାବେ ଆଇସିସି ଘୋଷଣା କରିନାହିଁ। ହେଲେ ଅନୌପଚାରିକ ଭାବେ ଆଇସିସି ପ୍ରତିଯୋଗୀ ଦେଶଙ୍କୁ ଉପରୋକ୍ତ ତାରିଖ ଜଣାଇଦେଇଛି। ଅଦ୍ୟାବଧି ୧୫ଟି ଦେଶ ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବାକି ୫ଟି ଦଳଙ୍କ ମଧ୍ୟରୁ ୨ଟି ଆଫ୍ରିକାରୁ ଏବଂ ୩ଟି ଦଳ ଏସିଆ-ପୂର୍ବ ଏସିଆ ପ୍ୟାସିଫିକ୍ ଅଞ୍ଚଳରୁ ଯୋଗ୍ୟତା ଅର୍ଜନ କରି ଆସିବେ।

# ରାଜ୍ୟ ପୋଲିସ ହ୍ୟାଣ୍ଡବଲ୍ ଏବଂ କବାଡି ପ୍ରତିଯୋଗିତାର ଚତୁର୍ଥ ଦିନ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ବୁଧବାର କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ ଫ୍ଲଡ଼ ଲାଇଟ ଏବଂ ସିନ୍ଥେଟିକ ଗ୍ରାଉଣ୍ଡରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ କେନ୍ଦୁଝର ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୭୮ତମ ରାଜ୍ୟ ପୋଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ଚତୁର୍ଥ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୨ ନମ୍ବର କୋର୍ଟରେ ସିନ୍ଥେଟିକ ମ୍ୟାଟରେ ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପ୍ରଥମ କବାଡି ଖେଳରେ ଗ୍ରୁପ ସି ରେ ସୁନ୍ଦରଗଡ଼ ଜିଲ୍ଲା ୩୫ ପଏଣ୍ଟ ହାସଲ କରିଥିବା ବେଳେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ୧୪ ପଏଣ୍ଟ ହାସଲ କରିଛି। ସୁନ୍ଦରଗଡ଼ ଜିଲ୍ଲା ୨୧ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ଦ୍ୱିତୀୟ ମ୍ୟାଚରେ ଗ୍ରୁପ ଡି ରେ ଅଷ୍ଟମ ଏସଆଇଆର ବାଟାଲିୟନ, ଭଞ୍ଜନଗର ୪୭ ପଏଣ୍ଟ ହାସଲ କରିଥିବା ବେଳେ ଢେଙ୍କାନାଳ ଜିଲ୍ଲା ୪୨ ପଏଣ୍ଟ ହାସଲ କରିଛି। ଭଞ୍ଜନଗର ୫ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ତୃତୀୟ ମ୍ୟାଚରେ ଗ୍ରୁପ ଏ ରେ ଗତବର୍ଷର ଚମ୍ପିୟାନ ଓଏସଏପି ଷଷ୍ଠ ବାଟାଲିୟନ, କଟକ ୩୭ ପଏଣ୍ଟ ହାସଲ କରିଥିବା ବେଳେ ପଞ୍ଚମ ଆଇଆର ବାଟାଲିୟନ ବୌଦ୍ଧ ୨୦ ପଏଣ୍ଟ ହାସଲ କରିଛି ଏବଂ ଷଷ୍ଠ ବାଟାଲିୟନ କଟକ ୧୭ ପଏଣ୍ଟରେ ବିଜୟୀ ହେବା ସହ ପୁରା ପଏଣ୍ଟ ହାସଲ କରିଛି। ଚତୁର୍ଥ ମ୍ୟାଚରେ ଗ୍ରୁପ ବି ରେ ଚତୁର୍ଥ ଆଇଆର ବାଟାଲିୟନ ଦେଓଗଡ଼ ୨୯ ପଏଣ୍ଟ ହାସଲ କରିଥିବା ବେଳେ ଗଜପତି ଜିଲ୍ଲା ୩୫ ପଏଣ୍ଟ ହାସଲ କରିଛି ଏବଂ ଗଜପତି ଜିଲ୍ଲା ୬ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ସେହିପରି ପଞ୍ଚମ ମ୍ୟାଚରେ ଗ୍ରୁପ ସିର ଏକ ଖେଳରେ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ଏବଂ ସୁନ୍ଦରଗଡ଼ ଜିଲ୍ଲା ମଧ୍ୟରେ ଅନୁଷ୍ଠିତ ଖେଳକୁ କୌଣସି କାରଣରୁ ବାତିଲ କରାଯିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ହ୍ୟାଣ୍ଡବଲ ଷ୍ଟାଡିୟମର ୧ ନମ୍ବର କୋର୍ଟରେ ଫ୍ଲଡ଼ ଲାଇଟ ଓ ସିନ୍ଥେଟିକ ଗ୍ରାଉଣ୍ଡରେ ଅନୁଷ୍ଠିତ ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଗ୍ରୁପ ଏ ର ପ୍ରଥମ ଖେଳରେ ଗତବର୍ଷର ଚମ୍ପିୟାନ ଓଏସଏପି ପ୍ରଥମ ବାଟାଲିୟନ ଢେଙ୍କାନାଳ ଷଷ୍ଠ ଆଇଆର ବାଟାଲିୟନ ଖୋର୍ଦ୍ଧା ବିପକ୍ଷରେ ୩୮-୨୫ ଗୋଲରେ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ସେହିପରି ଗ୍ରୁପ ବି ର ଅନ୍ୟ ଏକ ଖେଳରେ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ବିପକ୍ଷରେ ୨୪-୧୮ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ଆଜିର ଏହି ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଉଭୟ କବାଡି ଏବଂ ହ୍ୟାଣ୍ଡବଲ ଦଳର ଖେଳାଳି ମାନଙ୍କ ସହ ଆଜିର ଅତିଥି କେନ୍ଦୁଝର ଏସପି ନିତିନ କୁଶଲକର, ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ର, ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡାର ଡେପୁଟି କାମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ, କେନ୍ଦୁଝର ଟାଉନ ପୋଲିସ ଷ୍ଟେସନ ଆଇଆଇସି ଶ୍ରୀକାନ୍ତ ସାହୁ ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ତଥା ରାଜ୍ୟର ବରିଷ୍ଠ କ୍ରିକେଟ ଅମ୍ପାୟାର ସଂଗ୍ରାମ ପଟ୍ଟନାୟକଙ୍କ ସହ ପରିଚିତ କରାଇ ଦିଆଯାଇଥିଲା। ଏହି ଚମ୍ପିୟାନସିପରେ କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।


## B.I.T. SINDRI
### P.O.-SINDRI INSTITUTE, DIST; DHANBAD (JHARKHAND) PIN: 828123

**e-Corrigendum Notice**

Corrigendum Notice No. : BitSindri/ Corrigendum/4/2025-26
Tender Title : Supply of Material Characterization Laboratory Equipment for Mechanical Engineering Department at B.I.T. Sindri, Dhanbad.
Tender Reference Number : BIT/3/2025-26/Mech2
PR 359619 Higher Education, Technical Education and Skill Development Department 25-26 (D)
Tender ID : 2025_DHTE_103270_1
Corrigendum Type : Date Extend
Corrigendum Title : Extension of dates

As sufficient numbers of valid tenders are not received the following critical dates for the tender are changed. Rest will be same as in the original tender.

| Sl. No. | Activity | Earlier Date and Time | Changed Date and Time |
|---|---|---|---|
| 1 | Document Download End Date | 08-09-2025 ; 12:30 P.M. | 23-09-2025 ; 12:30 P.M. |
| 2 | Bid Submission End Date | 08-09-2025 ; 12:30 P.M. | 23-09-2025 ; 12:30 P.M. |
| 3 | Bid Opening Date | 09-09-2025 ; 01:00 P.M. | 24-09-2025 ; 01:00 P.M. |

Further details can be seen on website :- https://jharkhandtenders.gov.in

Sd/-
Director,
B.I.T., Sindri.

PR 361497 Higher Education,Technical Education and Skill Development Department(25-26).D

## B.I.T. SINDRI P.O.-SINDRI INSTITUTE DIST; DHANBAD (JHARKHAND) PIN: 828123

**e-Corrigendum Notice**

Corrigendum Notice No. : BitSindri/ Corrigendum/2/2025-26
Tender Title : Supply of DSP Trainer Kit for ECE Department at B.I.T. Sindri, Dhanbad.
Tender Reference Number : BIT/9/2025-26/DSP/ECE1
PR 359617 Higher Education, Technical Education and Skill Development Department (25-26).D
Tender ID :2025_DHTE_103868_1
Corrigendum Type : Date Extend
Corrigendum Title :Extension of dates

As sufficient numbers of valid tenders are not received the following critical dates for the tender are changed. Rest will be same as in the original tender.

| Sl. No. | Activity | Earlier Date and Time | Changed Date and Time |
|---|---|---|---|
| 1 | Document Download End Date | 08-09-2025 ; 12:30 P.M. | 23-09-2025 ; 12:30 P.M. |
| 2 | Bid Submission End Date | 08-09-2025 ; 12:30 P.M. | 23-09-2025 ; 12:30 P.M. |
| 3 | Bid Opening Date | 09-09-2025 ; 01:00 P.M. | 24-09-2025 ; 01:00 P.M. |

Further details can be seen on website :- https://jharkhandtenders.gov.in

Sd/-
Director,B.I.T., Sindri.

PR 361537 (Higher Education,Technical Education and Skill Development Department)25-26*D

## JHARKHAND URJA SANCHARAN NIGAM LIMITED
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail: cetjusnl@gmail.com)

**e-TENDER NOTICE**

**NIT No. – 390/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub -station including construction of Control Room Building & approach road as well as other civil works at Sindri (Hurl) on turnkey basis |
| Estimated cost (Rs.) | Rs. 72,77,80,287.00 (including GST) |
| Earnest Money Deposit | Rs. 1,45,55,610.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 15.09.2025 at 11:00 AM |
| Start Date and time of upload of BID | 15.09.2025 at 11:00 AM |
| End date and time of upload of BID | 08.10.2025 upto 04:00 PM |
| BID Opening date for technical part | 09.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570 (कॉल सेन्टर) पर दर्ज करायें।

Sd/-
General Manager
C&M (NWBP)

PR 361530 Jharkhand Urja Sancharan Nigam Ltd (25-26)_D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ତ୍ୱଚା'ର ଯତ୍ନ ବା ସ୍କିନ୍ କେୟାର ସମସ୍ତଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଏହାକୁ ନେଇ ଖୁବ୍ କନସିଅସ୍। ଲୋକମାନେ ହଜାର ହଜାର ଟଙ୍କା ଏଥିପାଇଁ ଖର୍ଚ୍ଚ କରିଥାନ୍ତି। ଦାମୀ କସମେଟିକ୍ ଠୁ ନେଇ ପାର୍ଲର ପର୍ଯ୍ୟନ୍ତ ଯିବା ପରେ ବି ଯଦି କୌଣସି ଫଳାଫଳ ମିଳୁନାହିଁ, ତେବେ ଗୋଟେ ଛୋଟ କାମଟି କରି ଦେଖନ୍ତୁ। ତ୍ୱଚାରେ ଚମକ ଆଣିବା ପାଇଁ ଏମିତି ଏକ ସାଧାରଣ ଜିନିଷ ଅଛି, ଯାହା ତ୍ୱଚା ପାଇଁ ଖୁବ୍ ଭଲ। ଏହାକୁ ଲଗେଇଲେ ତ୍ୱଚା ଖୁବ୍ ଭଲ ରହିବା ସହ ଗ୍ଲୋ ମଧ୍ୟ କରେ। ତାହା ହେଉଛି ନଡ଼ିଆ ତେଲ। ନଡ଼ିଆ ଏକ ଏପରି ଫଳ ଯେଉଁଥିରେ ଅନେକ ସୁଫଳ ରହିଛି। ନଡ଼ିଆର ପାଣି ପେଟ ପାଇଁ ଖୁବ୍ ଭଲ। ତା'ଠାରୁ ଆହୁରି ଭଲ ନଡ଼ିଆ ତେଲ। ତ୍ୱଚା ଓ କେଶ ପାଇଁ ଏହା ମହୌଷଧି ପରି କାମ କରେ। ନଡ଼ିଆରେ ଭିଟାମିନ୍-ସି, ଭିଟାମିନ୍-ଇ ଏବଂ ଭିଟାମିନ୍-ବି ରହିଛି। ପଟାସିୟମ୍, ମ୍ୟାଗ୍ନେସିୟମ୍, କ୍ୟାଲ୍‌ସିୟମ୍, ଆଇରନ୍, ଜିଙ୍କ୍, ମ୍ୟାଗାଜିନ୍ ଏବଂ ସେଲେନିୟନ୍ ପରି ପୋଷକ ତତ୍ତ୍ୱ ରହିଛି। ସେଥିପାଇଁ ନଡ଼ିଆ ଓ ନଡ଼ିଆ ପାଣି ପରି ନଡ଼ିଆ ତେଲ ମଧ୍ୟ ଶରୀରର ପାଇଁ ଖୁବ୍ ଉପକାରୀ। ନଡ଼ିଆ ତେଲ ଆପଣଙ୍କ ଚେହେରା ପାଇଁ କୌଣସି ବରଦାନଠୁ କମ୍ ନୁହେଁ। ଏହା ଚେହେରାର ଚମକ ଆଣିବା ସହ ମୁହଁରେ ଥିବା ବ୍ରଣ ଦାଗକୁ ମଧ୍ୟ ସଫା କରିବାରେ ସହାୟକ ହୋଇଥାଏ।



## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରିବେ ବିବେକ

ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର ୧୭ ତାରିଖରେ ତାଙ୍କର ୭୫ତମ ଜନ୍ମଦିନ ପାଳନ କରିବେ। ଏହି ଅବସରରେ ବଲିଉଡ ଅଭିନେତା ବିବେକ ଓବେରୟ ଗୁଜରାଟର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସବୁଠାରୁ ବଡ଼ ରକ୍ତଦାନ ଶିବିର ଆୟୋଜନ କରିବେ। ସେ ଲୋକମାନଙ୍କୁ ବହୁ ସଂଖ୍ୟାରେ ରକ୍ତଦାନ କରିବାକୁ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ବିଷୟରେ ବିବେକ ଓବେରୟ ସୂଚନା ଦେଇ କହିଛନ୍ତି, ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ ଗତ ୧୧ ବର୍ଷ ଧରି ଏହି ମେଗା ରକ୍ତଦାନ ଶିବିର ଆୟୋଜନ କରିଆସୁଛି। ଏହା ୨୦୧୪ ମସିହାରେ ଆରମ୍ଭ ହୋଇଥିଲା ଏବଂ ତା'ପରେ ମୁଁ ଏହାକୁ ଯୋଗ ଦେଇଥିଲି। ମୁଁ ପ୍ରଥମ ଥର ପାଇଁ ସେଦିନ ହିଁ ରକ୍ତଦାନ କରିଥିଲି। ସେହି ବର୍ଷ ଆମେ ୧,୦୦,୨୧୨ ୟୁନିଟ୍ ରକ୍ତଦାନ କରିବାର ରେକର୍ଡ ମଧ୍ୟ କରିଥିଲୁ। ଏଥର ଏହି କାର୍ଯ୍ୟକ୍ରମ ବହୁତ ବିଶେଷ କାରଣ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ୭୫ତମ ଜନ୍ମଦିନ ପାଇଁ ଉତ୍ସର୍ଗୀକୃତ। ବିବେକଙ୍କ ଆହୁରି କହିଛନ୍ତି ଯେ, ଏଥର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆୟୋଜିତ ଏହି ଶିବିରରେ ପ୍ରଥମ ଥର ପାଇଁ ୭୫ ହଜାର ରକ୍ତଦାତା ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ୭୫ଟି ଦେଶର ୭,୫୦୦ କେନ୍ଦ୍ରରେ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯିବ। ଚଳିତ ବର୍ଷ ୩ ଲକ୍ଷ ୟୁନିଟ୍ ରୁ ଅଧିକ ରକ୍ତ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି। ବିବେକ ଓବେରୟ ୨୦୧୯ ରେ ଫିଲ୍ମ 'ପିଏମ ନରେନ୍ଦ୍ର ମୋଦୀ'ରେ ପ୍ରଧାନମନ୍ତ୍ରୀଙ୍କ ଭୂମିକାରେ ଅଭିନୟ କରିଥିଲେ। ଏହା ଓମୁଙ୍ଗ କୁମାରଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ଅନିରୁଦ୍ଧ ଚାଓ୍ୱଲା ଏବଂ ବିବେକ ଓବେରୟ ଏହାକୁ ଲେଖିଥିଲେ।





## କୋର୍ଟର ଦ୍ୱାରସ୍ଥ ହେଲେ କରିସ୍ମାଙ୍କ ସନ୍ତାନ

ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ସଞ୍ଜୟ କପୁରଙ୍କ ଇଚ୍ଛାପତ୍ରକୁ ନେଇ ଏକ ବଡ଼ ବିବାଦ ଦେଖାଦେଇଛି। ସଞ୍ଜୟ କପୁରଙ୍କ ହଠାତ୍ ମୃତ୍ୟୁ ପରେ ତାଙ୍କ ମାଆ, ଭଉଣୀ ଏବଂ ପତ୍ନୀଙ୍କ ମଧ୍ୟରେ ୩୦ ହଜାର କୋଟି ଟଙ୍କାର ସମ୍ପତ୍ତିକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିଲା। ଏବେ କରିସ୍ମା ଏବଂ ସଞ୍ଜୟଙ୍କ ପିଲାମାନେ ମଧ୍ୟ ସାବତ ମା ପ୍ରିୟା କପୁରଙ୍କ ଉପରେ ଜାଲିଆତିର ଅଭିଯୋଗ ଆଣିଛନ୍ତି। କରିସ୍ମା କପୁର ଏବଂ ସଞ୍ଜୟ କପୁରଙ୍କ ସନ୍ତାନ ସମାଇରା କପୁର ଏବଂ କିୟାନ୍ କପୁର ବାପାଙ୍କ ସମ୍ପତ୍ତି ମାମଲାକୁ ନେଇ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। ସମାଇରା ଏବଂ କିୟାନ୍ ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି ଯେଉଁଥିରେ ସେମାନେ ୨୦୨୫ ମାର୍ଚ୍ଚ ୨୧ର ଇଚ୍ଛାପତ୍ରକୁ ସନ୍ଦେହଜନକ, ଏବଂ ନକଲି ବୋଲି ଉଲ୍ଲେଖ କରିଛନ୍ତି। କରିସ୍ମା କପୁରଙ୍କ ପିଲାମାନେ ସାବତ ମା ପ୍ରିୟାଙ୍କ ବିରୋଧରେ ଠକେଇର ଅଭିଯୋଗ କରି ସଞ୍ଜୟ କପୁରଙ୍କ ୩୦,୦୦୦ କୋଟି ଟଙ୍କାର ସମ୍ପତ୍ତିରେ ୨୦-୨୦ ପ୍ରତିଶତ ଅଂଶ ଦାବି କରିଛନ୍ତି।ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ସମସ୍ତ ସମ୍ପତ୍ତିକୁ ଫ୍ରିଜ୍ କରିବାକୁ ଦୁହେଁ ଅନୁରୋଧ କରିଛନ୍ତି।

## ହାଇକୋର୍ଟରେ ପହଞ୍ଚିଲେ ଐଶ୍ୱର୍ଯ୍ୟା




ବଚ୍ଚନ ପରିବାରର ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବେ ଏକ କଠୋର ପଦକ୍ଷେପ ନେଇଛନ୍ତି। ଅଭିନେତ୍ରୀ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଛନ୍ତି। ତାଙ୍କୁ ଆଇନର ଦ୍ୱାରସ୍ଥ ହେବାକୁ ପଡିଛି। ଅଭିନେତ୍ରୀ ତାଙ୍କ ଅନୁମତି ବିନା ତାଙ୍କ ନାମ ଏବଂ ମୁହଁର ବ୍ୟବହାରକୁ ନେଇ ଆପତ୍ତି ଉଠାଇଛନ୍ତି। ଐଶ୍ୱର୍ଯ୍ୟା ରାୟ ବଚ୍ଚନ ତାଙ୍କ ବ୍ୟକ୍ତିତ୍ୱ ଅଧିକାରକୁ ସୁରକ୍ଷା ଦେବା ପାଇଁ ସାହାଯ୍ୟ ଲୋଡିଛନ୍ତି। ପ୍ରକୃତରେ, ତାଙ୍କ ନାମ, ଫଟୋ ଏବଂ ସ୍ୱରକୁ ସୂଚନା ବିନା ପ୍ରଚାର କିମ୍ବା ବାଣିଜ୍ୟିକ ସାମଗ୍ରୀରେ ବ୍ୟବହାର କରାଯାଉଛି, ଯାହାକୁ ସେ ନିଷିଦ୍ଧ କରିବାକୁ ଚାହୁଁଛନ୍ତି। କୋର୍ଟ କହିଛନ୍ତି, ପ୍ରତ୍ୟେକ ଦୋଷୀଙ୍କ ବିରୁଦ୍ଧରେ ଏକ ନିର୍ଦ୍ଦେଶ ଜାରି କରାଯିବ। ଲୋକମାନେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଏଆଇ ଜେନେରେଟେଡ୍ ଫଟୋ ତିଆରି କରୁଛନ୍ତି ଏବଂ ସେଗୁଡ଼ିକୁ ନିଜ ଲାଭ ପାଇଁ ବ୍ୟବହାର କରୁଛନ୍ତି। ଐଶ୍ୱର୍ଯ୍ୟା ଅଭିଯୋଗ କରିଛନ୍ତି, ତାଙ୍କର ଏଆଇ ଜେନେରେଟେଡ୍ ଫଟୋଗୁଡ଼ିକୁ କଫି, ମଗ୍, ଟି-ସାର୍ଟ ଏବଂ ଅନ୍ୟାନ୍ୟ ଜିନିଷ ବିକ୍ରି କରିବା ପାଇଁ ବ୍ୟବହାର କରାଯାଉଛି। ତାଙ୍କର ଫଟୋଗୁଡ଼ିକୁ ମଧ୍ୟ ମର୍ଫ କରାଯାଉଛି ଏବଂ ଅଶ୍ଳୀଳ ଭିଡିଓରେ ବ୍ୟବହାର କରାଯାଉଛି। ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଆଇନଜୀବୀ ପ୍ରବୀଣ ଆନନ୍ଦ ଏବଂ ଧ୍ରୁବ ଆନନ୍ଦ ଏହି ମାମଲାରେ ଏକ ମାମଲା ଦାଏର କରିଛନ୍ତି ଏବଂ କହିଛନ୍ତି ଯେ, ତାଙ୍କ ନାମ, ସ୍ୱର ଏବଂ ଭିଡିଓର ପ୍ରଚାର କରି ବ୍ୟକ୍ତିତ୍ୱ ଅଧିକାରର ଉଲ୍ଲଂଘନ କରାଯାଉଛି। ତାଙ୍କ ଫଟୋକୁ ଅଶ୍ଳୀଳ ଭିଡିଓରେ ମଧ୍ୟ ମର୍ଫ କରାଯାଉଛି। କୁହାଯାଉଛି, ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ନାମରେ ଟଙ୍କା ରୋଜଗାର କରାଯିବା ସହିତ ଫଟୋର ଅପବ୍ୟବହାର କରାଯାଉଛି। ସୂଚନାଯୋଗ୍ୟ, ଐଶ୍ୱର୍ଯ୍ୟାଙ୍କ ପୂର୍ବରୁ ଅନେକ ସେଲିବ୍ରିଟି ଏହି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ଶ୍ୱଶୁର ଅର୍ଥାତ୍ ଅମିତାଭ ବଚ୍ଚନ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଅଧିକାରକୁ ସୁରକ୍ଷା ଦେବା ପାଇଁ ଦିଲ୍ଲୀ ହାଇକୋର୍ଟରେ ସାହାଯ୍ୟ ପାଇଁ ନିବେଦନ କରୁଥିବାର ଦେଖାଯାଇଥିଲା। ଜ୍ୟାକି ଶ୍ରଫ ଏବଂ ଅନିଲ କପୁରଙ୍କ ବ୍ୟକ୍ତିତ୍ୱ ଏବଂ ପ୍ରଚାର ଅଧିକାର ମଧ୍ୟ ଉଲ୍ଲଂଘନ ହୋଇଛି। ଏବେ କୋର୍ଟ ଏହି ମାମଲାକୁ ସମ୍ବେଦନଶୀଳ ଭାବରେ ପରିଚାଳନା କରୁଛନ୍ତି।

## ଔଷଧୀୟ ଗୁଣରେ ଭରପୁର ବ୍ରାହ୍ମୀ

ବ୍ରାହ୍ମୀ କେବଳ ପାରମ୍ପରିକ ଔଷଧ ଭାବରେ ନୁହେଁ ବରଂ ପ୍ରାକୃତିକ ସମନ୍ୱୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ସ୍ୱାସ୍ଥ୍ୟ ପ୍ରତି ଥିବା ଏହାର ସୁଗୁଣଗୁଡ଼ିକ ବ୍ୟତୀତ ପ୍ରାକୃତିକ ପରିବେଶ ଓ ଜୈବ ବିବିଧତାକୁ ସୁରକ୍ଷିତ କରିବାରେ ଏହାର ଭୂମିକା ଏହାକୁ ଅଧିକ ମୂଲ୍ୟବାନ କରିଥାଏ। ଆମର ସ୍ୱାସ୍ଥ୍ୟ ଏବଂ ପରିବେଶ ଉଭୟ ପାଇଁ ବ୍ରାହ୍ମୀ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାର ବ୍ୟବହାର, ସଂରକ୍ଷଣ ଏବଂ ଉତ୍ପାଦନ ଉପରେ ଯଥେଷ୍ଟ ଯତ୍ନଶୀଳ ହେବା ଉଚିତ୍। ଆସନ୍ତୁ ବ୍ରାହ୍ମୀଙ୍କୁ ସୁରକ୍ଷା ଦେବା ଦିଗରେ କାର୍ଯ୍ୟ କରିବା ଓ ଭବିଷ୍ୟତ ପିଢ଼ି ପାଇଁ ଏହାକୁ ବଞ୍ଚାଇ ରଖିବା। ସମସ୍ତଙ୍କୁ ମନେ ପକାଇଦେବା ଯେ ଆମର ସୁସ୍ଥତା ଏବଂ ସ୍ଥାୟୀ ପରିବେଶ ପାଇଁ ଆମର ପ୍ରାକୃତିକ ସମ୍ପଦର ସଂରକ୍ଷଣ ଜରୁରି।







### ସ୍ମୃତି ଶକ୍ତି ବଢାଏ

ବ୍ରାହ୍ମୀ ଆୟୁର୍ବେଦରେ ସ୍ମୃତି ଏବଂ ବୁଦ୍ଧି ଶକ୍ତି ବୃଦ୍ଧି ପାଇଁ ଜଣାଶୁଣା। ବ୍ରାହ୍ମୀ ସେବନ ଦ୍ୱାରା ପିଲାମାନଙ୍କର ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ। ପାଠପଢ଼ାରେ ଭଲ ପ୍ରଦର୍ଶନ କରନ୍ତି।

### ଅନୁକୂଳ ଅଭିବୃଦ୍ଧି

ବ୍ରାହ୍ମୀ ଜଳାଶୟ ଏବଂ ଶୁଷ୍କ ସ୍ଥାନରେ ମଧ୍ୟ ଭଲ ଭାବରେ ବଢ଼ିଥାଏ। ବ୍ରାହ୍ମୀ ମିଠା ଜଳାଶୟର କୂଳରେ ବଢେ ଏବଂ ଏଠାକାର ଜୈବ ବିବିଧତାକୁ ବଢାଇଥାଏ।

### ରକ୍ତଚାପ ନିୟନ୍ତ୍ରଣ କରେ

ଗବେଷଣାରୁ ଜଣାପଡ଼ିଛି ଯେ, ବ୍ରାହ୍ମୀ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ମନକୁ ଶାନ୍ତ ରଖେ। ଟେନ୍‌ସନ୍‌ରୁ ମୁକ୍ତ ରଖିବାରେ ସହାୟତା କରିଥାଏ।

### ଚିନ୍ତା ଦୂର କରେ

ମନରୁ ଚିନ୍ତା ଓ ଦୁଃଖ ଦୂର କରିଥାଏ ବ୍ରାହ୍ମୀ। ଏହା କର୍ଟିସୋଲ( ଏକ ହରମୋନ୍ ଯାହା ଚାପ ସ୍ତର ବୃଦ୍ଧି କରେ)କୁ ହ୍ରାସ କରି ମନୋବଳକୁ ସୁଦୃଢ କରେ ଏବଂ ମଣିଷର ଚିନ୍ତାକୁ ହ୍ରାସ କରିବାରେ ସାହାଯ୍ୟ କରେ।



### ଔଷଧୀୟ ଇତିହାସ

ଯଦି ଆମେ ବ୍ରାହ୍ମୀର ଔଷଧୀୟ ଇତିହାସ ଦେଖିବା ତେବେ ତିନି ହଜାର ବର୍ଷ ଧରି ଏହାକୁ ପାରମ୍ପରିକ ଚିକିତ୍ସାରେ ବ୍ୟବହାର କରାଯାଉଛି।

### ଅନନ୍ୟ ଗୁଣ

ବ୍ରାହ୍ମୀର ଅନନ୍ୟ ପ୍ରତିରୋଧକ ଗୁଣ ଶରୀରରେ ଥିବା ମୁକ୍ତ ରେଡିକଲ୍ସ ଅଣୁଗୁଡ଼ିକୁ ନିଷ୍କ୍ରିୟ କରି ଶରୀରକୁ ସୁରକ୍ଷା କରେ।

### ପ୍ରତିରୋଧକ ଶକ୍ତି ବଢାଏ

ବ୍ରାହ୍ମୀ ଆଣ୍ଟିବଡି ଉତ୍ପାଦନ ବଢ଼ାଇଥାଏ, ଯାହାର ଫଳରେ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ହୁଏ।

### ଖାଦ୍ୟଯୋଗ୍ୟ ଉଦ୍ଭିଦ

ବ୍ରାହ୍ମୀର ପତ୍ର ଖାଦ୍ୟ ଯୋଗ୍ୟ ଅଟେ। ଏହାକୁ ସାଲାଡ ଏବଂ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

### ପ୍ରଦାହ ହ୍ରାସ କରେ

ଦେହରେ ଆଘାତ ଲାଗି ଫୁଲିଯାଇଥିଲେ ବ୍ରାହ୍ମୀ ତାହାର ପ୍ରଦାହ କମାଏ।

### ଏଡିଏଚ୍‌ଡି ଲକ୍ଷଣ ନିୟନ୍ତ୍ରଣ କରେ

ବ୍ରାହ୍ମୀ ସ୍ନାୟୁ ବିକାଶ ରୋଗ ଏଡିଏଚ୍‌ଡିକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧିନ ଗଣେଶ୍ୱର ପୁର ରାସ୍ତା ଅନିୟମିତତା ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ବିଡିଓ ନିରଞ୍ଜନ ବାରିକ ଅନିୟମିତତା ଅଭିଯୋଗର ତଦନ୍ତ କରିସାରିବା ପରେ ଅଭିଯୋଗର ସତ୍ୟତା ନଥିବା ଜଣାଯାଇଛି। ଗୁଆମାଳ ପଞ୍ଚାୟତର ଆର୍ଯ୍ୟ ସାହି ଠାରୁ ମହାଳିକ ସାହି ଓ ଆର୍ଯ୍ୟ ସାହି ଠାରୁ ଅରୁଣ ପଣ୍ଡା ଘରଯାଏଁ ରାସ୍ତା ନିର୍ମାଣ ପାଇଁ ଅନୁଦାନ ମିଳିଥିଲା। ବାତ୍ୟା 'ଦାନା' ସହାୟତାରେ ୧ ଲକ୍ଷ ୯୮ ହଜାର ଓ ପଞ୍ଚାୟତ ଏସ୍.ଏଫ୍.ସି.ରେ ୧ ଲକ୍ଷ ୫୦ ହଜାର ଟଙ୍କା ମିଳିଥିଲା। ମୋଟ୍ ୩ ଲକ୍ଷ ୪୮ ହଜାର ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିଲା। ମାତ୍ର ପଞ୍ଚାୟତର କେତେକ ଲୋକ ପଞ୍ଚାୟତ ଏସ୍.ଏଫ୍.ସି. ଅନୁଦାନରେ ଯୋଗାଇ ଦେଇଥିବା ଦେଢ଼ ଲକ୍ଷ ଟଙ୍କାକୁ ରାସ୍ତା ନିର୍ମାଣ କରାନଯାଇ ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ବିଡିଓ ଶ୍ରୀ ବାରିକ ପ୍ରକଳ୍ପ ସ୍ଥାନରେ ପହଞ୍ଚି କ୍ଷେତ୍ରୀୟ ତଦନ୍ତ କରିଥିଲେ। ନିର୍ମାଣ ହୋଇଥିବା ରାସ୍ତାର ଲମ୍ବ ଓ ଓସାର ମପାଯାଇ ତଦନ୍ତ କରାଯାଇଥିଲା। ଏହି ତଦନ୍ତ ପରେ ୩ ଲକ୍ଷ ୪୮ ହଜାର ଅନୁଦାନ ଟଙ୍କାରେ ଯେତିକି କାର୍ଯ୍ୟ ହେବା କଥା ତା'ଠାରୁ ଅଧିକ ଲମ୍ବରେ କାର୍ଯ୍ୟ ହୋଇଥିବା ଜଣାପଡ଼ିଥିଲା। ଯାହା ଫଳରେ ରାସ୍ତା ନିର୍ମାଣରେ ଫଲ୍ସ ବିଲ୍ ହୋଇଥିବା ଅଭିଯୋଗ ମିଥ୍ୟା ବୋଲି ଜଣାପଡ଼ିଥିଲା। ବିଡିଓ ଶ୍ରୀ ବାରିକ ତଦନ୍ତ କରିଥିବାବେଳେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥୀ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆସିକାକୁ ଋଷିକୂଲ୍ୟା ଜିଲ୍ଲା ଦାବିରେ ଦାବିପତ୍ର ପ୍ରଦାନ

ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ଆସିକାକୁ ଋଷିକୂଲ୍ୟା ଜିଲ୍ଲା ଦାବିରେ ବିଭିନ୍ନ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଉପଜିଲ୍ଲାପାଳ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ଆସିକା ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ କେନ୍ଦ୍ରସ୍ଥଳି ହୋଇଥିବା ବେଳେ ୧୯୯୩ ମସିହାରୁ ଆସିକା ଓ ଆସିକା ନିକଟସ୍ଥ କବିସୂର୍ଯ୍ୟନଗର, ପୋଲସରା, ହିଞ୍ଜିଳିକାଟୁ, ସାନଖେମୁଣ୍ଡି, ଶେରଗଡ଼, ଧରାକୋଟ, ବେଗୁନିଆପଡ଼ା ପରି ଆଠଟି ବ୍ଲକକୁ ନେଇ ଋଷିକୂଲ୍ୟା ଜିଲ୍ଲା ଗଠନ ଦାବି ଜୋର ଧରିଛି। ଏନେଇ ଆଜି ଓକିଲ ସଂଘ, ବଣିକ ସଂଘ, ବରିଷ୍ଠ ନାଗରିକ ସଂଘ ପରି ବିଭିନ୍ନ ସଂଘ ଓ ମିଳିତ କ୍ରିୟାନୁଷ୍ଠାନର ସଦସ୍ୟ ମାନେ



ଆସିକା କୋର୍ଟ ପରିସରରୁ ଏକ ବିଶାଳ ଶୋଭଯାତ୍ରାରେ ବାହାରି ଆସିକା ତହସିଲରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରଦାନ କରିଛନ୍ତି। ଋଷିକୂଲ୍ୟା ଜିଲ୍ଲା ଗଠନ ହେଲେ ଅଞ୍ଚଳବାସୀ ମାନେ ଉପକୃତ ହେବେ ବୋଲି କହିଛନ୍ତି ବିଭିନ୍ନ ସଂଘ ଏବଂ ବୃଦ୍ଧିଜୀବୀ। ଜନସଂଖ୍ୟା, ଗମନାଗମନ, ବ୍ୟବସାୟିକ, ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ଦୃଷ୍ଟି କୋଣରୁ ଆସିକାକୁ ଜିଲ୍ଲା ହେଡ଼ କ୍ୱାଟର ରଖି ଋଷିକୂଲ୍ୟା ଜିଲ୍ଲା ଗଠନ ନିମନ୍ତେ ଭିତ୍ତି ଥିବା କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଓ ମିଳିତ କ୍ରିୟାନୁଷ୍ଠାନ କମିଟି।

# ୧୭ରେ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହେବେ ଏକ ଲକ୍ଷ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମା' ଓ ଗଛ ଉଭୟ ଆମ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ମା'ର ସ୍ୱାସ୍ଥ୍ୟ ପାଇଁ ପିଲାମାନେ ଯେପରି ଚିନ୍ତା କରିଥାଆନ୍ତି, ଚାରା ଲଗାଇ ଗଛ ହେବା ପର୍ଯ୍ୟନ୍ତ ସେହିଭଳି ଚିନ୍ତା କରନ୍ତୁ ବୋଲି ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଆହ୍ୱାନ ଦେଇଛନ୍ତି । 'ଏକ୍ ପେଡ୍ ମା' କେ ନାମ-୨.୦' ଅଧିନସ୍ଥ ସେପ୍ଟେମ୍ବର ୧୭ରେ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ସାମିଲ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ କହିଲେ ଯେ ସେପ୍ଟେମ୍ବର ୧୭ଦିନ ଓଡିଶାରେ ବିଶାଳ ଚାରାରୋପଣ ଅଭିଯାନ ଆୟୋଜିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିବସରେ ୭୫ ଲକ୍ଷ ଚାରାରୋପଣ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି, ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରିୟ ରାଜ୍ୟ ଓଡିଶାକୁ ଏକ ହରିତ ଓ ସବୁଜିମାମୟ ଓଡିଶାରେ ପରିଣତ କରିବା । କଲେଜ ଛାତ୍ରମାନେ ଆଜିର ଯୁବଶକ୍ତି ଏବଂ ଆଗାମୀ ଭବିଷ୍ୟତର ନିର୍ମାତା । ସେମାନଙ୍କର ଭୂମିକା ଏହି ଚାରାରୋପଣ ଅଭିଯାନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ କଲେଜ ଛାତ୍ର ଗୋଟିଏ ଚାରା ଲଗାଇ ସେହି ଚାରାକୁ ବଞ୍ଚାଇଲେ, ସେଥିରୁ ଲକ୍ଷାଧିକ ଗଛ ଆଗାମୀ ଦିନରେ ଆମକୁ ଛାୟା, ପାଣି, ଅମ୍ଳଜାନ ଓ ପରିବେଶର ସୁସ୍ଥତା ଦେଇପାରିବ । ଆଗାମୀ ପିଢ଼ିର ସୁସ୍ଥ ପରିବେଶ ଆମର ହାତରେ ଅଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ, ପରିବେଶ ନିର୍ଦ୍ଦେଶକ କେ. ଏସ୍. ପ୍ରଦୀପ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଯଜ୍ଞେଶ୍ୱର ଦଣ୍ଡପାଟ, ଏନ୍ଏସ୍ଏସ୍ କୋର୍ଡିନେଟର ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶ ଦେଇଥିଲେ । ପ୍ରାୟ ୬୦୦ରୁ ଅଧିକ ମହାବିଦ୍ୟାଳୟର ଅଧକ୍ଷମାନେ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇ ଚାରାରୋପଣର ପୂର୍ବପ୍ରସ୍ତୁତି ସମ୍ବନ୍ଧରେ ଆଲୋକପାତ କରିଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳ ବିଶ୍ୱବିଦ୍ୟାଳୟ ରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନଙ୍କୁ କିଭଳି ଆତ୍ମହତ୍ୟା ପ୍ରବଣତାରୁ ରୋକାଯାଇପାରିବ ସେ ଉପରେ ଆଲୋଚନା ସହ ସଚେତନ କରାଯାଇଛି। ସାଧାରଣତଃ ଯୁବ ପିଢ଼ି ମାନେ ଛୋଟ ଛୋଟ କଥାରେ ଆତ୍ମହତ୍ୟା ଭଳି ଭୁଲ ପଦକ୍ଷେପମାନ ନେଉଛନ୍ତି ଯାହା ଭୁଲ ବୋଲି କହିଛନ୍ତି ମନସ୍ତତ୍ୱବିତ। ଜୀବନରେ ଅନେକ ଘଟଣା ଦୁର୍ଘଟଣା ହେବ କିନ୍ତୁ ସେ ସବୁକୁ ପାର କରିବାକୁ ହେବ। ଛାତ୍ର ଜୀବନରେ ଉଚ୍ଚ ବିଚାର ରଖି ଆଗକୁ ବଢ଼ିବାକୁ ହୁଏ ବୋଲି ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କହିଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ଯଜ୍ଞେଶ୍ୱର ଦଣ୍ଡପାଟ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ସବୁ ଅସୁବିଧାକୁ ପାର କରି ଜୀବନ ଏକ ସୁନ୍ଦର ଯାତ୍ରା ଜିଇଁବାକୁ ହେବ । ନିଜ ସାଙ୍ଗ ସାଥି ମାନଙ୍କୁ ମଧ୍ୟ ଏଭଳି ଭୁଲ କଥା ରୁ ନିବୃତ୍ତ ରହିବାକୁ ସହଯୋଗ କରନ୍ତୁ ବୋଲି ସେ କହିଥିଲେ।

# ଭଦ୍ରକ ସହରାଞ୍ଚଳ ପୋଲିସର ଚଢ଼ାଉ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଶିକ୍ଷାନୁଷ୍ଠାନ ନିକଟରେ ଗୁଟଖା ବିକୁଥିଲେ ସାବଧାନ। ଭଦ୍ରକ ସହରର ବିଭିନ୍ନ ସ୍କୁଲ କଲେଜ ନିକଟରେ ଗୁଟଖା ସିଗାରେଟ ତଥା ତମ୍ବାଖୁ ଜାତୀୟ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଚଢ଼ାଉ କରିଛି ଭଦ୍ରକ ସହରାଞ୍ଚଳ ପୋଲିସ। ଭଦ୍ରକ ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ଦ୍ୱାରା ଏକ ଟିମ ବେଆଇନ ଭାବେ ସ୍କୁଲ କଲେଜ ନିକଟରେ ତମ୍ବାଖୁ ବିକ୍ରି କରୁଥିବା ଦୋକାନ ଗୁଡିକରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବିଭିନ୍ନ କମ୍ପାନୀର ଗୁଟଖା, ସିଗାରେଟ ଓ ତମ୍ବାଖୁ ଜାତୀୟ ଦ୍ରବ୍ୟ ଜବତ କରିବା ସହିତ ସେଗୁଡିକୁ ସର୍ବସାମ୍ମୁଖରେ ଜଳାଇ ଦିଆଯାଇଛି। ଏଥିରେ ୧୦ ଜଣ ବିକ୍ରେତାଙ୍କ ନାମରେ ମାମଲା ରୁଜୁ କରିଛି ଟାଉନ ପୋଲିସ। ଏଥି ସହିତ ସ୍କୁଲ କଲେଜ ପରିସର ଓ ଶହେ ମିଟର ଭିତରେ ତମ୍ବାଖୁ ବିକ୍ରୟ କରୁଥିବା ଦୋକାନୀମାନଙ୍କୁ ତମ୍ବାଖୁ ବିକ୍ରୟ ନକରିବାକୁ ପୋଲିସ ପକ୍ଷରୁ ଚେତାବନି ଦିଆଯାଇଛି। ଟାଉନ ପୋଲିସର ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ବିଦ୍ୟାଳୟ ଭିତରେ ପ୍ରଧାନ ଶିକ୍ଷକଙ୍କୁ ମାରିଦେବା ଧମକ, ଅଭିଯୁକ୍ତ ଫେରାର

ବାଙ୍କୀ , ( ଭାସ୍କର ନ୍ୟୁଜ୍ ) : ବିଦ୍ୟାଳୟ ଭିତରେ ଛାତ୍ରୀ ଛାତ୍ରମାନଙ୍କୁ ପ୍ରଧାନ ଶିକ୍ଷକ ପାଠ ପଢ଼ାଉଥିବା ସମୟରେ ଜଣେ ବ୍ୟକ୍ତି ଅଣ୍ଟାରେ ଏକ ଧାରୁଆ ଅସ୍ତ୍ର ଲୁଚାଇ ରଖି ଶ୍ରେଣୀ ଗୃହରେ ପଶି ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ବିଭିନ୍ନ ପ୍ରକାର ଅଶ୍ଳୀଳ ବ୍ୟବହାର କରିବା ସହ ମାରିବାକୁ ଉଦ୍ୟମ କରିଥିଲେ । ଯାହାକୁ ନେଇ ଥାନାରେ ଦ୍ୱାରସ୍ଥ ହୋଇଥିଲେ ପ୍ରଧାନ ଶିକ୍ଷକ । ଏଭଳି ଘଟଣା ଜାଣିବାକୁ ମିଳିଛି ବାଙ୍କୀ ଥାନା ତାଳବସ୍ତ ଫାଣ୍ଡି ଅନ୍ତର୍ଗତ ତାଳବସ୍ତ ପୁଟସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ସୂଚନା ଯୋଗ୍ୟ ପୁଟସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ପ୍ରଶାନ୍ତ କୁମାର ମୁଦୁଲି ବିଦ୍ୟାଳୟକୁ ଆସୁଥିବାବେଳେ ବାଟରେ ତାଳବସ୍ତ ଗ୍ରାମର ପତିତପାବନ ବେହେରାଙ୍କ ପୁତ୍ର ଆଲୋକ ରଞ୍ଜନ ଦଳବେହେରା ଟଙ୍କା ମାଗିଥିଲେ । ଶିକ୍ଷକ ଟଙ୍କା ଦେବାକୁ ମନା କରି ତା କବଳରୁ ଖସି ଚାଲି ଆସିଥିଲେ । ତତ୍ପରେ ଆଲୋକ ବିଦ୍ୟାଳୟ ଭିତରେ ଶ୍ରେଣୀ ଗୃହରେ ଶିକ୍ଷକ ମୁଦୁଲି ପାଠ ପଢ଼ାଉଥିବା ବେଳେ ଶ୍ରେଣୀ ଗୃହ ଭିତରେ ହୋ ହାଲ୍ଲା କରିବା ସହିତ ମୁଁ ଟଙ୍କା ମାଗିଲି କାହିଁକି ଦେଲୁନି କହି ଅଣ୍ଟାରେ ରଖିଥିବା ଧାରୁଆ ଅସ୍ତ୍ର ବାହାର କରି ମାରିବାକୁ ଉଦ୍ୟମ କରିଥିଲା ବେଳେ ଅନ୍ୟ ଶିକ୍ଷକ ମାନେ ପହଞ୍ଚି ଛଡ଼ାଇ ଥିଲେ। ଏଭଳି ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ମୁଦୁଲି ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବାଙ୍କୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିଲେ ।

## ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର

କୃଷ୍ଣପ୍ରସାଦ,(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିର୍ନକ୍ଷମ ସଶକ୍ତି କରଣ ବିଭାଗ ତରଫରୁ ଜିଲ୍ଲାପ୍ରଶାସନ ମାଧ୍ୟମରେ ବ୍ଲକର ୧୪ ପଞ୍ଚାୟତ ସମସ୍ତ ପଞ୍ଜୀକରଣ ଭନ୍ନକ୍ଷମମାନେ ଚିଲିକା ନୂଆପଡା ନାରାୟଣ ବିଦ୍ୟାପୀଠରେ ସକାଳ ୧୦ ସମୟରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲୁରହିଥିଲା। ଏଥିରେ ସମୁଦାୟ ୨୬୪ ଜଣ ନାମପଞ୍ଜିକରଣ କାରିଥିଲେ । ଏହି ଶିବିରରେ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ସେବା ଉପଲବ୍ଧ କରାଯାଇଛି। ଆଜିର ଆନ୍ତର୍ଜାତିକ ଭୀମଭୋଇ ଭିର୍ଣ କ୍ଷମ ଦିବସରେ ପୁରୀ ଜିଲ୍ଲା, ଜିଲ୍ଲାପ୍ରଶାସନ ମାଧ୍ୟମରେ ବ୍ଲକର ୧୪ ପଂଚାୟତ ସମସ୍ତ ପଞ୍ଜୀକରଣ ଭିତ୍ନକ୍ଷମ ମାନେ ଚିଲିକା ନୂଆପଡା ନାରାୟଣ ବିଦ୍ୟାପୀଠରେ ସକାଳ ୧୦ ସମୟ ରୁ ଆରମ୍ଭ ହୋଇ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଚାଲୁରହିଥିଲା । ଏଥିରେ ସମୁଦାୟ ୨୬୪ ଜଣ ନାମପଞ୍ଜିକରଣ କାରିଥିଲେ । ଏହି ଭିର୍ଣ କ୍ଷମ ଶିବିରରେ ଭିର୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ସରକାରଙ୍କ ପକ୍ଷ ରୁ ଅନେକ ସେବା ଉପଲ୍ବ କରାଯାଇଛି । ଆଜିର ଆନ୍ତର୍ଜାତିକ ଭୀମଭୋଇ ଭିର୍ଣ କ୍ଷମ ଦିବସରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ର ଭିର୍ଣ କ୍ଷମ ଶିବିର ରେ କର୍ଣ ନାଶା ଗଳା ଚକ୍ଷୁ ଅସ୍ତିସଲ୍ୟ ମାନସିକ ଅନଗ୍ରସର ଓ ଶାରୀରିକ ଅକ୍ଷମତା ଏତ୍ୟାଦି ବିଭାଗ ଗୁଡିକର ବିଶେଷଜ୍ଞ ଯୋଗଦେଇ ଭିର୍ଣ କ୍ଷମ ମାନାଙ୍କୁ ଶାରୀରିକ ପରୀକ୍ଷା କରାଇଥିଲେ। ବିଧାୟିକା ପ୍ରତିନିଧି ଉତ୍ତମ ତରେଇ ସାଂସଦ ପ୍ରତିନିଧୀ ହରିହର ଦାସ ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭ ଲକ୍ଷ୍ମୀ ପାତ୍ର ସନମାୟ ପରିଡା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୀର୍ଥତଥାଗତ ଆଇଚ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପାଇଚାଳନା କାରିଥିଲେ।

# ଘୁଟୁକା ଦୋକାନରେ ପୋଲିସ ଚଢ଼ଉ

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ଅଞ୍ଚଳରେ ଏବେ ଚୋରା ନିଶା କାରବାର ବଢ଼ି ଚାଲିଥିବା ବେଳେ ତାହାକୁ ରୋକିବା ପାଇଁ ପୋଲିସ ଏବେ ସକ୍ରିୟ ହୋଇ ଉଠିଛି। ଦୁଇ ଦିନ ତଳେ ଧାମନଗର ପୋଲିସ ଧଳାଯହର ଚୋରା କାରବାରରେ ଜଣକୁ ଧରିବାରେ ସକ୍ଷମ ହୋଇ ପାରିଛନ୍ତି। ତେବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ପୋଲିସ ଆଉ ପାଦେ ଆଗକୁ ଯାଇଛନ୍ତି। ବୁଧବାର ଦିନ ଧାମନଗର ଥାନା ଅଧିକାରୀ ରଞ୍ଜନ ସେଠୀ, ଏଏସଆଇ ସୁଜିତ ରାଉତ ଓ ଥାନାର କର୍ମଚାରୀମାନେ ବିଭିନ୍ନ ବିଦ୍ୟାଳୟ ନିକଟରେ ଓ ବଜାରରେ ଥିବା ପାନ ଦୋକାନ ଓ ଗ୍ରୋଷରି ଦୋକାନରେ



ବେଆଇନି ଭାବେ ଘୁଟୁକା ବିକ୍ରି ହେଉଥିବାରୁ ଅଚାନକ ଚଡଉ କରି ବିପୁଳ ଘୁଟୁକା ଓ ଅନ୍ୟ ମାଦକ ସାମଗ୍ରୀକୁ ପୋଡି ଦେଇଥିଲେ। ଏହା ପରେ ଏହି ସାମଗ୍ରୀକୁ ବିକ୍ରି କଲେ କର୍ଯ୍ୟାନୁଷ୍ଟାନ ଗ୍ରହଣ କରାଯିବ ବୋଲି ସେଠୀ ଚେତାବନୀ ଦେଇଥିଲେ। ତେବେ ପୋଲିସର ଏହି ଚଡଉ ଖବରଶୁଣି ଅନ୍ୟ ଦୋକାନୀମାନେ ଦୋକନ ବନ୍ଦ କରିଦେଇଥିଲେ।

# ଡ଼କ୍ଟରେଟ ଉପାଧି ପାଇଥିବା ରମେଶଙ୍କୁ ସମ୍ବର୍ଦ୍ଧନା

ମୁରିବାହାଲ (ଭାସ୍କର ନ୍ୟୁଜ) ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଥିବା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ ଡକ୍ଟରେଟ ଉପାଧି ଲାଭ କରିଥିବା ନେଇ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରି ବାସନ୍ତୀ ସେଠୀ ଉପସ୍ଥିତ ରହିଥିବା ବେଳେ ଯୁକ୍ତ ଦୁଇ ଅଧକ୍ଷ ଡ଼. ରମେଶ ଚନ୍ଦ୍ର ମହାନନ୍ଦ, ଯୁକ୍ତ ତିନି ଓଡ଼ିଆ ଅଧାପକ ଦିଲ୍ଲୀପ କୁମାର ପଶାୟତ, ଧନଞ୍ଜୟ ପଧାନ, ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଭଗବାନ ମହାନ୍ତି ମଞ୍ଚାସୀନ ଥାଇ ସମ୍ବର୍ଦ୍ଧନା ଏବଂ ବକ୍ତବ୍ୟ ରଖିଥିଲେ। ଶ୍ରୀ ମହାନନ୍ଦଙ୍କୁ ମୁରିବାହାଲ ଦୁର୍ଗାପୂଜା କମିଟି, ଧନୁଯାତ୍ରା କମିଟି, ଗୋପବନ୍ଧୁ ଯୁବକ ସଙ୍ଘ, ରାମଲୀଳା ପ୍ରଚାର ପ୍ରସାର ସମିତି, ସାମ୍ବାଦିକ ସଂଘ ମୁରିବାହାଲ,ବ୍ଲକ ଆକାଉଣ୍ଟ ଅଫିସର ଘେନୁରାମ ତାଣ୍ଡି, ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଚକ୍ରଧର ସାହୁ, ବ୍ୟବସାୟୀ ବନବିହାରୀ ଯୋଶୀ, ଯୁକ୍ତ ଦୁଇର ସମସ୍ତ ଅଧାପକ ଅଧାପିକା ଏବଂ ଅନେକ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବର୍ଦ୍ଧନା ଜଣାଇଥିଲେ। ସେ ରାଜନୀତି ବିଜ୍ଞାନର ଜଣେ ବରିଷ୍ଠ ଅଧାପକ ଯୁକ୍ତରାଷ୍ଟ୍ର ଆମେରିକା ସ୍ଥିତ ପୃଥିବୀ ପ୍ରସିଦ୍ଧ କେମ୍ବ୍ରିଜ ଡିଜିଟାଲ ୟୁନିଭର୍ସିଟିରେ ଡ଼କ୍ଟରେଟ ଉପାଧିରେ ଲାଭ କରିଛନ୍ତି। ଏହି ଖବର ପ୍ରଚାର ହେବା ମାତ୍ରେ ଅନୁଷ୍ଠାନରେ ତଥା ସାରା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ସମ୍ବର୍ଦ୍ଧନା ସଭାକୁ ଶାନ୍ତରାମ ପଧାନ ପରିଚାଳନା କରିଥିବା ବେଳେ ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରି ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ହେଲା ପୋଲିସ ପ୍ରଶାସନର ଜ୍ଞାତସାରରେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବହୁ ପଞ୍ଚାୟତରେ ଘନ ଘନ ଛେଳି, ମେଣ୍ଢା ଚୋରି ହେଉଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ପୋଲିସ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ଅଞ୍ଚଳର ଅଧିକାଂଶ ଗରିବ ଶ୍ରେଣୀୟ ଲୋକେ ଘରେ ଛେଳି ମେଣ୍ଢା, ଗାଈ ମଇଷି ପାଳନ କରି ନିଜର ଜୀବିକା ନିର୍ବାହ କରିଥାନ୍ତି। ଏପରିକି ବହୁ ଗରିବ ଶ୍ରେଣୀୟ ଲୋକେ ନିଜର ପରିବାର ପ୍ରତିପୋଷଣ ନିମିତ ଜାତୀୟ କରଣ ବ୍ୟାଙ୍କରୁ ଋଣ ଆଣି ଛେଳି, ମେଣ୍ଢା, ଗାଈ, ମଇଁଷି ପାଳନ କରି ଆସୁଛନ୍ତି। ଏପରିସ୍ଥଳେ ଦୀର୍ଘ ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ଏକ ସୁଚିନ୍ତିତ ଛେଳି, ମେଣ୍ଢା ଚୋରି ର୍‍ୟାକେଟ ସକ୍ରିୟ ହୋଇ ଉଠିଛି। ଏହି ର୍‍ୟାକେଟ ରାତ୍ରର ବିଳମ୍ବିତ ପ୍ରହରରେ ବହୁ ଗରିବ ଶ୍ରେଣୀୟ ଲୋକଙ୍କ ଗୁହାଳ ଘରୁ ଛେଳି ମେଣ୍ଢା ଚୋରି କରି ନେବା ସହ ଗୁହାଳେ କଳାକନା ବୁଲାଇ ଦେଉଥିବାର ଅଭିଯୋଗ ହୋଇଛି। ଏଠାରେ ସୂଚନା ଥାଉକି ନରେନ୍ଦ୍ରପୁର ଗ୍ରାମର ଗୋପାଳ ବେହେରାଙ୍କ ଗୁହାଳ ଘରେ ଲୁଟେରାମାନେ ପ୍ରବେଶ କରି ତାଙ୍କର ୮ଟି ମେଣ୍ଢା ଚୋରି କରି ନେଇଯାଇଥିଲା ବେଳେ ଦାଉଦପୁର ଗ୍ରାମ ପଂଚାୟତ ନାହାଳପୁର ଗ୍ରାମର ଭକ୍ତ ଦାସଙ୍କ ଗୁହାଳ ଘରେ ପଶି ତାଙ୍କର ୯ଟି ମେଣ୍ଢା ଚୋରି କରି ନେଇଯାଇଥିବାର ସ୍ଥାନୀୟ ନରେନ୍ଦ୍ରପୁର ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ଏଠାରେ ସୂଚନା ଥାଉକି ଏହି ର୍‍ୟାକେଟରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଦିନରେ ସ୍ଥାନୀୟ ଅଞ୍ଚଳରେ ବୁଲି କେଉଁ କେଉଁ ବ୍ୟକ୍ତିଙ୍କର ଛେଳି, ମେଣ୍ଢା ରହିଛନ୍ତି ଓ କେଉଁଠାରେ ବନ୍ଧା ହୋଇଥାନ୍ତି ତାହା ଠାବ କରିଥାନ୍ତି। ରାତ୍ରର ବିଳମ୍ବିତ ପ୍ରହରରେ ସେହି ଘର ନିକଟରେ ଗାଡି ନେଇ ପହଞ୍ଚିଥାନ୍ତି। ଘର ଲୋକେ ଶୋଇପଡିଥିବାର ସୁଯୋଗ ନେଇ ଲୁଟେରା ମାନେ ଛେଳିମେଣ୍ଢାଙ୍କୁ ଏକ ପ୍ରକାର ରାସାୟନିକ ସାମଗ୍ରୀ ଶୁଂଘାଇ ଦେଇଥାନ୍ତି। ଫଳରେ ଛେଳିମେଣ୍ଢାମାନେ କୌଣସି ଚିତ୍କାର କିମ୍ବା ବୋବାଳି କରି ନଥାନ୍ତି। ଏହାର ସୁଯୋଗନେଇ ଲୁଟେରାମାନେ ଅନାୟାସରରେ ଛେଳିମେଣ୍ଢା ଲୁଟ କରିବାରେ ସଫଳ ହୋଇଥାନ୍ତି। ଅପରପକ୍ଷରେ ଲୁଟେରାମାନେ ଏହି ଲୁଟ ଛେଳିମେଣ୍ଢାଙ୍କୁ ସ୍ଥାନୀୟ ଅଞ୍ଚଳରେ ଥିବା ହାଟବଜାର ମାନଙ୍କରେ ବିକ୍ରୟ କରୁଥିଲା ବେଳେ ରାଜ୍ୟର ବିଭିନ୍ନ ସ୍ଥାନକୁ ମଧ ବିକ୍ରୟ ପାଇଁ ପଠାଉଥିବାର ଜଣାଯାଇଛି। ଏଠାରେ ସୂଚନା ଥାଉକି ଏହି ବ୍ଲକର ସୁକରପଡା ଠାରେ ପୋଲିସ ପ୍ରଶାସନର ଜ୍ଞାତସାରରେ ଅବାଧରେ ଚୋରା ଛେଳି ମେଣ୍ଢା ବ୍ୟବସାୟ ଚାଲିଥିଲା ବେଳେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାର ଅଭିଯୋଗ ହୋଇଛି। ପୋଲିସ ପ୍ରଶାସନ ତରଫରୁ ଏଦିଗରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଲୁଟେରା ଗ୍ୟାଙ୍ଗକୁ ଧରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

# ଚାଷୀଙ୍କୁ ସରକାରୀ କର୍ମଚାରୀ ଭାବି ଦେଲେ ଗାଳି

ନିଆଳି, (ଭାସ୍କର ନ୍ୟୁଜ୍): ରାଜ୍ୟରେ ନୂତନ ସରକାର ଆସିବାର ୧୪ ମାସ ବିତିଗଲାଣି। ନିଆଳୀରେ ବିଜୁ ଜନତା ଦଳର ବିଧାୟକଙ୍କୁ ହରାଇ ନୂତନ ଭାବେ ବିଜପିର ଛବି ମଲିକ ନିର୍ବାଚିତ୍ତ ହୋଇଛନ୍ତି। ଦୀର୍ଘ ଦିନର ବ୍ୟବଧାନପରେ ନିଆଳି କୃଷି ବିଭାଗର ଆତ୍ମା ଅଧକ୍ଷ ପଦ ପାଇ ଗତ ୧ ତାରିଖ ଦିନ ଚୟନ କରାଯାଇଥିଲା। ଗଣେଶ୍ୱର ନିର୍ବାଚିତ ହେବା ୯ ଦିନ ବିତିଗଲାଣି। ତେବେ ଏହି ପଦବୀରେ ପଶୁ ପଶୁ କହିଥିଲେ ମତେ ୭ଦିନ ସମୟ ଦିଅ ମୁ ଏ ବିଭାଗରେ ହୋଇଥିବା ଦୁର୍ନୀତି ଓ ଅନ୍ୟାନ୍ୟ କାର୍ଯ୍ୟ କିଭଳି ଭାବରେ ସଠିକ୍ ପରିଚାଳନା କରାଉଛି ତାହା ଆପଣ ମାନେ ଦେଖିବେ। ଗଣେଶ୍ୱର ଆତ୍ମା ଅଧକ୍ଷ ହେବା ପଛରେ ମାଷ୍ଟର ମାଇଣ୍ଡ ଓ ପ୍ରଚ୍ଛଦ ପଟର ନାୟକ ତଥା ପୂର୍ବତନ ଆତ୍ମା ଅଧକ୍ଷ ବିଜୁ ଜନତା ଦଳରୁ ଆସି ବିଜେପି ମିଶିଥିବା ଆଦିତ୍ୟ ପାଣି ଆତ୍ମା ଅଧକ୍ଷ ପାଇଁ ସମସ୍ତ ବ୍ୟବସ୍ଥା କରିଥିବା ବିଜେପି ନେତା ଅଭିଯୋଗ ଆଣିଛନ୍ତି।ନିଜ ଦଳର କର୍ମ କର୍ତ୍ତା ଙ୍କ ବୟାନ ବାଜି ଆତ୍ମା ଅଧକ୍ଷ ନିଯୁକ୍ତି କୁ ଆଙ୍ଗୁଠି ଉଠାଇଛି। ଅଧକ୍ଷ ଚୟନ ୭ ଦିନ ରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ ଦୁର୍ନୀତି ଖୁଲାସା କରିବା ତ ଦୂରର କଥା କୃଷି କାର୍ଯ୍ୟାଳୟକୁ ଆସିଥିବା ଚାଷୀଙ୍କୁ ଚିହ୍ନି ନପାରି ଆତ୍ମା ଅଧକ୍ଷ କୃଷି ବିଭାଗର ସରକାରୀ କର୍ମଚାରୀ ଭାବି ରାଗିକି ଗାଳି ଦେବାକୁ ପଛାଇ ନଥିଲେ। ଏହି ଘଟଣା ସାରା ନିଆଳୀରେ ଚର୍ଚ୍ଚାର ବିଷୟ ପାଲଟିଛି। ନିଆଳି ଆତ୍ମାକୁ ଏବେ ଆଦି ନା ଗଣେଶ୍ୱର ଚଳାଉଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ନିଆଳି ଆତ୍ମାରେ ଦୁର୍ନୀତି ପର୍ଦାଫାଶ ହେବ ନା ପୁନର୍ବାର ଦୁର୍ନୀତି କରିବା ପାଇଁ ଆତ୍ମାର ପୁରୁଣା ନେତାଙ୍କୁ ସଭ୍ୟ ରଖାଯାଇ ପୂର୍ବଭଳି କାର୍ଯ୍ୟ କରାଯିବ, ଏହାକୁ ନେଇ ନିଆଳୀରେ ଚର୍ଚ୍ଚା ପାଲଟିଛି।

## ସୃଜନ ସଂଗଠନ ଜାତୀୟ କଂଗ୍ରେସର ସଞ୍ଜିବନୀ

ଆସିକା, (ଭାସ୍କର ନ୍ୟୁଜ୍): ପଲ୍ଲୀରେ ଆବାଜ ହେବ ଦିଲ୍ଲୀରେ ପହଞ୍ଚିବ। ଗ୍ରାମାଞ୍ଚଳ ଲୋକଙ୍କ ମତ ନେଇ କଂଗ୍ରେସକୁ ଶକ୍ତିଶାଳୀ କରାଯିବ। ଗଞ୍ଜାମ ଜିଲ୍ଲା ସାନ ଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସୃଜନ ସଂଗଠନ କାର୍ଯ୍ୟକ୍ରମ। ଏଆଇସିସି ପର୍ଯ୍ୟବେକ୍ଷକ ସଚିନ ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଧରାକୋଟ ସ୍ଥିତ ଘୋଡ଼ାଦେଇ ମନ୍ଦିର ପରିସରରେ ଶହଶହ କର୍ମୀ ଯୋଗଦେଇଥିଲେ। ସୃଜନ ସଂଗଠନ ହେଉଛି ଜାତୀୟ କଂଗ୍ରେସର ସଂଜୀବନୀ। ସମସ୍ତ ପ୍ରକାର ପରିସ୍ଥିତିକୁ ସାମ୍ନା କରି ଆମେ ଲଢ଼ିବାକୁ ପ୍ରସ୍ତୁତ। ଆଜି ଦେଶରେ ହାୱା ବହିଲାଣି ରାହୁଲ ଗାନ୍ଧୀ ହିଁ ଏକମାତ୍ର ନେତୃତ୍ୱ। ସେଥିପାଇଁ ରାହୁଲ ଗାନ୍ଧୀ ଏଭଳି ଭିତିଭୂମି ତିଆରି କରି ଆଗାମୀ ଦିନରେ କଂଗ୍ରେସକୁ ସୁଦୃଢ କରିବାକୁ ଚେଷ୍ଟା ଜାରି ରଖିଛନ୍ତି, ଆମେ ଏଥିରେ ସୈନିକ ଟିଏ ହୋଇ କାମ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବହୁ ଯୁବ କଂଗ୍ରେସ ନେତା ଓ କର୍ମୀ।

# ନଦୀରେ ବଢ଼ିପାଣି ଆସିବାରୁ ୬ଟି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କମୁଗଣ୍ଡାର ଦୁଇଟି ନଦୀରେ ବଡିପାଣି ଆସିବାରୁ ୬ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଛି। ଆଜକୁ ପ୍ରାୟ ୧୫ ଦିନ ଧରି ପ୍ରବଳ ବର୍ଷା ଯୋଗୁଁ ପାହାଡ଼ରୁ ବର୍ଷା ପାଣି ବହୁ ଜୋରରେ ଖସିଆସି ହଲୁପୁକୁଡ଼ି ଓ ମୋତୁବାନ୍ଧା ଚୀରସ୍ରତା ନଦୀରେ ମିଶୁଛି। ପାହାଡିଆ ବର୍ଷାପାଣି ହୋଇଥିବାରୁ ନଦୀରେ ବହୁ ପ୍ରଖର ଭାବେ ପାଣି ବହି ଆସି ଥାଏ। ଏହି ନଦୀରେ ଆଣ୍ଠୁ ଉପରକୁ ପାଣିଥିଲେ ଲୋକେ ନଦୀ ପାରି ହେବା ବିପଦ ରହିଛି। ସରପଞ୍ଚ ଇରାମା କାଡ୍ରାକା ଓ ତାଙ୍କ ସ୍ୱାମୀ ଭେଙ୍କା କାଡ୍ରାକା ଙ୍କ ସୁଚନା ଅନୁଯାୟୀ ବର୍ତ୍ତମାନ ନଦୀରେ ବହୁ ପ୍ରଖର ଭାବେ ୫ ଫୁଟର ପାଣି ବହି ଯାଉଛି।



ଫଳରେ ପଞ୍ଚାୟତର ୬ଟି ଗ୍ରାମ , ଫୁଲଗୁମି ୬୨ ପରିବାର, ସିଙ୍ଗାଝୋଲା ୩୬ ପରିବାର, ଟାଙ୍କୁ ୪୧ ପରିବାର, ଜାଡଓ୍ୱା ୫୮ ପରିବାର, ତୁରୁକୁ ୩୫ ପରିବାର ଓ ପେଦାକାମରା ୫୩ ଘର ପରିବାର ମୋଟ ୨୮୫ ପରିବାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଞ୍ଚାୟତରୁ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଗାଁ ମାନଙ୍କୁ ରାସ୍ତା ନଥିବା ଯୋଗୁଁ ପଞ୍ଚାୟତ ଓ ପାଦଚଲା ରାସ୍ତା ଦେଇ ବହୁ କଷ୍ଟରେ ଚାଲି ଚାଲି ଲୋକେ ଚାଉଳ ବଣ୍ଟନ କେନ୍ଦ୍ର କମୁଗଣ୍ଡା ପଞ୍ଚାୟତକୁ ଆସନ୍ତି। ଜୀବନକୁ ବାଜି ଲଗାଇ ନଦୀ ପାରିହୋଇ ଚାଉଳ କେନ୍ଦ୍ରକୁ ଆସି ଆଙ୍ଗୁଠି ଛାପ ଦେଇ ଚାଉଳ ପାଉଥିଲେ ମଧ ଚାଉଳ ବସ୍ତା ବହି ନଦୀ ପାରିହେବା ସମ୍ଭବ ହେଉ ନାହିଁ। ଫଳରେ ଲୋକେ ଖାଇବାକୁ ଚାଉଳ ପାଇ ମଧ ଘରକୁ ଚାଉଳ ନେଇ ନପାରି ଭୋକିଲା ରହିଥିବା ୬ ଖଣ୍ଡ ଗ୍ରାମବାସୀ ଜଣାଇଛନ୍ତି। ଏଥି ସହିତ ଦୁଇଟି ସ୍କୁଲ ମଧ ଶିକ୍ଷକମାନେ ଯାଇ ନପାରିବାରୁ ପିଲାଙ୍କ ପାଠ ପଢା ବନ୍ଦ ରହୁଛି। ଏହି ସବୁ ସମସ୍ୟା ବର୍ଷା ଋତୁରେ ପଞ୍ଚାୟତରେ ରହିଥିବାରୁ ଦୀର୍ଘ ବର୍ଷ ଧରି ଅନେକ ଥର ଜିଲ୍ଲାପାଳ, ଜିଲ୍ଲାପରିଷଦ ଓ ବିଡ଼ିଓଙ୍କୁ ଲିଖିତ ଭାବେ ଗୁହାରି କରିଛନ୍ତି।

# କାନ୍ତକବି ସାହିତ୍ୟ ପରିଷଦର ଦୁଇ ସଦସ୍ୟ ସମ୍ମାନିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କାନ୍ତକବି ସାହିତ୍ୟ ପରିଷଦର ଦୁଇଜଣ ସଦସ୍ୟ କବି ଅମୂଲ୍ୟ କୁମାର ସେନାପତି ଓ ବିଶ୍ୱନାଥ କିଂକର ରାଉତ ସମ୍ମାନିତ ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ଜାତୀୟ ବହୁଭାଷୀ ସାହିତ୍ୟ ସମ୍ମେଳନ-୨୦୨୫ରେ ତିହିଡ଼ି, ଭଦ୍ରକର କାନ୍ତକବି ସାହିତ୍ୟ ପରିଷଦର ପ୍ରତିଷ୍ଠାତା ତଥା ସମ୍ପାଦକ କବି ଶ୍ରୀ ସେନାପତି ଓ କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ସଂଯୋଜକ କବି ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଏଇ ସାହିତ୍ୟ ସମାରୋହରେ ଆୟୋଜକ ଖ୍ୱାହିସ୍ - ଦି ଉଇସ୍ ତରଫରୁ ଅତିଥି କବି ରୂପେ ଆମନ୍ତ୍ରିତ ହୋଇ ଏହି ବହୁଭାଷୀ କବିତା ମହୋତ୍ସବରେ ଯୋଗ ଦେଇଥିଲେ। ଏହି ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟରୁ ତଥା ଥାଇଲାଣ୍ଡ ଓ ଆମେରିକା ଭଳି ଦେଶରୁ ୪୦ଜଣ କବି ଭାଗ ନେଇଥିଲେ। ଡଃ ସେନାପତି ନିଜସ୍ୱ ଇଂରାଜୀ କବିତା 'ସରେଣ୍ଡର୍' ଆବୃତ୍ତି କରିଥିବାବେଳେ ରାଉତ ନିଜସ୍ୱ ଇଂରାଜୀ କବିତା 'ଦ ଫ୍ଲାଇଟ୍' ଓ ହିନ୍ଦୀ କବିତା 'ଶୀତ ଔର ଶାୟ' ଆବୃତ୍ତି କରିଥିଲେ। ଏହି ସଫଳତା ପାଇଁ କାନ୍ତକବି ସାହିତ୍ୟ ପରିଷଦର ଉପଦେଷ୍ଟା ଦୀନରଞ୍ଜନ ପାଢ଼ୀ, ସଭାପତି ଡଃ ଶ୍ରୀକାନ୍ତ ପଣ୍ଡା ଓ କାର୍ଯ୍ୟକାରୀ ସମ୍ପାଦକ ଶୁଭ୍ରାଂଶୁ ଶେଖର ମାହୁନ୍ତ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଭଦ୍ରକର ଏହି କାନ୍ତକବି ସାହିତ୍ୟ ପରିଷଦ ନାମକ ଅନୁଷ୍ଠାନ ଓଡ଼ିଶା ସାହିତ୍ୟର ଗର୍ବ ଗୌରବ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସୃଷ୍ଟିଗୁଡ଼ିକୁ ଓଡ଼ିଶାର କୋଣେ ଅନୁକୋଣେ ପହଞ୍ଚାଇବା ପାଇଁ ପ୍ରୟାସ କରିଆସୁଛି।

# ଜିଲ୍ଲା ପରିଷଦ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷଙ୍କ ବିଦ୍ୟାଳୟ ପରିଦର୍ଶନ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପରଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଢ଼େଙ୍କାନାଳ ଜିଲ୍ଲା ପରିଷଦ ଷ୍ଟାଣ୍ଡିଙ୍ଗ କମିଟିର ( ଶିକ୍ଷା ,କ୍ରୀଡା ଓ ସାଂସ୍କୃତିକ ) ଚେୟାରମ୍ୟାନ ବାଳକୃଷ୍ଣ ସାହୁ ବୁଧବାର ଦିନ ପରିଦର୍ଶନ କରିଥିଲେ । ପ୍ରଥମେ ପରଜଙ୍ଗ ବ୍ଲକରେ ପହଞ୍ଚି ପରଜଙ୍ଗ ପିଏମଶ୍ରୀ ନୋଡାଲ ବିଦ୍ୟାପୀଠର ଅଫିସ କାର୍ଯ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷୟତ୍ରୀଙ୍କ ସହିତ ଆଲୋଚନା କରି ଛାତ୍ର ଛାତ୍ରୀ ଅଧୟନ କରୁଥିବା ଶ୍ରେଣୀ ଗୃହରେ ପହଞ୍ଚି ବିଭିନ୍ନ ସମସ୍ୟା ଉପରେ ପଚାରି ।ବୁଝିଥିଲେ । ଏହା ପରେ ବ୍ଲକ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀଙ୍କ ସମସ୍ୟା ବୁଝିବା ପରେ ପରିସରରେ ରହିଥିବା ଦିବ୍ୟାଙ୍ଗ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ କାର୍ଯ୍ୟାଳୟକୁ ଯାଇ ଦିବ୍ୟାଙ୍ଗ ମାନଙ୍କର ଆନୁଷଙ୍ଗିକ ଉପକରଣ ଓ ସେମାନଙ୍କର ସ୍ୱାସ୍ଥ୍ୟ ,ପାଠ ପଢା ପଚାରି ବୁଝିଥିଲେ । ସେଠାରୁ ଆସି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଗୁଣାତ୍ମକ ଶିକ୍ଷା, ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ବ୍ଲକ ଶିକ୍ଷାଧିକାରୀଣି ପ୍ରିୟଦର୍ଶିନୀ ନାୟକ ,ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ , ଅଶୋକ କୁମାର ପଣ୍ଡା ସମେତ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହା ପରେ ବ୍ଲକର କଣ୍ଟୋର ନୂଆସାହି ଉପ୍ରା ବିଦ୍ୟାଳୟ ଯାଇ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ । ସେହିପରି କଙ୍କଡ଼ାହାଡ଼ ବ୍ଲକର ଘାଗରାମୁଣ୍ଡା ଉଚ୍ଚ ବିଦ୍ୟାଳୟ , ଟିପେଇଝରଣ ଉପ୍ରା ବିଦ୍ୟାଳୟ , କଙ୍କଡ଼ାହାଡ଼ ଉଚ୍ଚ ବିଦ୍ୟାଳୟ , ଉପ୍ରା ବିଦ୍ୟାଳୟ ଏହିପରି ଅନ୍ୟ କେତେକ ବିଦ୍ୟାଳୟ ପରିଦର୍ଶନ କରି ପରିଶେଷରେ ବ୍ଲକ ବିଇଓ କାର୍ଯ୍ୟାଳୟରେ ପହଞ୍ଚିଥିଲେ । କଙ୍କଡ଼ାହାଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ପ୍ରତ୍ୟେକ ବିଦ୍ୟାଳୟର ସମସ୍ୟା ଓ ଏହାର ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଇଓ ସାଗର ଟୁଡୁଙ୍କ ସହିତ ଆଲୋଚନା କରିଥିଲେ । ଚେୟାରମ୍ୟାନ ଶ୍ରୀ ସାହୁଙ୍କ ପରିଦର୍ଶନ କାର୍ଯ୍ୟକ୍ରମରେ ବିଜେଡି ଦଳର ବରିଷ୍ଠ ନେତା ତଥା ପରଜଙ୍ଗ ଦୁଇ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ , କଙ୍କଡ଼ାହାଡ଼ ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର , ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ବେହେରା , ନବ କିଶୋର ସାହୁ , ରବି ପ୍ରଧାନ , ଅଶୋକ ପରିଡା ,ମମତାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# ଆମ କଳାହାଣ୍ଡି





## ବ୍ଲକ ବିଭାଜନ ଓ ସମସ୍ୟା ସମାଧାନକୁ ନେଇ ପ୍ରସ୍ତୁତି ବୈଠକ



ନର୍ଲା (ଭାସ୍କର ନ୍ୟୁଜ): ନର୍ଲା ବ୍ଲକର କେତେ ଗୁଡ଼ିଏ ପଞ୍ଚାୟତ ଟକର୍ଲା, ମୁଡ଼ିଙ୍ଗ, ଗିଗିନା, ମୁସ୍କୁଟି, ରୁପ୍ରା ଆଦି ଆଉ କେତେକ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ଗତ ମଙ୍ଗଳବାର ଦିନ ଟକର୍ଲା ବଜାର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ସମାଜସେବୀ ତଥା କୃଷକ ନେତା ଦୁର୍ଯ୍ୟୋଧନ କୁମାର ଓ ସହଯୋଗୀ ସୁନିଲ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ ସଭାପତି ଟକର୍ଲା ସରପଞ୍ଚ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇ ନୂତନ ବ୍ଲକ ଟକର୍ଲା ଠାରେ ନିର୍ମାଣ ହେବା ପାଇଁ ସମସ୍ତେ ମତ ପ୍ରକାଶ କରି ଥିଲେ। ଏହି ପରିପ୍ରେକ୍ଷୀରେ ଆଲୋଚନା କରି ଆଗାମୀ ରବିବାର ୧୪ ତାରିଖ ଦିନ ଏକ କମିଟି ଗଠନ କରାଯିବ ଯେଉଁ କମିଟି ଜରିଆରେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ରାଜଧାନୀ ପହଞ୍ଚି ଦାବି ପତ୍ର ପ୍ରଦାନ କରିବେ ବୋଲି ଶ୍ରୀ କୁମାର ମତ ବ୍ୟକ୍ତ କରିଛନ୍ତି। ପୁଣି ସେ କହିଛନ୍ତି ଯେ ୧୪ ତାରିଖ ରବିବାର ଦିନ ଶହ ଶହ ସାଧାରଣ ଜନତା ଉପସ୍ଥିତ ଥାଇ କମିଟିର ନାମକରଣ ହେବାର ସୂଚନା ଦେଇଛନ୍ତି। ପ୍ରାରମ୍ଭିକ ପ୍ରସ୍ତୁତି ବୈଠକରେ ଟକର୍ଲା ପଞ୍ଚାୟତ, ମୁଡିଙ୍ଗ, ଗିଗିନା, ମୁସ୍କୁଟି, ରୁପ୍ରା, ପଲମ ଓ ଅନ୍ୟାନ୍ୟ ପଡୋଶୀ ପଞ୍ଚାୟତର ର କିଛି ସଚେତନ ନାଗରିକ ସମିତି ସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ଆଗାମୀ ବୈଠକରେ ଏହି କାର୍ଯ୍ୟକ୍ରମ ଆଗେଇ ନେବା ପାଇଁ ଏକ କମିଟିର ନାମକରଣ ହେବ ତାର ନାମ ସଭାପତିଙ୍କ ଅନୁମୋଦନ କ୍ରମେ 'ଜନଶକ୍ତି ବିକାଶ' ରଖାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଟକର୍ଲା ସରପଞ୍ଚ, ସମିତି ସଭ୍ୟ ତଥା ଅଞ୍ଚଳର ସମସ୍ତ ସଚେତନ ନାଗରିକ ବିଦେଶୀ ସାହୁ, ଗେଲ୍‌ହା ସାହୁ, ଦିନବନ୍ଧୁ କୁମାର, ଦେବାଶିଷ କୁମାର, କୈଳାସ ମାଝୀ, ଭଗବାନ ସାହୁ, ଶୁଶିଲ ମାଝୀ, ଗୁଣ ସାହୁ, ପଦ୍ମନ ପାତ୍ର, ଧନେଶ୍ୱର ମା ହାର, ତରଣି ହାତୀ, ଅଶୋକ ସାହୁ, ପିତବାସ ହରପାଲ, ଗୁରବାରୁ ପୋଢ, ମର୍ଦ୍ଦରାଜ ଗଡତୀଆ ଓ ଅନେକ ସଚେତନ ନାଗରିକ ଉପସ୍ଥିତ ଥିଲେ। ଅକ୍ଟୋବର ୨ ତାରିଖରେ ସ୍ଥାନୀୟ ଅଞ୍ଚଳର ମୌଳିକ ଅଧିକାରକୁ ନେଇ ହେବାକୁ ଥିବା ପଦ ଯାତ୍ରା ଓ ଟକର୍ଲା ଛକ ଠାରେ ଭୌଗଳିକ ଦୃଷ୍ଟି କୋଣରୁ ଉପଯୁକ୍ତ ସ୍ଥାନ ନିରୂପଣ କରାଯାଇ ନୂତନ୍ ବ୍ଲକ୍ ସ୍ଥାପନ ପୂର୍ଣ୍ଣ ସମର୍ଥନ ଦେବାପାଇଁ ସଭାପତି ଧନ୍ୟବାଦ ଦେଇ ସଭାକୁ ସାଙ୍ଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ସହରରେ ସଡକ ଦୁର୍ଘଟଣା ଜଣେ ମୃତ। ଗତକାଲି ଦିନ ଦୁଇଟା ସମୟରେ ଭବାନୀପାଟଣାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୨୬ ନମ୍ବର୍ ରାଜ୍ୟ ରାଜପଥର ନର୍ଲା ସହରର ଗ୍ୟାସ୍ ଅଫିସ୍ ସମ୍ମୁଖରେ ଏକ ସଡ଼କ ଦୁର୍ଘଟଣା ଘଟିଛି ଭବାନୀପାଟଣାରୁ ମ ରାମପୁର ଅଭିମୁଖେ ଯାଉଥିବା ଏକ ବାଇକ୍ ଆରୋହୀକୁ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ଚାପି ଦେବା ଫଳରେ ବାଇକ୍ ଚାଳକର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ବାଇକ୍ ଚାଳକ ନର୍ଲା ପଞ୍ଚାୟତ ସମର୍ କଟା ଗାଁର ଖଗେଶ୍ୱର୍ ଗହିର୍ ବୋଲି ଜଣା ପଡିଛି। ଘଟଣା ସ୍ଥଳରେ ନର୍ଲା ପୋଲିସ୍ ପହଞ୍ଚି ମୃତ ବ୍ୟକ୍ତିର ଶବ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ଟ୍ରକ୍ ଚାଳକ ଦୁର୍ଘଟଣା ଘଟାଇ ଫେରାର୍ ମାରୁଥିବା ବେଳେ ନର୍ଲା ପୋଲିସ୍ ତାକୁ କାବୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଆନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ପାଳିତ

## ବ୍ଲକସ୍ତରୀୟ ସଚେତନତା ଶୋଭାଯାତ୍ରା

ଭବାନୀପାଟଣା, (ଭାସ୍କର ନ୍ୟୁଜ): ଏଠାରୁ ପ୍ରାୟ ୩୦ କି ମି. ଦୂରବର୍ତ୍ତୀ ନର୍ଲା ଠାରେ ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ନର୍ଲା ବିଇଓ ତପିମଣି ଜାନୀଙ୍କ ମାର୍ଗଦର୍ଶନରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜୟଦୁର୍ଗା ହାଇସ୍କୁଲ ଠାରୁ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ପ୍ରଧାନଶିକ୍ଷକ ବିଶ୍ୱମ୍ଭର ଭୋଇ, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର, ସିଆର୍‌ସିସି ହେମନ୍ତ ସାହୁ, ଫିରୋଜ ପଧାନ, କ୍ଷୀରସିନ୍ଧୁ ବାଗ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ୧୫ ବର୍ଷରୁ ଅଧିକ ବ୍ୟକ୍ତି ଯିଏ ଆଦୌ ପାଠ ପଢିନଥିବେ କିମ୍ବା ପାଠ ଭୁଲି ଯାଇଥିବେ, ସର୍ଭେ କରି ସେମାନଙ୍କୁ ଚିହ୍ନଟ କଲାପରେ 'ଉଲ୍ଲାସ' ପାଠ୍ୟକ୍ରମରେ ସାମିଲ କରି ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ମାଧ୍ୟମରେ ପାଠ ପଢାଇ ସେମାନଙ୍କୁ ସାକ୍ଷର କରାଯିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି।




**AFFIDAVIT**
**CHANGE OF NAME & DATE OF BIRTH**

Before Notary Public, Bhawanipatna
I, Bindu Kumari, D/o Adham Surjo Kumar, W/o Sribatsa Tandi, resident of Village–Lanjigarh, P.O./ P.S.–Lanjigarh, Dist.–Kalahandi, Odisha, do hereby declare that my name has been mentioned as Bindu Kumari Tandi, D/o Adham Sarajo Kumar & W/o Sribatsa Tandi in my Aadhaar Card.
My correct name is Bindu Kumari, D/o Adham Surjo Kumar, W/o Sribatsa Tandi, which shall be used for all purposes henceforth.
Further, my date of birth has been wrongly recorded as 24.01.1980 in Aadhaar Card. My actual and correct date of birth is 24.01.1979, as per my PAN Card (No. AXJPK0723E) & my all educational certificates.
Henceforth, I shall be known and called for all purposes as Bindu Kumari with Date of Birth 24.01.1979.
Sd/-
(Bindu Kumari)

## ସୋସିଆଲ ମିଡ଼ିଆ ଓ ସାଇବର କ୍ରାଇମ ଉପରେ କର୍ମଶାଳା



ଜୁନାଗଡ଼ (ଭାସ୍କର ନ୍ୟୁଜ୍): ସୋମବାର ଦିନ ୦୩.୩୦ ସମୟରେ କୁଲିହାରୀ ଉଚ୍ଚ ବିଦ୍ୟାଳୟଠାରେ ଜୁନାଗଡ଼ ତାଲୁକା ଆଇନଗତ ସାକ୍ଷରତା ପରିଷଦ ଏବଂ ଓଡ଼ିଶା ପୋଲିସର ମିଳିତ ଉଦ୍ୟମରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ସାଇବର ଆଇନ ବିଷୟରେ ଏକ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ବିଜୟ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜୁନାଗଡ଼ ଦିୱାନି ବିଚାରପତି ଦୀପେନ୍ଦ୍ର ସିଂହ ରାଠୋର, ଅଳକାନନ୍ଦ ସାହୁ (ଡିଏସପି ସାଇବର ସେଲ), ସର୍ବେଶ୍ୱର ସାମନ୍ତରାୟ (ଇନ୍ସପେକ୍ଟର ସାଇବର ସେଲ), ବରିଷ୍ଠ ଆଇନଜୀବୀ ସଭାପତି ଓକିଲ ସଙ୍ଘ ବାଳକୃଷ୍ଣ ଅଚାରୀ, ସ୍ଥାନୀୟ କଲେଇଗାଁ ସରପଞ୍ଚ ମଳୟ ଆଚାର୍ଯ୍ୟ, ବ୍ରାହ୍ମଣୀଗୁଡା ଆଞ୍ଚଳିକ ସାଧନ ଅଧିକାରୀ ସିତେଶ କୁମାର ପାଢ଼ୀ, ବ୍ରାହ୍ମଣୀଗୁଡା ଆଞ୍ଚଳିକ ସାଧନର ସମସ୍ତ ପ୍ରଧାନ ଶିକ୍ଷକ, କୁଲିହରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ତଥା କୁଲିହାରୀ ଗ୍ରାମର ଗ୍ରାମବାସୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦିୱାନି ବିଚାରପତି ମହୋଦୟ ଏବଂ ସାଇବର ସେଲର ଡିଏସପି ମହୋଦୟା ଛାତ୍ରଛାତ୍ରୀ ମାନଙ୍କୁ ସୋସିଆଲ ମିଡିଆ ପ୍ରତି ସାବଧାନତା, ଡିଜିଟାଲ ଆରେଷ୍ଟ, ସାଇବର ଠକାମି ତଥା ଉକ୍ତ ସମାସ୍ୟର କିପରି ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇଥିଲେ।

## 'ସଙ୍ଗଠନ ସୃଜନ' ବୈଠକ କଂଗ୍ରେସକୁ ମଜଭୁତ କରିବ




କେସିଙ୍ଗା, (ଭାସ୍କର ନ୍ୟୁଜ୍): ତୃଣମୂଳ ସ୍ତରରେ କଂଗ୍ରେସ ସଂଗଠନକୁ ମଜଭୁତ କରିବାକୁ ବରିଷ୍ଠ ନେତା ରାହୁଲ ଗାନ୍ଧି ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ 'ସଙ୍ଗଠନ ସୃଜନ' ମାଧ୍ୟମରେ ଜିଲ୍ଲା କଂଗ୍ରେସ ସଭାପତି ଚୟନ ନେଇ ନିଷ୍ପତ୍ତି ନେଇଥିଲେ। ସେହି ଅନୁସାରେ ଦଳର ସଂଗଠନକୁ ମଜଭୁତ କରିବା ଉଦ୍ଦେଶ୍ୟରେ 'ସଙ୍ଗଠନ ସୃଜନ' ଅଭିଯାନ ମାଧ୍ୟମରେ ଓଡ଼ିଶାରେ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକିୟା ସେପ୍ଟେମ୍ବର ପହିଲାରୁ ଆରମ୍ଭ ହୋଇଛି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳ ସ୍ତରରେ ଜିଲ୍ଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। ରାଜ୍ୟରେ କଂଗ୍ରେସ ଦଳର ୩୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନି ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳ ସ୍ତରରେ ସମସ୍ତ କର୍ମୀଙ୍କ ମତକୁ ସମ୍ମାନ ଦେଇ ନେତା ଚୟନର କାର୍ଯ୍ୟକ୍ରମ କେବଳ କଂଗ୍ରେସ ପକ୍ଷରେ ହିଁ ସମ୍ଭବ। କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ବିଚାରଧାରା ଓ ଅଧିକାରକୁ ଅଗ୍ରାଧିକାର ଦେଇଥାଏ। ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ କଂଗ୍ରେସ ଦଳ ହିଁ ବିଶ୍ୱାସ କରିଥାଏ ବୋଲି କେସିଙ୍ଗା ସ୍ଥିତ ଆରଏମ୍‌ସି କାର୍ଯ୍ୟାଳୟ ପରିସରରେ ହୋଇଥିବା ଦଳର 'ସଙ୍ଗଠନ ସୃଜନ' ଅଭିଯାନ ବୈଠକରେ ଏଆଇସିସି ପର୍ଯ୍ୟବେକ୍ଷକ ଶେଖ୍ ମୁସ୍ତାନ ଓ୍ୱାଲି ଯୋଗଦାନ କରି ଦଳର କର୍ମୀଙ୍କୁ କହିଛନ୍ତି। କଳାହାଣ୍ଡି ଜିଲ୍ଲାରେ 'ସଙ୍ଗଠନ ସୃଜନ' ପ୍ରକ୍ରିୟା ପରିଚାଳନା ପାଇଁ ନିଯୁକ୍ତ ହୋଇଥିବା ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିସିସି ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗତ ନିର୍ବାଚନର କଳାହାଣ୍ଡି ଲୋକସଭା କ୍ଷେତ୍ରର କଂଗ୍ରେସ ଦଳର ସାଂସଦ ପ୍ରାର୍ଥୀ ଦ୍ରୋପଦୀ ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ୍ୟା ଜ୍ୟୋତ୍ସ୍ନମୟୀ ବଗର୍ତ୍ତି, ସଦର ବିଧାୟକ ପ୍ରତିନିଧି ଧନୁ ଗହିର, ମହମ୍ମଦ ସାହେବ୍, ରାହାସ ସାହୁ, କେସିଙ୍ଗା ନଗର କଂଗ୍ରେସର ସୁଭାଷ ଜୈନ ମଞ୍ଚାସୀନ ରହିଥିଲେ। କେସିଙ୍ଗା ବ୍ଲକ ଓ ନଗର ଅଞ୍ଚଳର ନେତା ଓ କର୍ମୀଙ୍କୁ ନେଇ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଦଳର 'ସଙ୍ଗଠନ ସୃଜନ' ବୈଠକରେ ପୂର୍ବତନ ନଗରପାଳ ରାମ କୁମାର ଜୈନ, ରାମଜୀ ମାତଖଣ୍ଡିଆ, ମହେନ୍ଦ୍ର ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ରାମଲାଲ ସୁନାମୀ,ପୂର୍ବତନ କାଉନସିଲର ବିଜୟ ଦୀପ, କେସିଙ୍ଗା ବ୍ଲକ ବିଧାୟକ ପ୍ରତିନିଧି ଶେଷଦେବ ମାଝୀଙ୍କ ସମେତ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ମାହେନ୍ଦ୍ରୀ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନୀ ଭୋଇ, ମୋତି କୈବର୍ତ୍ତ, ଫଟକାମାଲ ପଞ୍ଚାୟତ ସରପଞ୍ଚ ତେଜସ୍ୱିନୀ ମାଝୀଙ୍କ ସମେତ ଶତାଧିକ କଂଗ୍ରେସ ଦଳର କର୍ମୀ ଉପସ୍ଥିତ ରହିଥିଲେ।

**AFFIDAVIT**
***CHANGE OF NAME***

Before Executive Magistrate, Bhawanipatna
I, Pawan Kumar Agrawal, S/o. Kasiram Agrawal, permanent resident of Village/Po–Lanjigarh Road, P.S.–Narla, Dist.–Kalahandi, Odisha, Pin–766110, do hereby declare that my name has been wrongly entered/recorded as Pawan Kumar Agarwal, S/o. Kasi Nath Agarwal in some records.
My correct name is Pawan Kumar Agrawal, S/o. Kasiram Agrawal, which shall be used and called for all purposes henceforth in place of my former/incorrect name Pawan Kumar Agrawal, S/o. Kasi Nath Agarwal.
Sd/-
(Pawan Kumar Agrawal)

**AFFIDAVIT**
***CHANGE OF NAME***

Before Executive Magistrate, Bhawanipatna
I, T Bhenkata Giri Rao, father of my minor daughter, permanent resident of PHD Colony, Tulsinagar, Balangir, P.O./ P.S.–Balangir, District–Balangir, Odisha, Pin–767001, do hereby declare that my daughter's name has been wrongly entered as TONTA TANWEE in Aadhaar Card and school records.
Her correct name is T TANWEE, as per Birth Certificate (Regd. No. 3565/2010). Henceforth, she shall be known and called for all purposes as T .TANWEE only.
Sd/-
(T Bhenkata Giri Rao)
Father & Natural Guardian of Minor

## ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଜୁନାଗଡ଼, (ଭାସ୍କର ନ୍ୟୁଜ୍): ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ଦିନ ଜୁନାଗଡ଼ ଅଧିଷ୍ଠାତ୍ରୀ ଦେବୀ ମା ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉତ୍ସବକୁ ଆଡମ୍ବରରେ କରିବା ପାଇଁ ଜୁନାଗଡ଼ ମହୋତ୍ସବ କମିଟି, ଏନ୍‌ଏସି ଜୁନାଗଡ଼, ମା ଲଙ୍କେଶ୍ୱରୀ କ୍ଲବ ତରଫରୁ ଏକ ପ୍ରସ୍ତୁତି ବୈଠକ ଉତ୍ସବ କମିଟି ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ସଭାପତିତ୍ୱରେ ଲଙ୍କେଶ୍ୱରୀ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪ ତାରିଖ ଦିନ ତମାମ ଓ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଡାନ୍ସ ଡାନ୍ସକାର୍ଯ୍ୟକ୍ରମ, ଫୁଟ୍‌ବଲ ପ୍ରଦର୍ଶନୀ ମେଚ, କବିତା ପାଠ ଓ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ଉତ୍ସବ କମିଟିର ଉପଦେଷ୍ଟା ନଗରପାଳ ହିମାଦ୍ରୀ ନାଏକ, ଓ୍ୱାର୍ଡ ସଭ୍ୟକ୍ଷ ହିମାଦ୍ରୀ ସିନ୍ଦୁର, ଓ୍ୱାର୍ଡ ସଭ୍ୟ କାନହୁ ବୈଠରୁ, ଚକ୍ରଧର ବାଗ, ଭୂପେନ୍ଦ୍ର ଦଣ୍ଡସେନା (କୁନା) ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋ, କନ୍ଦର୍ପ ଗୁରୁ ଉତ୍ସବ କମିଟି ଉପସଭାପତି ଲଳିତ ଅଗ୍ରୱାଲ ସମ୍ପାଦକ ହମାଂଶୁ ଶେଖର ବରାଡ଼ ଉପଦେଷ୍ଟା ଈଶ୍ୱର ପୁଝରୀ, ଅଶୋକ କୁମାର ପଟ୍ଟନାୟକ, ଉଦ୍ଧବ ସାହୁ, ବରିଷ୍ଠ ସଦସ୍ୟ ସରୋଜ ପଣ୍ଡା, ରଞ୍ଜନ ଜାଲ ଓ ମା ଲଙ୍କେଶ୍ୱରୀ କ୍ଲବ ତରଫରୁ ସଭାପତି ରାଜା ମହାଳିକ, ଲୋକେଶ ନାଏକ ସଂଜୀବ ନାଏକ ଗୋବିନ୍ଦ ଚଳାନ ପ୍ରମୁଖ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। କଳାହାଣ୍ଡି ମହାରାଜଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ସଭା ଶେଷରେ ବରିଷ୍ଠ ଉପଦେଷ୍ଟା ଈଶ୍ୱର ପୂଝରୀ ଧନ୍ୟବାଦ ଦେଇଥିଲେ।

## ହୋଣ୍ଡାର ୨ଟି ଅତ୍ୟାଧୁନିକ ବାଇକର ବଜାର ପ୍ରବେଶ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଦେଶରେ ଦୁଇଚକିଆ ଯାନ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଦ୍ୱାରା ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଦୁଇଟି ବାଇକ ସମ୍ପ୍ରତି ଭବାନୀପାଟଣା ବଜାରରେ ନୂତନ ଭାବେ ପ୍ରବେଶ କରିଛି। ହୋଣ୍ଡା କମ୍ପାନୀ ଦ୍ୱାରା ନିର୍ମିତ ଅଲ-ନିୟୁ ସିବି ୧୨୫ ହର୍ନେଟ ଏବଂ ସାଇନ ୧୦୦ ଡିଏକ୍ସର ବାଇକ ଏବେ ଭବାନୀପାଟଣାଠାରେ ଥିବା ମହେଶ ହୋଣ୍ଡା ଶୋରୁମରେ ଏକ ଶୁଭାରମ୍ଭ ମୂଲ୍ୟରେ ଉପଲବ୍ଧ ଅଛି ବୋଲି ସୋରୁମର ପ୍ରୋପ୍ରାଇଟର ମନୋଜ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଗତ ୦୯ ତାରିଖ ମଙ୍ଗଳବାର ଦିନ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ସ୍ଥାନୀୟ ଟାଉନହଲ ଠାରେ ଏହି ଦୁଇଟି ନୂତନ ବାଇକକୁ ମହେଶ ହୋଣ୍ଡା ସୋରୁମ ପକ୍ଷରୁ ଆନୁଷ୍ଠାନିକ ଭାବେ ଲଞ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବର୍ଷୀୟାନ ବ୍ୟବସାୟୀ, ତଥା ମହେଶ ହୋଣ୍ଡା ସୋରୁମର ପ୍ରୋପ୍ରାଇଟର ମନୋଜ ଅଗ୍ରୱାଲଙ୍କ ବାପା ଜଗମୋହନ ଅଗ୍ରୱାଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମପ୍ରକାଶ ଅଗ୍ରୱାଲ, ମହେଶ ଅଗ୍ରୱାଲ, ବାବଲୁ ଅଗ୍ରୱାଲ,ହରେଶ ଅଗ୍ରୱାଲ, ଯଶୋବନ୍ତ ଅଗ୍ରୱାଲ, ଚୈତନ ଅଗ୍ରୱାଲ ପ୍ରମୁଖ ଭାଇ ଏବଂ କାକାମାନଙ୍କ ସହ ବହୁ ନିମନ୍ତ୍ରୀତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧି ଓ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ମହେଶ ହୋଣ୍ଡାର ସବଡ଼ିଲର ମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଲ-ନିୟୁ ସିବି ୧୨୫ ହର୍ନେଟ ଏବଂ ସାଇନ ୧୦୦ ଡିଏ ବାଇକ ଗୁଡିକ ଚାରୋଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ଅଛି। ଆଗାମୀ ପିଢ଼ିର ଚାଳକମାନଙ୍କୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିବା ସିବି ୧୨୫ ହର୍ନେଟରେ ତାହାର ସ୍ପୋର୍ଟିଙ୍ଗ ଷ୍ଟାଇଲିଙ୍ଗ ସହିତ ରାଇଡ ଇୟୋର ରିଜ ରହିଛି। ଏହା ମାତ୍ର ୫. ୪ ସେକେଣ୍ଡରେ ୦ ରୁ ୬୦ କିଲୋମିଟର ବେଗ ଧରୁଛି, ଯାହା ଏହାକୁ ଏହି ବର୍ଗରେ ଦ୍ରୁତତମ ମୋଟରସାଇକେଲ ଭାବେ ପରିଗଣିତ କରିଛି। ଅନ୍ୟ ପକ୍ଷରେ ହୋଣ୍ଡା ସାଇନ ୧୦୦ ଡ଼ିଏକ୍ସ ସଲିଡ଼ ହେ ବାଇକରେ ଏକ ଡିଜିଟାଲ ଏଲସିଡ଼ି ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଖଞ୍ଜା ଯାଇଛି ଯାହା ବାସ୍ତବ ସମୟର ମାଇଲେଜ, ଇନ୍ଧନ ଶେଷ ହେବାକୁ ଥିବା ଦୂରତା ଏବଂ ସର୍ଭିସ ଅବଧି ସମ୍ପର୍କରେ ସୂଚନା ଦିଏ।

## ରାଶିଫଳ

ଗୁରୁବାର, ୧୧ ସେପ୍ଟେମ୍ବର ୨୦୨୫



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ। ଶୀଘ୍ର ଶୀଘ୍ର କାମପୁରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। କାମ ଶିଘ୍ର ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି



**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ। ପ୍ରତିଦ୍ୱନ୍ଦ୍ୱିତା ହେବ। ଆୟ ବୃଦ୍ଧି ପାଇବ। ଆଘାତ ଏବଂ ରୋଗ ବାଧା ଦେଇପାରେ।



**ମିଥୁନ:** ବୈଦ୍ଧିକ କାର୍ଯ୍ୟ ସଫଳ ହେବ। ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର।



**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବ୍ୟସ୍ତ ହୁଅ ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ। ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ସୁରୁଖୁରୁରେ ଚାଲିବ । ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ। ଚାକିରିରେ ସୁସଙ୍ଗତତା ରହିବ।



**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ। ଲାଭ ସୁଯୋଗ ଆସିବ। ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ। ଜିନିଷଗୁଡିକ ସହଜ ରଖନ୍ତୁ।



**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବ୍ୟବସାୟ ଭଲ ହେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ। ବିନିଯୋଗ ଭଲ ହେବ। ପ୍ରଲୋଭିତ ହୁଅ ନାହିଁ।



**ବିଛା:** ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ। ବ୍ୟବସାୟ ହ୍ରାସ ପାଇବ। ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ତୁମେ କ୍ଳାନ୍ତ ଅନୁଭବ କରିବ। ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ। ଚିନ୍ତା ଏବଂ ଟେନସନ ହେବ।



**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ। ଯାତ୍ରା ସଫଳ ହେବ। ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ। ସୁଖର ପରିବେଶ ରହିବ। ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ:** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ପୁରୁଣା ରୋଗ ଅବରୋଧର କାରଣ ହେବ। ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ। ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯